# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୩/୨୦୨୦ (୧୬ ପୃଷ୍ଠା) | Bhubaneswar, Friday, July 3/2020 | ★★★★

୪୬ଶ ଭାଗ ୨୧୮ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ସୋସିଆଲ ମିଡିଆରେ ରାଣୀଙ୍କ ଆତ୍ମହତ୍ୟା ଧମକ

ଭୋଜପୁରୀ ଅଭିନେତ୍ରୀ ରାଣୀ ଚାଟାର୍ଜୀ ସୋସିଆଲ ମିଡିଆରେ ଲମ୍ବା ପୋଷ୍ଟ ଲେଖି ଡିପ୍ରେସନ୍‌ରେ ଥିବା କହିଛନ୍ତି। ଯଦି ମୋର କିଛି ହୁଏ ତେବେ ଧନଞ୍ଜୟ ଦାୟୀ ରହିବେ ବୋଲି ରାଣୀ ଲେଖିଛନ୍ତି।

୧୦

୧୧

### ଜୋକୋଭିଚ୍ ଏବେ ନେଗେଟିଭ୍

କରୋନା ଆକ୍ରାନ୍ତ ଷ୍ଟାର ଟେନିସ୍ ଖେଳାଳି ନୋଭାକ୍ ଜୋକୋଭିଚ୍ ଏବଂ ତାଙ୍କ ସ୍ତ୍ରୀ ଜେଲେନାଙ୍କର କୋଭିଡ୍-୧୯ ଟେଷ୍ଟରେ ନେଗେଟିଭ ଆସିଛି।









ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କ ସୁନାବେଶ। (ରିପୋର୍ଟ: ପୃଷ୍ଠା-୪)

# ୭ ଜିଲାକୁ ସୁନାମି ଭୟ



- ୩୨୮ ଗ୍ରାମ ଅତି ସମ୍ବେଦନଶୀଳ
- ୩ ଘଣ୍ଟା ପୂର୍ବରୁ ସତର୍କ ସୂଚନା ଦେବ ସାଇରନ, ଡିଜିଟାଲ ରେଡିଓ, ଏସ୍‌ଏମ୍‌ଏସ୍
- ପ୍ରତି ଗ୍ରାମ ପାଇଁ ପ୍ରସ୍ତୁତ ହେବ ବିପର୍ଯ୍ୟୟ ପରିଚାଳନା ଯୋଜନା
- ତାଲିମରେ କୋଭିଡ୍ ବାଧା

**ଭୁବନେଶ୍ୱର,୨।୭(ବ୍ୟୁରୋ)**

ରାଜ୍ୟକୁ ବାତ୍ୟା, ବନ୍ୟା, ବଜ୍ରପାତ, ମରୁଡ଼ି ଭଳି ସୁନାମି ଆଉ ଏକ ବିପତ୍ତି ଭାବେ ଉଭାହେଲାଣି। କେଉଁ ସମୟରେ ସୁନାମି ଉପକୂଳକୁ କ୍ଷତି ପହଞ୍ଚାଇବ ତାହା ଆକଳନ କରିବା ମୁସ୍କିଲ। ତେବେ ଏହି ବିପଦରୁ ଉପକୂଳ ଅଞ୍ଚଳର ଲୋକମାନଙ୍କୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଯୋଜନା ଆରମ୍ଭ କରିଛନ୍ତି। ୭ଟି ଜିଲାକୁ ସୁନାମିପ୍ରବଣ ଜିଲା ଭାବେ ଘୋଷଣା କରାଯାଇଛି। ସେଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, କଟକ, ପୁରୀ, ଜଗତ୍‌ସିଂହପୁର ଏବଂ କେନ୍ଦ୍ରାପଡା। ଉକ୍ତ ଜିଲାଗୁଡ଼ିକର ସମୁଦ୍ରକୁ ଲାଗି ରହିଥିବା ୩୨୮ଟି ଗ୍ରାମକୁ ସୁନାମିପ୍ରବଣ ଭାବେ ଚିହ୍ନଟ କରାଯାଇଛି। ପ୍ରଥମ ଥର ଲାଗି ରାଜ୍ୟ ସରକାର ସୁନାମିରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ହେଲେ କୋଭିଡ-୧୯ ମହାମାରୀ ଯୋଗୁ ସେ ଯୋଜନା ଅଧାବାଟରେ ଲଟକି ରହିଛି। ଲୋକମାନଙ୍କୁ ପ୍ରଶିକ୍ଷଣ ଦେଇ ସଚେତନ କରାଯାଇ ପାରୁନାହିଁ। ଯଦି ହଠାତ୍ କେବେ ସୁନାମି ଆସେ ତେବେ ଉପକୂଳ ଲୋକଙ୍କୁ ବଞ୍ଚାଇବା କାଠିକର ପାଠ ହୋଇଯିବ।

ସୁନାମି ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାଗୁଡିକର ସମୁଦ୍ରକୂଳିଆ ଲୋକମାନଙ୍କ ପାଇଁ ଏକ ବିଷମ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ସେହି ଲୋକମାନଙ୍କୁ ସୁନାମି ଭଳି ପ୍ରାକୃତିକ ବିପତ୍ତିରୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓସ୍‌ଡମା) ଉପକୂଳବର୍ତ୍ତୀ ୭ଟି ଜିଲାରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୁନାମିପ୍ରବଣ ସମସ୍ତ ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ ହେବ। ପ୍ରଥମ ପର୍ଯ୍ୟାୟରେ ୧୨୨ ଜଣ ବିଡିଓ, ଭିଏଲ୍‌ଡବ୍ଲ୍ୟୁ, ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ, ଗ୍ରାମବାସୀ, ୱାର୍ଡମେମ୍ବର, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଆଦିଙ୍କୁ ତାଲିମ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ଏହି ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଓସ୍‌ଡମା ପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ ୟୁନେସ୍କୋ ଏବଂ ଭାରତ ସରକାରଙ୍କ ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର ☞ପୃଷ୍ଠା-୪

# ୧୩ରୁ ୟୁଜି, ପିଜି ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ୍ କ୍ଲାସ୍

- ଗାଇଡ୍‌ଲାଇନ ଜାରିକଲା ଉଚ୍ଚଶିକ୍ଷା ବିଭାଗ
- ସପ୍ତାହକୁ ୩ଦିନ ପଢ଼ାଯିବ

**ଭୁବନେଶ୍ୱର,୨।୭(ବ୍ୟୁରୋ)**

କୋଭିଡ୍-୧୯ ଭୟାବହତାକୁ ଦୃଷ୍ଟିରେ ରଖି ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପାଠପଢ଼ା ବନ୍ଦ ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ଠିକ୍ ସମୟରେ ପାଠ୍ୟକ୍ରମ ଶେଷ ପାଇଁ ଅନ୍‌ଲାଇନରେ କ୍ଲାସ୍ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏନେଇ ବିଭାଗ ପକ୍ଷରୁ ଗୁରୁବାର ସ୍ୱତନ୍ତ୍ର ଗାଇଡ୍‌ଲାଇନ ଜାରି କରାଯାଇଛି। ଆସନ୍ତା ୧୩ତାରିଖରୁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ୟୁଜି(ସ୍ନାତକ) ଏବଂ ପିଜି(ସ୍ନାତକୋତ୍ତର) ପିଲାଙ୍କ ପାଇଁ ଅନ୍‌ଲଇନ୍ କ୍ଲାସ୍ ଆରମ୍ଭ କରିବାକୁ କୁହାଯାଇଛି। ବିଭାଗ ପକ୍ଷରୁ କଲେଜ ଅଧ୍ୟକ୍ଷମାନଙ୍କୁ ଏନେଇ ଅବଗତ କରାଯାଇଛି। ଜାରି ହୋଇଥିବା ଗାଇଡ୍‌ଲାଇନ୍ ଅନୁଯାୟୀ, ଆସନ୍ତା ସେମିଷ୍ଟର ପାଇଁ ଏବେଠାରୁ ଅନ୍‌ଲାଇନରେ ପାଠପଢା ଆରମ୍ଭ ହେବ। ଅଧ୍ୟାପକମାନେ ୩୨ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ହ୍ୱାଟ୍‌ସଆପ୍ କିମ୍ବା ଇ-ମେଲ୍ ☞ପୃଷ୍ଠା-୪

**୪ ଦିନ ରିମାଣ୍ଡରେ ଗଲେ ଅଭିଯୁକ୍ତ ଆଇଆଇସି**

........୩........

**ଆଜିର ସମ୍ପାଦକୀୟ**

### ମଧ୍ୟବିତ୍ତଙ୍କୁ ମାଡ଼

**ଆଜିର ମନ୍ତବ୍ୟ**

"ନିର୍ବାଚିତ ହେଲେ ସ୍ୱାଭାବିକ ସହଯୋଗୀ ଭାରତ ସହ ସମ୍ପର୍କ ବୃଦ୍ଧିକୁ ସର୍ବାଧିକ ପ୍ରାଥମିକତା ଦେବି।

-ଜୋ ବିଡେନ୍, ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ

# ଖଣି ଭୁଶୁଡ଼ି ୧୧୩ ମୃତ

**ୟାଙ୍ଗୁନ୍,୨।୭**

ଉତ୍ତର ମ୍ୟାନ୍‌ମାରରେ ଥିବା ଏକ ମୂଲ୍ୟବାନ୍ ରତ୍ନପଥର (ମଣି) ଖଣି ଗୁରୁବାର ଭୁଶୁଡ଼ି ପଡ଼ିବାରୁ ୧୧୩ ଜଣଙ୍କର ମୃତ୍ୟୁ ଘଟିଛି। ଆହୁରି କେତେଜଣ ପୋତିହୋଇପଡ଼ିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। କଚିନ ରାଜ୍ୟର ହାପାକାଣ୍ଟ ଅଞ୍ଚଳରେ ଥିବା ଉକ୍ତ ଖଣିରୁ ଶ୍ରମିକମାନେ ମୂଲ୍ୟବାନ୍ ରତ୍ନପଥର ସଂଗ୍ରହ କରୁଥିବାବେଳେ ପ୍ରବଳ ବର୍ଷା ହେବାରୁ ସେମାନଙ୍କ ଉପରେ କାଦୁଅ ପାଣି ମାଡ଼ିଯାଇଥିଲା। ଉଦ୍ଧାରକାରୀ ଦଳ



ଘଟଣାସ୍ଥଳରୁ ୧୧୩ ଜଣଙ୍କ ମୃତଦେହ ଉଦ୍ଧାର କରିଥିବାବେଳେ ଏହାଠାରୁ ଅଧିକ ନିଖୋଜ ଥିବା କୁହାଯାଉଛି। ସୋସିଆଲ ମିଡିଆରେ ଛଡ଼ାଯାଇଥିବା ଭିଡିଓ ଫୁଟେଜ୍‌ରୁ ଦୁର୍ଘଟଣାର ଭୟାବହ ଚିତ୍ର ଦେଖିବାକୁ ମିଳିଛି। ☞ପୃଷ୍ଠା-୪

# ରୋଗ ବାଣ୍ଟି ଚିକିତ୍ସାରେ ଶୋଷଣ

### ବିସ୍ଥାପିତଙ୍କୁ ରିହାତି ଦେଉନି ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ



**ଯାଜପୁର ଅଫିସ,୨।୭**

ଯାଜପୁର ଜିଲା କଳିଙ୍ଗନଗରରେ ଶିଳ୍ପ କାରଖାନା ଯୋଗୁ ବିସ୍ଥାପିତ ଓ ପ୍ରଭାବିତ ଲୋକମାନଙ୍କୁ ଉଚ୍ଚତର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଡୁବୁରୀ ଛକ ନିକଟରେ ୨୦୧୫ ଅଗଷ୍ଟରେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ ପ୍ରତିଷ୍ଠା କରାଯାଇଛି। ବିସ୍ଥାପିତମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏବେ ତାହା ପାଳନ କରାଯାଉନାହିଁ। ଟାଟା ଷ୍ଟିଲ କାରଖାନାର ପ୍ରଦୂଷଣରେ ପ୍ରଭାବିତ ଓ ବିସ୍ଥାପିତ ବାସିନ୍ଦା କିଡ୍‌ନୀ, ଯକ୍ଷ୍ମା ଆଦି ଧୂଳିଧୂଆଁ ଓ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବାବେଳେ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ପରୀକ୍ଷା ଓ ଚିକିତ୍ସା ବାବଦରେ ଅର୍ଥ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏପରି କି ଶିଳ୍ପ ଦ୍ୱାରା ପ୍ରଦୂଷଣଜନିତ ରୋଗ ବାଣ୍ଟି ଚିକିତ୍ସା ନାଁରେ ଅର୍ଥ ହରିଲୁଟ ଟାଟା ଷ୍ଟିଲ୍ ହସ୍ପିଟାଲର ନୀତି ହୋଇଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି।

କଳିଙ୍ଗନଗରରେ ଶିଳ୍ପାୟନ ପରେ ଦୂଷିତ ବାୟୁ, ଜଳ ଓ ଧୂଳିଧୂଆଁ ପ୍ରଭାବରେ କିଡ୍‌ନୀ ଓ ଯକ୍ଷ୍ମା ରୋଗ ବୃଦ୍ଧି ପାଇଛି। ଗତ ୧୫ ବର୍ଷ ମଧ୍ୟରେ କଳିଙ୍ଗନଗରର ଦୁଇଟି ଡାକ୍ତରଖାନାର ଆକଳନରୁ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଧୂଳିଧୂଆଁ, ଜଳ ଓ ବାୟୁ ପ୍ରଦୂଷଣରେ ଆକ୍ରାନ୍ତ ହୋଇସାରିଛନ୍ତି। ଗାଡ଼ପୁର, ଡୋଳପଥର, ଗୋବରଘାଟି, ଚାନ୍ଦିଆ, ବାଲିଗୋଠ, ଟାଟା ବିସ୍ଥାପିତ କଲୋନୀ, ସାରଙ୍ଗପୁର, କୁମୁଡିସାହି, ମାନପୁର-ସୁଆଲୋ ଆଦି ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ କିଡ୍‌ନୀ ଓ ଯକ୍ଷ୍ମା ରୋଗରେ ମୃତ୍ୟୁ ହୋଇସାରିଛି। ଏଭଳି ସ୍ଥିତିରେ ଟାଟା ☞ପୃଷ୍ଠା-୪






ଆସାମରେ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ଅଦ୍ୟାବଧି ୩୩ ଜଣ ଏହାଦ୍ୱାରା ପ୍ରାଣ ହରାଇଥିବା ଜଣାପଡ଼ିଛି। ପ୍ରାୟ ୧୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ମୋଟ ୩୩ ଜିଲାରୁ ୨୧ ଜିଲାର ଲୋକମାନେ ନାନାଦି ଦୁର୍ଦ୍ଦଶା ଭୋଗୁଛନ୍ତି। ଧୁବ୍ରି, ନଗାଓଁ, ନଳବାରି, ବାରପେଟା, ଉଦଲଗୁରୁ, ଗୋଆଲପଡ଼ା, ଡିବ୍ରୁଗଡ଼ ଆଦି ବିଶେଷ ଭାବେ କ୍ଷତି ହୋଇଛି। ଭୂସ୍ଖଳନ ମଧ୍ୟ କାଳ ସାଜିଛି।



# ଭାରତରେ ଆରୋଗ୍ୟ ହାର ୫୯.୫୨%କୁ ବୃଦ୍ଧି

ନୂଆଦିଲ୍ଲୀ,୨୭

ଭାରତରେ କରୋନା ସଂକ୍ରମିତଙ୍କ ଆରୋଗ୍ୟ ହାର ୫୯.୫୨ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୧,୮୮୧ ଜଣ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୩,୫୯,୮୫୯ରେ ପହଞ୍ଚିଥିବା ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ତଥ୍ୟ ଅନୁଯାୟୀ ଦେଶରେ ଏବେ ୨,୨୬,୯୪୭ ସକ୍ରିୟା ମାମଲା ଥିବାବେଳେ ସେମାନଙ୍କୁ ଉପଯୁକ୍ତ ମେଡିକାଲ ତତ୍ତ୍ୱାବଧାନରେ ରଖାଯାଇଛି। ମହାରାଷ୍ଟ୍ରରେ କରୋନା ସଂକ୍ରମଣ ସର୍ବାଧିକ ହୋଇଥିବାବେଳେ ସେଠାରେ ଆରୋଗ୍ୟ ହାର ମଧ୍ୟ ସବୁଠୁ ଅଧିକ ରହିଛି। ସେହିପରି ଆରୋଗ୍ୟ ହାରରେ ଦିଲ୍ଲୀ ଦ୍ୱିତୀୟ ସ୍ଥାନରେ ରହିଥିବା ଜଣାପଡିଛି। ଏହା ପଛକୁ ତାମିଲନାଡୁ, ଗୁଜରାଟ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ ରହିଛନ୍ତି। କ୍ରମାଗତ ୬ ଦିନ ହେଲା ଭାରତରେ ସଂକ୍ରମଣ ସଂଖ୍ୟା ୧୮ ହଜାରରୁ ଅଧିକ ରହୁଛି। ଜୁନ୍ ୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୪, ୧୪, ୧୦୬ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି।

## ୯୧ ଲକ୍ଷଙ୍କ କୋଭିଡ୍ ପରୀକ୍ଷା ହେଲାଣି



ଡ. ହର୍ଷବର୍ଦ୍ଧନ

ଦେଶରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୯୧ ଲକ୍ଷ ଲୋକଙ୍କର କୋଭିଡ୍ ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଖୁବ୍‌ଶୀଘ୍ର ଏହି ସଂଖ୍ୟା ୧ କୋଟି ଟପିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ କହିଛନ୍ତି। ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଅଧିକାରୀଙ୍କ ସୂଚନା ଅନୁଯାୟୀ ଦେଶରେ ମୋଟ ୧,୦୬୫ ଲାବରେଟୋରିରେ କୋଭିଡ୍-୧୯ ପରୀକ୍ଷା କରାଯାଉଛି। ସେଥିରୁ ୭୬୮ଟି ସରକାରୀ ହୋଇଥିବାବେଳେ ୨୯୭ ଘରୋଇ ଲାବ୍ ରହିଛି। ୧୩୫ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୬ ଲକ୍ଷରେ ପହଞ୍ଚିଛି। ସେଥିରୁ ପାଖାପାଖି ୩ ଲକ୍ଷ ୬୦ ହଜାର ଭଲ ହୋଇସାରିଲେଣି। ଦେଶରେ କରୋନା ମୃତ୍ୟୁହାର ୨.୯୪ ପ୍ରତିଶତ ରହିଛି, ଯାହାକି ବିଶ୍ୱରେ ସର୍ବନିମ୍ନ। ତେଣୁ ଭୟ କରିବାର କୌଣସି କାରଣ ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ମେ' ୨୫ରେ ଦିନକୁ କୋଭିଡ୍ ପରୀକ୍ଷା କ୍ଷମତା ପ୍ରାୟ ଦେଢ଼ଲକ୍ଷ ଥିଲାବେଳେ ଏବେ ତାହା ୩ ଲକ୍ଷକୁ ବୃଦ୍ଧି ପାଇଛି।

## ଦିଲ୍ଲୀରେ ପ୍ଲାଜ୍‌ମା ବ୍ୟାଙ୍କ ଉଦ୍‌ଘାଟିତ

ନୂଆଦିଲ୍ଲୀ,୨୭

କରୋନା ରୋଗୀଙ୍କ ଚିକିତ୍ସା ଲାଗି ଦେଶର ପ୍ରଥମ ପ୍ଲାଜ୍‌ମା ବ୍ୟାଙ୍କକୁ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଉଦ୍‌ଘାଟନ କରିଛନ୍ତି। ଦିଲ୍ଲୀର ବସନ୍ତକୁଞ୍ଜରେ ଥିବା ଲିଭର ଆଣ୍ଡ ବିଲିଆରି ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ (ଆଇଏଲ୍‌ବିଏସ୍)ରେ ଏହି ବ୍ୟାଙ୍କ ଖୋଲାଯାଇଛି। କରୋନା ପାଇଁ ଏପର୍ଯ୍ୟନ୍ତ ଟିକା ବାହାରି ନ ଥିବାରୁ ସୁସ୍ଥ ହୋଇଥିବା କୋଭିଡ୍ ରୋଗୀଙ୍କ ପ୍ଲାଜ୍‌ମା ଚିକିତ୍ସା କ୍ଷେତ୍ରରେ ସହାୟକ ହେବ ବୋଲି କେଜ୍‌ରିୱାଲ କହିଛନ୍ତି। ଉକ୍ତ ବ୍ୟାଙ୍କରେ ୨୦୦ ୟୁନିଟ୍‌ରୁ ଅଧିକ ପ୍ଲାଜ୍‌ମା ସଂଗୃହୀତ ହୋଇ ରହିପାରିବ। କରୋନା ରୋଗୀଙ୍କୁ ଚିକିତ୍ସା କରୁଥିବା ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲ ଉକ୍ତ ବ୍ୟାଙ୍କରୁ ପ୍ଲାଜ୍‌ମା ନେଇପାରିବେ। ସେଠାରେ ୧୦ଟି ପ୍ଲାଜ୍‌ମାଫେରେସିସ୍ ମେସିନ ଲାଗିଛି। ଏହା ଆରୋଗ୍ୟ ହୋଇଥିବା କରୋନା ରୋଗୀଙ୍କଠାରୁ ରକ୍ତ ସଂଗ୍ରହ କରି ସେଥିରୁ ପ୍ଲାଜ୍‌ମାକୁ ଅଲଗା କରି ଅବଶିଷ୍ଟ ରକ୍ତକୁ ରୋଗୀ ଶରୀରକୁ ଫେରାଇଦେବ। ସୁସ୍ଥ ହୋଇଥିବା ରୋଗୀ ୧୪ ଦିନ ପରେ ପ୍ଲାଜ୍‌ମା ଦାନ କରିପାରିବେ।

# ୩୮,୯୦୦ କୋଟି ଟଙ୍କାର ଯୁଦ୍ଧବିମାନ କିଣାକୁ ମଞ୍ଜୁରୀ



ନୂଆଦିଲ୍ଲୀ,୨୭

ଚାଇନା ସହ ସୀମାନ୍ତରେ ଉତ୍ତେଜନା ଲାଗି ରହିଥିବାବେଳେ ୩୮,୯୦୦ କୋଟି ଟଙ୍କାର ଲଢୁଆ ବିମାନ, ମିସାଇଲ ସିଷ୍ଟମ ଓ ଅନ୍ୟ ଅସ୍ତ୍ର କିଣିବା ପ୍ରସ୍ତାବକୁ ପ୍ରତିରକ୍ଷା ବିଭାଗର କ୍ରୟ ପରିଷଦ (ଡିଏସି) ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛି। ରୁଷିଆରୁ ୨୧ଟି ମିଗ୍-୨୯ ଯୁଦ୍ଧବିମାନ କିଣାଯିବାକୁ ଥିବାବେଳେ ଆଉ ୧୨ଟି ଏସ୍‌ୟୁ-୩୦ ଏମ୍‌କେଆଇ ଲଢୁଆ ବିମାନ ମଧ୍ୟ କିଣାଯିବ। ଏଥିସହିତ ସ୍ୱଦେଶୀ ଜ୍ଞାନକୌଶଳରେ ମିସାଇଲ ସିଷ୍ଟମ ଓ ରାଡାର ନିର୍ମାଣ କରାଯିବ। ସ୍ୱଦେଶୀ ଜ୍ଞାନକୌଶଳ ଡିଜାଇନ ଓ ବିକାଶ ଉପରେ ସରକାର ପ୍ରାଥମିକତା ଦେଉଥିବାରୁ ଭାରତୀୟ ପ୍ରତିରକ୍ଷା ଶିଳ୍ପରୁ ୩୧,୧୩୦ କୋଟି ଟଙ୍କାର ସରଞ୍ଜାମ କିଣାଯିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ବସିଥିବା ଡିଏସି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଭାରତରେ ଥିବା ଯୁଦ୍ଧବିମାନଗୁଡ଼ିକର ଆଧୁନିକୀକରଣ କରାଯିବ ବୋଲି ଜଣାପଡିଛି।

# ୬ରୁ ସବୁ ଏଏସ୍‌ଆଇ କୀର୍ତ୍ତିରାଜି ଖୋଲିବ

ନୂଆଦିଲ୍ଲୀ,୨୭(ପି.ଟି.)

ଭାରତର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ସଂରକ୍ଷଣରେ ଥିବା ସମସ୍ତ କୀର୍ତ୍ତିରାଜି ଜୁଲାଇ ୬ରୁ ସର୍ବସାଧାରଣଙ୍କ ପାଇଁ ଖୋଲିବାକୁ ଯାଉଛି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ପଟେଲ ଗୁରୁବାର ଏହି ସୂଚନା ଦେଇଛନ୍ତି। ଜୁନ୍ ମାସରେ ୮୨୦ ଧର୍ମୀୟ କୀର୍ତ୍ତିରାଜିକୁ ଖୋଲିବା ପାଇଁ ସଂସ୍କୃତି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା। କିନ୍ତୁ କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ସରକାର ଧାର୍ମିକ ସ୍ଥଳ ଖୋଲିବାକୁ ଅନୁମତି ଦେଇ ନ ଥିଲେ। ୩,୬୯୧ କୀର୍ତ୍ତିରାଜି ଏଏସ୍‌ଆଇ ସଂରକ୍ଷଣରେ ରହିଛି। କରୋନା ସଂକ୍ରମଣ ଯୋଗୁ ମାର୍ଚ୍ଚ ୧୭ରୁ ସେଗୁଡ଼ିକ ସର୍ବସାଧାରଣଙ୍କ ପାଇଁ ବନ୍ଦ କରିଦିଆଯାଇଥିଲା। ୬ ତାରିଖରୁ କୀର୍ତ୍ତିରାଜିଗୁଡ଼ିକୁ ଖୋଲିବା ସହ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ସମସ୍ତ କଟକଣାକୁ ଲାଗୁ କରାଯିବ। ଅର୍ଥାତ୍ ଉକ୍ତ ସ୍ଥାନକୁ ସୀମିତ ସଂଖ୍ୟକ ଦର୍ଶକଙ୍କୁ ଛଡ଼ାଯିବ ଓ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ। ଏଏସ୍‌ଆଇ ସହ ଆଲୋଚନା କରି ସଂସ୍କୃତି ମନ୍ତ୍ରଣାଳୟ ଏଭଳି ନିଷ୍ପତ୍ତି ନେଇଥିବା ବେଳେ ରାଜ୍ୟ ଓ ଜିଲା ପ୍ରଶାସନର ସହମତିରେ ଏହା କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଓଡ଼ିଶାରେ କୀର୍ତ୍ତିରାଜି ଖୋଲିବା ସମ୍ପର୍କରେ ନିଷ୍ପତ୍ତି ହୋଇନାହିଁ।

# ଧୂମପାନକାରୀଙ୍କ ପ୍ରତି କରୋନା ବିପଦ ଅଧିକ

ଲଣ୍ଡନ,୨୭

ଧୂମପାନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ କରୋନା ସଂକ୍ରମଣ ପ୍ରାଣଘାତୀ ହୋଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ତେବେ ଏହି ବିପଦ ପ୍ରକୃତରେ କେତେ ଅଧିକ ତାହା କୁହାଯାଇନାହିଁ। ଧୂମପାନ ଓ କୋଭିଡ୍-୧୯ ମଧ୍ୟରେ ଥିବା ସମ୍ପର୍କକୁ ନେଇ ପ୍ରକାଶିତ ୩୪ଟି ଅଧ୍ୟୟନ ଉପରେ ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ସମୀକ୍ଷା କରାଯାଇଥିଲା। ବିଶେଷ କରି ସଂକ୍ରମଣ, ରୋଗୀ ଗୁରୁତର ହେବା ଓ ମୃତ୍ୟୁ ଆଦି ଉପରେ ସମୀକ୍ଷା କରିବା ପରେ ଜଣାପଡିଥିଲା ଯେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା କରୋନା ରୋଗୀଙ୍କ ମଧ୍ୟରୁ ୧୮ ପ୍ରତିଶତ ଧୂମପାନକାରୀ। ଗତ ଏପ୍ରିଲରେ ଫ୍ରାନ୍ସର ଗବେଷକ କହିଥିଲେ, ଧୂମପାନକାରୀଙ୍କ ପ୍ରତି କରୋନା ସଂକ୍ରମଣ ଆଶଙ୍କା କମ୍। କିନ୍ତୁ ଅଧିକାଂଶ ବୈଜ୍ଞାନିକ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ତେବେ ଅଧିକ ତଥ୍ୟ ଅଧ୍ୟୟନରୁ ଜଣାପଡିଛି ଧୂମପାନ କରୁଥିବା କରୋନା ରୋଗୀ ଗୁରୁତର ହେବା ଆଶଙ୍କା ଅଧିକ। ସେଥିପାଇଁ ଧୂମପାନ ଛାଡ଼ିବାକୁ ଡବ୍ଲ୍ୟୁଏଚ୍‌ଓ ସୁପାରିସ୍ କରିଛି।

# ୟୁଏନ୍‌ଏସ୍‌ସିରେ ଚାଇନାକୁ ରୋକିଲେ ଜର୍ମାନୀ, ଆମେରିକା

## ଭାରତ ବିରୋଧୀ ବିବୃତି

ନୂଆଦିଲ୍ଲୀ,୨୭

କରାଚୀ ଷ୍ଟକ୍ ଏକ୍ସଚେଞ୍ଜ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦାକରି ବୁଧବାର ସନ୍ଧ୍ୟାରେ ଚାଇନା ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଏକ ଚିଠା ପ୍ରେସ୍ ବିବୃତି ରଖିବାକୁ ଚାହୁଁଥିବାବେଳେ ଜର୍ମାନୀ ଓ ଆମେରିକାର ହସ୍ତକ୍ଷେପ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଫଳରେ ବେଜିଂକୁ ନିରାଶ ହେବାକୁ ପଡ଼ିଥିଲା। ପାକିସ୍ତାନ ବହିର୍ବ୍ୟାପର ମନ୍ତ୍ରୀ ଶାହ ମେହମୁଦ୍ କୁରେଶି ଏବଂ ପରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ କରାଚୀ ଆକ୍ରମଣ ପାଇଁ ଭାରତକୁ ଦାୟୀ କରିବା ପରେ ଜର୍ମାନୀ ଓ ଆମେରିକା ନୂଆଦିଲ୍ଲୀ ପ୍ରତି ସମର୍ଥନ ଜଣାଇଥିଲେ। ପ୍ରେସ୍ ବିବୃତିରେ ଚାଇନା ଆକ୍ରମଣକୁ ନିନ୍ଦା କରିବା ସହ ପାକିସ୍ତାନ ସରକାରଙ୍କ ପ୍ରତି ସମବେଦନା ଜଣାଇବାକୁ ଚାହୁଁଥିଲା। ମଙ୍ଗଳବାର ଚାଇନା ଏହି ପ୍ରସ୍ତାବ ଉପସ୍ଥାପନ କରିଥିଲା। ଜର୍ମାନୀ ହସ୍ତକ୍ଷେପ କରି ଉକ୍ତ ବିବୃତିକୁ ଅଟକାଇଥିଲା।

# ୨ ମାସରେ ମଲେଣି ୩୫୦ ହାତୀ

ଗବୋରୋନ୍,୨୭(ଆଇଏଏନ୍‌ଏସ୍)

## ରହସ୍ୟମୟ ମୃତ୍ୟୁକୁ ନେଇ ଚିନ୍ତାରେ ବୋତୋସ୍ୱାନା



ହାତୀ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଗତ ୨ ମାସ ମଧ୍ୟରେ ଆଫ୍ରିକୀୟ ରାଷ୍ଟ୍ର ବୋତୋସ୍ୱାନାରେ ୩୫୦ରୁ ଅଧିକ ହାତୀଙ୍କ ମୃତ୍ୟୁ ଘଟିଥିବା ମିଡିଆ ରିପୋର୍ଟରୁ ଜଣାପଡ଼ିଛି। ତେବେ କିଭଳି ଏମାନଙ୍କ ମୃତ୍ୟୁ ଘଟିଲା, ସେନେଇ କିଛି ତଥ୍ୟ ଲୋକଲୋଚନକୁ ଆସିନି। ଦୁଇ ସପ୍ତାହ ପୂର୍ବରୁ ଲାବ୍‌ର ସାମ୍ପଲ ରିପୋର୍ଟ ଆସିସାରିଛି। ତେବେ ହାତୀ ମରିବାର କାରଣ ସମ୍ପର୍କରେ କିଛି ସ୍ପଷ୍ଟ ହେଉନାହିଁ। ଏତେ କମ୍ ସମୟ ମଧ୍ୟରେ ହଠାତ୍ ଏତେ ହାତୀ ମରିବାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟିହୋଇଛି। ଏହାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏଭଳି ରହସ୍ୟମୟ ହାତୀ ମୃତ୍ୟୁକୁ ନେଇ ଚିନ୍ତା ବଢ଼ିଯାଇଛି।

ବ୍ରିଟେନ୍‌ର ଚ୍ୟାରିଟି ନ୍ୟାଶନାଲ ପାର୍କ ସୁରକ୍ଷା ଦାୟିତ୍ୱରେ ଥିବା ନିଆଲ ମ୍ୟାକନ୍ କହିଛନ୍ତି, ଦକ୍ଷିଣ ଆଫ୍ରିକୀୟ ଦେଶ ବୋତୋସ୍ୱାନାର ଓକାଭାଙ୍ଗୋ ଡେଲ୍ଟା ଅଞ୍ଚଳରେ ଗତ ମେ ମାସରୁ ୩୫୦ ହାତୀଙ୍କ ମୃତଦେହ ମିଳିଥିବା ତାଙ୍କର ଜଣେ ସହକର୍ମୀ ପ୍ରକାଶ କରିଛନ୍ତି। ଡେଲ୍ଟା ଅଞ୍ଚଳରେ ବିମାନରେ ବୁଲିବା ପରେ ଏନେଇ ସ୍ଥାନୀୟ ସଂରକ୍ଷଣକର୍ତ୍ତା ପ୍ରଥମେ ସରକାରଙ୍କୁ ସତର୍କ କରାଇଥିଲେ। ମାତ୍ର ୩ ଘଣ୍ଟାର ଭ୍ରମଣ ମଧ୍ୟରେ ସେ ୧୬୯ ହାତୀ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାର ମାସକ ପରେ ଆଉ ଅନେକ ହାତୀଙ୍କ ପ୍ରାଣହାନି ଘଟିଛି। ପ୍ରାୟ ୩୫୦ରୁ ଅଧିକ ହାତୀ ମରିଥିବା କୁହାଯାଉଛି। ମରୁଡ଼ି ନାହିଁ କି ଜଳାଶୟ ଶୁଖିନାହିଁ, ତେବେ ଏଭଳି ହାତୀଙ୍କ ଅଚାନକ ମୃତ୍ୟୁ ଘଟିବାକୁ ନେଇ ସାଧାରଣରେ ବିସ୍ମୟ ଭାବ ସୃଷ୍ଟି ହୋଇଛି। ଗତ ମେ ମାସରେ ବେତୋସ୍ୱାନା ସରକାର ହାତୀ ଶିକାର ଘଟଣାକୁ ଏଡ଼ାଇ ଦେଇଥିଲେ। ମୃତ ହାତୀମାନଙ୍କ ଦାନ୍ତ ଅକ୍ଷୁଣ୍ଣ ରହିଥିବା କୁହାଯାଇଥିଲା। ହାତୀଙ୍କୁ ଶିକାରୀମାନେ ସାଇନାଇଡ୍ ଦେଇ ମରିବା ଘଟଣା ଏହା ନୁହେଁ ବୋଲି କୁହାଯାଉଛି। ଆନ୍ଥ୍ରାକ୍ସ ବିଷକ୍ରିୟା ଯୋଗୁ ମଧ୍ୟ ଏଭଳି ମୃତ୍ୟୁର କୌଣସି ଚିହ୍ନବର୍ଣ୍ଣ ମିଳୁନି। ତେବେ କେଉଁ କାରଣରୁ ଏଭଳି ଶହ ଶହ ହାତୀ ପ୍ରାଣ ହରାଉଛନ୍ତି, ତାହା ଏବେ ବି ରହସ୍ୟମୟ ହୋଇ ରହିଛି।

# କରୋନା ରୋଗୀ ପୋଷ୍ଟାଲ ବାଲଟରେ ଭୋଟ ଦେଇପାରିବେ

ନୂଆଦିଲ୍ଲୀ,୨୭

ଘରେ କିମ୍ବା ସରକାରୀ କ୍ୱାରାଣ୍ଟାଇନରେ ଥିବା କରୋନା ରୋଗୀ ପୋଷ୍ଟାଲ ବାଲଟରେ ଭୋଟ ଦେଇପାରିବେ। କରୋନା ସନ୍ଦିଗ୍ଧଙ୍କୁ ମଧ୍ୟ ଏହି ସୁବିଧା ମିଳିବ। ସେହିପରି ୬୫ ବର୍ଷରୁ ଊର୍ଦ୍ଧ୍ୱ ଭୋଟର ମତଦାନ ପାଇଁ ପୋଷ୍ଟାଲ ବାଲଟର ସହାୟତା ନେଇପାରିବେ। ଏନେଇ ଗୁରୁବାର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ନିର୍ବାଚନ ପରିଚାଳନା (ସଂଶୋଧନ) ନିୟମାବଳୀ ୨୦୨୦ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରତି କରୋନା ସଂକ୍ରମଣ ଭୟ ଅଧିକ ରହିଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟର ଏବଂ ନିଜ ରାଜ୍ୟ ବାହାରେ ଜରୁରୀ ସେବାରେ ନିୟୋଜିତ ଥିବା କର୍ମଚାରୀଙ୍କ ପାଇଁ ପୋଷ୍ଟାଲ ବାଲଟ ସୁବିଧା ଥିଲା। ଅକ୍ଟୋବର ଓ ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଆଇନ ମନ୍ତ୍ରଣାଳୟ ଉପରୋକ୍ତ ବିଜ୍ଞପ୍ତି ଜାରି କରିଛନ୍ତି।

# ମଧ୍ୟପ୍ରଦେଶ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ



ଭୋପାଳ,୨୭

## ସ୍ଥାନ ପାଇଥିବା ୨୮ରୁ ସିନ୍ଧିଆ ଗୋଷ୍ଠୀର ୧୨

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ୍ ସିଂ ଚୌହାନ ଗୁରୁବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଥିବା ବେଳେ ୨୮ ନୂଆ ମନ୍ତ୍ରୀଙ୍କ ମଧ୍ୟରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ଗୋଷ୍ଠୀର ୧୨ ଜଣ ଅଛନ୍ତି। କଂଗ୍ରେସରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିବା ୨୨ ବିଧାୟକଙ୍କ ମଧ୍ୟରୁ ୧୪ ଜଣଙ୍କୁ ମନ୍ତ୍ରୀ ପଦ ମିଳିଛି। ଏବେ ରାଜ୍ୟ ମନ୍ତ୍ରିମଣ୍ଡଳରେ ସିନ୍ଧିଆ ଗୋଷ୍ଠୀର ୧୪ ସଦସ୍ୟ ସ୍ଥାନ ପାଇଛନ୍ତି। ପୂର୍ବରୁ ୨ ଜଣ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ରାଜଭବନରେ ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ୨୦ ଜଣ କ୍ୟାବିନେଟ ମନ୍ତ୍ରୀ ଓ ବାକି ୮ ରାଷ୍ଟ୍ରମନ୍ତ୍ରୀ ହୋଇଛନ୍ତି। ସିନ୍ଧିଆ ଗୋଷ୍ଠୀରୁ ବିସହୁଲାଲ୍ ସିଂ, ଆଇଦଲ ସିଂ କଂସାନା ଇମର୍ତ୍ତିଦେବୀ, ପ୍ରଭୁରାମ ଚୌଧୁରୀ, ମହେନ୍ଦ୍ର ସିଂ ସିସୋଡିଆ, ପ୍ରଦ୍ୟୁମ୍ନ ସିଂ ତୋମାର, ହରଦୀପ ସିଂ ଡାଙ୍ଗ, ରାଜବର୍ଦ୍ଧନ ସିଂ ଡଟିଗାଓଁ କ୍ୟାବିନେଟ ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅପର ପକ୍ଷରେ ବ୍ରଜେନ୍ଦ୍ର ସିଂ ଯାଦବ, ଗିର୍‌ରାଜ୍ ଦଣ୍ଡୋଟିଆ, ସୁରେଶ ଧକଡ୍ ଏବଂ ଓ.ପି.ଏସ୍ ଭଦୋରିଆ ମଧ୍ୟ ମନ୍ତ୍ରୀ ହୋଇଛନ୍ତି।

# ଅର୍ଦ୍ଧସାମରିକ ବାହିନୀରେ ସାମିଲ ହେବେ କିନ୍ନର ଅଫିସର

ନୂଆଦିଲ୍ଲୀ,୨୭(ଆଇଏଏନ୍‌ଏସ୍)

ଭାରତର ଅର୍ଦ୍ଧସାମରିକ ବାହିନୀରେ କିନ୍ନର ସମ୍ପ୍ରଦାୟରୁ ନିଯୁକ୍ତି ଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ସମାଜରେ ଏହି ସ୍ୱଳ୍ପସଂଖ୍ୟକ ଗୋଷ୍ଠୀ ପ୍ରତି ଥିବା ପାତରଅନ୍ତର ମନୋଭାବ ଅନ୍ତ କରିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍)ର ମତାମତ ଚାହିଁଛି। ଅର୍ଦ୍ଧସାମରିକ ବାହିନୀରେ ଏହି ତୃତୀୟ ଲିଙ୍ଗ ସମ୍ପ୍ରଦାୟରୁ ଅଫିସର ନିଯୁକ୍ତ କରିବା ଦିଗରେ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି। ସେମାନେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପଦବୀରେ ନିଯୁକ୍ତ ହୋଇପାରନ୍ତି। ବୁଧବାର ମନ୍ତ୍ରଣାଳୟ ପକ୍ଷରୁ ସିଏପିଏଫ୍‌କୁ ଲେଖାଯାଇଥିବା ପତ୍ରରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ) ପରୀକ୍ଷା ୨୦୨୦ ପାଇଁ କମାଣ୍ଡାଣ୍ଟ ଚିଠା ନିୟମାବଳୀ ସମ୍ପର୍କରେ ଉକ୍ତ ବାହିନୀର ମତାମତ ଲୋଡ଼ାଯାଇଥିଲା।

କିନ୍ନର ସମ୍ପ୍ରଦାୟର ଉନ୍ନତି ଲାଗି ଭାରତ ସରକାର ନିକଟରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନଙ୍କ ବ୍ୟକ୍ତି ଅଧିକାରର ସୁରକ୍ଷା ଓ କଲ୍ୟାଣ ପାଇଁ ଗତ ଜାନୁୟାରୀ ୧୦ରେ ଟ୍ରାନ୍ସଜେଣ୍ଡର ପର୍ସନ୍‌ସ (ପ୍ରୋଟେକ୍ସନ ଅଫ୍ ରାଇଟ୍ସ) ଆକ୍ଟ, ୨୦୧୯ କାର୍ଯ୍ୟକାରୀ କରାଯାଇଥିଲା। ଉକ୍ତ ଆଇନର ଧାରା ୧୪ ଅନୁଯାୟୀ କିନ୍ନରମାନଙ୍କୁ ଜୀବିକା ଯୋଗାଇଦେବା ଲାଗି ସରକାର କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ସହ ଧନ୍ଦାମୂଳକ ତାଲିମ ଓ ଆତ୍ମନିଯୁକ୍ତି ସୁଯୋଗ ଯୋଗାଇଦେବେ। ୨୦୧୯-୨୦ ବର୍ଷରେ କିନ୍ନରମାନଙ୍କ କଲ୍ୟାଣ ଲାଗି ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା।

# ୨୦୩୬ ଯାଏ କ୍ଷମତାରେ ରହିପାରିବେ ପୁଟିନ୍

ମସ୍କୋ,୨୭



■ ୭୮ ପ୍ରତିଶତ ଭୋଟରଙ୍କ ସମର୍ଥନ

■ ହୋଇପାରେ ସମ୍ବିଧାନ ସଂଶୋଧନ

ରୁଷିଆରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ପ୍ରତି ବିପୁଳ ଜନସମର୍ଥନ ରହିଛି। ଦେଶର ପ୍ରାୟ ୭୮ ପ୍ରତିଶତ ଭୋଟର ସମ୍ବିଧାନ ସଂଶୋଧନ କରି ପୁଟିନ୍‌ଙ୍କୁ ୨୦୩୬ ପର୍ଯ୍ୟନ୍ତ କ୍ଷମତାରେ ରହିବା ଲାଗି ସ୍ୱୀକୃତି ଦେଇଥିବା ରୁଷିଆର ନିର୍ବାଚନ ଅଧିକାରୀ ଗୁରୁବାର ଭୋଟଗଣତି ପରେ କହିଛନ୍ତି। ଅପରପକ୍ଷରେ କ୍ରେମଲିନ୍ ସମାଲୋଚକମାନେ ଏଥିରେ ଜାଲିଆତି କରାଯାଇଥିବା ଅଭିଯୋଗ କରିଛନ୍ତି।

ସପ୍ତାହବ୍ୟାପୀ ଚାଲିଥିବା ଏହି ନିର୍ବାଚନ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ୭୭.୯ ପ୍ରତିଶତ ଭୋଟର ସମ୍ବିଧାନ ସଂଶୋଧନ ସପକ୍ଷରେ ମତ ଦେଇଥିବା ବେଳେ ୨୧.୩ ପ୍ରତିଶତ ଏହା ବିରୋଧରେ ମତଦାନ କରିଥିଲେ ବୋଲ ରୁଷିଆର କେନ୍ଦ୍ରୀୟ ନିର୍ବାଚନ କମିଶନ ପ୍ରକାଶ କରିଛନ୍ତି। ମତଦାନରେ ୬୪ ପ୍ରତିଶତରୁ ଅଧିକ ଭୋଟର ଭାଗ ନେଇଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ବିଗତ ୧୦ ବର୍ଷ ମଧ୍ୟରେ ପୁଟିନ୍‌ଙ୍କ ସପକ୍ଷରେ ସର୍ବାଧିକ ସମର୍ଥନ ମିଳିଥିବା କୁହାଯାଉଛି। ୨୦୧୮ ରାଷ୍ଟ୍ରପତି ନିର୍ବାଚନରେ ପୁଟିନ୍‌ଙ୍କୁ ୭୬.୭ ପ୍ରତିଶତ ଭୋଟର ସମର୍ଥନ କରିଥିଲେ। ୨୦୧୨ ନିର୍ବାଚନରେ ୬୩.୬ ପ୍ରତିଶତ ଭୋଟ ମିଳିଥିଲା।

ତେବେ ଦର୍ଶାଯାଇଥିବା ସଂଖ୍ୟା ଠିକ୍ ନୁହେଁ ବୋଲି କ୍ରେମଲିନ୍ ସମାଲୋଚକମାନେ କହିଛନ୍ତି। ଦେଶରେ ଜୀବନ ଧାରଣର ମାନ କମିବାରେ ଲାଗିଛି ଓ ଏଥିଲାଗି ଲୋକଙ୍କ ବିତୃଷ୍ଣା ବଢ଼ିଚାଲିଛି। ବିରୋଧୀ ଦଳର ଅନ୍ୟତମ ନେତା ଆଲେକ୍ସେଇ ନାଭାଲ ଘୋଷଣା କରାଯାଇଥିବା ଫଳାଫଳ ଜନମତ ନୁହେଁ ବୋଲି ଫେସ୍‌ବୁକ୍ ପୋଷ୍ଟରେ ଗୁରୁବାର ଉଲ୍ଲେଖ କରିଛନ୍ତି। ପୁଟିନ୍‌ଙ୍କୁ ଗତ ମେ'ରେ ୫୯ ପ୍ରତିଶତ ଭୋଟର ସମର୍ଥନ କରିଥିଲେ ବୋଲି ସର୍ବୋଚ୍ଚ ସ୍ୱାଧୀନ ନିର୍ବାଚନ ସଂସ୍ଥା ଲେଭାଡା ସେଣ୍ଟର ପକ୍ଷରୁ କୁହାଯାଇଛି। ଏବେ ହୋଇଥିବା ମତଦାନରେ ସ୍ୱଚ୍ଛତା ନାହିଁ ବୋଲି ଅନେକେ ଅଭିଯୋଗ କରିଛନ୍ତି।

## ଭାରତ ସହ କୂଟନୈତିକ ସମ୍ପର୍କ ବଢ଼ାଇବ ରୁଷିଆ

ନୂଆଦିଲ୍ଲୀ,୨୭

ଭାରତ ଓ ରୁଷିଆ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ କୂଟନୈତିକ ସମ୍ପର୍କ ବୃଦ୍ଧି କରାଯିବ। ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟେଲି ବାର୍ତ୍ତାଳାପ ବେଳେ ଏହା କହିଛନ୍ତି। ମୋଦି ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧର ୭୫ ବର୍ଷ ପୂର୍ତ୍ତି ପାଳନ ଓ ରୁଷିଆ ସମ୍ବିଧାନ ସଂଶୋଧନକୁ ନେଇ ପୁଟିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଲୋଚନାରେ ବିଶ୍ୱର କରୋନା ସ୍ଥିତି ଓ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। କରୋନା ପରେ କଠୋର ପରିସ୍ଥିତିର ମିଳିତ ମୁକାବିଲା ଲାଗି ଦୁଇ ନେତା ସହମତି ପ୍ରକାଶ କରିଛନ୍ତି। ଦ୍ୱିପାକ୍ଷିକ ଯୋଗାଯୋଗ, ବୈଠକ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଲଦାଖରେ ଭାରତ-ଚାଇନା ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଲାଗି ରହିଥିବାବେଳେ ପୁଟିନଙ୍କ ସହ ଆଲୋଚନା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

## ଟିପିସିଏଲ୍‌ରେ ବିସ୍ଫୋରଣ, ୭ ଶ୍ରମିକ ଗୁରୁତର

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡ଼ା ଲହଣ୍ଡାବୁଡସ୍ଥିତ ଟିପିସିଏଲ(ଠାକୁର ପ୍ରସାଦ ସାଓ ଲିଃ) ସ୍ପଞ୍ଜ ଆଣ୍ଡ ରୋଲିଂ କାରଖାନାରେ ଗୁରୁବାର ଏମ୍‌ଏମ୍‌ଏସ୍‌ର ବ୍ଲାଷ୍ଟ ଫର୍ନେସ୍‌ରେ ଫର୍ନିସ ଲିକ୍ ହୋଇ ବିସ୍ଫୋରଣ ହୋଇଛି। ଫଳରେ ସେଠାରେ କାମ କରୁଥିବା ୭ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଝାରସୁଗୁଡ଼ା ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ରାଉରକେଲା ଆଇଜିଏଚ୍‌କୁ ପଠାଯାଇଛି। ଏହି ଦୁର୍ଘଟଣା ପରେ କମ୍ପାନୀ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି।




# ପିଏମ୍‌ଜିକେଏୱାଇରେ ଓଡ଼ିଶା ଅଧିକ ଉପକୃତ ହେବ: ସମୀର

**ଭୁବନେଶ୍ୱର,୨।୭(ବ୍ୟୁରୋ):** ଗରିବ, କୃଷକ ଏବଂ ଶ୍ରମିକ ସମେତ ଦେଶର ୮୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ଆବଶ୍ୟକତା (ପିଏମ୍‌ଜିକେଏୱାଇ)କୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ୫ ମାସ ବୃଦ୍ଧି କରାଯାଇଛି। ଏଥିରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ମୁଣ୍ଡ ପିଛା ୫ କେଜି ଚାଉଳ କିମ୍ବା ଗହମ, ୧ କିଲୋ ଡାଲି ଆଗାମୀ ୫ ମାସ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ଏହାଦ୍ୱାରା ଗରିବ ଓଡ଼ିଆ ଅଧିକ ଉପକୃତ ହେବେ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଓଡ଼ିଶାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୯୨ ଲକ୍ଷ ୯୮ ହଜାର ୫ ଶହ ୮୨ ପରିବାରର ୩ କୋଟି ୨୪ ଲକ୍ଷ ୭୩ ହଜାର ୩ ଶହ ୭୦ ଜଣ ହିତାଧିକାରୀ ଏହାର ଲାଭ ଉଠାଇପାରିବେ। କରୋନା ସମୟରେ ଯେଉଁମାନେ ଖାଦ୍ୟ ସୁରକ୍ଷାରେ ସାମିଲ ହୋଇପାରି ନାହାନ୍ତି ସେମାନଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରିବାକୁ ସରକାରଙ୍କୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମୀର ଧନ୍ୟବାଦ ଜଣାଇଛନ୍ତି।

# ୪ଦିନ ରିମାଣ୍ଡରେ ଗଲେ ଅଭିଯୁକ୍ତ ଆଇଆଇସି

**ଥାନାରେ ନାବାଳିକାଙ୍କୁ ବଳାତ୍କାର ଘଟଣା**
- ଆରଜିଏଚ୍‌ରେ ହେଲା ଡାକ୍ତରୀ ମାଇନା
- ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ ସ୍ୱାବ୍ ନମୁନା ସଂଗ୍ରହ


ବହିଷ୍କୃତ ଆଇଆଇସିଙ୍କୁ କୋର୍ଟରେ ହାଜର ପାଇଁ ନିଆଯାଉଛି।

**ସୁନ୍ଦରଗଡ଼,୨।୭(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ନାବାଳିକା ବଳାତ୍କାର ଓ ଗର୍ଭପାତ ଘଟଣାରେ ବୁଧବାର କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ବହିଷ୍କୃତ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝିଙ୍କୁ ୪ଦିନ ରିମାଣ୍ଡରେ ନେବାକୁ କୋର୍ଟ ଅନୁମତି ଦେଇଛନ୍ତି। ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ତାଙ୍କୁ ୭ଦିନ ରିମାଣ୍ଡରେ ନେବା ପାଇଁ କୋର୍ଟରେ ଆବେଦନ କରିଥିଲା। ହେଲେ କୋର୍ଟ ଗୁରୁବାରଠାରୁ ୪ ଦିନ ପାଇଁ ତାଙ୍କୁ ରିମାଣ୍ଡ ନେବାକୁ ଅନୁମତି ପ୍ରଦାନ କରିଛନ୍ତି।

ଆଜି ଦିନ ପ୍ରାୟ ୧୧ଟା ସମୟରେ ରାଉରକେଲା ସରକାରୀ ହସ୍ପିଟାଲ(ଆରଜିଏଚ୍)ରେ ତାଙ୍କର ଡାକ୍ତରୀ ମାଇନା କରାଯାଇଥିଲା। ଏହାପରେ ସନ୍ଧ୍ୟା ପ୍ରାୟ ୭ଟା୧୦ରେ ତାଙ୍କୁ ସୁନ୍ଦରଗଡ଼ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ତଥା ପୋକ୍‌ସୋ ଅଦାଲତର ପ୍ରିଜାଇଡିଂ ଅଫିସର ପାର୍ଥସାରଥୀ ପଟ୍ଟନାୟକଙ୍କ ସମ୍ମୁଖରେ ହାଜର କରାଯାଇଥିଲା। କୋର୍ଟରେ ହାଜର କରିବାର କିଛି ସମୟ ପରେ ତାଙ୍କୁ ବାହାରକୁ ଅଣାଯାଇଥିଲା। ପରେ ସୁନ୍ଦରଗଡ଼ସ୍ଥିତ ଏନ୍‌ଟିପିସି କୋଭିଡ୍ କେୟାର ହସ୍ପିଟାଲରେ ତାଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ପଠାଯିବା ପରେ ରାତି ପ୍ରାୟ ୮ଟା ବେଳେ ତାଙ୍କୁ ପୁଣି ଥରେ କୋର୍ଟରେ ହାଜର କରାଯାଇଥିଲା।

# ଆଉ ୨ ଜୀବନ ଗଲା, ମୃତ୍ୟୁ ସଂଖ୍ୟା ୨୭

- ଅନୁଗୋଳରେ ପ୍ରଥମ କରୋନା ମୃତ୍ୟୁ, ଗଞ୍ଜାମରେ ୧୫ ଛୁଇଁଲା
- ୨୨୯ ନୂଆ ପଜିଟିଭ୍ ଚିହ୍ନଟ, ୩୬ ସ୍ଥାନୀୟ ଆକ୍ରାନ୍ତ
- ୧୪୯ ସୁସ୍ଥ, ଖୋର୍ଦ୍ଧାରୁ ସର୍ବାଧିକ ୨୪

**ଭୁବନେଶ୍ୱର, ୨।୭ (ବ୍ୟୁରୋ)**



ରାଜ୍ୟରେ କରୋନା ମହାମାରୀ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଏବେ ଆଉ ୨ଜଣଙ୍କ ଜୀବନ ନେଇଛି ଘାତକ କୋଭିଡ୍-୧୯। ଜଣେ ଗଞ୍ଜାମ ଜିଲାର ୪୯ ବର୍ଷୀୟ ପୁରୁଷ ହୋଇଥିବାବେଳେ ଅନ୍ୟଜଣେ ଅନୁଗୋଳର ୫୭ବର୍ଷୀୟ ବ୍ୟକ୍ତି ବୋଲି ଗୁରୁବାର ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟରୁ ଜଣାପଡିଛି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟ ୨୭ରେ ପହଞ୍ଚିଛି। କେବଳ ଗଞ୍ଜାମ ଜିଲାରେ ୧୫ଜଣଙ୍କ ଜୀବନ ଯାଇଥିବାବେଳେ ଅନୁଗୋଳ ଜିଲାର ଏହା ପ୍ରଥମ କରୋନା ମୃତ୍ୟୁ।

ସେପଟେ ରାଜ୍ୟର ୧୯ ଜିଲାରୁ ଆଉ ୨୨୯ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୯୩ ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଠାବ ହୋଇଥିବାବେଳେ ୩୬ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ଗଞ୍ଜାମ ଜିଲାରେ ଲଗାତର ଦ୍ୱିତୀୟ ଦିନ ପାଇଁ ସର୍ବାଧିକ ୯୫ ନମୁନା ପଜିଟିଭ୍ ବାହାରିଛି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୭କୁ ବୃଦ୍ଧି ପାଇଛି। ସେହିପରି ବାଲେଶ୍ୱର ଜିଲାରୁ ୨୪, ଖୋର୍ଦ୍ଧାରୁ ୨୧, ଯାଜପୁରରୁ ୨୨, ସୁନ୍ଦରଗଡ଼ରୁ ୧୭, କଟକରୁ ୧୨, ଝାରସୁଗୁଡ଼ାରୁ ୧୦, ବଲାଙ୍ଗୀରରୁ ୭, ନୟାଗଡ଼ରୁ ୫, ପୁରୀରୁ ୪, ବୌଦ୍ଧରୁ ୩, ମୟୂରଭଞ୍ଜରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଦେବଗଡ଼, ଗଜପତି, ଜଗତ୍‌ସିଂହପୁର, କେନ୍ଦୁଝର, କୋରାପୁଟ, ଅନୁଗୋଳ ଓ ବରଗଡ଼ ଜିଲାରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭,୫୪୫ରେ ପହଞ୍ଚିଛି।

ଅନ୍ୟପକ୍ଷରେ ରାଜ୍ୟରେ ପୁଣି ୧୪୯ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୨୪ ଜଣ ସୁସ୍ଥ ହୋଇଥିବାବେଳେ ମୟୂରଭଞ୍ଜରୁ ୧୪, କଟକରୁ ୧୩, କଳାହାଣ୍ଡି ଓ କେନ୍ଦ୍ରାପଡ଼ାରୁ ୬ ଲେଖାଏ, ରାୟଗଡ଼ାରୁ ୫, ଅନୁଗୋଳ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରୁ ୩ଜଣ ଲେଖାଏ, ବାଲେଶ୍ୱର, ଜଗତ୍‌ସିଂହପୁର ଓ ନୟାଗଡ଼ରୁ ୨ଜଣ ଲେଖାଏ, ବରଗଡ଼ ଓ କୋରାପୁଟରୁ ଜଣେ ଲେଖାଏ ରହିଛନ୍ତି।

ସେହିଭଳି ରାଜ୍ୟରେ ଏଯାବତ୍ ମୋଟ ୨ ଲକ୍ଷ ୭୪ ହଜାର ୬୭୨ ଜଣଙ୍କ ନମୁନା ପରୀକ୍ଷଣ କରାଯାଇଛି। ଏଥିମଧ୍ୟରୁ ୭,୫୪୫ଜଣଙ୍କ ନମୁନା ପଜିଟିଭ୍ ଆସିଥିବାବେଳେ ଏଥିମଧ୍ୟରୁ ୫୫୦୨ଜଣ ସୁସ୍ଥ ହୋଇଛନ୍ତି ଓ ୨୦୦୮ ସକ୍ରିୟ ସଂକ୍ରମିତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ କହୁଛି। ସୂଚନାଯୋଗ୍ୟ, ଏବେ ଦେଶରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧୭ ହଜାର ୮ଶହ ଟପିଥିବାବେଳେ ଶେଷ ୨୪ ଘଣ୍ଟା ମଧ୍ୟରେ ଆଉ ୪୩୪ ଜଣ ଆକ୍ରାନ୍ତଙ୍କ ଜୀବନ ଯାଇଛି।

## ୧୭ ଜିଲାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨।୭(ବ୍ୟୁରୋ):** ଉପକୂଳ ଓଡିଶା ଏବଂ ଏହାର ଆଖପାଖ ଅଞ୍ଚଳରେ ସମୁଦ୍ରପତ୍ତନ ଠାରୁ ୩.୬ କି.ମି ଏକ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଏଥିସହିତ ଅନ୍ୟ ଏକ ଘୂର୍ଣ୍ଣିବଳୟ ପୂର୍ବ ଉତ୍ତର ପ୍ରଦେଶ ଉତ୍ତର ଏବଂ ଏହାର ଆଖପାଖ ଅଞ୍ଚଳରେ ଘେରି ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ,ରାୟଗଡା, ନବରଙ୍ଗପୁର, ଗଜପତି, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଏବଂ ଯାଜପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ୬ ତାରିଖ ଯାଏ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଗତ ୪୮ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୩୨.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେରରେ ୨୭, ମାଲକାନଗିରି ୬.୪, ନୟାଗଡ ୪୩ ଏବଂ ପାରାଦୀପରେ ୭.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବିଚାର ବ୍ୟବସ୍ଥାକୁ କରୋନା ଡର

- କ୍ରିମିନାଲ୍ ବାର୍‌ର ସଦସ୍ୟ ଆକ୍ରାନ୍ତ
- ମହକିଲଙ୍କ ପ୍ରବେଶ ଉପରେ କଟକଣା
- ହାଇକୋର୍ଟରେ ଗୁଟ୍‌ଖା, ତମାଖୁ ନିଷେଧ
- ତଳ ଅଦାଲତର ବାର୍ ଆସୋସିଏଶନ ବନ୍ଦ

**କଟକ ଅଫିସ,୨।୭**

କଟକରେ ଜଣେ ଆଇନଜୀବୀ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେବା ପରେ ଏବେ ସମ୍ପୂର୍ଣ୍ଣ ବିଚାର ବ୍ୟବସ୍ଥାକୁ କରୋନା ଭୟ ଘାରିଛି। କଟକସ୍ଥିତ ବିଭିନ୍ନ ତଳ ଅଦାଲତ ଯଥା ଦେୱାନୀ ଓ ଫୌଜଦାରୀ ଅଦାଲତର ବାର୍ ଆସୋସିଏଶନ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ମହକିଲଙ୍କ ପ୍ରବେଶ ଉପରେ କଟକଣା ଜାରି ହେବା ସହ ଅତି ଜରୁରୀ କାମ ନ ଥିଲେ କୋର୍ଟ ନ ଆସିବାକୁ ଆଇନଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ହାଇକୋର୍ଟ ପରିସରରେ ଗୁଟ୍‌ଖା ଓ ତମାଖୁ ନିଷେଧ ସହ ଛେପ ପକାଇବାକୁ ବାରଣ କରାଯାଇଛି।

ସୂଚନା ଅନୁଯାୟୀ, କଟକ କ୍ରିମିନାଲ୍ ବାର୍ ଆସୋସିଏଶନର ଜଣେ ଆଇନଜୀବୀ କିଛି ଦିନ ତଳେ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତାଙ୍କ ଘର ନିଆଳି। ସେ ନିଆଳି ସହ କଟକ ବାର୍ ଆସୋସିଏଶନର ମଧ୍ୟ ସଦସ୍ୟ। ପ୍ରାୟ ସମୟ ସେ ବାର୍ ଆସୋସିଏଶନ ପରିସରରେ ବସାଉଠା କରୁଥିବାରୁ ମହକିଲ ଓ ବହୁ ଆଇନଜୀବୀ ତାଙ୍କ ସଂସ୍ପର୍ଶରେ ଆସିଥାଇପାନ୍ତି। ଏନେଇ କଟକ ବାର୍ ଆସୋସିଏଶନ ସମ୍ପାଦକ ଜ୍ୟୋତିନ୍ଦ୍ରିୟ ମହାନ୍ତି ବୁଧବାର ହାଇକୋର୍ଟ ବାର୍ ଆସୋସିଏଶନର ଅନ୍ତରୀଣ କମିଟିକୁ ଚିଠିକରି ଜଣାଇଛନ୍ତି। ସେଥିରେ ଉଲ୍ଲେଖ ରହିଛି ଯେ, ସଦସ୍ୟମାନଙ୍କୁ ସାମାଜିକ ଦୂରତ୍ୱ ରଖିବାକୁ କୁହାଯାଇଛି। ଏଥିରେ ଉଲ୍ଲଂଘନ ହେଲେ ବାର୍ ଆସୋସିଏଶନ ପରିସରକୁ ଶଟ୍‌ଡାଉନ୍ କରିବାକୁ ହେବ। ଜରୁରୀ କାମ ନ ଥିଲେ ନ ଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଅସୁସ୍ଥ ଅଛନ୍ତି, ସେମାନେ ଜରୁରୀ କାମ ଥିଲେ ମଧ୍ୟ କୋର୍ଟକୁ ନ ଆସିବା ପାଇଁ କୁହାଯାଇଥିବା ଜ୍ୟୋତିନ୍ଦ୍ରିୟ ଚିଠିରେ ଉଲ୍ଲେଖ କରିଛନ୍ତି। ଚିଠି ପାଇବା ପରେ ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ତତ୍ପରତା ଦେଖାଦେଇଛି। ଅନ୍ତରୀଣ କମିଟିର ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି କୋର୍ଟ ପରିସରକୁ ବିଶୋଧନ କରିବାର ଆବଶ୍ୟକତା ଥିବା କହିଛନ୍ତି। ବାର୍ ହଲ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ସଦସ୍ୟଙ୍କଠାରୁ ମତାମତ ଲୋଡ଼ିଛନ୍ତି।

ଆଇନଜୀବୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ କଟକ ବାର୍ ଆସୋସିଏଶନର ଅନ୍ତରୀଣ କମିଟି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଆସୋସିଏଶନ ପରିସରକୁ ମହକିଲଙ୍କୁ ମନା, ଆଇନଜୀବୀମାନେ ନିଜ ସହ ପାଣି ବୋତଲ ଆଣିବାକୁ କୁହାଯାଇଛି। ଚା' ଓ ପାଣି ପରିବେଷଣ କରାଯିବ ନାହିଁ। ହାଇକୋର୍ଟ ବାର୍ ଆସୋସିଏଶନର ଅନ୍ତରୀଣ କମିଟି ଆଇନଜୀବୀଙ୍କୁ କିଛି ଆହ୍ୱାନ ଦେଇଛି। ମହକିଲଙ୍କୁ ସାଥିରେ ଧରି ବାର୍ ଆସୋସିଏଶନ ହଲ୍‌କୁ ନ ଆସିବା ପାଇଁ କୁହାଯାଇଛି। ଏହି ପ୍ରସଙ୍ଗକୁ ନେଇ ପୂର୍ବରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଫଳରେ ବାର୍ ଆସୋସିଏଶନ ହଲ୍‌କୁ ମହକିଲଙ୍କ ପ୍ରବେଶ ଉପରେ ହାଇକୋର୍ଟ କଟକଣା ଜାରି କରିଥିଲେ।

## ମୋବାଇଲ ପାଇଁ ବଡ଼ଭଉଣୀଙ୍କ ସହ ଝଗଡ଼ା ଜୀବନ ହାରିଲେ ସାନଭାଇ

**ପାଟଣା, ୨।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଣିଘାଟି ଗ୍ରାମରେ ଗୁରୁବାର ମୋବାଇଲ ପାଇଁ ବଡ଼ ଭଉଣୀ ସହ ଝଗଡ଼ା କରି ସାନଭାଇ ଜୀବନ ହାରିଛନ୍ତି। ମୃତ ନାବାଳକ ହେଲେ ମାନସ କୁମାର ମହାନ୍ତଙ୍କ ପୁଅ ଟି . ମୋହିତ କୁମାର ମହାନ୍ତ(୧୪)। ତାଙ୍କ ଘର ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା କୁସୁମୀ ଗ୍ରାମରେ। ଘଟଗାଁ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୋହିତଙ୍କ ବାପା ପଲାଣି ଘାଟି ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଭାବେ କାମ କରନ୍ତି। ପୁଅ ମୋହିତ ଚଳିତ ବର୍ଷ ଅଷ୍ଟମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଉକ୍ତ ପରିବାର ପଲାଣିଘାଟିରେ ଭଡ଼ା ଘର ନେଇ ରହୁଥିଲେ। ବୁଧବାର ରାତିରେ ମୋହିତ ତାଙ୍କ ବଡ଼ଭଉଣୀଙ୍କୁ ମୋବାଇଲ ମାଗିଥିଲେ ଖେଳିବା ପାଇଁ। ହେଲେ ଭଉଣୀ ମୋବାଇଲ ନ ଦେବାରୁ ଝଗଡ଼ା ହୋଇଥିଲା।

# ଆଇସୋଲେଶନ ୱାର୍ଡରେ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କ ଆତ୍ମହତ୍ୟା

**ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଅଭାବନୀୟ ଘଟଣା**

**ଜଗତ୍‌ସିଂହପୁର ଅଫିସ,୨।୭**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଖୋଲାଯାଇଥିବା ଆଇସୋଲେଶନ୍ ୱାର୍ଡରେ ଗୁରୁବାର ଚିକିତ୍ସାଧୀନ ସ୍ୱାମୀଙ୍କ ମୃତ୍ୟୁର କେଇଘଣ୍ଟା ପରେ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ସମସ୍ତଙ୍କୁ ବିସ୍ମିତ କରିଛି। ମୃତକ ହେଲେ ଏରସମା ଥାନା ପଲିକଣ୍ଟା ପଞ୍ଚାୟତ ଅନ୍ତର୍ଗତ କଟିଜଙ୍ଗାର ନିର୍ଲିପ୍ତ ଭୋଳ(୩୦)। ଛାତିରେ ଯନ୍ତ୍ରଣା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଜାଣିବା ପରେ ସେହି ଆଇସୋଲେଶନ୍ ୱାର୍ଡରେ ଚିକିତ୍ସାଧୀନ ନିର୍ଲିପ୍ତଙ୍କ ସ୍ତ୍ରୀ ସୁଭଦ୍ରା ସ୍ୱାଇଁ (୨୮) ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଏହା ପୂର୍ବରୁ ସୁଭଦ୍ରା କୁଆଡ଼େ ୱାର୍ଡରେ ଥିବା କେତେଜଣ ନର୍ସ, ସୁରକ୍ଷା କର୍ମୀ ଓ କୋଭିଡ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଠେଲି ବାହାର କରି କବାଟ ବନ୍ଦ କରିଦେଇଥିଲେ ବୋଲି କୁହାଯାଇଛି, ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ, ବେସରକାରୀ ସୁରକ୍ଷା କର୍ମୀ, ଡାକ୍ତର, ନର୍ସ ଆଦି ଥାଇ ସୁଦ୍ଧା ମହିଳାଙ୍କୁ ବଞ୍ଚାଯାଇ ନ ପାରିବା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ଯଦି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥାନ୍ତା ତେବେ ଏତେବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ବୋଲି କୁହାଯାଇଛି।

ନିର୍ଲିପ୍ତ ଓ ସୁଭଦ୍ରାଙ୍କ ବିବାହ ପ୍ରାୟ ଦେଢ଼ବର୍ଷ ପୂର୍ବରୁ ହୋଇଥିଲା। ନିର୍ଲିପ୍ତ ତେଲଙ୍ଗାନାରେ କୌଣସି ସଂସ୍ଥାରେ କାମ କରିବା ସହ ସ୍ତ୍ରୀଙ୍କୁ ନେଇ ସେଠାରେ ରଖୁଥିଲେ। ସେମାନଙ୍କ କୌଣସି ସନ୍ତାନ ନାହାନ୍ତି। ୪ ଦିନ ପୂର୍ବରୁ ସେମାନେ ଏରସମା ଫେରି ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିଲେ। ତେବେ ତେଲଙ୍ଗାନାରୁ ଫେରିଲା ବେଳେ ନିର୍ଲିପ୍ତଙ୍କୁ ଥଣ୍ଡା, ଜ୍ୱର ହୋଇଥିଲା। ତେଣୁ ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିଲା ଏବଂ ତାହା ନେଗେଟିଭ୍ ଆସିଛି। ସୁଭଦ୍ରାଙ୍କ ରିପୋର୍ଟ ପହଞ୍ଚି ନାହିଁ। ହେଲେ ଗତ ୩୦ ତାରିଖରେ ନିର୍ଲିପ୍ତ ଅଧିକ ଅସୁସ୍ଥ ହୋଇ ପଡିବାରୁ ଦମ୍ପତିଙ୍କୁ ଜଗତ୍‌ସିଂହପୁର ଅଣାଯାଇ ଚିକିତ୍ସା କରାଯିବା ପରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ୧ ତାରିଖ ରାତି ପ୍ରାୟ ୨ଟାରେ ନିର୍ଲିପ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡିଯିବାରୁ ଉଭୟ ସ୍ୱାମୀସ୍ତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇ ଆଇସୋଲେଶନ୍ ୱାର୍ଡରେ ଚିକିତ୍ସା କରାଯାଇଥିଲା। ଗୁରୁବାର ଅପରାହ୍ନ ପ୍ରାୟ ୨ଟା ବେଳେ ନିର୍ଲିପ୍ତଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସୁଭଦ୍ରା କନ୍ଦାକଟା କରିବା ସହ ଅପରାହ୍ନ ପ୍ରାୟ ୫ଟା ବେଳେ ଆତ୍ମହତ୍ୟା କରିଦେଇଥିଲେ। ଏହି ଖବର ପାଇବା ପରେ ସହରର ଶତାଧିକ ଲୋକ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ରୁଣ୍ଡ ହୋଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟା ପଣ୍ଡା ପ୍ରମୁଖ ପହଞ୍ଚି ପରିସ୍ଥିତିରେ ଅନୁଧ୍ୟାନ କରିଛନ୍ତି।

ଓଡ଼ିଶା ସରକାର
ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ

**ଆଧାର ସେବା ପାଇଁ ନିର୍ଦ୍ଧାରିତ ଶୁଳ୍କ**



ରାଜ୍ୟରେ ଖୋଲାଯାଇଥିବା ପଞ୍ଜିକରଣ କେନ୍ଦ୍ର ମାଧ୍ୟମରେ ଜନସାଧାରଣମାନଙ୍କୁ ଆଧାର ସେବା ପ୍ରଦାନ ନିମନ୍ତେ ନିମ୍ନଲିଖିତ ପରିବର୍ତ୍ତିତ ଶୁଳ୍କ ନିର୍ଦ୍ଧାରଣ କରାଯାଇଛି ।

୧. ନୂତନ କରି ଆଧାର ପଞ୍ଜିକରଣ ଓ ୫/୧୫ ବର୍ଷ ପରେ ଅନିବାର୍ଯ୍ୟ ବାୟୋମେଟ୍ରିକ୍ସ ନବୀକରଣ - ନିଃଶୁଳ୍କ
୨. ଆଧାର କାର୍ଡରେ ବାୟୋମେଟ୍ରିକ୍ସ ସଂଶୋଧନ ସହିତ ଅନ୍ୟ ଯେକୌଣସି ପ୍ରକାର ସଂଶୋଧନ - ୧୦୦ ଟଙ୍କା
୩. ଆଧାର କାର୍ଡରେ ବାୟୋମେଟ୍ରିକ୍ସ ବ୍ୟତୀତ ଅନ୍ୟ ସଂଶୋଧନ - ୫୦ ଟଙ୍କା
୪. ଆଧାରକାର୍ଡ ଡାଉନଲୋଡ ଏବଂ ରଂଗୀନ ପ୍ରିଣ୍ଟ - ୩୦ ଟଙ୍କା

ଏଣୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଅଛି କି ଯଦି କୌଣସି ଆଧାର ପଞ୍ଜିକରଣ କେନ୍ଦ୍ର ଧାର୍ଯ୍ୟ ଶୁଳ୍କ ଠାରୁ ଅଧିକ ଅର୍ଥ ଦାବି କରୁଥାନ୍ତି, ତେବେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବି.ଡି.ଓ) କିମ୍ବା ସହରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରନ୍ତୁ ।
"ଜନ ହିତରେ ଜାରୀ" ।

ଆଜିର୍ ସମୟର୍ ସବୁଠାରୁ ବଡ଼ ଆବଶ୍ୟକତା
ଷ୍ଟ୍ରଙ୍ଗ୍ ଇମ୍ୟୁନିଟି
CLINICALLY TESTED
"ଜୋଲି ତୁଳସୀ 51" ଏକ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ ଅଟେ
ଯାହାର ପରିଣାମ Lab tested ଅଟେ।




କେମିତି କାମ କରିଥାଏ Jolly Tulsi 51
ଯଦି ଇମ୍ୟୁନିଟି ମଜଭୁତ ହୋଇଥାଏ ତେବେ ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଇତ୍ୟାଦିର ଆକ୍ରମଣରୁ ପ୍ରତିରୋଧ କରାଯାଇପାରିବ। ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଲାବ୍ ଟେଷ୍ଟ (Clinical Trial)ରେ ଏହା ପ୍ରମାଣିତ ହୋଇଛି ଯେ ଯେଉଁ ବ୍ୟକ୍ତିମାନେ ଜୋଲି ତୁଳସୀ 51 ଡ୍ରପ୍‌ସ ନିୟମିତ ଭାବେ ସେବନ କରୁଥିଲେ ସେମାନଙ୍କ ଇମ୍ୟୁନିଟି ବହୁ ମାତ୍ରାରେ ବଢ଼ିଯାଇଛି।
ପାଞ୍ଚ ପ୍ରକାର ତୁଳସୀ ଦ୍ୱାରା ଅତି ବିଶେଷ ବିଧିରେ ପ୍ରସ୍ତୁତ ଅର୍କ

JOLLY
ତୁଳସୀ 51 ଡ୍ରପ୍‌ସ
ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗୀ ଜିଅନ୍ତୁ...

ଜୋଲି ତୁଳସୀ 51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି, ଯାହା ଗ୍ରାହକମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରୁଛି।

ମନେରଖନ୍ତୁ, ଯେପରି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ନୁହେଁ, ସେହିଭଳି ସବୁ ତୁଳସୀ ଡ୍ରପ୍‌ସ "ଜୋଲି ତୁଳସୀ 51 ଡ୍ରପ୍‌ସ" ଭଳି ହୋଇ ନ ଥାଏ ।

ଏଥିପାଇଁ ଷ୍ଟୋର୍‌ରୁ ତୁଳସୀ ଡ୍ରପ୍‌ସ ନୁହେଁ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ। ଯାହାର ପରିଣାମ ବିଶ୍ୱସନୀୟ ହେବା ସହ ଲାବ୍ ପ୍ରମାଣିତ ମଧ୍ୟ ଅଟେ।

Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..........................................



ମାନବିକ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁନାବେଶରେ ମହାପ୍ରଭୁ

■ ମହଣ ମହଣ ସୁନାରେ ଝଲସିଲେ ଠାକୁର
■ କରୋନା କଟକଣା ଯୋଗୁ ଦର୍ଶନରୁ ବଞ୍ଚିତ ଭକ୍ତ

**ପୁରୀ ଅଫିସ,୨।୭**

ସରି ଆସୁଛି ଶ୍ରୀଗୁଣ୍ଡିଚା ମହୋତ୍ସବ। ବୁଧବାର ନବଦିନାତ୍ମକ ଯାତ୍ରା ସାରିଜନ୍ମବେଦିରୁରତ୍ନବେଦିଅଭିମୁଖେବାହୁଡ଼ିଆସିଥିଲେମହାପ୍ରଭୁ। ଗୁରୁବାର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁଙ୍କ ସୁନାବେଶ ବା ବଡ଼ତଡାଉ ବେଶ ହୋଇଛି। ମହଣ ମହଣ ସୁବର୍ଣ୍ଣ ଅଳଙ୍କାରରେ ଝଲସିଛନ୍ତି ବିଶ୍ୱନିୟନ୍ତା। ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହୋଇଛି ଏହି ଦୁର୍ଲ୍ଲଭ ବେଶ। ହେଲେ ମହାବାହୁଙ୍କ ଏହି ବେଶକୁ ଦର୍ଶନ କରିପାରି ନାହାନ୍ତି ଶ୍ରଦ୍ଧାଳୁ। ମହାମାରୀ କରୋନା ଏଥିରେ ବାଧକ ସାଜିଛି। ଶୁକ୍ରବାର ରଥ ଉପରେ ଠାକୁରଙ୍କ ଅଧରପଣା ନୀତି ସମ୍ପନ୍ନ ହେବ। ଶନିବାର ନୀଳାଦ୍ରିବିଜେ। ଏହିଦିନ ନୀଳକନ୍ଦର ତଥା ଶ୍ରୀମନ୍ଦିର ରତ୍ନସିଂହାସନକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ରବିବାରଠାରୁ ମିଳିବ ନୀଳାଚଳ ଅବଢା, ହେଲେ କୋଭିଡ୍ ଗାଇଡ୍‌ଲାଇନ ଯୋଗୁ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ଶ୍ରଦ୍ଧାଳୁ।

ଗୁରୁବାର ସକାଳ ୬ଟାରୁ ସାଢେ ୬ଟା ମଧ୍ୟରେ ତିନିରଥରେ ମଙ୍ଗଳ ଆଳତି ନୀତି ବଢିଥିଲା। ଏହାପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ସକାଳ ୯ଟାରେ ଗୋପାଳ ବଲ୍ଲଭ ଭୋଗ ହୋଇଥିବାବେଳେ ଅପରାହ୍ନ ୧ଟା ୩୦ରେ ସକାଳ ଧୂପ ସରିଥିଲା। ପରେ ଅନ୍ୟାନ୍ୟ ନୀତି ବଢି ଅପରାହ୍ନ ୪ଟାରୁ ଠାକୁରଙ୍କ ସ୍ୱର୍ଣ୍ଣ ଅଳଙ୍କାର ରଥ ନିକଟକୁ ବିଜେ କରାଯାଇଥିଲା। ସାଢେ ୪ଟାରୁ ଶ୍ରୀବିଗ୍ରହମାନଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଆଦି ମୂଲ୍ୟବାନ ଧାତୁଖଚିତ ଅଳଙ୍କାରରେ ବେଶ କରିଥିଲେ ପୁଷ୍ପାଳକ ସେବକ ଏବଂ ଦଇତାପତି ସେବକ। ପ୍ରାୟ ଘଣ୍ଟାଏ ମଧ୍ୟରେ ଠାକୁରମାନେ ସୁନାବେଶରେ ସଜ୍ଜିତ ହୋଇଥିଲେ। ଶ୍ରୀବିଗ୍ରହମାନେ ଶ୍ରୀମସ୍ତକରେ କିରୀଟ, ଗଳାରେ ମାଳା, ଓଡ଼ିଆଣୀ, କାନକୁଣ୍ଡଳ ଆଦି ଧାରଣ କରିଥିଲେ। ବଡ଼ଠାକୁର ଏବଂ ଶ୍ରୀଜଗନ୍ନାଥଙ୍କୁ ଶ୍ରୀହସ୍ତ, ଶ୍ରୀପୟର, ହଳମୁଷଳ, ଶଙ୍ଖ, ଚକ୍ର ଆଦି ଲାଗି କରାଯାଇଥିଲା। ସୁନାବେଶରେ ଥାଇ ରଥ ଉପରେ ହିଁ ଠାକୁରମାନଙ୍କ ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ବଢିଥିଲା। ସୁନାବେଶ ମଇଲମ ପରେ ରଥାରୂଢ଼ ଠାକୁରଙ୍କ ଅନ୍ୟାନ ନୀତି ବଢିଥିଲା। ରଥ ଉପରେ କମ୍ ସଂଖ୍ୟକ ସେବାୟତ ରହିଥିଲେ। ରତ୍ନସିଂହାସନରେ ସୁନାବେଶ ବେଳେ ଠାକୁର ରାହୁରେଖା ଏବଂ ରତ୍ନଖଚିତ ଚିତା ଧାରଣ କରିଥାନ୍ତି। କିନ୍ତୁ ସୁନାବେଶ ବେଳେ ରଥାରୂଢ଼ ଠାକୁର ରାହୁରେଖା ଓ ରତ୍ନଖଚିତ ଚିତା ପରିବର୍ତ୍ତେ ସୋଲର ଚିତା ଧାରଣ କରିଥାନ୍ତି।

### ଶ୍ରୀବିଗ୍ରହଙ୍କୁ ଲାଗି ହେଉଥିବା ଅଳଙ୍କାର

ଶ୍ରୀବଳଭଦ୍ରଙ୍କ ଶ୍ରୀବିଗ୍ରହରେ ସନ୍ନିବେଶିତ ହେଉଥିବା ଅଳଙ୍କାରଗୁଡ଼ିକ ହେଲା ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣୀ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ଘାଗଡ଼ାମାଳ, କଦମ୍ବମାଳି, ତିଳକ, ଚନ୍ଦ୍ରିକା, ଅଳକା ଝୋବାକଣ୍ଠି (ଲୁଗାକୁ ଠିକ୍ ଭାବେ ରଖିବା ପାଇଁ), ହଳ, ମୁଷଳ, ବାହାଡ଼ାମାଳି, ବାଘନଖିମାଳି, ସେବତିମାଳି ଓ ତ୍ରିଖଣ୍ଡିକା କମରପଟି। ଦେବୀ ସୁଭଦ୍ରାଙ୍କୁ ଲାଗି ହେଉଥିବା ଅଳଙ୍କାରଗୁଡ଼ିକ ହେଲା କିରୀଟ, ଓଡ଼ିଆଣୀ, କାନ, ଚନ୍ଦ୍ରସୂର୍ଯ୍ୟ, ଘାଗଡ଼ାମାଳି, କଦମ୍ବମାଳି, ତଡ଼ଗି ୨ଟି ଓ ସେବତିମାଳି। ସେହିପରି ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହରେ ଲାଗି ହେଉଥିବା ଅଳଙ୍କାରଗୁଡ଼ିକ ହେଲା ଶ୍ରୀପୟର, ଶ୍ରୀଭୁଜ, କିରୀଟ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, କାନ, ଆଡକାନି, ଘାଗଡ଼ାମାଳି, ତାବିଜମାଳି, କଦମ୍ବମାଳି, ହରିଡ଼ା କଦମ୍ବମାଳି, ବାହାଡାମାଳି, ସେବତିମାଳି, ତିଳକ, ଚନ୍ଦ୍ରିକା, ଅଳକା, ଝୋବାକଣ୍ଠି, ସ୍ୱର୍ଣ୍ଣଚକ୍ର, ରୌପ୍ୟ ଶଙ୍ଖ ଏବଂ ତ୍ରିଖଣ୍ଡିକା କମରପଟି।

# ଜୁଲାଇ ୩୧ ପର୍ଯ୍ୟନ୍ତ ୪ ଭବନକୁ ମନା

**ଭୁବନେଶ୍ୱର,୨।୭(ବ୍ୟୁରୋ):** ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କିଛିଦିନ ମଧ୍ୟରେ ୩ଗୁଣ ବୃଦ୍ଧି ପାଇ ପାଖାପାଖି ୮ ହଜାରରେ ପହଞ୍ଚିଲାଣି। ସରକାରୀ କାର୍ଯ୍ୟାଳୟରେ ଯେପରି ସଂକ୍ରମଣ ନ ପହଞ୍ଚିବ ସେଥିପାଇଁ ସରକାର ଅଧିକ ଯତ୍ନବାନ ମଧ୍ୟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଦୁଇଦିନ ତଳେ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ(ଅଫିସରଙ୍କ ସମେତ) ବିଭାଗ ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ରାଜ୍ୟ ସରକାର ଆଉ ଏକ ବଡ଼ ନିଷ୍ପତ୍ତି ନେଇ ରାଜ୍ୟର ୪ ପ୍ରମୁଖ କାର୍ଯ୍ୟାଳୟ ଯଥା: ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ଏବଂ କୃଷି ଭବନ ଭିତରକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଲୋକଙ୍କୁ ଯିବା ପାଇଁ ବାରଣ କରିଛନ୍ତି। ଗୃହ ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର ମିଶ୍ର ସବୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନରଙ୍କୁ ଚିଠି କରି ଉପରୋକ୍ତ ୪ଟି ଯାକ ରାଜ୍ୟ ସରକାରଙ୍କ ପ୍ରମୁଖ କାର୍ଯ୍ୟାଳୟ ଭିତରକୁ ଜନସାଧାରଣଙ୍କ ପ୍ରବେଶରେ ରୋକ ଲଗାଇବା ପାଇଁ ଅନୁରୋଧ କରିଛନ୍ତି। ଯେଉଁମାନେ ପାସ୍ ନେଇଛନ୍ତି ସେସବୁକୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ରଦ୍ଦ କରାଯିବ। ଯଦି କୌଣସି ଜରୁରୀ କାର୍ଯ୍ୟରେ ଜନସାଧାରଣ କିମ୍ବା ପାସ୍ ହୋଲ୍ଡରମାନେ ଆସିବାକୁ ଚାହିଁବେ ତେବେ ସେମାନଙ୍କୁ ସମ୍ପୃକ୍ତ ବିଭାଗର ସଚିବଙ୍କ ମାଧ୍ୟମରେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଅନୁମତି ନେବାକୁ ପଡ଼ିବ।

# ରାଜ୍ୟ ବନ୍ଦରରୁ ବିଦେଶକୁ ମାଛ ରପ୍ତାନି ଯୋଜନା

**ଭୁବନେଶ୍ୱର,୨।୭(ବ୍ୟୁରୋ)**

ରାଜ୍ୟରେ ଥିବା ବନ୍ଦର ବାଟ ଦେଇ ବିଦେଶକୁ ସାମୁଦ୍ରିକ ମାଛ ରପ୍ତାନି କରିବା ପାଇଁ ଯୋଜନା କରାଯାଉଛି। ଏନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯିବ ବୋଲି ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି। ଗୁରୁବାର ଆୟୋଜିତ ରପ୍ତାନି ଉନ୍ନୟନ ବାଣିଜ୍ୟ ନିର୍ଦ୍ଦେଶାଳୟର ଏକ ସମୀକ୍ଷା ବୈଠକରେ ସାହୁ କହିଛନ୍ତି ଯେ, କେନ୍ଦ୍ରୀୟ ଡେପୁଟେଶନରୁ ଫେରି ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବଭାବେ ଦାୟିତ୍ୱ ନେବାପରେ ପ୍ରଥମ ବୈଠକ ଆୟୋଜନ କରି ଏହି ନିର୍ଦ୍ଦେଶାଳୟର ସମସ୍ତ କାର୍ଯ୍ୟକ୍ରମ ଉପରେ ଅବଗତ ହୋଇଥିଲେ। ସମ୍ପ୍ରତି ରାଜ୍ୟର ବନ୍ଦରଗୁଡ଼ିକରୁ ସାମୁଦ୍ରିକ ମତ୍ସ୍ୟ ରପ୍ତାନି ପାଇଁ ସୁଯୋଗ ନ ଥିବା ଏବଂ ଏଥିପାଇଁ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ବନ୍ଦର ଉପରେ ନିର୍ଭର କରୁଥିବା ନେଇ ଅବଗତ ହେବାପରେ ଏ ଦିଗରେ ପଦକ୍ଷେପ ନିଆଯାଇ ରହିଥିବା ସମସ୍ୟାର ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏନେଇ ଅଧିକ ଅନୁଧ୍ୟାନ କରିବାକୁ ସେ ଅଧିକାରୀମାନଙ୍କୁ କହିଛନ୍ତି।

# ଅଗଷ୍ଟରେ ବିଧାନସଭା ଅଧିବେଶନ କରାଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନରସିଂହ

ଭୁବନେଶ୍ୱର,୨।୭(ବ୍ୟୁରୋ)

ଆସନ୍ତା ଅଗଷ୍ଟ ତୃତୀୟ ସପ୍ତାହ ମଧ୍ୟରେ ବିଧାନସଭା ଅଧିବେଶନ ଡାକିବାକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏ ନେଇ ସେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଜଣାଇଛନ୍ତି। ନରସିଂହ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭ ହଜାରରେ ପହଞ୍ଚିଥିବାବେଳେ ଏହା ବେଳକୁ ବେଳ ଭୟଙ୍କର ହେବାରେ ଲାଗିଛି। ଲୋକମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଗଞ୍ଜାମ ଜିଲାର ଔଷଧ ଦୋକାନ ବନ୍ଦ ଥିବାରୁ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଔଷଧ ମିଳୁନାହିଁ। ପିଏଚ୍‌ସି ଏବଂ ସିଏଚ୍‌ସିରେ ଡାକ୍ତର ନାହାନ୍ତି। ଭୁବନେଶ୍ୱରରେ ଡାକ୍ତରମାନେ ରୋଗୀଙ୍କ ରକ୍ତଚାପ ମାପିବାକୁ କୁଣ୍ଠାବୋଧ କରୁଛନ୍ତି। ବଲାଙ୍ଗୀର ଜିଲାରେ ଡାକ୍ତରମାନେ ହସ୍ପିଟାଲକୁ ଆସୁନାହାନ୍ତି। ରାଜ୍ୟରେ ବେକାରି ସମସ୍ୟା ଉତ୍କଟ ହୋଇଛି। ଅନ୍ୟ ରାଜ୍ୟରୁ ଆସିଥିବା ଶ୍ରମିକମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଚାଷୀମାନେ ସେମାନଙ୍କ ଉତ୍ପାଦ ବିକ୍ରି କରି ପାରୁନାହାନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ଯାନବାହନ ଚଳାଚଳ ହେଉ ନ ଥିବାରୁ ଲୋକମାନଙ୍କର ଯାତାୟାତ ସ୍ଥାଣୁ ପାଲଟିଯାଇଛି। ରାଜ୍ୟର ବିଭିନ୍ନ ସମସ୍ୟା ଆଲୋଚନା ପାଇଁ ବିଧାନସଭା ଅଧିବେଶନ ଡାକିବାକୁ ନରସିଂହ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୭ ଜିଲାକୁ ସୁନାମି ...

ଓସେନ ଇନଫର୍ମ ସିଷ୍ଟମ(ଆଇଏନ୍‌ସିଓଆଇଏସ୍) ପକ୍ଷରୁ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକର ବଙ୍କିପାଲି(ଭେଙ୍କଟରାୟପୁର) ଏବଂ ଜଗତ୍‌ସିଂହପୁର ଜିଲା ନୋଳିଆସାହି ପଞ୍ଚାୟତର ଗଡ଼ ହରିଶପୁର ଗ୍ରାମକୁ ସୁନାମି ପ୍ରସ୍ତୁତି ଗ୍ରାମ ଭାବେ ଚିହ୍ନଟ କରାଯାଇଛି। ଏହି ଦୁଇଟି ଗ୍ରାମରେ ତାଲିମ କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଏହି ଦୁଇଟି ଗ୍ରାମକୁ ୟୁନେସ୍କୋ ପକ୍ଷରୁ ସୁନମି ପ୍ରସ୍ତୁତି ଗ୍ରାମ ଭାବେ ଘୋଷଣା କରାଯିବ। ମୋବାଇଲ ଏସ୍‌ଏମ୍‌ଏସ୍, ଡିଜିଟାଲ ରେଡିଓ ଏବଂ ସାଇରନ୍ ମାଧ୍ୟମରେ ଲୋକାମାନଙ୍କୁ ସୁନାମି ଆସିବା ପୂର୍ବରୁ ସତର୍କ ସୂଚନା ଦିଆଯିବ। ଏହି ଖବର ପାଇବା ମାତ୍ରେ ଲୋକମାନେ କେଉଁ ସ୍ଥାନକୁ ଯିବେ ସେ ନେଇ ତାଲିମ ଦିଆଯାଇଛି। ଆଇଏନ୍‌ସିଓଆଇଏସ୍ ସୂଚନା ଦେବା ମାତ୍ରେ ସୁନାମି ଆସିବାର ୩ ଘଣ୍ଟା ପୂର୍ବରୁ ସାଇରନ ବାଜିଉଠିବ। ଏହାର ଶବ୍ଦ ପ୍ରାୟ ଦେଢ଼ କିଲୋମିଟର ଯାଏ ଶୁଣାଯିବ। ଆଇଏନ୍‌ସିଓଆଇଏସ୍‌କୁ ସୂଚନା ମିଳିବା ମାତ୍ରେ ତୁରନ୍ତ ରାଜ୍ୟ ଆଇଏମ୍‌ଡି ଆଞ୍ଚଳିକ ଶାଖାକୁ ସୂଚନା ଆସିବ। ରାଜ୍ୟ ସରକାରଙ୍କୁ ସୂଚନା ମିଳିବା ମାତ୍ରେ ତୁରନ୍ତ ସୁନାମିପ୍ରବଣ ଜିଲା, ବ୍ଲକ, ପଞ୍ଚାୟତଗୁଡିକୁ ତତ୍‌କ୍ଷଣାତ ଜଣାଇ ଦିଆଯିବ। ଏହି ଶବ୍ଦ ଶୁଣିବାମାତ୍ରେ ତାଲିମପ୍ରାପ୍ତ ଲୋକମାନେ ଅନ୍ୟ ଲୋକମାନଙ୍କୁ ସତର୍କ କରାଇ ସୁରକ୍ଷିତ ସ୍ଥାନକୁ ଯିବାକୁ ପରାମର୍ଶ ଦେବେ। କୋଭିଡ୍ ଯୋଗୁ ସୁନାମି ପ୍ରସ୍ତୁତି କାର୍ଯ୍ୟ ଆଗେଇ ପାରୁ ନାହିଁ ବୋଲି ଓସ୍‌ଡମାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ୧୩ରୁ ୟୁଜି, ପିଜି ଛାତ୍ରୀଛାତ୍ରଙ୍କ...

ଗ୍ରୁପ୍ କରି ପାଠ ପଢ଼ାଇବେ। ଏହାଠାରୁ ଅଧିକ ପିଲାଙ୍କୁ ଗ୍ରୁପ୍‌ରେ ସାମିଲ କରାଯିବ ନାହିଁ। ଘରେ ପଢ଼ିବା ପାଇଁ ଶିକ୍ଷକମାନେ ପିଲାଙ୍କୁ ଖାତାର ସଫ୍ଟକପି, ଟେକ୍ସଟ୍ ବୁକ୍, ରେଫରେନ୍ସ ବୁକ୍, ପିପିଟି ଭଳି ଇ-ମ୍ୟାଟେରିଆଲ ଏବଂ ଇ-କଣ୍ଟେଣ୍ଟ ହ୍ୱାଟ୍‌ସଆପ୍ କିମ୍ବା ଇ-ମେଲ୍ ଯୋଗେ ପଠାଇବେ। ଅଧ୍ୟାପକମାନେ କଲେଜ କ୍ୟାମ୍ପସ ଏବଂ କ୍ଲାସ୍‌ରୁମ୍‌ରେ ଥାଇ ଅନ୍‌ଲାଇନ କ୍ଲାସ୍ କରିବା ବାଧ୍ୟତାମୂଳକ ହେବ। ଗୁଗଲ ମିଟ୍, ଜୁମ୍, ସ୍କାଏପି ଭଳି ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଦିନକୁ ଅତିକମ୍‌ରେ ୨ରୁ ୩ ଘଣ୍ଟାଏ ଲେଖାଏ ସପ୍ତାହକୁ ୩ଦିନ ପାଠ ପଢାଇବେ। ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗଦେଉଥିବା ପିଲାମାନଙ୍କ ଆଟେଣ୍ଡାନ୍ସ ରେଜିଷ୍ଟାର ବା ଉପସ୍ଥାନ ରଖାଯିବ। ପ୍ରତ୍ୟେକ ବିଭାଗ ନିଜ ନିଜ କ୍ଲାସ୍‌ର ଟାଇମ୍ ଟେବୁଲ୍ ନିର୍ଦ୍ଧାରଣ କରି ତାକୁ କଲେଜ ଅଧ୍ୟକ୍ଷଙ୍କ ନିକଟକୁ ପଠାଇବା ପରେ କଲେଜ ଅଧ୍ୟକ୍ଷ ମାଷ୍ଟର ଟାଇମ୍ ଟେବୁଲ୍ ପ୍ରସ୍ତୁତ କରିବେ। ପରେ ଏହାକୁ କଲେଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବା ସହ ଛାତ୍ରୀଛାତ୍ରଙ୍କୁ ହ୍ୱାଟ୍‌ସଆପ୍ କିମ୍ବା ମେଲ୍ ଯୋଗେ ପଠାଯିବ। ଅନ୍‌ଲାଇନ କ୍ଲାସ୍ କିପରି ଚାଲିଛି ତା'ର ତଦାରଖ କଲେଜ ଅଧ୍ୟକ୍ଷମାନେ କରିବେ। ଏହାବ୍ୟତୀତ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ଏବଂ ଆଞ୍ଚଳିକ ଶିକ୍ଷା ଅଧିକାରୀମାନେ ମଝିରେ ମଝିରେ କଲେଜକୁ ଯାଇ ଅନ୍‌ଲାଇନ୍ ଶିକ୍ଷାର ତଦାରଖ କରିବେ।

### ଖଣି ଭୁଶୁଡ଼ି ...

ସୁନାମି ଭଳି କାଦୁଅ ପାଣିର ଢେଉ ଉକ୍ତ ଖଣି ମଧ୍ୟକୁ ମାଡ଼ିଆସିଥିଲା। ମୃତ୍ୟୁମୁଖରୁ ବର୍ତ୍ତିବା ପାଇଁ ଶ୍ରମିକମାନେ ଉପରକୁ ଉଠିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପାହାଡ଼ ତଳଭାଗରେ ଥିବା ଲୋକେ ମୁହୂର୍ତ୍ତକ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏବେ ମଧ୍ୟ ୧୦୦ରୁ ଅଧିକ ନିଖୋଜ ଥିବାବେଳେ ୩୦ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ୟାଙ୍ଗୁନ୍ ସହରଠାରୁ ୯୫୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଅଞ୍ଚଳ ବିଶ୍ୱର ବୃହତ ଜେଡ୍ ଖଣି ଶିଳ୍ପର କେନ୍ଦ୍ରସ୍ଥଳ। ଏଠାର ଖଣିଗୁଡ଼ିକ ଉପରେ ସରକାରଙ୍କର ଉପଯୁକ୍ତ ନିୟନ୍ତ୍ରଣ ନ ଥିବାବେଳେ ସାରା ଦେଶରୁ ଗରିବ ଶ୍ରମିକମାନେ ଏଠାକୁ ରତ୍ନପଥର ସଂଗ୍ରହ କରିବାକୁ ଆସିଥାନ୍ତି। ବଡ଼ ଖଣି ଅପରେଟରମାନେ ମୂଲ୍ୟବାନ୍ ରତ୍ନପଥର ସଂଗ୍ରହ କରିନେବା ପରେ ସେଠାରେ ଯେଉଁ କ୍ଷୁଦ୍ର କଣିକା ସବୁ ପଡିରହିଥାଏ, ସେଗୁଡ଼ିକୁ ସଂଗ୍ରହ କରି ଏହି ଗରିବ ଶ୍ରମିକମାନେ ଗୁଜୁରାଣ ମେଣ୍ଟାଇଥାନ୍ତି। ଅନେକ ସମୟରେ ଏଠାରେ ଭୂସ୍ଖଳନ ଓ ଅନ୍ୟାନ୍ୟ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଇଥାଏ। ତେବେ ଗତ ୫ ବର୍ଷ ମଧ୍ୟରେ ଏହା ସବୁଠୁ ବଡ଼ ଦୁର୍ଘଟଣା ବୋଲି କୁହାଯାଉଛି। ୨୦୧୫ରେ ଉକ୍ତ ଖଣି ଭୁଶୁଡ଼ି ୧୧୬ ଜଣଙ୍କ ମୃତ୍ୟୁ ଘଟିଥିଲା।

### ରୋଗ ବାଣ୍ଟି ଚିକିତ୍ସାରେ ...

ଷ୍ଟିଲ୍ ମେଡିକା ହସ୍ପିଟାଲ ପ୍ରତିଷ୍ଠା ପରେ ଶିଳ୍ପାୟନ ଦ୍ୱାରା ପ୍ରଭାବିତ ଲୋକଙ୍କ ମଧ୍ୟରେ ଆରୋଗ୍ୟ ହେବାର ଆଶା ସୃଷ୍ଟି କରିଥିଲା। ଏଠାରେ ବିସ୍ଥାପିତ କିଡ୍‌ନୀ ରୋଗୀଙ୍କ ଡାଏଲିସିସ୍ କରାଯାଇ ବିସ୍ଥାପିତମାନଙ୍କୁ ମାଗଣାରେ ଚିକିତ୍ସା କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ କେବଳ ଡାଏଲିସିସ୍ ବାବଦରେ ବିସ୍ଥାପିତ ଓ ସାଧାରଣ ଲୋକଙ୍କଠାରୁ ୧୨୦୦ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ନିଆଯାଉଛି। ଏହାବାଦ ଅନ୍ୟାନ୍ୟ ପରୀକ୍ଷା ଓ ଚିକିତ୍ସା ବାବଦରେ ମାତ୍ରାଧିକ ଅର୍ଥ ନିଆଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ସୁକିନ୍ଦା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାଙ୍କୁ ଅର୍ଥ ପାଇଁ ଚିକିତ୍ସା ନ କରି ଫେରାଇ ଦେବା ପରେ ଆନ୍ଦୋଳନ ଭଳି ପରିସ୍ଥିତି ଉପୁଜିଥିଲା। ସେହିପରି ୨୩।୧୧।୨୦୧୮ରେ ଦାନଗଦି ବ୍ଲକ ତ୍ରିଜଙ୍ଗା ଗ୍ରାମର ଜଣେ ଗରିବ ଲୋକଙ୍କ ମୃତ୍ୟୁ ପରେ ଟଙ୍କା ପାଇଁ ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ କର୍ତ୍ତୃପକ୍ଷ ଶବକୁ ବନ୍ଧା ପକାଇବା ଭଳି ଘଟଣା ଘଟିଛି। ବିଡ଼ମ୍ବନା ଯେ, ଏହି ଟାଟା ହସ୍ପିଟାଲରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ସହାୟତାରେ ଚିକିତ୍ସା ହେଉ ନ ଥିବା ଅଭିଯୋଗ ହୋଇଛି। ପୂର୍ବରୁ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିବା ଉପରୋକ୍ତ ଯୋଜନା ସହାୟତାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ କଳିଙ୍ଗନଗରର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ନିର୍ଦ୍ଦେଶ ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉନାହିଁ। ବାଲିଗୋଠ ଗ୍ରାମର ବିସ୍ଥାପିତ ସାଧୁରାମ କାଲୁଣ୍ଡିଆ କୁହନ୍ତି, ଟାଟା ଷ୍ଟିଲ୍ ପ୍ରଦୂଷଣରେ ଶତାଧିକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲକୁ ଚିକିତ୍ସା ପାଇଁ ଗଲେ ବିଭିନ୍ନ ପରୀକ୍ଷା ବାବଦରେ ବିପୁଳ ଟଙ୍କା ଲୁଟି ନେଉଛନ୍ତି। ସେହି ପରୀକ୍ଷା ବାବଦରେ ବିଲ୍ ଜମା କରିବା ପରେ କମ୍ପାନୀରୁ ଟଙ୍କା ମିଳିବ ବୋଲି କହୁଛନ୍ତି। କିନ୍ତୁ ବିଲ୍ ଜମା କରିବା ପରେ କିଛି ମିଳୁନାହିଁ। ବିସ୍ଥାପିତ ବାବଦକୁ ବାର୍ଷିକ ପାଉଣା ମଧ୍ୟ ବୃଦ୍ଧି ହେଉନାହିଁ ବୋଲି ସେ କହିଛନ୍ତି। ବିସ୍ଥାପିତ ନେତ୍ରୀ ସିନି ସଏ କୁହନ୍ତି, ଗୁଳିକାଣ୍ଡରେ ଶହୀଦ ହୋଇଥିବା କେତେକ ପରିବାରଙ୍କୁ ଏ ଯାଏ ଠିକ୍ ଭାବେ ଥଇଥାନ କରାଯାଇନାହିଁ। ଟାଟା ମେଡିକା ହସ୍ପିଟାଲକୁ ଚିକିତ୍ସା ପାଇଁ ଗଲା ମାତ୍ରେ ସାଧାରଣ ରୋଗକୁ ମଧ୍ୟ କିଡ୍‌ନୀ ରୋଗ ବୋଲି କହି ଡାଏଲିସିସ ବାହାନାରେ ଟଙ୍କା ଆଦାୟ କରାଯାଉଛି। ଏ ସଂକ୍ରାନ୍ତରେ ଟାଟା ମେଡିକାର ଇନ୍‌ଚାର୍ଜ ସୁଧାଂଶୁ ଶେଖର ସୂତାରଙ୍କୁ ପଚାରିବାରୁ ସେ କହିଛନ୍ତି, ଡାଏଲିସିସ ପାଇଁ ୧୫୦୦ ଟଙ୍କା ଏବଂ ବିପିଏଲ୍ ପରିବାରଙ୍କଠାରୁ ୧୨୦୦ ଟଙ୍କା ନିଆଯାଉଛି। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ବିଜୁ କୃଷକ କଲ୍ୟାଣ ଯୋଜନାର ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ଜଣେ ସ୍ୱତନ୍ତ୍ର ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଆଇନ ଅନୁଯାୟୀ ଏହି କାର୍ଡଧାରୀଙ୍କୁ ସୁବିଧା ଦିଆଯାଉଛି। ଏହାସହ ଟାଟା ଷ୍ଟିଲ୍ ଓ ହସ୍ପିଟାଲ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ରୋଗୀଙ୍କଠାରୁ ଅର୍ଥ ନିଆଯାଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଅଷ୍ଟମସ୍ଥ ବଳହୀନ ଚନ୍ଦ୍ର ମାନସିକ ଅସ୍ଥିରତାକୁ ବୃଦ୍ଧି କରିବ। କିନ୍ତୁ ଧନସ୍ଥାନରୁ ଶୁକ୍ର ଦୃଷ୍ଟସ୍ଥ ହେତୁ କୌଣସି ବିବାଦୀୟ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ସମସ୍ୟା ଅବଶ୍ୟ ରହିବ,କିନ୍ତୁ କିଛି ଅସୁବିଧା ହେବନାହିଁ, କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ।

**ବୃଷ**
ସ୍ୱଗୃହସ୍ଥ ରାଶ୍ୟାଧିପତିଙ୍କ ଶୁଭ ପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମିଥୁନ**
ଧନାଧିପ ଷଷ୍ଠସ୍ଥ ହେତୁ ରୋଗପୀଡା,ଋଣଗ୍ରସ୍ତ ଓ ଶତ୍ରୁତା ହେତୁକ ଚିନ୍ତିତ ରହିପାରନ୍ତି। ଆଜି ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପାରିବାରିକ ସ୍ତରରେ ପୁରୁଣା କଥାକୁ ଦୋହରାଇଲେ ସମସ୍ୟା ଆସିପାରେ। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ସମସ୍ୟା ବହୁଳ ରହିବ।

**କର୍କଟ**
କ୍ରମବର୍ଦ୍ଧିଷ୍ଣୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅଶାନ୍ତିର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ପାଇବେ, ମାତ୍ର ଆଶାନୁରୂପ ହେବାର କ୍ଷୀଣଆଶା ରହିଛି।। ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିପାରେ।

**ସିଂହ**
ଆଜି ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ମାତ୍ରାଧିକ ଭ୍ରମଣ ଯୋଗୁଁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିପାରନ୍ତି। ପ୍ରଶାସନିକ ସ୍ତରରେ କିମ୍ବା ସାଂଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**
ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାମ ଗୁଡିକ ସମ୍ପନ୍ନ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି କାମ କରିବା ଠିକ୍ ହେବନି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, କୌଣସି କାରଣ ନ ଥାଇ ଅନ୍ୟମାନେ ଆପଣଙ୍କୁ ଦୋଷ ଦେଇପାରନ୍ତି।

**ତୁଳା**
ସକାଳୁ ସକାଳୁ ସରକାରୀ ସ୍ତରରୁ କୌଣସି ଶୁଭ ଖବର ପାଇ ମନ ଏକଦମ୍ ଖୁସୀ ହୋଇଯିବ। କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ବିଛା**
ଅସାବଧାନତା କାରଣରୁ କିମ୍ବା ଅନ୍ୟମନସ୍କ ହେତୁ ଦରକାରି କାଗଜପତ୍ର କିମ୍ବା ଟଙ୍କା ପଇସା ହଜି ଯାଇପାରେ। ସ୍ଥଗିତ କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଭୁଲ୍ ବୁଝାମଣାଜନିତ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରି ଆଶ୍ୱସ୍ତି ଲାଭ କରିବେ।

**ଧନୁ**
ସୁନ୍ଦର ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆତ୍ମୀୟମାନଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଆଇନଜ୍ଞଙ୍କ ପରାମର୍ଶ ପାଇଁ ବାରମ୍ବାର ଦୌଡିବାକୁ ପଡିପାରେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବାର ନିମନ୍ତ୍ରଣ ପାଇପାରନ୍ତି।

**ମକର**
ସାମାନ୍ୟ ଅସୁସ୍ଥତାଜନିତ କାରଣରୁ ମନଟା ଭଲ ଲାଗିବ ନାହିଁ, ଯାହାକି ଆରମ୍ଭ କରିଥିବା କାମଟିକୁ ନିରୁତ୍ସାହିତ କରିବ। କଳାସାହିତ୍ୟ, ସାମ୍ବାଦିକତାରେ ପରିବାର ଭିତରେ, ପରିବହନରେ ସମସ୍ୟା ସମାଧାନର ଆଶା ରହିଛି। କର୍ମକ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**
କାମଗୁଡିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାଜନକ ହୋଇପାରୁଛି ଆପଣଙ୍କ ପାଇଁ ତାହା କଷ୍ଟକର ହୋଇପାରେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟମାନଙ୍କ ସହାୟତା ନେବାକୁ ପଡିବ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**ମୀନ**
କର୍ମକ୍ଷେତ୍ରରେ ଅସୁବିଧା ଦେଖାଦେଲେ ମଧ୍ୟ ସବୁ ଠିକ୍ ହୋଇଯିବ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିପାରେ। ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରି କଟୁ କଥା କହିବାକୁ ପଛାଇବେ ନାହିଁ।

ଆଜି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶୁକ୍ରବାର, ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥ ଉପରେ ଅଧରପଣା ନୀତି, ଶିବ ଚତୁର୍ଦ୍ଦଶୀ ଓ ବେଢା ପରିକ୍ରମା, ଜୁଲାଇ ୩ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୨.୧୭ମି. ଗତେ ଘ.୦୨.୫୫ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୬ମି. ଗତେ ଘ.୦୮.୩୬ମି. ମଧ୍ୟେ, ରାତ୍ରି ଘ.୧୨.୫୬ମି. ଗତେ ଘ.୦୩.୦୬ମି. ମଧ୍ୟେ, ଘ.୦୩.୪୯ମି. ଗତେ ଘ.୦୫.୧୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୮ମି. ଗତେ ଘ.୦୭.୦୧ମି. ମଧ୍ୟେ, ଦିବା ଘ.୦୯.୩୯ମି. ଗତେ ଘ.୧୦.୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୨ମି. ଗତେ ଘ.୧୧.୫୧ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302





**SALE**

**2000sqft. plot with 30ft road, boundary wall, Electricity near Infosys-II, Janla, Bhuasuni Temple. 9438400633.** D-69126

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, outright. 9348232008, 6371569855. D-69128

ଭୁବନେଶ୍ୱର ସୁନ୍ଦରପଦାରେ ଘର କରିବା ପ୍ଲଟ୍ sqft.-950/, Xavier University ପାଖରେ 310/-, plot booking 20,000/-, 9938016295. D-69125

**ଭୁବନେଶ୍ୱର ପିତାପଲ୍ଲୀ ଛକ NH sideରେ boundary wall, 30ft. ରାସ୍ତା ସହିତ plot ମିଳୁଛି ଏବଂ ଜଟଣୀଗେଟ୍‌ରୁ 500, ଦୂରତାରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। 6370292040.** D-69127

**2Bedrooms and 2Bathrooms with Drawing cum Dining, Kitchen, Pujaroom with individual parking for sale at Tankapaniroad, Bhubaneswar. Plz call for details: 9438109040, 8144658008.** D-17651

**GENERAL**

**SALE**

ଗାୟତ୍ରୀ କ୍ଲୋନ୍‌ସ ନର୍ସରୀ ଇଉକାଲିପଟାସ୍ କ୍ଲୋନ୍‌ସ ଚାରାପାଇଁ ଯୋଗାଯୋଗ କରନ୍ତୁ। 9658244357, 8249372486. D-69517

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Monalisa massage club : All types body massage with hiprofile smart lady rooms service available 9708545108. D-17618

Get refreshment body massage by expert therapist (Home service). 9556978408. D-69298

Rejuvenate and Ayurvedic full body massage by smart therapist. 9114402304. D-69299

Newly open full body massage SPA in Bhubaneswar. Contact: 7205058838. D-69292

Experience full body massage with us (expert). Call: 7377048581, 06742597822. D-69293

Full body herbal massage with refreshment expert therapist. 7381239385, 06742540855. D-69294

**AFFIDAVIT**

By virtue of an affidavit sworn before the Executive Magistrate, Sambalpur I Seema Mishra, W/o- Ashok Kumar Mishra (No. 6314119Y Rank HAV), presently R/o- Putibandh, PO- Dhanupali, Dist- Sambalpur declare that after marriage I have changed my name from Basanti Pati to Seema Mishra for all purposes. D-17647

**ସୋନୁର ବ୍ରତୋପନୟନ ଶୁଭେଚ୍ଛା**



**ସୁର୍ନଲ ଭାରତୀ (ସୋନୁ)**
ବିଲିପଢ଼ା, ପିପିଲି, ପୁରୀ
ତୋର ଶୁଭ ବ୍ରତୋପନୟନ ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାର ଆଶୀର୍ବାଦ ସଦାସର୍ବଦା ବର୍ଷୁଥାଉ ଓ ଚଲାପଥ କୁସୁମିତ ହେଉ, ଏତିକି ପ୍ରାର୍ଥନା।
**-:ଶୁଭେଚ୍ଛା ସହ:-**
ଜେଜେ ବାପା: ଅନାମ, ଜେଜେ ମା: ଗୀତାଞ୍ଜଳି, ବାପା: ରାକେଶ, ମାମା: ମମତା, ଗୁଗୁ, ବର୍ଷା, ଖୁସି, ସୁମି, ବିପିନ, ରିସି, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୫୧୮

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ଭାଜପା ନେତାଙ୍କୁ କରୋନା

**ଭୁବନେଶ୍ୱର,୨।୭(ବ୍ୟୁରୋ):** ଜଣେ ଭାଜପା ନେତାଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କ କରୋନା ପଜିଟିଭ୍ ବାହାରିଛି। ସେ ଭୁବନେଶ୍ୱରସ୍ଥିତ ଟଙ୍କପାଣି ରୋଡ୍ ଅଞ୍ଚଳରେ ରୁହନ୍ତି। ପଜିଟିଭ୍ ଚିହ୍ନଟ ହେବା ପରେ ଦଳୀୟ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। କିଛିଦିନ ତଳେ ସେ ଦଳର ରାଜ୍ୟ ସଭାପତିଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କୁ ଭେଟିଥିଲେ।

# ୨୦୨୩ ଏପ୍ରିଲ ସୁଦ୍ଧା ଘରୋଇ ଟ୍ରେନ



- ସ୍ପଷ୍ଟ କଲେ ରେଳ ବୋର୍ଡ ଅଧ୍ୟକ୍ଷ
- ୧୦୯ ଯୋଡା ରୁଟ ଚୂଡାନ୍ତ
- ୧୫୧ ଘରୋଇ ଟ୍ରେନ ଚଳାଇବାକୁ ଯୋଜନା

**ନୂଆଦିଲ୍ଲୀ,୨।୭**

ଦେଶରେ ୨୦୨୩ ଏପ୍ରିଲ ସୁଦ୍ଧା ଘରୋଇ ଟ୍ରେନ ଗଡିବ। ଏଥି ଲାଗି ସମାନ ରୁଟରେ ଯାତ୍ରୀ ଭଡା ବିମାନ ଭଡା ସହ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ ବୋଲି ରେଲୱେ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଅନ୍‌ଲାଇନରେ ଏକ ଖବରଦାତା କାର୍ଯ୍ୟକ୍ରମରେ ରେଳବୋର୍ଡ ଅଧ୍ୟକ୍ଷ ଭି.କେ.ଯାଦବ କହିଛନ୍ତି ଯେ, ଟ୍ରେନ ଚଳାଚଳ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଯୋଗଦାନ ଦ୍ୱାରା ଅତ୍ୟାଧୁନିକ ଟେକ୍ନୋଲୋଜି, କୋଚ୍ ଗୁଡିକରେ ଭିନ୍ନତା ଏବଂ ଟ୍ରେନ ସ୍ପିଡରେ ଉନ୍ନତି ଆଣିବାରେ ସହାୟକ ହେବ। ବର୍ତ୍ତମାନ କୋଚଗୁଡିକ ୪ ହଜାର କିମି ଯାତ୍ରା କରିବା ପରେ ମେଣ୍ଟେନାନ୍ସ କରାଯାଉଛି। ନୂଆ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ୪୦ ହଜାର କିମି ଯାତ୍ରା କିମ୍ବା ମାସିକ ଥରେ କି ଦୁଇଥର କୋଚ୍‌ଗୁଡିକୁ ମେଣ୍ଟେନାନ୍ସ କରିବାକୁ ପଡିବ ବୋଲି ଯାଦବ ମତବ୍ୟକ୍ତ କରିଛନ୍ତି।

ରେଳ ଚଳାଚଳ କ୍ଷେତ୍ରରେ ଘରୋଇକ୍ଷେତ୍ରକୁ ସୁଯୋଗ ଦେବାକୁ ରେଲୱେ ପୂର୍ବରୁ ଯୋଜନା ସମ୍ପର୍କରେ ଘୋଷଣା କରିଥିଲା। ୧୦୯ ଯୋଡା ରୁଟରେ ୧୫୧ ଘରୋଇ ଟ୍ରେନ ଚଳାଚଳ ଲାଗି ଏହା ଯୋଗ୍ୟତା ପାଇଁ ଅନୁରୋଧ ପତ୍ର (ଆର୍‌ଏଫ୍‌କ୍ୟୁ) ଆହ୍ୱାନ କରିଥିଲା। ରେଳପଥ ବର୍ତ୍ତମାନ ୨,୮୦୦ ମେଲ ଏବଂ ଏକ୍ସପ୍ରେସ ଟ୍ରେନ ଏହାର ନେଟୱର୍କରେ ପରିଚାଳନା କରୁଛି। ଏହା ମଧ୍ୟରୁ ମାତ୍ର ୫% ଘରୋଇ କ୍ଷେତ୍ର ଦ୍ୱାରା ପରିଚାଳନା କରାଯିବ ବୋଲି ଯାଦବ ସ୍ପଷ୍ଟ କରିଛନ୍ତି। ଟ୍ରେନସେଟ୍‌ଗୁଡିକୁ ପ୍ରାଇଭେଟ ସଂସ୍ଥା କ୍ରୟ କରବା ସହ ଏହାର ପରିଚାଳନା କରିବେ। ମେକ୍ ଇନ ଇଣ୍ଡିଆ ନୀତି ଅନୁସାରେ କୋଚଗୁଡିକୁ କ୍ରୟ କରାଯିବ। ବିମାନ ଏବଂ ବସ୍ ଭଡାକୁ ଧ୍ୟାନରେ ରଖି ଘରୋଇ ଟ୍ରେନଗୁଡିକରେ ଭଡାକୁ ପ୍ରତିଦ୍ୱନ୍ଦ୍ୱିତାମୂଳକ କରାଯିବ।

ଯାଦବ ପୁଣି କହିଛନ୍ତି ଯେ, ଯାତ୍ରୀ ଚାହିଦା ଭିତ୍ତିରେ ଘରୋଇଟ୍ରେନଗୁଡିକ ଉପଲବ୍ଧ କରାଯିବ। ଏହା ଦ୍ୱାରା ୱେଟିଂଲିଷ୍ଟରେ ରହୁଥିବା ଯାତ୍ରୀଙ୍କ ସଂଖ୍ୟା କମ୍ କରାଯାଇ ପାରିବ। ରେଲୱେର ଟ୍ରାକ, ଷ୍ଟେଶନ, ରେଳ ଭିତ୍ତିଭୂମି ଏବଂ ବିଦ୍ୟୁତ ଚାର୍ଜ ବ୍ୟବହାର କ୍ଷେତ୍ରରେ ଘରୋଇ କମ୍ପାନୀଙ୍କ ଲାଗି ଏକ ଚାର୍ଜ ନିର୍ଦ୍ଧାରଣ କରାଯିବ। ପ୍ରତିଦ୍ୱନ୍ଦ୍ୱିତାମ୍ବକ ବିଡିଂ ଦ୍ୱାରା ଭାରତୀୟ ରେଳପଥକୁ ଏହି କମ୍ପାନୀଗୁଡିକ ରାଜସ୍ୱର ଏକ ଅଂଶ ପ୍ରଦାନ କରିବେ। ପରିଚାଳନା କ୍ଷେତ୍ରରେ ୯୫% ସମୟାନୁବର୍ତ୍ତିତା ଏବଂ ଅନ୍ୟ ନିର୍ଦ୍ଧାରିତ ନିୟାମାବଳୀକୁ ଧ୍ୟାନ ଦେବାକୁ ପଡିବ। ଗୁଣବତ୍ତା ସେବା ଏବଂ ପରଫରମାନ୍ସ ଠିକ୍ ନ ରହିଲେ ଜରିମାନା ବ୍ୟବସ୍ଥା ମଧ୍ୟ ରହିଛି। ପ୍ରତି ରେଳ ଇଞ୍ଜିନରେ ଏକ ଶକ୍ତି ମିଟର ଲାଗିବ ଫଳରେ କେତେ ପରିମାଣର ବିଦ୍ୟୁତ ଖର୍ଚ୍ଚ ହୋଇଛି ତାହା ମାପିବାରେ ସହାୟକ ହେବ। ଭାରତୀୟ ରେଳପଥ ୯୫% ଟ୍ରେନ ଚଳାଇବ। ନୂଆ ପଦକ୍ଷେପ ଦ୍ୱାରା ଯାତ୍ରୀଙ୍କୁ ଉନ୍ନତ ସେବା, ଟେକ୍ନୋଲୋଜି ଏବଂ ଭଡାରେ ସ୍ୱଳ୍ପତା ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ଯାଦବ ମତ ଦେଇଛନ୍ତି।

# ଓଡ଼ିଶାରେ ହେବ ପ୍ଲାଜ୍‌ମା ଥେରାପି

- ଗୋଟିଏ ସରକାରୀ,୩ ଘରୋଇ ହସ୍ପିଟାଲରେ ହେବ କାର୍ଯ୍ୟକାରୀ
- ବୈଷୟିକ ଟିମ୍ ଗଠନ ଲାଗି ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨।୭(ବ୍ୟୁରୋ):** ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବାକୁ ସରକାର ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଏଭଳି ସ୍ଥିତିରେ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ କୌଣସି ଭ୍ୟାକ୍ସିନ ବାହାରି ନ ଥିବାବେଳେ ସରକାର ଅତ୍ୟାଧୁନିକ ପ୍ଲାଜ୍‌ମାଥେରାପି ଉପଲବ୍ଧ କରିବାକୁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଗୁରୁବାର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ଏହି ଥେରାପି ମାଧ୍ୟମରେ କରୋନା ରୋଗୀଙ୍କ ଚିକିତ୍ସା ପଦ୍ଧତି ନିରୂପଣ କରିବାକୁ ଏକ ବୈଷୟିକ କମିଟି ଗଠନ ଲାଗି ମନ୍ତ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଚିକିତ୍ସା ପଦ୍ଧତି ନିରୂପଣ ସହିତ ସଫଳ ରୂପାୟନ ଲାଗି ଏକ ମାର୍ଗଦର୍ଶିକା ପ୍ରସ୍ତୁତି, ସଚେତନତା ସୃଷ୍ଟି ଏବଂ ଏଥିରେ କେଉଁ ରୋଗୀ ଉପକୃତ ହେବେ ସେନେଇ କମିଟି ସରକାରଙ୍କୁ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରଦାନ କରିବ। ଏସ୍‌ସିବି ମେଡିକାଲ କଲେଜ, ଅଶ୍ୱିନୀ ହସ୍ପିଟାଲ ଓ ସମ୍ ଏବଂ କିମ୍ସ ହସ୍ପିଟାଲରେ ପ୍ରାଥମିକ ପର୍ଯ୍ୟାୟରେ ପ୍ଲାଜ୍‌ମା ଥେରାପି ଆରମ୍ଭ କରାଯିବ। ଏହାପରେ ପ୍ଲାଜ୍‌ମା ବ୍ୟାଙ୍କ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବୈଠକରେ ପୂର୍ବତନ ଏମ୍‌ସ ନିର୍ଦ୍ଦେଶକ ତଥା ବରିଷ୍ଠ ଚିକିତ୍ସକ ଅଶୋକ ମହାପାତ୍ର, କିମ୍ସ ମେଡିକାଲ କଲେଜର ନିର୍ଦ୍ଦେଶକ ସୁବ୍ରତ ଆଚାର୍ଯ୍ୟ, ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ସି.ବି.କେ. ମହାନ୍ତି, ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ସଂଘମିତ୍ରା ପତି, ଛାତି ରୋଗ ବିଶେଷଜ୍ଞ ଏମ୍. ଆର୍. ପଟ୍ଟନାୟକ, ଭେଷଜ ବିଶେଷଜ୍ଞ ଜୟନ୍ତ ପଣ୍ଡା ପ୍ରମୁଖ ଥେରାପି ସମ୍ପର୍କରେ ମତ ଦେଇଛନ୍ତି।

THANKS TO ALL HAVING TRUST US FROM LAST 10 YEARS
ORIGINAL
NAVRATNA BHAVISHYA
NAVRATNA YANTRA
Live NEPAL 1 TV
Lucky Yantra In Every 15 Minutes
Check Your Lucky Yantra on NEPAL 1 TV
DTH Platform Channel No.
TATA SKY - 1956
DISH TV - 1537
VIDEOCONE - 848
AIRTEL - 672
BIG TV - 783
SUN - 693
also available on Jain HITS - 949 & AO TV (Mobile Arlin ) A

| 02.07.2020 | NAVRATNA | RAJARANI | ROYAL | CHETAK |
|---|---|---|---|---|
| 08.30 | 94 | 80 | 75 | 32 |
| 09.00 | 20 | 49 | 42 | 69 |
| 09.30 | 40 | 64 | 14 | 05 |
| 10.00 | 02 | 18 | 43 | 80 |
| 10.30 | 34 | 82 | 51 | 60 |
| 11.00 | 03 | 08 | 03 | 53 |
| 11.30 | 59 | 92 | 32 | 85 |
| 12.00 | 24 | 38 | 01 | 67 |
| 12.30 | 08 | 97 | 88 | 11 |
| 01.00 | 43 | 17 | 21 | 03 |
| 01.30 | 39 | 81 | 68 | 45 |
| 02.00 | 89 | 74 | 74 | 96 |
| 02.30 | 47 | 82 | 61 | 23 |
| 03.00 | 69 | 31 | 44 | 15 |
| 03.30 | 02 | 73 | 97 | 69 |
| 04.00 | 03 | 91 | 01 | 82 |
| 04.30 | 62 | 81 | 81 | 01 |
| 05.00 | 68 | 96 | 86 | 08 |
| 05.30 | 23 | 89 | 12 | 49 |
| 06.00 | 65 | 33 | 73 | 11 |

Contact for Bulk Booking of Ring
Contact for Subh Ank on This Phone Numbers :
Ph.: 8657216263, 9136183911, 9967910136, 9967793681
Website :
navratnayantracoupon.com
goldennavratnacoupon.com

# ଭୂମିହୀନ ଚାଷୀଙ୍କ ପାଇଁ 'ବଳରାମ'

## ୭ ଲକ୍ଷ ଚାଷୀଙ୍କୁ ୧୦୪୦ କୋଟି ଋଣ ଦିଆଯିବ

**ଭୁବନେଶ୍ୱର, ୨।୭ (ବ୍ୟୁରୋ):** ଭୂମିହୀନ ଚାଷୀମାନଙ୍କୁ କୃଷିଋଣ ଯୋଗାଇ ଦେବାକୁ ରାଜ୍ୟ ସରକାର ବଳରାମ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଚାଷୀମାନଙ୍କୁ ୧୦୪୦ କୋଟି ଟଙ୍କା ଋଣ ଯୋଗାଇ ଦିଆଯିବ। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।



ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ଅନ୍ୟ ଅଧିକାରୀ।

ପ୍ରାୟ ୭ ଲକ୍ଷ ଚାଷୀଙ୍କୁ ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଜଏଣ୍ଟ ଲିଆବିଲିଟି ଗ୍ରୁପ୍ (ଜେଏଲ୍‌ଜି) ମାଧ୍ୟମରେ ଭୂମିହୀନ ଚାଷୀମାନଙ୍କୁ ଋଣ ଦେବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ତରରେ ଇମେଜ ଏବଂ ଜିଲା ସ୍ତରରେ ଆତ୍ମା ସଂସ୍ଥା ଏହି କାର୍ଯ୍ୟକ୍ରମର ସଂଯୋଜନା କରିବେ। ଗ୍ରାମାଞ୍ଚଳ ଏବଂ ଛୋଟ ଛୋଟ ସହରାଞ୍ଚଳଗୁଡିକରେ ବିଭିନ୍ନ ବ୍ୟାଙ୍କ୍ ଏବଂ ପ୍ରାଥମିକ କୃଷି ସମବାୟ ସଂସ୍ଥାର ପ୍ରାୟ ୭୦୦୦ ଶାଖା ଥିବା ଜଣାପଡିଛି । ପ୍ରତି ବ୍ୟାଙ୍କ ଶାଖାକୁ ଚଳିତ ବର୍ଷ ଅତି କମ୍‌ରେ ୧୦ଟି ଜେଏଲ୍‌ଜିଙ୍କୁ ଋଣ ଦେବା ପାଇଁ କୁହାଯାଇଛି । ଏହା ଫଳରେ ପ୍ରାୟ ୭୦,୦୦୦ ଗ୍ରୁପ୍ ଚଳିତ ବର୍ଷ କୃଷିଋଣ ପାଇପାରିବେ। ଗୋଟିଏ ଗ୍ରୁପ୍‌ରେ ୫ ଜଣ ଚାଷୀ ରହିବେ । ବର୍ଷକୁ ୩.୫ ଲକ୍ଷ ଚାଷୀ ହିସାବରେ ୨ ବର୍ଷ ମଧ୍ୟରେ ପ୍ରାୟ ୭ ଲକ୍ଷ ଭୂମିହୀନଙ୍କୁ କୃଷିଋଣ ଯୋଗାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ପ୍ରତି ଗ୍ରୁପ୍ ୧.୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇପାରିବେ । କୃଷକ ସାଥୀ ଏବଂ ଗ୍ରାମ କୃଷି କର୍ମଚାରୀମାନେ ଗ୍ରୁପ୍ ଗଠନ କରି ସେମାନଙ୍କୁ ବ୍ୟାଙ୍କଗୁଡ଼ିକ ସହ ସଂଯୋଜିତ କରିବେ। ଋଣ ଯୋଗାଣ ଏବଂ ଋଣ ପୈଠ ଆଦିରେ ସହାୟତା କରିବେ । ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ଜିଲାସ୍ତରୀୟ ଆତ୍ମା ସଂସ୍ଥା ମାଧ୍ୟମରେ ପ୍ରୋତ୍ସାହନ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଭୂମିହୀନ ଚାଷୀମାନଙ୍କୁ ଏହି ଋଣ ସାଧାରଣ କୃଷି ଋଣ ଆକାରରେ ଦିଆଯିବ । ଏହାର ସୁଧ ହାର ଏବଂ ସୁଧ ରିହାତି ଆଦି ରାଜ୍ୟ ସରକାରଙ୍କ କୃଷି ଋଣ ନିୟମ ଅନୁଯାୟୀ ହେବ। ନାବାର୍ଡର ଓଡ଼ିଶା ମୁଖ୍ୟ ମହା ପ୍ରବନ୍ଧକ ଏ. ଚନ୍ଦ୍ରଶେଖର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଏହି ଯୋଜନା ଏକ ଅଭିନବ ପ୍ରୟାସ । ଅନ୍ୟ କୌଣସି ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇନାହିଁ । ଏହି ଯୋଜନା ସଫଳ ହେଲେ ସମଗ୍ର ଦେଶ ପାଇଁ ଏକ ମଡେଲ୍ ହେବ।

ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।

DSPL-330



ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

सत्यमेव जयते

ଲୋକସେବା ଭବନ
ଭୁବନେଶ୍ୱର

୭୧ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୧ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ରାଜ୍ୟବାସୀଙ୍କୁ ମୋର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଜୀବଜଗତ ପାଇଁ ଜଙ୍ଗଲର ମହତ୍ତ୍ୱ କେତେ ଅଧିକ ତାହା ଆପଣମାନେ ସମସ୍ତେ ଜାଣନ୍ତି। ଜୈବବିବିଧତା, ପରିବେଶ ସନ୍ତୁଳନ ଓ ସବୁଜିମା ସହିତ ନିତ୍ୟ-ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡ଼ିକର ଉପଲବ୍ଧି ପାଇଁ ଆମେ ଜଙ୍ଗଲ ଉପରେ ନିର୍ଭର କରିଥାଉ। ଆମର ସାମାଜିକ ଓ ଅର୍ଥନୈତିକ ଜୀବନଧାରାକୁ ପରିପୁଷ୍ଟ କରିବାରେ ଜଙ୍ଗଲର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସୁତରାଂ, ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା, କ୍ଷୟଶୀଳ ଜଙ୍ଗଲର ପୁନରୁଦ୍ଧାର ସହିତ ନୂତନ ଜଙ୍ଗଲ ସୃଷ୍ଟି ଉପରେ ସଦାବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି।

ନୂତନ ଜଙ୍ଗଲ ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ସରକାର ଚଳିତ ବର୍ଷା ଋତୁରେ ୧୫ କୋଟି ବୃକ୍ଷଚାରା ରୋପଣ ପାଇଁ ବିହିତ ପଦକ୍ଷେପ ନେଇଛନ୍ତି। ଚାରା ପ୍ରସ୍ତୁତି ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦ୍ୱାରା ଗରିବ ଶ୍ରମିକ ପାଇଁ ମଧ୍ୟ ବ୍ୟାପକ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି।

ବନ ମହୋତ୍ସବ ଅବସରରେ ଆପଣମାନଙ୍କୁ ମୋର ଅନୁରୋଧ ଆମର ତଥା ଆମ ଉତ୍ତରପୀଢ଼ିଙ୍କ ସୁସ୍ଥ ସୁନ୍ଦର ଭବିଷ୍ୟତ ପାଇଁ ଖାଲିଥିବା ନିଜସ୍ୱ ଜମି, ଘର ଚାରିପଟେ ଅଧିକରୁ ଅଧିକ ଗଛ ଲଗାନ୍ତୁ ଓ ତାର ଯତ୍ନ ନିଅନ୍ତୁ।

(ନବୀନ ପଟ୍ଟନାୟକ)

OIPR-08002/13/0002/2021

DSPL-330



ବିକ୍ରମ କେଶରୀ ଆରୁଖ
ମନ୍ତ୍ରୀ
ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର
ଓଡ଼ିଶା

ଓଡ଼ିଶା ଶାସନ

ଭୁବନେଶ୍ୱର

୭୧ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ
ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବାର୍ତ୍ତା

୭୧ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ଜଙ୍ଗଲ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ। ମାନବ ସଭ୍ୟତା ପାଇଁ ଜଙ୍ଗଲ ଅପରିହାର୍ଯ୍ୟ। ଏ ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପ୍ରତ୍ୟେକ ବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ସାରା ଦେଶରେ ଆମେ ବନ ମହୋତ୍ସବ ପାଳନ କରିଥାଉ।

ବୃକ୍ଷ ରୋପଣର ମହତ୍ତ୍ୱ ଭାରତୀୟ ସଂସ୍କୃତିରେ ସର୍ବାଧିକ। ବୃକ୍ଷରୁ ବୃଷ୍ଟି, ବୃଷ୍ଟିରୁ ଖାଦ୍ୟ ଓ ଖାଦ୍ୟରୁ ଜୀବନ। ଅମ୍ଳଜାନ ଠାରୁ ଆରମ୍ଭ କରି ଔଷଧ ପର୍ଯ୍ୟନ୍ତ ବୃକ୍ଷରୁ ହିଁ ମିଳିଥାଏ। ଜନସଂଖ୍ୟା ବିସ୍ଫୋରଣ ସହ ଶିଳ୍ପ ଅଭିବୃଦ୍ଧି ଜଙ୍ଗଲ ଅବକ୍ଷୟର ମୂଳ କାରଣ ହେଉଛି। ଏହା ଜଳବାୟୁ ପରିବର୍ତ୍ତନ ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ଆମନ୍ତ୍ରଣ କରୁଛି। ସେଥିପାଇଁ ଜଙ୍ଗଲର ସୁରକ୍ଷା ସହିତ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି।

ଏହାକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ସବୁଜ ଓଡ଼ିଶା ୨୦୨୦ ଅଭିଯାନ ଦ୍ୱାରା ରାଜ୍ୟର ବ୍ୟାପକ ଅଞ୍ଚଳରେ ବୃକ୍ଷରୋପଣ କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅବକ୍ଷୟ ଜଙ୍ଗଲର ପୁର୍ନଜନନ, ଜଙ୍ଗଲର ବାହ୍ୟ ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ସଘନ ବନୀକରଣ, ସହରାଞ୍ଚଳ ବନୀକରଣ, ଲଣ୍ଡା ପାହାଡ଼ର ବନୀକରଣ ଆଦି କରାଯାଇ ସବୁଜିମା ବୃଦ୍ଧି ଦିଗରେ ପ୍ରୟାସ କରାଯାଉଛି।

ପବିତ୍ର ବନ ମହୋତ୍ସବ ପାଳନ ମହତ୍ତ୍ୱକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ଗଛ ଲଗାଇ ଏକ ସ୍ୱଚ୍ଛ ସବୁଜ ସୁନ୍ଦର ପରିବେଶ ସୃଷ୍ଟିର ସ୍ୱପ୍ନକୁ ସାକାର କରିବା ନିମନ୍ତେ ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛି।

(ବିକ୍ରମ କେଶରୀ ଆରୁଖ)

OIPR-08002/13/0002/2021

ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅବସ୍ଥାମ୍ବ ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୂତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା

# ମଧ୍ୟବିତ୍ତଙ୍କୁ ମାଡ଼

ଭାରତରେ କୋଭିଡ୍–୧୯ ସଂକ୍ରମଣ ଏବଂ ଏକାଧିକ ଲକ୍‌ଡାଉନ୍ ଯୋଗୁଁ ଲକ୍ଷ ଲକ୍ଷ ଶ୍ରମିକ ଚାକିରି ହରାଇଲେ। ଏହି ସଙ୍କଟ ଭିତରେ ଗରିବ ତଥା ବଞ୍ଚିତ ବର୍ଗଙ୍କ ବଞ୍ଚିବା ପାଇଁ ସରକାର ଅନେକ ଉପାଦେୟ ଆର୍ଥିକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ଯୋଜନାରେ ୨୦ ଲକ୍ଷ କୋଟି ଟଙ୍କା ବିଆଯାଉଛି ବୋଲି କୁହାଯାଉଛି। ଉକ୍ତ ବିପୁଳ ଆବଣ୍ଟିତ ଅର୍ଥରାଶି ମଧ୍ୟ ଖାଉଟିଙ୍କ ଉପଭୋଗ ଓ ଚାହିଦାକୁ ସଞ୍ଜୀବିତ କରିବ ବୋଲି ଆଶା କରାଯାଉଥିଲା। ଅବଶ୍ୟ ଏହି ଅର୍ଥର ଏକ ସିଂହଭାଗ ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଉପକୃତ କରିବ ବୋଲି ଲକ୍ଷ୍ୟ ରଖାଯାଉଛି। କିନ୍ତୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ପ୍ରାୟତଃ କିଛି ନାହିଁ। ମଧ୍ୟବିତ୍ତ ବର୍ଗ, ବିଶେଷକରି ବେତନଭୋଗୀ କର୍ମଚାରୀ ଏକ ବଡ଼ ଉପଭୋକ୍ତା ଗୋଷ୍ଠୀ, ଯେଉଁମାନେ କି ୨୦୧୪ ଓ ୨୦୧୯ରେ ମୋଦି ସରକାରଙ୍କର ସବୁଠାରୁ ବଡ଼ ସମର୍ଥକ ଥିଲେ, ସେମାନେ ଏବେ ମହାମାରୀ ଦ୍ୱାରା ସବୁଠାରୁ ବେଶି ପ୍ରଭାବିତ ହୋଇଛନ୍ତି। ଆୟକର ନିୟମରେ ପରିବର୍ତ୍ତନ ସମେତ କେନ୍ଦ୍ର ଅର୍ଥମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀଙ୍କ ବାରମ୍ବାର ପ୍ୟାକେଜ୍ ଘୋଷଣା ଦ୍ୱାରା ସେମାନେ ବିଶେଷ କିଛି ଲାଭ ପାଇପାରି ନାହାନ୍ତି। କେନ୍ଦ୍ର ତଥା ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହୀତ ନାନା ଜନକଲ୍ୟାଣ ଯୋଜନାରେ ବିଭିନ୍ନ ସମୟରେ ଗ୍ରାମାଞ୍ଚଳର ଗରିବ ତଥା ଦେଶର ଶ୍ରମିକ ଶ୍ରେଣୀର ଲୋକ କିଛି କିଛି ସହାୟତା ପାଉଛନ୍ତି। ସମ୍ପ୍ରତି ସରକାର ଗ୍ରାମାଞ୍ଚଳ ଓ ଗରିବଙ୍କ ପାଇଁ ଯେଉଁ ବିପୁଳ ପରିମାଣର ଅର୍ଥରାଶି ମଞ୍ଜୁର କରିଛନ୍ତି, ତାକୁ ଦେଖି ସାଧାରଣରେ ଏହାର ଧାରଣା ସୃଷ୍ଟି ହେଉଛି ଯେ, ସରକାରଙ୍କର ସବୁ ଯୋଜନା କେବଳ ଗ୍ରାମାଞ୍ଚଳ ଓ ଗରିବଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ଏହି ଲୋକମାନଙ୍କୁ, ବିଶେଷକରି କୃଷି ଶ୍ରମିକମାନଙ୍କୁ ଆତ୍ମତୁଷ୍ଟ କରି ରଖିଛନ୍ତି। ପରିବାର ଚଳାଇବା ପାଇଁ ବାହାରକୁ ଯାଇ କ୍ଷେତରେ କାମ କରିବାକୁ ସେମାନଙ୍କର ଆଉ ସ୍ପୃହା ନାହିଁ କିମ୍ବା ଜରୁରୀ ଆବଶ୍ୟକତା ବି ନାହିଁ। ଯେଉଁ ଲୋକମାନେ ସରକାରଙ୍କ ଏହି ମାଗଣା ଦାନରେ ବଞ୍ଚିବାକୁ ଚାହୁଁ ନ ଥିଲେ ଏବଂ ଅଧିକ ରୋଜଗାର କରିବାକୁ ଚାହୁଁଥିଲେ, ସେମାନେ ନିର୍ମାଣ, ରିଅଲ୍ ଇଷ୍ଟେଟ୍, ଛୋଟବଡ଼ ଦୋକାନ ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସହରାଞ୍ଚଳକୁ ଗଲେ। ବହୁସଂଖ୍ୟକ ଶ୍ରମିକ ଶ୍ରେଣୀର ଲୋକ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ଯିବା ଫଳରେ ଗ୍ରାମାଞ୍ଚଳରେ ଚାଷଜମିରେ କାମ କରିବା ପାଇଁ କୃଷିଶ୍ରମିକଙ୍କ ଅଭାବ ଦେଖାଦେଲା। କ୍ଷେତରେ କାମ କରୁଥିବା ଶ୍ରମିକଙ୍କ ଅଭାବ ଦେଖାଦେବାରୁ ଧନୀ ଜମିମାଲିକମାନେ ଅସନ୍ତୁଷ୍ଟ ହେବା ଦେଖାଗଲା। ଉପା ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଯୋଜନା (MGNREGS) ଏକ ଦୁଇଧାରିଆ ଖଣ୍ଡା ଭାବରେ କାମ କଲା। ଏହି ଯୋଜନା ଧନୀମାନଙ୍କୁ ସରକାରଙ୍କଠାରୁ ଦୂରେଇ ରଖୁଥିବାବେଳେ ହିତାଧିକାରୀଙ୍କୁ ପ୍ରତିଶ୍ରୁତ ସଂଖ୍ୟକ କାର୍ଯ୍ୟଦିବସ ପ୍ରଦାନ କରି ନ ପାରିବାରୁ ସେମାନେ ଉତ୍ତମ ଆୟ ପାଇଁ ସହରାଞ୍ଚଳକୁ ଯିବାକୁ ବାଧ୍ୟ ହେଲେ। ଏହା ଉପା ସରକାର ବିରୋଧରେ ଏକ ବଡ଼ ଧରଣର ନିରାଶା ଭାବ ସୃଷ୍ଟି କରିଥିଲା। ଏହି ଅସନ୍ତୋଷର ଲହରି ଭାରତୀୟ ଜନତା ପାର୍ଟି (ଭାଜପା)କୁ ୨୦୧୪ରେ କ୍ଷମତାକୁ ଆସିବାରେ ସାହାଯ୍ୟ କରିଥିଲା। ତେବେ କୋଭିଡ୍–୧୯ ସଂକ୍ରମଣ ପୂର୍ବରୁ ଏବଂ ପରେ ଏହି ନୀତି ଲୋକଙ୍କୁ ସତ୍ୱର ଏହି ସରକାରଙ୍କଠାରୁ ଦୂରେଇ ଦେଇଛି ଏବଂ ବର୍ତ୍ତମାନ ମୋଦି ସରକାର ପାଇଁ ଏହା ବିପଦ ସୃଷ୍ଟି କରିବାକୁ ଯାଉଛି।

**ଆଜିର ଅର୍ଥନୀତି**

ଏହି ସରକାର ବିରୋଧରେ ମଧ୍ୟବିତ୍ତ ବର୍ଗର କ୍ରୋଧ ପ୍ରକାଶ ପାଉଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିରନ୍ତର ଅବହେଳା ସେମାନଙ୍କୁ ସରକାରଙ୍କଠାରୁ ମନ ଫେରେଇ ନେବାକୁ ବାଧ୍ୟ କରିଛି। କୋଭିଡ୍–୧୯ ଏବଂ ଶ୍ରମିକମାନଙ୍କର ଗ୍ରାମାଞ୍ଚଳକୁ ପ୍ରତ୍ୟାବର୍ତ୍ତନ ସହରୀ ବ୍ୟବସାୟ ଉପରେ ମଧ୍ୟ ଘୋର କୁପ୍ରଭାବ ପକାଇଛି। ପୂର୍ବରୁ ସହରାଞ୍ଚଳରେ ପ୍ରଚୁର ଶ୍ରମ ଉପଲବ୍ଧ ଥିଲା। ଲୋକମାନେ କମ୍ ମଜୁରିରେ କାମ କରିବା ପାଇଁ ରାଜି ହେଉଥିଲେ। ବର୍ତ୍ତମାନ ଲକ୍ଷ ଲକ୍ଷ ଶ୍ରମିକ ନିଜ ଗ୍ରାମକୁ ଚାଲିଯାଇଛନ୍ତି ଏବଂ ସେମାନେ ଫେରିବା ସମ୍ଭାବନା କମ୍। ଏହାଦ୍ୱାରା ସହରାଞ୍ଚଳର ଶ୍ରମ ବଜାର କ୍ଷତିଗ୍ରସ୍ତ ହୋଇଛି। ସହରାଞ୍ଚଳରେ ଏବେ କାମ କରିବା ପାଇଁ ଶ୍ରମିକଙ୍କ ଅଭାବ ଦେଖାଦେଇଛି। ଫଳରେ ସହରାଞ୍ଚଳରେ ମଜୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି। ସହରାଞ୍ଚଳର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପୂର୍ବରୁ ଚାହିଦା ହ୍ରାସ ଯୋଗୁ ସମସ୍ୟାରେ ଥିଲେ। ସେମାନେ ଏବେ ଶ୍ରମିକମାନଙ୍କୁ ଅଧିକ ମଜୁରି ଦେବାକୁ ବାଧ୍ୟ। ଫଳରେ ସେମାନଙ୍କ ମଜୁରି ବିଲ୍ ବୃଦ୍ଧି ପାଇବ ଏବଂ ସେମାନଙ୍କ ବ୍ୟବସାୟ ଆହୁରି କ୍ଷତିଗ୍ରସ୍ତ ହେବ। ସହରୀ ମଧ୍ୟବିତ୍ତ ବିଶେଷକରି ବେତନଭୋଗୀ କର୍ମଚାରୀଙ୍କ ପାଇଁ ଏହା ଏକ ଖରାପ ଖବର ହୋଇପାରେ। ସରକାରଙ୍କ ନୀତି ସେମାନଙ୍କୁ ସାହାଯ୍ୟ କରିବ ବୋଲି ଆଶା କରି ସେମାନେ ମୋଦି ସରକାରଙ୍କୁ ସମର୍ଥନ କରିଥିଲେ। ବିଗତ କିଛିବର୍ଷ ଧରି ଆର୍ଥିକ ମାନ୍ଦାବସ୍ଥା ସେମାନଙ୍କର ଏହି ଆଶାକୁ ଦୋହଲାଇ ଦେଇଛି। ବର୍ତ୍ତମାନ ପେଟ୍ରୋଲିୟମ ଦ୍ରବ୍ୟର କ୍ରମାଗତ ମୂଲ୍ୟବୃଦ୍ଧି ମଧ୍ୟ ସେମାନଙ୍କ ମେରୁଦଣ୍ଡକୁ ଭାଙ୍ଗିଦେଇଛି। ଏନ୍‌ଡିଏ ସରକାର କେବଳ ଗ୍ରାମାଞ୍ଚଳ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଯୋଗୁ ସହରୀ ଅର୍ଥନୀତି ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଅସନ୍ତୁଷ୍ଟ ହେବାକୁ ଆରମ୍ଭ କରିଛନ୍ତି। ସରକାରଙ୍କ ଉଗ୍ର ଦେଶପ୍ରେମ ବହୁ ପୂର୍ବରୁ ସୀମା ଟପିଛି ଏବଂ ଏହା ଆଉ ପୂର୍ବପରି ଲୋକଙ୍କୁ ଉଚ୍ଚାଟିତ କରୁନାହିଁ। ସମ୍ପ୍ରତି କୋଭିଡ୍–୧୯ର କୁପରିଚାଳନା ଏବଂ ପୂର୍ବ ଲଦାଖରେ ଚାଇନା ଆକ୍ରମଣ ମୋଦି ସରକାର ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜୁଲାଇ ୧୯୯୫

- କରାଚୀରେ ଉଗ୍ରବାଦୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭ୍ରାମ୍ୟମାଣ ଟେଲିଫୋନ୍ ଏବଂ ରେଡିଓ ପେଜିଂ ଉପରେ ନିଷେଧାଦେଶ ଜାରି।
- ୟୁନେସ୍କୋ କମିଶନର ଉପାଧ୍ୟକ୍ଷ ଭାବେ ମାଡ୍ରାସସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ୍ ଟେକ୍ନୋଲୋଜିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍. ରବୀନ୍ଦ୍ରନ ନିର୍ବାଚିତ।
- ହଲିଉଡ୍‌ର ପ୍ରଖ୍ୟାତ ଅଭିନେତା ୩୪ ବର୍ଷ ବୟସ୍କ ହ୍ୟୁଗଗ୍ରାଣ୍ଟ ଯୌନାଚାର ଅଭିଯୋଗରେ ଗିରଫ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | 8 | | B | 4 | | | | D | | | |
| | | 0 | | | | 1 | 8 | | | | | | | E |
| | | | | | 9 | 0 | | | E | 1 | | | | |
| 4 | | | | | C | D | | | | | | A | | 7 |
| | 5 | | | | | | | | 4 | | 6 | B | 3 | |
| 5 | 2 | | A | 0 | | | | | | 9 | C | 4 | 7 | |
| | | | | | | | 3 | | 5 | A | B | C | | D |
| D | | | 7 | 9 | | 5 | | | | | | E | | 1 |
| E | | | | | | | | 4 | 2 | | | | 5 | |
| | | | 8 | | 1 | C | | | | | | | 0 | B |
| 0 | | 8 | B | 3 | | | | | 1 | 6 | | 2 | | |
| 2 | | | 6 | | 4 | | 0 | 1 | A | | | | | |
| | | | | | | | | D | | E | | | C | |
| | A | | | 1 | 5 | | 2 | E | | B | 4 | | | |
| 9 | | | | C | A | 6 | | 7 | | | 5 | 8 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | A | 6 | 4 | 7 | C | 8 | E | 3 | B | 1 | 5 | 0 | 2 |
| 0 | 5 | 8 | 3 | 2 | E | 4 | 1 | 9 | 7 | D | A | B | C | 6 |
| 4 | 6 | 7 | C | 5 | 8 | 2 | B | D | E | 9 | 0 | 1 | A | 3 |
| B | E | 2 | A | 9 | 1 | 7 | 0 | 3 | 5 | 6 | C | 8 | 4 | D |
| 1 | C | 3 | 0 | B | D | 6 | 5 | A | 4 | 2 | 8 | 7 | 9 | E |
| 2 | D | 5 | 8 | A | 6 | 3 | 4 | 7 | B | 1 | 9 | C | E | 0 |
| 8 | 7 | 1 | 2 | E | B | 9 | A | C | 6 | 0 | 5 | D | 3 | 4 |
| 9 | 4 | 0 | 1 | 7 | 3 | D | E | 5 | C | A | 2 | 6 | 8 | B |
| 6 | 3 | C | 4 | D | 5 | B | 2 | 0 | 8 | E | 7 | A | 1 | 9 |
| A | B | E | 9 | 0 | C | 8 | 6 | 1 | D | 4 | 3 | 2 | 7 | 5 |
| 3 | 0 | 9 | E | 1 | A | 5 | D | 8 | 2 | C | B | 4 | 6 | 7 |
| 7 | A | B | 5 | 6 | 4 | 1 | C | 2 | 9 | 3 | E | 0 | D | 8 |
| C | 8 | D | B | 3 | 2 | A | 9 | 6 | 0 | 7 | 4 | E | 5 | 1 |
| E | 1 | 4 | D | 8 | 9 | 0 | 7 | B | A | 5 | 6 | 3 | 2 | C |
| 5 | 2 | 6 | 7 | C | 0 | E | 3 | 4 | 1 | 8 | D | 9 | B | A |

ଗତକାଲିର ଉତ୍ତର

# କୋଭିଡ୍–୧୯: ଜୀବନ, ଜୀବିକା ଓ କୃଷି



ସମୀର ଦାଶ

ସାରା ବିଶ୍ୱର ବର୍ତ୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କଲେ ଆପଣମାନେ ଜାଣିପାରିବେ ଏକ ଭୂତାଣୁଜନିତ ମହାମାରୀ କିପରି ସମଗ୍ର ବିଶ୍ୱକୁ ନିଜ କବଳରେ କଲବଲ କରୁଛି। ଧନୀ, ଗରିବ, ବିକାଶଶୀଳ, ବିକଶିତ ସମସ୍ତ ଦେଶର ଆର୍ଥିକ, ସାମାଜିକ, ଶିକ୍ଷା, ଧାର୍ମିକ ବ୍ୟବସ୍ଥା ବିଶେଷକରି ସମଗ୍ର ମାନବ ଜାତିର ଜୀବନ, ଜୀବିକା ଓ ଜୀବନଶୈଳୀ ଉପରେ ଏହା ଗୁରୁତର ପ୍ରଭାବ ପକାଇଛି। ଏ ବିଶ୍ୱ ମହାମାରୀକୁ ସାମ୍ନା କରିବା ପାଇଁ ବୈଷୟିକ ଜ୍ଞାନକୌଶଳ ତଥା ଚିକିତ୍ସା ବିଜ୍ଞାନରେ ଅଗ୍ରଗତି କରିଥିବା ରାଷ୍ଟ୍ରମାନେ ମଧ୍ୟ ଅକ୍ଷମ। ଏ କ୍ଷେତ୍ରରେ ଭାରତ ପରି ଏକ ଜନବହୁଳ ରାଷ୍ଟ୍ରରେ ଏ ମହାମାରୀଜନିତ ବିପର୍ଯ୍ୟୟର ଭୟାବହତାକୁ ଅନୁମାନ କରାଯାଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତରେ ଏହାର ସଂକ୍ରମଣ ନିୟନ୍ତ୍ରଣରେ ଥିବାବେଳେ ପ୍ରବାସୀମାନଙ୍କର ଘରବାହୁଡ଼ା ଯୋଗୁ ପରିସ୍ଥିତି ଏବେ ଜଟିଳ ହେବାରେ ଲାଗିଛି। ଭାରତର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଆମ ରାଜ୍ୟ ଏହି କୋଭିଡ୍–୧୯ ପରିଚାଳନାରେ ଭଲ ସ୍ଥିତିରେ ଥିଲେ ମଧ୍ୟ ନିଜ ଭିଟାମାଟିକୁ ଫେରିଥିବା ପ୍ରବାସୀମାନଙ୍କ ପାଇଁ ଏହା ଏବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଖାଲି ସେତିକି ନୁହେଁ, ନିଜ ଭିଟାମାଟିକୁ ଫେରିଆସୁଥିବା ପ୍ରବାସୀମାନଙ୍କୁ ଥଇଥାନ କରିବାଠାରୁ ଆରମ୍ଭକରି ସେମାନଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇବା, ସେମାନଙ୍କୁ ସାମାଜିକ ସୁରକ୍ଷା ଦେବା ଇତ୍ୟାଦି ସରକାରଙ୍କ ପାଇଁ ଏକ ଆହ୍ୱାନ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଶତକଡ଼ା ୮୦ ଭାଗ ଲୋକଙ୍କ ଜୀବନ, ଜୀବିକା କୃଷି ଉପରେ ନିର୍ଭରଶୀଳ। କିନ୍ତୁ ବିଡ଼ମ୍ବନାର ବିଷୟ ପାରମ୍ପରିକ କୃଷି ପ୍ରତି ଅନାଗ୍ରହ, ଉଜୁଡ଼ି ଯାଇଥିବା କୌଳିକ ବୃତ୍ତି ପ୍ରତି ବିମୁଖ ହୋଇ ଜୀବିକା ଅନ୍ୱେଷଣରେ ଅନେକ ଯୁବ ସମ୍ବଳ ରାଜ୍ୟ ଛାଡ଼ି ବାହାର ରାଜ୍ୟକୁ ଚାଲିଯାଇଥିଲେ। ଶିଳ୍ପପତି, ଠିକାଦାରମାନଙ୍କ ଶୋଷଣର ଶିକାର ହୋଇ ସ୍ୱଳ୍ପ ଦରମାରେ ନିଜର ଶ୍ରମଦାନ କରି ନିଜ ପରିଚୟକୁ ହଜାଇ ଦେଇଥିଲେ। ହାଡ଼ଭଙ୍ଗା ପରିଶ୍ରମ ସାଙ୍ଗକୁ ଭଡ଼ା ଘରେ ନିଃସଙ୍ଗ ଭାବରେ ଅବସାଦରେ ଜୀବନ ବିତାଉଥିଲେ। ଏ ମହାମାରୀ କରୋନା ପ୍ରଭାବରେ ନିଜର ଜୀବନ ବଞ୍ଚାଇବା ପାଇଁ ଜୀବିକାକୁ ଜଳାଞ୍ଜଳି ଦେଇ ଫେରିଆସିଛନ୍ତି ନିଜ ଭିଟାମାଟିକୁ, ମା' କୋଳକୁ। ସେମାନଙ୍କ ପାଇଁ ସମୟ ଆସିଛି ଆତ୍ମଚିନ୍ତନ କରିବାର, ନିଜର ପରିଚୟ ଖୋଜିବାର।

ଏଠାରେ ମୁଁ ଗୋଟେ କଥା କହି ରଖିବାକୁ ଚାହୁଁଛି, ଯେତେବେଳେ ସାରା ବିଶ୍ୱରେ କୌଣସି ସଭ୍ୟତା ଆରମ୍ଭ ହୋଇ ନ ଥିଲା ସେ ସମୟରେ ଭାରତ କୃଷି କ୍ଷେତ୍ରରେ ଏକ ଅଗ୍ରଣୀ ସଭ୍ୟତା ଭାବରେ ପରିଗଣିତ ହେଉଥିଲା। ଭାରତବର୍ଷରେ କୃଷି ସମ୍ବନ୍ଧୀୟ ଉଦ୍ଭାବନ ଓ ଆବିଷ୍କାର ରାମାୟଣ, ମହାଭାରତଠାରୁ ଆରମ୍ଭକରି ସିନ୍ଧୁ ସଭ୍ୟତା ପର୍ଯ୍ୟନ୍ତ ପରିବ୍ୟାପ୍ତ। ମାନବ ସଭ୍ୟତାର ପ୍ରାଥମିକ ଏବଂ ମୌଳିକ ବୃତ୍ତି ବା ଜୀବିକା ହେଉଛି କୃଷି। ଦେଖନ୍ତୁ, ଆପଣ ସକାଳୁ ଉଠନ୍ତି, ବିଛଣା ଛାଡ଼ନ୍ତି, ଆପଣଙ୍କର କେଉଁ ବିଛଣା, ତୁଳା, କତା... ଏ ସବୁ କୃଷିଜାତ ଦ୍ରବ୍ୟ। ଚା' କିମ୍ବା କଫି ପିଅନ୍ତି। ଚା' ସହିତ ବିସ୍କୁଟ ଖାଆନ୍ତି, ମାନେ କ୍ଷୀର, ଚିନି, ମଇଦା ଇତ୍ୟାଦି... ପୁଣିଥରେ କୃଷି। ଗାଧୋଇବା ସମୟରେ ଆପଣମାନେ ଯାହାବି ସାବୁନ ବ୍ୟବହାର କରନ୍ତି, ନିମ୍, ଆଲୋଭେରା, ଫ୍ଲୋରାଲ, ଟୁଥ୍ ପେଷ୍ଟ କିମ୍ବା ଶାମ୍ପୁ, ଏହିସବୁ ମଧ୍ୟ କୃଷିଜାତ ଦ୍ରବ୍ୟ। ଆପଣ ପିନ୍ଧୁଥିବା ପ୍ୟାଣ୍ଟ ଶାର୍ଟ ଝୋଟ ନା ? ତା'ଛଡ଼ା ବଡ଼ ବଡ଼ ଭଣ୍ଡାର ଘର ଦେଖିଥିବେ, ନ ହେଲେ ଡ୍ୟାମ୍, କେନାଲ, ବଡ଼ ବଡ଼ କଳକାରଖାନା ଏହି ସବୁଥିରେ ବ୍ୟବହାର ହେଉଥିବା କଞ୍ଚାମାଲ ସବୁ କୃଷି କ୍ଷେତ୍ରରୁ ହିଁ ଆସେ। କୃଷି ବିନା, କୃଷିଜାତ ଦ୍ରବ୍ୟ ବିନା ଆମେ ଗୋଟାଏ ଦିନ ମଧ୍ୟ ବଞ୍ଚିବା କଷ୍ଟକର। ଆଉ ଏ ସବୁ କୃଷିଜାତ ଦ୍ରବ୍ୟର ଉତ୍ପାଦକ କିଏ, କୃଷକ ମାନେ ସାଧାରଣ ଚାଷୀ। ମୋର ଏ କଥା ଲେଖିବାର ଉଦ୍ଦେଶ୍ୟ ଗୋଟିଏ ସାଧାରଣ ଚାଷୀର ମହତ୍ତ୍ୱ ଆମ ଜୀବନରେ କେତେ ତାହା ଆପଣମାନେ ଅନୁଭବ କରନ୍ତୁ। ଆଜି ସାରା ବିଶ୍ୱର ଅର୍ଥନୀତି ଏକ ବିପର୍ଯ୍ୟୟ ମଧ୍ୟ ଦେଇ ଗତି କରୁଥିବା ବେଳେ ବିଶେଷଜ୍ଞମାନଙ୍କ ମତରେ ଭାରତର ଅର୍ଥନୀତି ଉପରେ ଏହାର ପ୍ରଭାବ ପଡ଼ିଲେ ମଧ୍ୟ ପରବର୍ତ୍ତୀ ସମୟରେ କୃଷି ଉତ୍ପାଦନ ଦ୍ୱାରା ହିଁ ଏହାର ପୁନଃ ଭରଣା କରାଯାଇପାରିବ।

ଏ ପରିସ୍ଥିତିରେ ମୋର କହିରଖିବାର କଥା, ସେତେବେଳର ବିପର୍ଯ୍ୟସ୍ତ କୃଷି ବ୍ୟବସ୍ଥା ଏବେ ନାହିଁ। ଆଧୁନିକ ଜ୍ଞାନକୌଶଳ, ସମ୍ପ୍ରସାରିତ ଜଳସେଚନ ସୁବିଧା, ବୈଷୟିକ ତାଲିମ, କୃଷି କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ଏବଂ ପ୍ରତ୍ୟକ୍ଷ ସହଯୋଗ ଇତ୍ୟାଦି ମାଧ୍ୟମରେ ଓଡ଼ିଶାର କୃଷି ଆଜି ବିକଶିତ। ଗଲା ଦଶ ବର୍ଷରେ ଓଡ଼ିଶାର ଖାଦ୍ୟଶସ୍ୟ ଉତ୍ପାଦନର ବୃଦ୍ଧିକୁ ଲକ୍ଷ୍ୟ କଲେ ଆପଣମାନେ ତାହା ଜାଣିପାରିବେ।

ଏହି ପରିପ୍ରେକ୍ଷୀରେ ମୋର ନିଜ ରାଜ୍ୟକୁ ନିଜ ଭିଟାମାଟିକୁ ଫେରି ଆସିଥିବା ପ୍ରବାସୀମାନଙ୍କୁ ଅନୁରୋଧ ସେମାନେ ହତୋତ୍ସାହିତ ନ ହୋଇ ସରକାରଙ୍କ ଅଧୀନରେ ପଞ୍ଜୀକରଣ କରନ୍ତୁ। ପଞ୍ଚାୟତ ସ୍ତରରେ ପ୍ରସ୍ତୁତ ହେଉଥିବା ତାଲିକାରେ ଶ୍ରମିକ, କୁଶଳୀ ଶ୍ରମିକ, ଚାକିରିଆ ଇତ୍ୟାଦି ଶ୍ରେଣୀଭୁକ୍ତ କରାଯାଉଛି। ଯେଉଁମାନେ କୁଶଳୀ ଶ୍ରମିକ କଳକାରଖାନା ଚାଲିଲେ ସେମାନେ ଫେରିଯାଇପାରନ୍ତି। ତଥାପି ସେମାନଙ୍କ କୁଶଳତାକୁ ଦୃଷ୍ଟିରେ ରଖି ଯୋଜନାମାନ ପ୍ରସ୍ତୁତ କରାଯାଉଛି। କୃଷି କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା କୃଷି ଶ୍ରମିକର ଅଭାବ ପୂରଣ କରିବା ଲାଗି ପ୍ରବାସୀ ଶ୍ରମିକମାନଙ୍କର ଯୋଗଦାନ ରହିଲେ ସେମାନେ ନିଜ ଅଞ୍ଚଳରେ କୃଷି କାର୍ଯ୍ୟ କରିବା ସହିତ ସମ୍ମାନର ସହ ବଞ୍ଚିପାରିବେ। କୃଷି କାର୍ଯ୍ୟ ପାଇଁ ପ୍ରବାସୀ ଶ୍ରମିକମାନେ ନିଜ ଅଞ୍ଚଳରେ ନିଜର ଶ୍ରମଦାନ କରିପାରିଲେ ଖାଦ୍ୟଶସ୍ୟ ଉତ୍ପାଦନରେ ନିଜେ ସ୍ୱାବଲମ୍ବୀ ହେବା ସହିତ ରାଜ୍ୟର ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ଯୋଗଦାନ କରିପାରିବେ। ଏଥିପାଇଁ ରାଜ୍ୟ ସରକାର ଜଙ୍ଗଲ ଅଧିକାର ଆଇନ, ଓଡ଼ିଶା ଭୂସଂସ୍କାର ଆଇନ ମାଧ୍ୟମରେ ଭୂମିହୀନଙ୍କୁ କୃଷି କାର୍ଯ୍ୟ ପାଇଁ ଚାଷ ଜମି ଯୋଗାଇଦେବା ତଥା ଭାଗଚାଷୀଙ୍କ ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଜମି, ଜଳ, ଜଙ୍ଗଲ, ଜନ୍ତୁ ଏବଂ ଜନ– ଏହି ପାଞ୍ଚ 'ଜ'ର ସମ୍ବଳରେ ଓଡ଼ିଶାର ମାଟି ଭରପୂର। ଏହାର ସଦୁପଯୋଗ ତଥା ସମନ୍ୱିତ ପରିଚାଳନାରେ ନିଜକୁ ନିୟୋଜିତ କରିପାରିଲେ ଆମର ଜୀବନ ସୁରକ୍ଷିତ ରହିବା ସହିତ ଜୀବିକା ମଧ୍ୟ ସୁରକ୍ଷିତ ରହିପାରିବ।

ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

# ଅବସାଦଗ୍ରସ୍ତ ଯୁବପିଢ଼ି



ଡ. ବାସନ୍ତୀ ମହାନ୍ତି

ସୁଶାନ୍ତ ସିଂ ରାଜପୁତଙ୍କ ପରେ ଓଡ଼ିଶାରେ ହାର୍ଦ୍ଦିକ ପଟ୍ଟନାୟକଙ୍କ ଆତ୍ମହତ୍ୟା ସମସ୍ତଙ୍କୁ ବେଦନାବ୍ୟଥିତ କରିଦେଇଛି, ଦୁହେଁ ଉଦୀୟମାନ ମେଧାବୀ ଛାତ୍ର ଥିଲେ। ଇଞ୍ଜିନିୟରିଂ କ୍ୟାରିୟର ଛାଡ଼ି ସ୍ୱଇଚ୍ଛାରେ ଗ୍ଲାମରସ ଦୁନିଆକୁ ଆସିଥିଲେ। ଖୁବ୍ କମ୍‌ଦିନ ଭିତରେ ନିଜ ପ୍ରତିଭା ପ୍ରଦର୍ଶନ କରି ବେଶ୍ ନାଁ କମେଇ ପାରିଥିଲେ। ପ୍ରତିଯୋଗିତାପୂର୍ଣ୍ଣ ରାସ୍ତାରେ ଝଡ଼ଝଞ୍ଜା ଓ ଷଡ଼ଯନ୍ତ୍ରର ଶିକାର ହୋଇ ଅବସାଦଗ୍ରସ୍ତ ହେଲେ। ଏତେ ପ୍ରତିଭାଶାଳୀ ହେବା ସତ୍ତ୍ୱେ ସେ ଉତୁରିପାରିଲେ ନାହିଁ ବିଷାଦବାଦରୁ। ଲକ୍‌ଡାଉନ୍‌ରେ ଆହୁରି ଘନୀଭୂତ କଲା ତାଙ୍କ ମାନସିକ ଚାପ। ଶେଷରେ ସେ ଆତ୍ମହତ୍ୟା ନିଷ୍ପତ୍ତି ନେଲେ। ହାର୍ଦ୍ଦିକ ପଟ୍ଟନାୟକ ମଧ୍ୟ ପ୍ରତିଭାବାନ୍ ଛାତ୍ର। କୃତିତ୍ୱର ସହ ଇଞ୍ଜିନିୟରିଂ ପାସ୍ ପରେ ବାଙ୍ଗାଲୋରରେ ରହୁଥିଲେ ଚାକିରି ସନ୍ଧାନରେ। କରୋନାଜନିତ ଲକ୍‌ଡାଉନ୍ ସମୟରେ ବାଙ୍ଗାଲୋରରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ତାଙ୍କ ସୁଇସାଇଡାଲ୍ ନୋଟ୍‌ରେ ସେ ନିଜ ବ୍ୟକ୍ତିଗତ ବ୍ୟର୍ଥତା ହିଁ ଆତ୍ମହତ୍ୟାର ହେତୁ ବୋଲି ଦର୍ଶାଇଛନ୍ତି।

ସୁଶାନ୍ତ ଉଚ୍ଚବର୍ଗର ଥିବାବେଳେ ହାର୍ଦ୍ଦିକ ଥିଲେ ନିମ୍ନ ମଧ୍ୟବିତ୍ତ ବର୍ଗର। ଦୁହିଁଙ୍କର ଖାଦ୍ୟ, ବସ୍ତ୍ର ଓ ବାସଗୃହର ଅଭାବ ନ ଥିଲା, ଆହୁରି ବର୍ଷେ କାଳ ଲକ୍‌ଡାଉନ୍ ରହିଲେ ବି ଏ ଦୁହିଁଙ୍କର ଖାଇବା ପିନ୍ଧିବା ରହିବାରେ କିଛି ଅସୁବିଧା ହୋଇ ନ ଥାନ୍ତା, ତଥାପି ଏମାନଙ୍କୁ ଅବସାଦ ଗ୍ରାସକଲା। ଜୀବନକୁ ଭଲ ପାଇପାରିଲେ ନାହିଁ। ବଞ୍ଚିବା ସେମାନଙ୍କ ପାଇଁ ଦୁର୍ବିଷହ ହୋଇପଡ଼ିଲା। ମୁକ୍ତି ଚାହିଁଲେ ଜୀବନରୁ। ଲକ୍‌ଡାଉନ୍ ଅନ୍ତେ ନୂଆ କରି ଜୀବନକୁ ଗଢ଼ିବାର ପ୍ରୟାସ କଲେ ନାହିଁ।

ଇଏ ଆରମ୍ଭ ମାତ୍ର। ଈଶ୍ୱର କରନ୍ତୁ, ଆଉ ଏପରି ହୃଦୟବିଦାରକ ଖବର ନ ଆସୁ। ଏଇଠୁ ଶେଷ ହୋଇଯାଉ ଏ ସାମାଜିକ ସଙ୍କଟ। ଲକ୍‌ଡାଉନ୍ ଭାରତୀୟ ଅର୍ଥନୀତିକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି। ରାସ୍ତାଘାଟରେ ଲକ୍ଷ ଲକ୍ଷ ଦରିଦ୍ର ନିରନ୍ନ ଜନତାଙ୍କର ଉହଳ ବିକଳର ଛାତିଫଟା ଦୃଶ୍ୟ କେବେ କେଉଁ କାଳେ ଦେଖା ନ ଥିଲା। ସାରା ଭାରତରେ ଲକ୍ଷ ଲକ୍ଷ ଶୂନ୍ୟବିତ୍ତ ମଣିଷ ଯାହାର ମୁଣ୍ଡ ଉପରେ ଛାତ ନ ଥିଲା, ଖାଇବା ପାଇଁ ଦାନା ନ ଥିଲା, ତଥାପି ବଞ୍ଚିବା ପାଇଁ ସେମାନେ ଯେପରି ଉହଳ ବିକଳ ହେଉଥିଲେ ସେମାନଙ୍କଠାରୁ ଆମର ଯଥେଷ୍ଟ ଶିଖିବାର ଅଛି। ସେମାନେ ଜୀବନ ପାଇଁ ଧାଉଁଥିଲେ। ସେମାନେ ଯେମିତି ଜୀବନକୁ ଭଲ ପାଇଛନ୍ତି ଆମେ ପାଉ ନାହୁଁ। ନୈରାଶ୍ୟବୋଧ, ଅନିଶ୍ଚିତ ଭବିଷ୍ୟତ, ଆତଙ୍କପ୍ରଦ ବର୍ତ୍ତମାନ ସେମାନଙ୍କଠାରୁ ଜୀବନ ପ୍ରତି ମମତା ଛଡାଇ ନେଇପାରି ନ ଥିଲା, ବଞ୍ଚିବାର ମୋହ ସେମାନଙ୍କୁ ଭୋକଶୋଷରେ ଖାଲି ପାଦର ସାହାରାରେ ଶହ ଶହ କିଲୋମିଟର ଚାଲିବାର ଯେଉଁ ପ୍ରେରଣା ଦେଲା ତାହା ଅତୁଳନୀୟ। ଜୀବନବିମୁଖ ମଣିଷ ପାଇଁ ଏହା କମ୍ ଉପାଦେୟ ନୁହେଁ।

ଜୀବନର ଅନ୍ୟନାମ ସଂଘର୍ଷ, ସଫଳତା ଓ ବିଫଳତା ଉଭୟ ଜୀବନକୁ ମହିମାମଣ୍ଡିତ କରିଥାଏ। ଯେ ବିଫଳତାର ସ୍ୱାଦ ଚାଖିନାହିଁ ସଫଳତା ତା' ପାଇଁ ଅବସାଦକର। ବିଶ୍ୱବିଜୟୀ ଆଲେକ୍‌ଜାଣ୍ଡାର ସସାଗରା ଧରା ବିଜୟ ଲାଭ କରିସାରି ଶେଷରେ କାନ୍ଦି ପକେଇଥିଲେ, କାରଣ ତାଙ୍କ ପାଇଁ ଆଉ ଜୟ କରିବାକୁ ଭୂମି ନାହିଁ। ସେହିପରି ସାମାନ୍ୟ ବିଫଳତାରେ ବିଚଳିତ ହୋଇ ଆତ୍ମହତ୍ୟା କରିବସିଲେ ସଫଳତାର ରାସ୍ତା ଚିରକାଳ ପାଇଁ ବନ୍ଦ ହୋଇଯିବ।

ବିଶ୍ୱର ସବୁଠାରୁ ବିଳାସମୟୀ ନାରୀ ଡାଏନା, ଯିଏ ପରବର୍ତ୍ତୀ କାଳରେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ, ସେ ଦୁର୍ଘଟଣା ପୂର୍ବରୁ ପାଞ୍ଚଥର ଆତ୍ମହତ୍ୟା ପ୍ରୟାସ କରିଥିଲେ। ସଫଳତାର ଶୀର୍ଷ ସୀମାରେ ପହଞ୍ଚିଥିବା ଅଭିନେତା ରବିନ୍ ୱିଲିଅମ୍ ଓ ଗାୟକ ଚେଷ୍ଟରଟନ୍ ଅବସାଦପୀଡ଼ିତ ହୋଇ ଆତ୍ମହତ୍ୟା କରିଥିଲେ। ଉଚ୍ଚ ଅଭିଳାଷ ଚରିତାର୍ଥ ହୋଇଗଲେ ଜୀବନର ଉଦ୍ଦେଶ୍ୟ ସରିଯିବା ପରି ଲାଗେ। ବ୍ୟକ୍ତି ଆତ୍ମହତ୍ୟା କରି ବସେ। ଉଚ୍ଚାଭିଳାଷ ଚରିତାର୍ଥ ହୋଇ ନ ପାରିଲେ ମଣିଷର ଆତ୍ମହତ୍ୟା ପ୍ରବୃତ୍ତି ଜାଗେ। ମାର୍ଟିନ୍ ଲୁଥର କିଙ୍ଗ୍ ୧୩ ବର୍ଷ ବୟସରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହ୍ୟାରି ପୋଟର୍ ଲେଖକ ଜେ.କେ. ରାଓଲିଂ ମଧ୍ୟ ସେହି ଉଦ୍ୟମ କରିଥିଲେ। ଏବେ ବିଶ୍ୱରେ ସବୁଠାରୁ ଅଧିକ ବିକ୍ରି ହେଉଛି ତାଙ୍କ ବିରଚିତ ପୁସ୍ତକ। ଜନ୍ କିଟ୍‌ସ୍ ମଧ୍ୟ ଯୁବାବସ୍ଥାରେ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିଲେ, ପରବର୍ତ୍ତୀ ପର୍ଯ୍ୟାୟରେ ସେ ଇଂଲିଶ ସାହିତ୍ୟରେ ଜଣେ ପ୍ରତିଷ୍ଠିତ କବି ହେବାର ପ୍ରସିଦ୍ଧି ଲାଭ କରିଥିଲେ। ଲର୍ଡ କ୍ଲାଇବ୍ ଅନୁରୂପ ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ଭାରତ ଆସି ଜଣେ ଦକ୍ଷ ପ୍ରଶାସକ ଭାବରେ ସୁନାମ ଅର୍ଜନ କରିଥିଲେ। ଏମିତି ଅନେକ ସଫଳ ମଣିଷ ଅଛନ୍ତି, ଯେଉଁମାନେ ଆତ୍ମହତ୍ୟା ଉଦ୍ୟମରୁ ବର୍ତ୍ତିଯାଇ ପରେ ସଫଳତାର ଶୀର୍ଷ ସ୍ଥାନକୁ ଯାଇପାରିଥିଲେ। ଦୁର୍ଭାଗ୍ୟକୁ ଯଦି ସେମାନଙ୍କର ମୃତ୍ୟୁ ହୋଇଥା'ନ୍ତା ସେମାନଙ୍କ ଅବଦାନରୁ ମଣିଷ ସମାଜ ବଞ୍ଚିତ ହୋଇଥା'ନ୍ତା।

ଜୀବନ ଖୁବ୍ ସୁନ୍ଦର। କେବଳ ବଞ୍ଚିଜାଣିଲେ ହେଲା। ବଞ୍ଚିବାର କଳାକୌଶଳ ହାସଲ କରିବା ଏମିତି କିଛି ବଡ଼ କଥା ନୁହେଁ। ଜୀବନକୁ ଅତିଶୟ ଭଲ ପାଇଲେ, ଜୀବନ ପ୍ରତି ମମତା ଜାଗିଲେ ଆପେ ଆପେ ବଞ୍ଚିବାର ବାଟ ଫିଟିଯାଏ। ମହାଭାରତ ଯୁଦ୍ଧରେ ଅର୍ଜୁନ ଆତ୍ମୀୟସ୍ୱଜନଙ୍କୁ ଶତ୍ରୁ ପକ୍ଷରେ ଦେଖି ସେମାନଙ୍କୁ ବଧ କରିବାର ଦ୍ୱନ୍ଦ୍ୱରେ ବିଷାଦଗ୍ରସ୍ତ ହୋଇପଡିଥିଲେ। ତାଙ୍କୁ ବୁଝେଇବା ପାଇଁ ଶ୍ରୀକୃଷ୍ଣଙ୍କୁ ୧୮ ଅଧ୍ୟାୟ ଗୀତାର ବୟାନ କରିବାକୁ ପଡିଥିଲା। ସେଇ ଗୀତା ଏବେ ଅବସାଦଗ୍ରସ୍ତ ମଣିଷମାନଙ୍କ ପାଇଁ ଶ୍ରେଷ୍ଠ ସମ୍ପଦ ହୋଇ ରହିଛି। ଅର୍ଜୁନ ଯିଏ ବିଶ୍ୱର ପ୍ରଥମ ଅବସାଦଗ୍ରସ୍ତ ମଣିଷ ସେଇ ଗୀତାର ପ୍ରଭାବରେ ବିଶ୍ୱର ଶ୍ରେଷ୍ଠ ଯୋଦ୍ଧାର ମାନ୍ୟତା ପାଇଥିଲେ।

ଆମ ଜୀବନଧାରାକୁ ଶୃଙ୍ଖଳିତ କରିବା ପାଇଁ ଆମ ପାଖରେ ଦୁଇଟି ଅମୂଲ୍ୟ ସମ୍ପଦ ଆମ ପୂର୍ବପୁରୁଷମାନେ ଛାଡିଦେଇ ଯାଇଛନ୍ତି, ଗୋଟିଏ ହେଲା ରାମାୟଣ ଓ ଅନ୍ୟଟି ମହାଭାରତ। ରାମାୟଣ କେମିତି ବଞ୍ଚିବାକୁ ହୁଏ ସେକଥା କହେ। ନୀତି ନିୟମର ପରିସର ଭିତରେ ରହି ସତ୍ୟରକ୍ଷା, ରାଜାର କର୍ତ୍ତବ୍ୟ, ଭାଇ, ପୁତ୍ର, ପତ୍ନୀ, ମାଆମାନଙ୍କର କର୍ତ୍ତବ୍ୟ ଆଦି କଥା, ବନ୍ଧୁ ଓ ସେବାକାରୀଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ କଥା କହେ। କିନ୍ତୁ ମହାଭାରତରେ ଏହି ସବୁ ପରିସ୍ଥିତିକୁ କୌଶଳପୂର୍ଣ୍ଣ ଉପାୟରେ କେମିତି ଅତିକ୍ରାନ୍ତ କରିବାକୁ ହୁଏ, ସବୁ ବାଧାବନ୍ଧନକୁ ସକାରାତ୍ମକ ସ୍ପର୍ଶ ଦେଇ କେମିତି କାଟିବାକୁ ହୁଏ ସେ କଥା ରହିଛି। କେତେବେଳେ ଜୀବନ ପାଇଁ କେଉଁ ପ୍ରକାର କର୍ତ୍ତବ୍ୟ ସ୍ଥିର କରାଯିବ ସେ କଥା ସମୟ କହିବ। ଗୋଟାଏ ବିନ୍ଦୁରେ ଅଟକିଗଲେ ଜୀବନ ତୁଚ୍ଛ ଲାଗେ। ସମାଜ ଭୟ ଦେଖାଏ। ସମସ୍ୟା କାଳ ହୋଇ ଆମକୁ ଗ୍ରାସ କରିଦିଏ। ଆମେ ବିଧ୍ୱସ୍ତ ହେଇଯାଉ।

ଆମେ ସଜାଗ ରହିବା। ପ୍ରତିକୂଳ ପରିସ୍ଥିତିର ଗତିବିଧି ଦେଖି ଆମର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହେବ। କରୋନା ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। କିନ୍ତୁ ଆମେ ସେଇଠି ଅଟକିଯିବା ନାହିଁ। ଆମକୁ ପରସ୍ପର ସହଯୋଗରେ ଆତ୍ମନିର୍ଭରଶୀଳ ହୋଇ ଆବଶ୍ୟକତାର ସାମ୍ନା କରିବାକୁ ହେବ। ଆମକୁ ପୁଣି ନିରନ୍ନଙ୍କ ମୁହଁରେ ଅନ୍ନ ଦେବାକୁ ହେବ। କାମିକାଙ୍କ ହାତକୁ କାମ ଦେବାକୁ ହେବ। ସେଥିପାଇଁ ଆବଶ୍ୟକ ମନୋବଳ ଓ ଆତ୍ମବିଶ୍ୱାସ। ମନୋବଳ ଦୃଢ଼ ଥିଲେ କୌଣସି ବିପର୍ଯ୍ୟୟ ଆମକୁ ବିପର୍ଯ୍ୟସ୍ତ କରିପାରିବ ନାହିଁ। ଉଇ ହୁଙ୍କାଟିଏ ବି ସମୟକ୍ରମେ ହିମାଳୟ ରୂପ ନେବ। କିନ୍ତୁ ଯଦି ମନୋବଳ ଦୁର୍ବଳ ହୋଇଯାଏ ତେବେ ଶତ ଶତ ହିମାଳୟ ମଧ୍ୟ ଭାଙ୍ଗିତୁଟି ଯିବାପାଇଁ ମୁହୂର୍ତ୍ତେ ଲାଗିବ ନାହିଁ।

୨୧୩, ବ୍ଲକ୍ –ସି, ଏମେରାଲ୍ଡ ଆପାର୍ଟମେଣ୍ଟ, ଲକ୍ଷ୍ମୀସାଗର, ଭୁବନେଶ୍ୱର, ମୋ–୯୪୩୭୦୩୩୦୭୪

## ଏଇ ଭାରତରେ

ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଲାଗି ଆଠ ମାସରେ ୭୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିବା କିଛି କମ୍ କଥା ନୁହେଁ। ଏମିତି କାର୍ଯ୍ୟରେ ଲାଗିଛନ୍ତି ପୁଣେର ବିବେକ ଗୌରବ । ସେ ପ୍ଲଗିଂ (ଜଗିଂବେଳେ କିଛି ଗୋଟାଇବା କାର୍ଯ୍ୟ) ସମୟରେ ବର୍ଜ୍ୟବସ୍ତୁ ଗୋଟାଉଛନ୍ତି। ତାଙ୍କୁ ଏବେ ବୟସ ୨୪। ତାଙ୍କ ଜନ୍ମ ମହାରାଷ୍ଟ୍ରର ଜୟସିଂପୁର ସହରରେ। ୨୦୧୫ରେ ସଫ୍ଟୱେର ଇଞ୍ଜିନିୟରିଂ ଛାତ୍ର ଥିବାବେଳେ ସେ ଇନ୍ଦ୍ରାଣୀ ନଦୀକୁ ପୋଷ୍ୟ ଭାବେ ଗ୍ରହଣ କରି ତାହାକୁ ସଫା କରିବାରେ ଲାଗିଥିଲେ। ଏହି ଅଭିଯାନରେ ସେ ନଦୀରୁ ୪୦ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ। ପରେ ଜଣେ ସଫ୍ଟୱେର ଇଞ୍ଜିନିୟର ଭାବେ ୨୦୧୯ରେ ପୁଣେ ପ୍ଲଗର୍ସ ଗଠନ କରିଥିଲେ। ସକାଳ ୬ଟାରୁ ଜଗିଂ ଲାଗି ବାହାରିଯାଇ ରାସ୍ତାରୁ ବର୍ଜ୍ୟବସ୍ତୁ ଗୋଟାଇବା ଆରମ୍ଭ କରିଥିଲେ ଗୌରବ। ଜଣେ ବରିଷ୍ଠ ନାଗରିକ ଏହାକୁ ରେକର୍ଡିଂ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ପୁଣେ ପ୍ଲଗର୍ସର ସଦସ୍ୟ ସଂଖ୍ୟା ବଢ଼ି ଏବେ ୫୦୦ରେ ପହଞ୍ଚିଛି। ଏମାନେ ଜଗିଂ କରିବା ସମୟରେ ସର୍ବସାଧାରଣ ସ୍ଥାନ ତଥା ପର୍ଯ୍ୟଟନ କ୍ଷେତ୍ରରୁ ପ୍ରାୟ ୭୦ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିସାରିଲେଣି। କେବଳ ଏତିକି ନୁହେଁ, ସେମାନେ ସଂଗ୍ରହ କରୁଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁରୁ ଇକୋବ୍ରିକ୍ସ ବା ପରିବେଶ ଉପଯୋଗୀ ଇଟା ତିଆରି କରୁଛନ୍ତି। ଗୌରବ ଜୁଲାଇ ଶେଷସୁଦ୍ଧା ୨୫,୦୦୦ ଇକୋବ୍ରିକ୍ସ ତିଆରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ଗଛ ଲଗାଉଥିବା ଏନଜିଓଗୁଡ଼ିକୁ କିମ୍ବା ବସ୍ତିବାସିନ୍ଦାଙ୍କୁ ଘର କରିବା ଲାଗି ବାଣ୍ଟିବାକୁ ଯୋଜନା କରିଛନ୍ତି। ବସ୍ତିବସିନ୍ଦାଙ୍କୁ ଏହି ଇଟା ମାଗଣାରେ ଯୋଗାଇ ଦେବାକୁ କହିଛନ୍ତି ଗୌରବ। ବର୍ଜ୍ୟବସ୍ତୁକୁ ବି ରିସାଇକ୍ଲିଂ ପାଇଁ ପଠାଉଛନ୍ତି। କାଚଜାତୀୟ ବର୍ଜ୍ୟସାମଗ୍ରୀକୁ ଅପ୍‌ସାଇକ୍ଲିଂ ଲାଗି ସ୍ୱୟଂସହାୟିକା ଗୋଷ୍ଠୀଗୁଡ଼ିକୁ ଦେଉଛନ୍ତି। ପୁଣେ ମ୍ୟୁନିସିପାଲ କର୍ପୋରେଶନ ସହଭାଗିତାରେ ପୁଣେ ପ୍ଲଗର୍ସ ଏକ ପ୍ଲଗାଥନ (ପ୍ଲଗିଂମାରାଥନ) ଆୟୋଜିତ କରି ୩୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିପାରିଛନ୍ତି।

### ଚିରନ୍ତନୀ

ମଳୟର ମଧୁ ହାସେ ଭାସୁଥିଲା ରଜନୀ
ତୁମେ କିପାଁ ଧୀରପଦେ ଉଭା ହେଲ ସଜନୀ!
ପଞ୍ଚମୀର ଜୋଛନା ବୋଲି ଦେଇ ଆକାଶେ
ନ ଜାଣେ ମୁଁ ଚାହିଁଥିଲି ସେ କାହାର ସକାଶେ।
ନିବିଡ଼ ଜୋଛନା ତଳେ ଶୋଇଥିଲା ରଜନୀ
ତୁମେ କିପାଁ ଧୀର ପଦେ ଉଭା ହେଲ ସଜନୀ!
(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ଭୀକ ମତକୁ ସମର୍ଥନ କରୁଛି

ମହାଶୟ,

ମୁଁ ''ଧରିତ୍ରୀ'ର ଜଣେ ନିୟମିତ ପାଠକ। ସବୁ ସମୟରେ ଆପଣଙ୍କ ସମ୍ପାଦକୀୟ ମତେ ବିଶେଷ ଭାବରେ ପ୍ରଭାବିତ କରିଥାଏ। ଏବେ ଜୁନ୍ ୩୦ରେ ପ୍ରକାଶିତ ସମ୍ପାଦକୀୟ ପଢ଼ିଲି। ନିରାଟ ସତ ଉପରେ ଆପଣ ନିଜସ୍ୱ ମତ ରଖିଛନ୍ତି। ଆଜିର ଅନେକ ଗଣମାଧ୍ୟମ ବ୍ୟକ୍ତି ହୁଏତ ସତ କହିବାକୁ ଡରୁଛନ୍ତି ବା ଦଳୀୟ ଚିନ୍ତାଧାରାରେ ପ୍ରଭାବିତ ହୋଇ ସମର୍ଥନ କରୁଛନ୍ତି କିମ୍ବା ନିରବ ରହୁଛନ୍ତି। କ୍ରମାଗତ ଭାବେ ଆପଣ ଯେତେ ନିର୍ଭୀକ ଭାବରେ ମତାମତ ରଖୁଛନ୍ତି, ମୁଁ ତାକୁ ସମର୍ଥନ କରୁଛି। କେହି ସାଥିରେ ରୁହନ୍ତୁ ଅବା ନ ରୁହନ୍ତୁ, ସତ୍ୟ ସବୁବେଳେ ସତ୍ୟ ଏବଂ ଆମକୁ ସତ କହିବାକୁ ହେବ। ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ– 'ଅନ୍ଧକାର ମଧ୍ୟରେ ଜଳୁଥିବା ଗୋଟିଏ ମହମବତି ହୁଏତ ସମଗ୍ର ଅନ୍ଧକାରକୁ ଦୂରେଇ ଦେଇ ନ ପାରେ, କିନ୍ତୁ ମହମବତିର ସ୍ଥିତିକୁ ଅସ୍ୱୀକାର କରାଯାଇ ପାରିବ ନାହିଁ।' ମୁଁ ପୁଣିଥରେ ଆପଣଙ୍କ ଉଦ୍ୟମକୁ ସାଧୁବାଦ ଜଣାଉଛି।

ଦେବେନ୍ଦ୍ର ନାଥ ଦାଶ, ଗଙ୍ଗୋତ୍ରୀନଗର, ଲେନ୍–୧, ପୁରୁଣା ଭୁବନେଶ୍ୱର

### ପ୍ରଶାସକରୁ ନେତା ହେଲେ ସାତଖୁଣ ମାଫ

ଆମ ରାଜନୀତିରେ ନେତା ତ ନେତା ପୁଣି ପ୍ରଶାସକରୁ ନେତା ହେଲେ ତାଙ୍କୁ କୌଣସି ନୀତିନିୟମ ଅଟକାଇ ପାରିବ ନାହିଁ। ପୋଲିସ ବି କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିବେ। ପ୍ରଶାସକ ଥିବା ବେଳେ ଯେଉଁ କାରନାମା ଥିବ ତାକୁ ବଳବତ୍ତର କରିବା ପାଇଁ ଦୃଢ଼ ହସ୍ତରେ ଲାଗିପଡ଼ିବେ। ତାଙ୍କ ଚାରିପାଖେ କୁଜି ନେତାମାନେ ଥିବାବେଳେ ପୋଲିସ ବାପୁଡ଼ା ତାଙ୍କର କ'ଣ କରିବ ? ସାଧାରଣ ଲୋକଙ୍କୁ ସିନା ଉଠ୍‌ବସ୍ କରିବେ ଆଉ ନେତାଙ୍କର କ'ଣ କରିବେ ? ତାଙ୍କୁ ସଙ୍ଗରୋଧ, ସାମାଜିକ ଦୂରତ୍ୱର ନିୟମ ସବୁ ଛାଡ଼।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ନିଜେ ନିଜକୁ ସୁଧାର

କେରଳରେ ଗର୍ଭବତୀ ହାତୀକୁ ସପୁରୀ ଭିତରେ ବାଣ ଦେଇ ମାରିବା ଘଟଣା ଅତି ନିନ୍ଦନୀୟ। ଆମେ ସେହି ଘଟଣା ଘଟାଇଥିବା ଲୋକଙ୍କୁ କେତେ ଗାଳି ନ ଦେଇଛୁ। ଆମେ କେବେ ଭାବିଛୁ ଯେ ଆମ୍ଭେମାନେ ଆମ ଘରର ଚତୁର୍ପାର୍ଶ୍ୱରେ ଜାଣିଶୁଣି କେତେ ଛୋଟବଡ଼ ଜୀବମାନଙ୍କୁ ମାରିଛୁ, ଯେଉଁମାନେ ବି ଆମ ପରିବେଶର ସନ୍ତୁଳନ ରକ୍ଷା କରନ୍ତି। ମାତ୍ର ମାରିବାଟା ଶେଷ ବିକଳ୍ପ ନୁହେଁ। ଏହା ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ। ଅନ୍ୟକୁ ସୁଧାରିବା ଆଗରୁ ପ୍ରଥମେ ନିଜକୁ ସୁଧାରିବା ଆବଶ୍ୟକ।

ସୌରୀ ମହାରାଣା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଡବିଲ, (ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅଧୀନ ଉଲିବୁରୁ ଜଙ୍ଗଲରୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ପାଲହଟିଂ ଅଞ୍ଚଳର ନବୀନ ଓରଫ୍ ରାଜୁ କାରୁଆ। ହତ୍ୟା କରି ଫିଙ୍ଗି ଦିଆଯାଇଥିବା ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଅଭିଯୋଗ କରିଛନ୍ତି। ନବୀନ ବୁଧବାର ସକାଳେ ଛତୁ ଆଣି ସ୍ତ୍ରୀଙ୍କୁ ରାନ୍ଧିବାକୁ ଦେଇ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ କେତେକ ଲୋକ ନବୀନଙ୍କ ମୃତଦେହ ଦେଖି ଘରକୁ ଖବର ଦେଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

### ସଂକ୍ଷେପରେ

## ଖୋଲିବ ମଲ୍, ଆସିବ ନୂଆ ଏସ୍ଓପି

ଭୁବନେଶ୍ୱର,୨।୭ (ବ୍ୟୁରୋ): ରାଜଧାନୀରେ ଆଗକୁ ଖୋଲିପାରେ ଶପିଂ ମଲ ଓ ମଲ୍ଟିପ୍ଲେକ୍ସ। ଏନେଇ ସମ୍ପୃକ୍ତ ମାଲିକଙ୍କ ସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷ ଆଲୋଚନା କରୁଥିବା ଜଣାପଡିଛି। ମଲ୍ଟି ବ୍ରାଣ୍ଡ୍ ମଲ ଖୋଲିବା ନେଇ ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରାଯିବ। ଏଥିପାଇଁ ନୂଆ ଏସ୍ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜିଓର) ଆସିବ। ଦିନେ କି ଦୁଇଦିନ ଭିତରେ ମଲଗୁଡ଼ିକ ଖୋଲିପାରେ ବୋଲି ବିଏମ୍‌ସିର ଜନୈକ ଅଧିକାରୀଙ୍କଠାରୁ ସୂଚନା ମିଳିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ମଲ୍‌କୁ ବନ୍ଦ କରାଯାଇଥିଲା।

# ଡିସେମ୍ବର ସୁଦ୍ଧା ଟ୍ୱିନ୍‌ସିଟିରେ ବାତ୍ୟା ନିରୋଧୀ ବିଦ୍ୟୁତ୍ ସେବା

ଭୁବନେଶ୍ୱର,୨।୭(ବ୍ୟୁରୋ)

କଟକ ଓ ଭୁବନେଶ୍ୱର ଦ୍ୱୈତ ନଗରୀରେ ଖୁବ୍‌ଶୀଘ୍ର ବାତ୍ୟା ନିରୋଧୀ ଆଧୁନିକ ବିଦ୍ୟୁତ୍ ସେବା ମିଳିବ। ଆସନ୍ତା ଡିସେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଉକ୍ତ ପ୍ରକଳ୍ପର ସମୀକ୍ଷା କରିଥିଲେ। ତୃଣମୂଳ ସ୍ତରରେ ଆସୁଥିବା ସମସ୍ୟାକୁ ଅଧିକାରୀମାନେ ଶକ୍ତି ବିଭାଗ, ସାଧାରଣ ପ୍ରଶାସନ ବିଭାଗ, ଗ୍ରୀଡ୍‌କୋ, ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ସଂସ୍ଥା ସହିତ ସମନ୍ୱୟ ରକ୍ଷା କରି ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଓପିଟିସିଏଲ୍ ଏହି କାର୍ଯ୍ୟକୁ ତଦାରଖ କରିବାକୁ କୁହାଯାଇଛି। ଭୂତଳ ବିଦ୍ୟୁତ୍ କେବୁଲ କାର୍ଯ୍ୟକାରୀ ହେବା ପୂର୍ବରୁ ସହରର ମୁଖ୍ୟ ରାସ୍ତାଗୁଡିକରୁ ତୁରନ୍ତ ଖୁଣ୍ଟରେ ବିଦ୍ୟୁତ୍ ତାରଗୁଡ଼ିକୁ ହଟାଇବାକୁ ଉନ୍ନୟନ କମିଶନର ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ୩୦୦ କି.ମି. ବେଗର ପବନକୁ ସମ୍ଭାଳିବା ଭଳି ଉନ୍ନତମାନର ଭିତ୍ତିଭୂମି ନିର୍ମାଣ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି।

ସହର ପାଇଁ ଆବଶ୍ୟକ ହେଉଥିବା ୧୩୦୦ ମେଗାୱାଟ ବିଦ୍ୟୁତ୍ ଚାହିଦା ଏହି ନୂତନ ବ୍ୟବସ୍ଥା ପୂରଣ କରି ପାରିବ ବୋଲି ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଏହାଦ୍ୱାରା ପରିବହନ ଓ ବଣ୍ଟନଜନିତ କ୍ଷତିକୁ ମଧ୍ୟ ହ୍ରାସ କରାଯାଇ ପାରିବ ବୋଲି ସେ କହିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ବିଦ୍ୟୁତ୍ ପରିବହନ ଓ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସିପାରିବ ବୋଲି ଓପିଟିସିଏଲ୍ ଏବଂ ଗ୍ରୀଡ୍‌କୋ ଅଧ୍ୟକ୍ଷ ସୌରଭ ଗର୍ଗ କହିଛନ୍ତି। ୨୦ଟି ନୂତନ ସବ୍‌ଷ୍ଟେଶନ କ୍ଷମତା ମଧ୍ୟ ବୃଦ୍ଧି କରାଯାଇଛି। ଏହି ପ୍ରକଳ୍ପ ପାଇଁ ୧୬୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ପ୍ରତାପପୁର ଶାସନ, ବାଲିଅନ୍ତା, ଗୋଠପାଟଣା, ଗୋଡିସାହି, କଟକ ଠାରେ ୨୨୦ କେ.ଭି ସବ୍‌ଷ୍ଟେଶନ ସ୍ଥାପନ କରାଯାଇଥିବା ବେଳେ ୟୁନିଟ-୮, ମଞ୍ଚେଶ୍ୱର, ବଡ଼ଗଡ଼, ସତ୍ୟନଗର, ନୟାପଲ୍ଲୀ ଏବଂ ବ୍ରଜବିହାରୀପୁର ଠାରେ ୧୩୨ କେ.ଭି. ଏବଂ ୟୁନିଟ-୮, ବଡ଼ଗଡ଼, ବାପୁଜୀନଗର, ମାଷ୍ଟରକ୍ୟାଣ୍ଟିନ, ସତ୍ୟନଗର, ଶହୀଦନଗର, ଖାରବେଳନଗର, ରାଣୀହାଟ ଓ ବାଦାମବାଡି ଠାରେ ୩୩ କେ.ଭି.ର ସବ୍‌ଷ୍ଟେଶନ ସ୍ଥାପନ କରାଯାଇଛି। ୯୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ବିଭିନ୍ନ ପର୍ଯ୍ୟାୟ କାମ ଶେଷ ହେବ ବୋଲି ବୈଠକରୁ ସୂଚନା ମିଳିଛି।

# ଭୁବନେଶ୍ୱରରୁ ପୁଣି ୧୩ ପଜିଟିଭ୍, ୯ ସୁସ୍ଥ

■ ୫ ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରେ ବସ୍ତିରୁ ୨
■ ଆଉଜଣେ ରେଳ କର୍ମଚାରୀ ସଂକ୍ରମିତ

ଭୁବନେଶ୍ୱର, ୨।୭ (ବ୍ୟୁରୋ)

ବିଏମ୍‌ସି ଅଞ୍ଚଳରୁ ଆଉ ୧୩ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୮ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରୁ ଓ ୫ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସବୁଠୁ ବଡ଼ କଥା ହେଲା ଦୁଇଦିନର ବ୍ୟବଧାନ ପରେ ପୁଣି ବସ୍ତିକୁ ନେଇ ଭୟ ଘାରିଛି। ୨ଜଣ ସ୍ଥାନୀୟ ଆକ୍ରାନ୍ତ ବସ୍ତିରୁ ଠାବ ହୋଇଛନ୍ତି। ସାଲିଆସାହିରେ ରହୁଥିବା ଜଣେ ରେଳ କର୍ମଚାରୀ ଓ ଶ୍ରଦ୍ଧାପଲ୍ଲୀ ବସ୍ତିରୁ ଜଣେ ମହିଳାଙ୍କ ନମୁନା ପଜିଟିଭ୍ ଆସିଛି। ବସ୍ତିରେ ସଂକ୍ରମଣ ବଢୁଥିବାବେଳେ ଅଧିକାଂଶ ହେଉଛନ୍ତି ସ୍ଥାନୀୟ ସଂକ୍ରମିତ। ବସ୍ତିରେ ସାମାଜିକ ଦୂରତ୍ୱ ନ ରହିବା ଓ ସଙ୍ଗରୋଧ ନିୟମ ଉଲ୍ଲଂଘନ ଯୋଗୁ ଏପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଏହା ଆଗକୁ ରାଜଧାନୀରେ ଗୋଷ୍ଠୀ ସଂକ୍ରମଣର ବାଟ ଖୋଲିଦେବ ବୋଲି ବସ୍ତି ତଥା ଶ୍ରମିକ ସେଲ୍‌ର ନେତା ଅଞ୍ଜନ ନାଥ କହିଛନ୍ତି। ସେହିଭଳି ଅନ୍ୟ ୩ଜଣ ସ୍ଥାନୀୟ ଆକ୍ରାନ୍ତ ହେଲେ ପୁରୁଣା ଭୁବନେଶ୍ୱର ଭୀମଟାଙ୍ଗୀ ଅଞ୍ଚଳର ଜଣେ ପୁରୁଷ, ନୀଳାଦ୍ରିବିହାରର ଜଣେ ୫୫ ବର୍ଷୀୟ ବ୍ୟକ୍ତି ଓ ଜୟଦେବ ବିହାରର ଜଣେ ୧୮ ବର୍ଷୀୟା ଯୁବତୀ। ଅନ୍ୟପକ୍ଷରେ ହୋମ୍ କ୍ୱାରାଣ୍ଟାଇନ୍‌ରୁ ଚିହ୍ନଟ ୮ଜଣଙ୍କ ମଧ୍ୟରୁ ଟଙ୍କପାଣି ରୋଡ୍ ବିଜୟାଲକ୍ଷ୍ମୀରୁ ୨ଜଣ (ଜଣେ ପୁରୁଷ ଓ ଅନ୍ୟଜଣେ ମହିଳା) ଓ ରାଜରାଣୀ ମନ୍ଦିର ନିକଟରୁ ୩ଜଣ (୨ଜଣ ପୁରୁଷ ଓ ଜଣେ ମହିଳା), ସାମନ୍ତରାପୁରରୁ ୨ଜଣ ପୁରୁଷ ଓ ୟୁନିଟ୍ -୧ର ଜଣେ ଯୁବକ। ପ୍ରଥମ ୭ଜଣ ପୁରୁଣା ଆକ୍ରାନ୍ତ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବାବେଳେ ୟୁନିଟ୍-୧ର ଆକ୍ରାନ୍ତ ଯୁବକ ନିକଟରେ ବାଙ୍ଗାଲୋରୁ ଫେରି କ୍ୱାରାଣ୍ଟାଇନ୍‌ରେ ଥିଲେ। ଏମାନଙ୍କୁ ମିଶାଇ ବିଏମ୍‌ସି ଅଞ୍ଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୪୫ରେ ପହଞ୍ଚିଛି। ଏପଟେ ଭୁବନେଶ୍ୱରରୁ ଆଉ ୯ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏକ ଘରୋଇ ହସ୍ପିଟାଲର ୮ କର୍ମଚାରୀ ରହିଥିବାବେଳେ ଜଣେ ଖଣ୍ଡଗିରି ଭରତପୁରର। ଫଳରେ ସୁସ୍ଥ ହୋଇଥିବା କରୋନା ରୋଗୀଙ୍କ ସଂଖ୍ୟା ୨୦୧ ଛୁଇଁଛି ଓ ୧୩୯ ସକ୍ରିୟ ସଂକ୍ରମିତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

# ଆଜି ଅଧରପଣା

ପୁରୀ ଅଫିସ,୨।୭

ସିଂହଦ୍ୱାର ସମ୍ମୁଖରେ ଥିବା ତିନିରଥ ଉପରେ ଶୁକ୍ରବାର ଅଧରପଣା ନୀତି ସମ୍ପନ୍ନ ହେବ। ଏଥିଲାଗି ସ୍ୱତନ୍ତ୍ର ହାଣ୍ଡି ତିଆରି ସରିଛି। ତାହାକୁ ଅଧରପଣା ହାଣ୍ଡି କୁହାଯାଏ। ଏହି ହାଣ୍ଡିରେ ପଣା ପ୍ରସ୍ତୁତ ହୋଇ ଦାରୁବିଗ୍ରହଙ୍କ ପାଖରେ ଲାଗି ହେବ। ପ୍ରତି ଠାକୁରଙ୍କ ପାଖରେ ୩ ହାଣ୍ଡି ଲେଖାଏ ପଣା ଲାଗି ହେବ। ଠାକୁରଙ୍କ ପାଖରେ ପଣା ଭୋଗ ହେବା ପରେ ଏହି ପଣାହାଣ୍ଡିକୁ ଭାଙ୍ଗି ଦିଆଯିବାର ବିଧି ରହିଛି। ପଣା ହାଣ୍ଡି ଭାଙ୍ଗିଲେ ପଣା ସବୁ ରଥ ତଳକୁ ବୋହିଯାଏ। ତାହାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରଥରେ ମଧ୍ୟାହ୍ନ ଧୂପ ନୀତି ବଢିବା ପରେ ଅଧରପଣା ନୀତି କରାଯିବ। ଏହି ନୀତିକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା ହୋଇଛି। ତେବେ ଏଥର ମହାପ୍ରଭୁଙ୍କ ଏହି ଅଧର ନୀତିକୁ କୌଣସି ଶ୍ରଦ୍ଧାଳୁ ଦର୍ଶନ କରିପାରିବେ ନାହିଁ। ମହାମାରୀ କରୋନା ପାଇଁ ଏଥର ବିନା ଭକ୍ତରେ ଘୋଷଯାତ୍ରାର ସମସ୍ତ ପ୍ରକ୍ରିୟା କରାଯାଉଛି।

### ନୀତି ନିର୍ଘଣ୍ଟ

| | |
|---|---|
| ୩ ରଥରେ ମଙ୍ଗଳ ଆଳତି | ପ୍ରାତଃ ୬ରୁ ୬. ୩୦ |
| ମଇଲମ, ତଡପ ଲାଗି | ସକାଳ ୭ଟା |
| ଅବକାଶ | ୮ଟା |
| ବେଶଶେଷ | ୯ଟା |
| ଗୋପାଳ ବଲ୍ଲଭ | ୧୦ରୁ ୧୦. ୩୦ |
| ସକାଳଧୂପ | ୧୧. ୩୦ରୁ ୧୨. ୩୦ |
| ମଇଲମ | ଅପରାହ୍ନ ୧ଟା |
| ମହାସ୍ନାନ ଓ ସର୍ବାଙ୍ଗ | ୧. ୩୦ |
| ବେଶ ଶେଷ | ୨ଟା |
| ମଧ୍ୟାହ୍ନ ଧୂପ | ୩. ୩୦ରୁ ୪. ୩୦ |
| ଅଧରପଣା ନୀତି ଶେଷ | ରାତ୍ର ୮ଟା |
| ମହାସ୍ନାନ ଶେଷ | ୯ଟା |
| ମଇଲମ ଓ ବେଶ | ୧୦ଟା |
| ସନ୍ଧ୍ୟା ଆଳତି | ୧୦. ୩୦ |
| ସନ୍ଧ୍ୟାଧୂପ | ୧୧ରୁ ୧୨ଟା |
| ମଇଲମ ଓ ଚନ୍ଦନ ଲାଗି | ୧୨.୩୦ |
| ବଡସିଂହାର ବେଶ | ୧ଟା |
| ବଡସିଂହାର ଭୋଗ | ୧.୩୦ |
| ରାତ୍ର ପହୁଡ଼ | ୨ଟା |

# ମନ୍ଦିର ଭିତରେ ଶ୍ରୀଜଗନ୍ନାଥଙ୍କ ସୁନାବେଶ

ଖୋର୍ଦ୍ଧା ଅଫିସ/ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ),୨।୭

କରୋନା ସଂକ୍ରମଣ ରୋକିବା ଲାଗି ଚଳିତବର୍ଷ ପୁରୀ ବ୍ୟତୀତ ଅନ୍ୟ ସମସ୍ତ ଜିଲାରେ ରଥଯାତ୍ରାକୁ ବନ୍ଦ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ମନ୍ଦିରରେ ନୀତିକାନ୍ତି କରି ଦିଅଁଠାକୁରଙ୍କ ଘୋଷଯାତ୍ରା କରିଥିବାବେଳେ ଖୋର୍ଦ୍ଧା ଦଧିମାଛ ଗାଡ଼ିଆ ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଭିତରେ ତିନି ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନଙ୍କ ନିୟମ ମୁତାବକ କେତେକ ନିର୍ଦ୍ଦିଷ୍ଟ ସେବାୟତଙ୍କ ଦ୍ୱାରା ନୀତି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଏହାପରେ ଠାକୁରଙ୍କ ଗୁପ୍ତ ନୀତି ସମ୍ପନ୍ନ କରାଯାଇ ପିନ୍ଧିବା ଲାଗି ସୁନାର କୀରଟ, କୁଣ୍ଡଳ, ହାତ ଓ ଗୋଡ଼ ଅଣାଯାଇ ଠାକୁରଙ୍କୁ ପରିଧାନ କରାଯାଇଥିଲା। ପ୍ରାତଃ ସମୟରୁ ସେବାୟତମାନେ ରୀତିନୀତି କରିଥିବାବେଳେ କରୋନା ଲାଗି ଠାକୁରଙ୍କୁ ମନ୍ଦିର ଭିତରେ ସମସ୍ତ ଅଳଙ୍କାର ପରିଧାନ କରିଥିଲେ। ଏହି କାର୍ଯ୍ୟକୁ ମନ୍ଦିରର ସେବାୟତ ମାନସ ପଟ୍ଟନାୟକ, କପିଳ ପଟ୍ଟନାୟକଙ୍କ ସମେତ ଅନ୍ୟ ପୂଜକମାନେ ସାମାଜିକ ଦୂରତ୍ୱ ବଜାୟ ରଖି କାର୍ଯ୍ୟ ପରିଚାଳନା କରିଥିଲେ।


ଦଧିମାଛ ଗାଡ଼ିଆ ଶ୍ରୀଜଗନ୍ନାଥ ମନ୍ଦିରରେ ସୁନାବେଶ।

# ଅଂଶୁଘାତରେ ୱାର୍ଡସଭ୍ୟଙ୍କ ମୃତ୍ୟୁ ଅଭିଯୋଗ

ଗୋପ,୨।୭(ଡି.ଏନ୍.ଏ)

ଗୋପ ଥାନା ଅଧୀନ ଗଣେଶ୍ୱରପୁର ପଞ୍ଚାୟତ ୧୦ ନଂ. ୱାର୍ଡର ୱାର୍ଡସଭ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ (୫୨)ଙ୍କ ଗୁରୁବାର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କିନ୍ତୁ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଏହା ଜଣାପଡ଼ିବ ବୋଲି ଚିକିତ୍ସାଧିନ ଡା. ଜସ୍ମିନ ଆଫ୍ରୋଜ କହିଛନ୍ତି। ଗୁରୁବାର ସକାଳେ ପୂର୍ଣ୍ଣଚନ୍ଦ୍ର ନାଗପୁର ନିକଟସ୍ଥ ଷୋନପୁର ଗ୍ରାମକୁ କାମ ପାଇଁ ଯାଇଥିଲେ। ମଧ୍ୟାହ୍ନରେ ଅତ୍ୟଧିକ ଖରା ହେଉଥିବାରୁ ପୂର୍ଣ୍ଣଚନ୍ଦ୍ର ହଠାତ୍ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୋପ ଡାକ୍ତରଖାନାକୁ ନେଇଥିଲେ। ଡା. ଆଫ୍ରୋଜ ଚିକିତ୍ସା କରିବା ପରେ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଚାରିଛକ ଡାକ୍ତରଖାନା ପଠାଇଛି। ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁ ଅଂଶୁଘାତରେ ହୋଇଥିବା ନେଇ ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପୂର୍ଣ୍ଣଚନ୍ଦ୍ର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପୂର୍ବତନ ସରପଞ୍ଚ ସ୍ୱାଇଁ ଦାବି କରିଛନ୍ତି।

# ପରମ୍ପରାକୁ ନେଇ ଉତ୍କର୍ଷ ଓଡ଼ିଶା: ରାଜ୍ୟପାଳ

### 'କାଦମ୍ବିନୀ'ର ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର,୨।୭(ବ୍ୟୁରୋ: ଓଡ଼ିଶାର ଉତ୍କର୍ଷ ହେଉଛି ଏହାର ପରମ୍ପରା, ଯେଉଁଥିପାଇଁ ଏହି ରାଜ୍ୟର ଅନ୍ୟନାମ ଉତ୍କଳ। ସମସ୍ତଙ୍କୁ ସ୍ୱୀକାର କରିବା ଓ ସଭିଙ୍କୁ ପ୍ରେମ କରିବା ହେଉଛି ସକଳ ଚିନ୍ତନ ଓ ଅନ୍ୱେଷଣର ଶୀର୍ଷ ସ୍ତର। ନିଷ୍ଠା, କର୍ମକୁଶଳତା ଓ ଆନ୍ତରିକତା ମାଧ୍ୟମରେ ଏହା ସୁଗମ ହୋଇଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ରାଜଭବନ ଅଭିଷେକ ହଲ୍‌ରେ ମାସିକ ଓଡ଼ିଆ ପତ୍ରିକା 'କାଦମ୍ବିନୀ'ର ବିଂଶତମ ସ୍ୱନକ୍ଷତ୍ର ଉତ୍ସବରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ ଏହା କହିଥିଲେ। କାଦମ୍ବିନୀର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କବି ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ସମ୍ପାଦିକା ଇତି ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କାଦମ୍ବିନୀର ବିଶେଷ ସଂଖ୍ୟା, 'କୁନିକଥା'ର ନୂତନ ସଂଖ୍ୟା, ନୂତନ ୱେବ୍‌ପତ୍ରିକା 'କନ୍ୟା' ଲୋକାର୍ପିତ ହୋଇଥିଲଣ। ପତ୍ରିକାର ୨୦ବର୍ଷ ପୂର୍ତ୍ତି ଉପଲକ୍ଷେ ଡାକ ଟିକେଟ୍‌କୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ।

**ICAR-NATIONAL RICE RESEARCH INSTITUTE**
CUTTACK- 753 006 (ODISHA), INDIA
(Previously Known as CRRI)

**NOTICE**

ADVT.NO. 09/Notice/CA/2020

The process of scrutiny of applications received for appointment under Compassionate Ground is in progress by ICAR-National Rice Research Institute, Cuttack-6 for dependant family members of an employee of the Institute and its Regional Stations dying in harness. Accordingly, it is informed to all the dependants of the ICAR-NRRI deceased employees to go through the ICAR-NRRI website **www.icar-nrri-in** for details regarding compassionate appointment and submit the required documents within the stipulated time.

(S.K. Jena)
Head of Office

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMIVSKP2020033, ତା.25.06.2020ରିଖ

କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର KK ଲାଇନ୍‌ରେ ବିଭିନ୍ନ ଷ୍ଟେସନ ୟାର୍ଡ଼ଗୁଡ଼ିକ ସହିତ କୋଟାଭାଲସା-କିରନ୍ଦୁଲ ଦୋହରୀକରଣ କାର୍ଯ୍ୟ ନିମନ୍ତେ 60 କି.ଗ୍ରା/52 କି.ଗ୍ରା ମୌଳିକ ଅବସ୍ଥାରେ(In-situ) ଗୁଡ୍ କ୍ରସିଂଗୁଡ଼ିକର ଫାବ୍ରିକେସନ ଏବଂ ଆସେମ୍ବ୍ଲି (Assembly)।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 219.18 ଲକ୍ଷ, EMD (ଟଙ୍କାରେ) : 2,59,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 20(କୋଡ଼ିଏ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.17.07.2020 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଟେଣ୍ଡର ମୂଲ୍ୟ ତୁଳନାରେ 10% ରୁ କମ୍ ମୂଲ୍ୟର ପ୍ରସ୍ତାବ ପ୍ରଦାନ କରୁଥିବା ଟେଣ୍ଡରଦାତାଙ୍କୁ ପ୍ରସ୍ତାବ ସ୍ୱୀକୃତ ହେବା ସ୍ଥିତିରେ ସେହି ମାତ୍ରାରେ ପ୍ରତିଶତ ଅତିରିକ୍ତ ପରଫରମାନ୍ସ ଗ୍ୟାରେଣ୍ଟି ଜମା କରିବାକୁ ହେବ, ଯେଉଁ ପରିମାଣରେ 10%ରୁ କମ୍ ପ୍ରସ୍ତାବ ଦିଆଯାଇଛି।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଗଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-C ର ଦାଖଲ, ଟେଣ୍ଡର ନଥିପତ୍ର ଗ୍ରୁପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-21/CD/20-21

See Career Appointment on every Wednesday & Saturday

**Form No. INC-25A**
ଏକ ପବ୍ଲିକ୍ କମ୍ପାନୀ ରୁ ପ୍ରାଇଭେଟ୍ କମ୍ପାନୀକୁ ରୂପାନ୍ତରିତ ହେବା ନିମନ୍ତେ ବିଜ୍ଞାପନ

କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ସମୀପେଷୁ କର୍ପୋରେଟ ବ୍ୟାପାର ମନ୍ତ୍ରାଳୟ, ପୂର୍ବାଞ୍ଚଳ କ୍ଷେତ୍ର, କଲିକତା।
କମ୍ପାନିଜ୍ ଆକ୍ଟ, ୨୦୧୩ ଧାରା ୧୪ ଓ କମ୍ପାନିଜ୍ (ପ୍ରତିଷ୍ଠା) ଅଧିନିୟମ, ୨୦୧୪ ବିଷୟକ
ଓ
ଡି.କେ.ଜେ ପ୍ରୋଜେକ୍ଟସ୍ ଏବଂ ସର୍ଭିସେସ ଲିମିଟେଡ ବିଷୟକ ଯାହାକି କମ୍ପାନିଜ୍ ଆକ୍ଟ, ୧୯୫୬ ଅନୁଯାୟୀ ଗଠିତ ଓ ଯାହାର ପଞ୍ଜିକୃତ କାର୍ଯ୍ୟାଳୟ ରେମୁଣା, ବାଲେଶ୍ୱର, ୭୫୬୦୧୯, ଓଡିଶାରେ ଅବସ୍ଥିତ।
ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ କମ୍ପାନୀ ତା ୧୦/୦୬/୨୦୨୦ ରେ ଅନୁଷ୍ଠିତ ତାର ଅତିରିକ୍ତ ସାଧାରଣ ସଭାର ସ୍ୱତନ୍ତ୍ର ନିଷ୍ପତ୍ତି ଅନୁଯାୟୀ ତଥା କମ୍ପାନିଜ୍ ଆକ୍ଟ,୨୦୧୩ର ଧାରା ୧୪ ଏବଂ ଆବଶ୍ୟକୀୟ ଅଧିନିୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କୁ ଏକ ଦରଖାସ୍ତ ପ୍ରଦାନ କରୁଛିକି ଏହା ପବ୍ଲିକ ଲିମିଟେଡ୍ ରୁ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ କୁ ରୂପାନ୍ତରିତ ହେବାକୁ ଯାଉଛି।
ଏହାଦ୍ୱାରା ଯଦି କୌଣସି ବ୍ୟକ୍ତିଙ୍କ ସ୍ୱାର୍ଥରେ ଆଞ୍ଚ ଆସେ ତେବେ ସେହି ଆଗ୍ରହୀ ବ୍ୟକ୍ତି ଏକ ଆଫିଡେଭିଟ୍ ଜରିଆରେ ତାଙ୍କ ଆଗ୍ରହର ବିବରଣୀ ସହିତ ଆପତ୍ତିର ଭିତ୍ତି ବିଷୟରେ ପଞ୍ଜିକୃତ ଡାକ ଯୋଗେ ଏହି ବିଜ୍ଞାପନର ୧୪ ଦିନ ମଧ୍ୟରେ ନିମ୍ନ ଠିକଣାରେ ଜଣାଇବାକୁ ଅନୁରୋଧ। ତାହା ସହିତ ଏହାର ଏକକିତା ନକଲ ମଧ୍ୟ କମ୍ପାନୀର ପଞ୍ଜିକୃତ ଠିକଣାରେ ପଠାଇବାକୁ ଅନୁରୋଧ।
ଡି.କେ.ଜେ ପ୍ରୋଜେକ୍ଟସ୍ ଏବଂ ସର୍ଭିସେସ୍ ଲିମିଟେଡ୍ ତରଫରୁ
ସ୍ୱା/- (ଆକାଂକ୍ଷା ବେହେରା),

ନିର୍ଦ୍ଦେଶକ ଠିକଣା
Regional Director, Eastern Region, Nizam palace, ii ,MSO Building, 3rd floor, 234/4, AJC Road, Kolkata - 700020

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା
AT/PO - Remuna, Balasore - 756019, Odisha

# ପାରୋଲରେ ଆସି ଚଳାଇଥିଲେ ଲୁଟ୍‌ପାଟ୍


ପୋଲିସ ହାତରେ ଧରାପଡ଼ିଥିବା ଅଭିଯୁକ୍ତ ଓ ଜବତ ସାମଗ୍ରୀ।

### ଦିନିଆରୀ, ଭୋଗଡ଼ା ଓ ବୈଦ୍ୟେଶ୍ୱର ଡକାୟତି ଘଟଣା

■ ୫ ଅଭିଯୁକ୍ତ ଗିରଫ
■ ଲକ୍ଷାଧିକ ଟଙ୍କାର ସୁନାରୁପା, ୨ ବାଇକ, ୪ ବୋମା, ମାରଣାସ୍ତ୍ର ଜବତ
■ ମୋଟ ଧରାପଡ଼ିଲେଣି ୧୨

ଖୋର୍ଦ୍ଧା ଅଫିସ,୨।୭

ବହୁଚର୍ଚ୍ଚିତ ବାଘମାରୀ ଥାନା ଦିନିଆରୀ, ଭୋଗଡ଼ା ଓ କଟକ ବାଙ୍କୀ ବୈଦ୍ୟେଶ୍ୱର ଅଞ୍ଚଳରେ ଡକାୟତି ଏବଂ ବୋମାମାଡ଼ ଘଟଣାରେ ଖୋର୍ଦ୍ଧା ପୋଲିସ ଗୁରୁବାର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ଇଟାମାଟି ଥାନା ବିରୁଡିର ଅଖିଳ ସାହୁ, ଗଗନ ପ୍ରଧାନ, ଖଣ୍ଡପଡ଼ା ଅଞ୍ଚଳର ରାକେଶ ନାୟକ, ବିରୁଡିର ଗୌରାଙ୍ଗ ପ୍ରଧାନ ଏବଂ ଅଭିଯୁକ୍ତଙ୍କୁ ଆତ୍ମଗୋପନର ସୁଯୋଗ ଦେଇଥିବା ଗୌରାଙ୍ଗଙ୍କ ମା' ବସନ୍ତ ମଞ୍ଜରୀ ପ୍ରଧାନ। ଏଯାବତ୍ ୧୨ ଜଣ ଅଭିଯୁକ୍ତ ଧରାପଡ଼ିଲେଣି। ଅଭିଯୁକ୍ତଙ୍କଠାରୁ ୨କେଜିରୁ ଉର୍ଦ୍ଧ୍ୱ ରୁପା, ୬୮.୩ ଗ୍ରାମ ସୁନା, ୨ଟି ବାଇକ, ୪ଟି ଜୀବନ୍ତ ବୋମା, ଗନ୍ ପାଉଡର, ୨ଟି ଭୁଜାଲି, ଗୋଟିଏ ଶାବଳ ଜବତ ହୋଇଛି। ଅନ୍ୟ ୫ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢ଼ାଉ ଚାଲିଛି। ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଘଟଣାରେ ମୁଖ୍ୟ କାର୍ପଟଦାର ହେଉଛନ୍ତି ଗଗନ, ଗୌରାଙ୍ଗ ଓ ପୂର୍ବରୁ ଗିରଫ ହୋଇଥିବା ଗର୍ନ୍ଧବ ଓରଫ ହରିହର ବେହେରା। ନୟାଗଡ଼ ଜିଲା ଦଶପଲ୍ଲା, ନୂଆଗାଁ ଓ କଟକ ଅଞ୍ଚଳର ଥାନାରେ ପୂର୍ବରୁ ଗଗନ ଓ ଗୌରାଙ୍ଗଙ୍କ ନାଁରେ ମାମଲା ରହିଛି। ନୂଆଗାଁ ଡକାୟତି ମାମଲାରେ ୧୪ ବର୍ଷ ଜେଲଦଣ୍ଡାଦେଶ ପାଇଥିବା ଅଭିଯୁକ୍ତ କରୋନା ଲାଗି ପାରୋଲରେ ବାହାରକୁ ଆସିଥିଲେ। ପାରୋଲରେ ଆସି ସେମାନେ ଏକ ଗ୍ୟାଙ୍ଗ କରି ଲୁଟ୍‌ପାଟ୍ ଚଳାଇଥିଲେ। ଏପ୍ରିଲ ୨୯ରେ ଦିନିଆରୀ, ମେ' ୧୬ରେ କଟକ ବୈଦ୍ୟେଶ୍ୱର ଓ ୨୫ରେ ବାଘମାରୀ ଥାନା ଭୋଗଡ଼ାରେ ଘଟିଥିବା ଡକାୟତି ଓ ବୋମାମାଡ଼ ଘଟଣାରେ ଏହି ଗୋଟିଏ ଗ୍ୟାଙ୍ଗର ହାତ ରହିଥିବା ଏସ୍‌ପି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଜୁନ ୧୨ରେ ପ୍ରଥମେ ୪ ଅଭିଯୁକ୍ତ ବେଗୁନିଆ ଥାନା କେନ୍ଦୁପଲ୍ଲୀର ହରିବନ୍ଧୁ ଖଟୁଆ ଓରଫ ହରିଆ, ଅଜୟ ନାୟକ ଓରଫ ଅଜି, ନୟାଗଡ଼ ଜିଲା ଦଶପଲ୍ଲା ଥାନା ବଡ଼ପୋଖରିଆର ସୁକାନ୍ତ ବେହେରାଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ଚୋରି ସୁନା ରଖିଥିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ଶିବାଜୀ ନଗରସ୍ଥିତ ଅଳଙ୍କାର ଦୋକାନର ମାଲିକାଣୀ ଅନିତା ସାହୁ ଗିରଫ ହୋଇଥିଲେ। ଜୁନ ୧୬ରେ ଗଦାଧର ନାୟକ, ରତ୍ନାକର ସାହୁ (ଲୁଟ୍ ସୁନା ରଖିଥିବା ବ୍ୟକ୍ତି) ଓ ବାଳକୃଷ୍ଣ ପାତ୍ର ପୋଲିସ ହାତରେ ଧରାପଡ଼ିଥିଲେ।

**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

କୋଭିଡ୍-19 (ସ୍ପେଶାଲ ଋଣ ଅଫର)
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ଛାଡ଼
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
079061-42337
094682-97482
ADDRESS: T-51, GAUTAMPURI, DELHI

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

BALAJI FINANCE LIMITED
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7751971708

FINANCE
ପଇସା ଆମର କାମ ତମର
SREE Vinayak capital
ବ୍ୟକ୍ତିଗତ ସମ୍ପତ୍ତି, ଶିକ୍ଷା, ଆଧାରକାର୍ଡ ଉପରେ କେବଳ ୨୪ ଘଣ୍ଟା ଭିତରେ 3 % ବର୍ଷକୁ ସୁଧରେ ଋଣ ଯୋଗାଇ ଦେଉଛି। ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଲାଭ
2nd Floor, Block-B, Ansal Complex Boring Road, Patna-3
8570815828
8376093742

BUSINESS
ମୋବାଇଲ ଟାୱାର
ବନ୍‌ସଲ ଟାୱାର (Govt. Approved) କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା - ୪୫,୦୦୦/-, ଆଡଭାନ୍ସ - ୬୦ଲକ୍ଷ + ଚାକିରୀ
86858-58468
89305-21981
Web: www.bansaltower.com

ଖର୍ଚ୍ଚ ଋଣରୁ କଟିବ
HDB FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସବୁ ଋଣ
2% ସୁଧ
40% ଛାଡ଼
ଋଣ ଧମାକା
ମହିଳା, ସରକାରୀ କର୍ମଚାରୀଙ୍କୁ ବିଶେଷ ରିହାତି
94572-93387
94572-94728
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
REG. NO. U6519TN198PLC00855
ପର୍ସନାଲ, ଏଗ୍ରିକଲ୍ଚର, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ସବୁ ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
77519-71907
73765-91521
H.No. 12, Sohana Distt. Mohali

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ଭୁବନେଶ୍ୱର,୨।୭ : ୟୁକୋ ବ୍ୟାଙ୍କ ଭୁବନେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ମହାପ୍ରବନ୍ଧକ ଅରୂପାନନ୍ଦ ଜେନା ଯୋଗ ଦେଇଛନ୍ତି। ଏହା ସହ ସେ ଏସ୍‌ଏଲ୍‌ବିସି ଓଡ଼ିଶାର ଆବାହକ ଭାବେ କାର୍ଯ୍ୟ କରିବେ। ସେ ୧୯୯୦ରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଯୋଗଦେଇଥିଲେ। ସେ ଦେଶ ମଧ୍ୟରେ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟାଳୟ ସହ ବିଦେଶରେ ସିଙ୍ଗାପୁରରେ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଶାଖା, କାର୍ଯ୍ୟାଳୟ ସମେତ ବହୁ ମୁଖ୍ୟ କାର୍ଯ୍ୟାଳୟର ଅନ୍ତର୍ଜାତୀୟ ବିଭାଗ ଏବଂ କର୍ପୋରେଟ କ୍ରେଡିଟ ବିଭାଗରେ ସେ କାର୍ଯ୍ୟ କରିବା ସହ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। କାର୍ଯ୍ୟକାଳ ମଧ୍ୟରେ କୃଷି, ଏମ୍‌ଏସ୍‌ଏମ୍‌ଇ,ରିଟେଲ ଋଣ ସହ ଋଣ ଏବଂ ଜମା ଅନୁପାତ ବୃଦ୍ଧି ଦିଗରେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି।

## ଆଇସିଆଇସିଆଇ ବ୍ୟାଙ୍କର ଭିଡିଓ କେଓ୍ୱାଇସି ସୁବିଧା

ନୂଆଦିଲ୍ଲୀ,୨।୭: ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭିଡିଓ କେଓ୍ୱାଇସି ସୁବିଧାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ସଞ୍ଚୟ ଖାତା, ବ୍ୟକ୍ତିଗତ ଋଣ ଏବଂ କ୍ରେଡିଟ କାର୍ଡ ଲାଗି ଏହି ସୁବିଧା ସହାୟକ ହେବ। ଏହାଦ୍ୱାରା ଗ୍ରାହକମାନେ ବ୍ୟାଙ୍କ ସହ ନୂଆ ସମ୍ପର୍କ ସ୍ଥାପନ କରିବାରେ ସୁବିଧା ହେବ। ଆମାଜନ ପେ ଏବଂ ଆସିଆଇସିଆଇ କ୍ରେଡିଟ କାର୍ଡ ପାଇଁ ଆବେଦନ କରିବାକୁ ଚାହୁଁଥିବା ଗ୍ରାହକଙ୍କୁ ଏହି ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି। ଉକ୍ତ ସେବାକୁ ଅନ୍ୟ ପ୍ରକାରର କ୍ରେଡିଟ କାର୍ଡ, ଗୃହ ଋଣ ଏବଂ ଅନ୍ୟାନ୍ୟ ଖୁଚୁରା ଋଣ କ୍ଷେତ୍ରରେ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ବ୍ୟାଙ୍କ ସୂଚନା ଦେଇଛି।

# ପ୍ଲେ ଷ୍ଟୋରରୁ ହଟିଲା ୫୯ ଚାଇନା ଆପ୍

ନୂଆଦିଲ୍ଲୀ,୨।୭



ଟିକ୍‌ଟକ୍ ସମେତ ୫୯ ଚାଇନା ଆପ୍‌କୁ ଭାରତ ସରକାର ନିଷେଧ କରିଛନ୍ତି। ବର୍ତ୍ତମାନ ଏହି ଆପ୍‌ଗୁଡିକ ଗୁଗଲ ପ୍ଲେ ଏବଂ ଆପଲର ଆପ୍ ଷ୍ଟୋରରୁ ହଟାଯାଇଥିବା ଜଣାପଡିଛି। ଏହାଦ୍ୱାରା ବର୍ତ୍ତମାନ ଦେଶ ମଧ୍ୟରେ ଆପ୍ ଷ୍ଟୋରରୁ ଏହି ଆପ୍ଲିକେଶନଗୁଡିକ ଲୋକମାନେ ଆକ୍‌ସେସ୍ କରିବା ଲାଗି ସକ୍ଷମ ହୋଇପାରିବେ ନାହିଁ। ଦେଶର ସାର୍ବଭୌମତ୍ୱ, ନିରାପତ୍ତା ଏବଂ ସଂହତି ପ୍ରତି ବିପଦ ଥିବାରୁ ସରକାର ଏହାକୁ ହଟାଇ ଦେଇଛନ୍ତି। ପ୍ଲେ ଷ୍ଟୋରରୁ ଏହି ଆପ୍‌ଗୁଡିକର ବ୍ୟବହାର ଉପରେ ଲାଗିଥିବା କଟକଣା ସାମୟିକ ବୋଲି ଗୁଗଲ ପକ୍ଷରୁ କୁହାଯାଇଛି। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ କ'ଣ ରହିବ ତାକୁ ନିରନ୍ତର ଭିତ୍ତିରେ ତର୍ଜମା କରାଯାଉଥିବା ଗୁଗଲ କହିଛି। ଏ ନେଇ ଡେଭଲପରଙ୍କୁ ଅବଗତ କରାଇ ଦିଆଯାଇଛି। ପ୍ଲେ ଷ୍ଟୋରରୁ ହଟିଥିବା ଆପ୍‌ଗୁଡିକ ମଧ୍ୟରେ ୟୁସି ବ୍ରାଉଜର, ଶେୟାରଇଟ, ୱିଚାଟ୍, କ୍ୟାମସ୍କାନର, ଏମ୍‌ଆଇ କମ୍ୟୁନିଟି ରହିଛି। ଭାରତୀୟ ୟୁଜରଙ୍କ ଲାଗି ଟିକ୍‌ଟକ୍ ବର୍ତ୍ତମାନ ଅଫ୍‌ଲାଇନ ହୋଇଥିବା ବେଳେ କାମ କରିବା ବନ୍ଦ କରି ଦେଇଛି। ଭାରତ ସରକାରଙ୍କ ଏହି ବ୍ୟାନ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଟିକ୍‌ଟକ୍ ମୁଖପାତ୍ର କହିଛନ୍ତି। ସୂଚନା ମୁତାବକ କଟକଣା ଲାଗିଥିବା ୫୯ ଆପ୍ ସେମାନଙ୍କ ଆପ୍‌କୁ ଗୁଗଲ ପ୍ଲେ ଷ୍ଟୋରରୁ ସ୍ୱେଚ୍ଛାକୃତ ଭାବେ ପ୍ରତ୍ୟାହାର କରି ନେଇଛନ୍ତି। ବିଗୋ ଲାଇଭ ଏବଂ ଲାଇକି ଭାରତ ଲାଗି ଆଂଶିକ ଭାବେ ହଟାଯାଇଛି।

## ହିରୋ ଆଣିଲା ଏକ୍ସଟ୍ରିମ ୧୬୦ ଆର୍

ଭୁବନେଶ୍ୱର,୨।୭



ହିରୋ ମୋଟୋକର୍ପ ଲିମିଟେଡ୍ ପକ୍ଷରୁ ନୂଆ ଏକ୍ସଟ୍ରିମ ୧୬୦ ଆର୍ ମଡେଲର ବଜାର ପ୍ରବେଶ ହୋଇଛି। ପ୍ରିମିୟମ କାରବାରକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ଯୁବବର୍ଗଙ୍କ ଲାଗି ଏହି ବାଇକ ବେଶ୍ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହାର ଫ୍ରଣ୍ଟ ଡିସ୍କ ସିଙ୍ଗଲ ଚ୍ୟାନେଲ ଏବିଏସ୍‌ର ବଜାର ଦର ୯୯,୯୫୦ ଟଙ୍କା ରହିଛି। ସେହିଭଳି ଡବଲ ଡିସ୍କ ଚ୍ୟାନେଲ ଏବିଏସ୍‌ର ମୂଲ୍ୟ ୧.୦୩ ଲକ୍ଷ ଟଙ୍କା ରହିଛି। ଏହାର ଆକର୍ଷଣୀୟ ଏବଂ ବଳିଷ୍ଠ ଡିଜାଇନ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି କମ୍ପାନୀର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମୁଖ୍ୟ ମାଲୋ ଲେ ମାସନ କହିଛନ୍ତି। ଏଥିରେ ୧୬୦ ସିସି ଇଞ୍ଜିନ, ବିଏସ୍-୬ କ୍ଷମତା ସହ ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟକୁ ସାମିଲ କରାଯାଇଛି।

## ମଙ୍ଗଳଦୀପ ଅଗରବତିର ବ୍ରାଣ୍ଡ ଆମ୍ବାସାଡର ହେଲେ ବାବୁସାନ

ଭୁବନେଶ୍ୱର,୨।୭



ଆଇଟିସିର ମଙ୍ଗଳଦୀପ୍ ଜଗନ୍ନାଥ ମନ୍ଦିର ଅଗରବତିର ବ୍ରାଣ୍ଡ ଆମ୍ବାସାଡର ଭାବେ ଓଡ଼ିଆ ଅଭିନେତା ବାବୁସାନ ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ଏହି ଅଗରବତିକୁ ଓରମାସ୍ (ଓଡ଼ିଶା ରୁରାଲ ଡେଭଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି) ସହାୟତାରେ ଗ୍ରାମୀଣ ମହିଳାମାନେ ପ୍ରସ୍ତୁତ କରୁଛନ୍ତି। ଗତବର୍ଷ ରଥଯାତ୍ରାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ଅଗରବତିର ଶୁଭାରମ୍ଭ କରାଯାଇଥିଲା। ଚଳିତ ରଥଯାତ୍ରା ଅବସରରେ ଏହି ଅଗରବତି ପାଇଁ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନଙ୍କୁ କମ୍ପାନୀ ବ୍ରାଣ୍ଡ ଆମ୍ବସାଡର ଭାବେ ନିଯୁକ୍ତ କରିଛି। ସେ ଜଣେ ତାଲିମପ୍ରାପ୍ତ କ୍ଲାସିକାଲ ସିଙ୍ଗର ଭାବେ ମଧ୍ୟ ଜଣାଶୁଣା। ଏହି ଅଗରବତି ତୁଳସୀ,ନିମ, ଚନ୍ଦନ ଏବଂ କସ୍ତୁରୀ ଆଦିରୁ ପ୍ରସ୍ତୁତି ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଭିନ୍ନ ଭିନ୍ନ ରଙ୍ଗରେ ଏବଂ ୨ଟି ପ୍ରମୁଖ ବାସ୍ନା ସହ ବଜାରରେ ଉପଲବ୍ଧ ହେଉଛି। ଆଇଟିସିର ଅଗରବତି ବିଜ୍‌ନେସ ମୁଖ୍ୟ କାର୍ଯ୍ୟନିର୍ବାହୀ ରବି ରାୟଭରମ କହିଛନ୍ତି ଯେ, ଏହା ପ୍ରଭୁ ଜଗନ୍ନାଥଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି। ଏହି ଅଗରବତିକୁ ଲୋକପ୍ରିୟ କରାଇବା ଦିଗରେ ବାବୁସାନଙ୍କ ସହ ଯୋଡିହୋଇ କମ୍ପାନୀ ଅତ୍ୟନ୍ତ ଖୁସି ରହିଛି।

## କୋଲ୍ ଇଣ୍ଡିଆ ଶ୍ରମିକଙ୍କ ୩ ଦିନିଆ ଧର୍ମଘଟ

ନୂଆଦିଲ୍ଲୀ,୨।୭

ବାଣିଜ୍ୟିକ କୋଇଲା ଖଣିକୁ ବିରୋଧକରି କୋଲ୍ ଇଣ୍ଡିଆ ଶ୍ରମିକ ସଙ୍ଗଠନ ପକ୍ଷରୁ ଗୁରୁବାରଠାରୁ ୩ ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ଏହାଦ୍ୱାରା ପ୍ରାୟ ୪ ନିୟୁତ ଟନ୍ କୋଇଲା ଉତ୍ପାଦନ ବାଧାପ୍ରାପ୍ତ ହେବ ବୋଲି ଆକଳନ କରାଯାଇଛି। ପ୍ରଥମ ଶିଫ୍ଟଠାରୁ କର୍ମଚାରୀମାନେ ଧାରଣା ଦେବେ ବୋଲି ହିନ୍ଦ୍ ଖାଦାନ ମଜଦୁର ଫେଡେରେଶନର ସଭାପତି ନାଥୁଲାଲ ପାଣ୍ଡେ କହିଛନ୍ତି। କୋଲ୍ ଇଣ୍ଡିଆର ଏହି ପ୍ରସଙ୍ଗରେ କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ସଂଘର ପ୍ରତିନିଧିଙ୍କ ସହ ଆଲୋଚନା କରିବା ସହ ବାଣିଜ୍ୟିକ କୋଇଲା ଖଣିର ଉପକାରିତା ନେଇ ବୁଝାଇଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସଂଘର କର୍ମକର୍ତ୍ତାମାନେ ଅଟଳ ରହିଛନ୍ତି। ସଂଘର ନିଷ୍ପତ୍ତିକୁ ସରକାର ଗ୍ରହଣ କରିବାକୁ ରାଜି ହୋଇ ନ ଥିବାରୁ ସେମାନେ ଧର୍ମଘଟକୁ ଓହ୍ଲାଉଥିବା ଜଣାପଡିଛି।

# ହୋଣ୍ଡାର ନୂଆ ଡବ୍ଲ୍ୟୁଆର୍-ଭି ବଜାରରେ

ଭବନେଶ୍ୱର,୨।୭ (ବ୍ୟୁରୋ)



ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ନୂଆ ହୋଣ୍ଡା 'ଡବ୍ଲ୍ୟୁଆର୍-ଭି'ବୁଧବାର ଭାରତ ବଜାରରେ ପ୍ରବେଶ କରାଯାଇଛି। ସ୍ଥାନୀୟ ରୁଦ୍ରପୁରସ୍ଥିତ ହାଇୱେ ହୋଣ୍ଡା ଶୋ'ରୁମ୍‌ଠାରେ ଏହାକୁ ଉନ୍ମୋଚନ କରାଯାଇଥିଲା। ଆଦିତ୍ୟ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଆଦିତ୍ୟ ପାତ୍ର ଏବଂ ହାଇୱେ ହୋଣ୍ଡା ସିଇଓ ରାଜୀବ ପଣ୍ଡା ନୂଆ ଯାନଟିକୁ ବଜାର ପ୍ରବେଶ କରାଇଥିଲେ। ମଡେଲଟିରେ ପରିବର୍ଦ୍ଧିତ ବାହ୍ୟ ଷ୍ଟାଇଲ, ଉନ୍ନତ ଇଣ୍ଟେରିୟର ରହିଛି। ବିଏସ୍-୬ ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନରେ ଏହା ଉପଲବ୍ଧ। ଭାରତୀୟ ଗ୍ରାହକଙ୍କ ଦ୍ୱାରା ଏହି ମଡେଲଟି ଆଦୃତ ହେବା ନେଇ ଆଶାବାଦୀ ବୋଲି ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍‌ର ସଭାପତି ତଥା ସିଇଓ ଗାକୁ ନାକାନିସି ସୂଚନା ଦେଇଛନ୍ତି। ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ସେ ମତବ୍ୟକ୍ତ କରିଛନ୍ତି। ନୂଆ ଲୁକ୍ ଏବଂ ଫିଚର ଏଥିରେ ସାମିଲ କରାଯାଇଛି। ନୂଆ ବୋଲ୍ଡର ସଲିଡ ୱିଙ୍ଗ୍ କ୍ରୋମ ଗ୍ରିଲ, ଏଲ୍‌ଇଡି ପ୍ରୋଜେକ୍ଟର ହେଡ୍ ଲ୍ୟାମ୍ପ, ସମନ୍ୱିତ ଡିଆର୍‌ଏଲ୍ ପୋଜିସନିଂ ଲ୍ୟାମ୍ପ, ଏଲ୍‌ଇଡି ଫଗ ଲ୍ୟାମ୍ପ, ଏଲ୍‌ଇଡି ରିୟର କମ୍ବିନେଶନ ଲ୍ୟାମ୍ପ, ଆର୧୬ ଡୁଆଲ ଟୋନ ଡାଇମଣ୍ଡ କଟ ଆଲଏ ହୁଇଲ ଏବଂ ପ୍ରିମିୟମ ସିଟ୍ ସହ ଏହା ଆସିଛି। ଯାନଟିର ଏକ୍ସ ଶୋ'ରୁମ୍ ଦିଲ୍ଲୀ ମୂଲ୍ୟ ପେଟ୍ରୋଲ ଭାରିଆଣ୍ଟ ଲାଗି ୮.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଡିଜେଲ ଭାରିଆଣ୍ଟର ବଜାର ଦର ୯.୭୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

**ରାଜ୍ୟ ଖବର**

## ଯୁବତୀଙ୍କ ତଣ୍ଟି କାଟି ହତ୍ୟା

ଠାକୁରମୁଣ୍ଡା,୨।୭(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଧୀନ ଧାଡିକିଡ଼ିଆ ଗାଁ କଲୋନୀ ସାହିରେ ଗୁରବାର ଜଣେ ଯୁବତୀଙ୍କ ତଣ୍ଟି କାଟି କେହି ଦୁର୍ବୃତ୍ତ ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଯୁବତୀ ଜଣକ ଘରେ ଏକୁଟିଆ ଥିବା ସୁଯୋଗ ନେଇ ଅଭିଯୁକ୍ତ ଏହି ହତ୍ୟାକାଣ୍ଡ ଘଟାଇଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତ ଯୁବତୀ ହେଲେ ସୁନିଲ ସିଙ୍କୁଙ୍କ ଝିଅ ସୁନୟନା। ସେ ଯୁକ୍ତ ୨ ଶ୍ରେଣୀରେ ପଢୁଥିଲେ।

## ୧୫ଦିନରେ ୧ଲକ୍ଷ ଚାରା ବଣ୍ଟନ ଲକ୍ଷ୍ୟ

ବାଲେଶ୍ୱର ଅଫିସ, ୨।୭

ବାଲେଶ୍ୱର ଜିଲା ବନଅଧିକାରୀ ବିଶ୍ୱରାଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗୁରୁବାର ରେମୁଣା ବ୍ଲକ ଗେଙ୍ଗୁଟି ପଞ୍ଚାୟତ ନୂଆପୁର ଗ୍ରାମରେ କାମ୍ପା ଯୋଜନା ଆର୍ଥିକ ବର୍ଷ ୨୦୨୦-୨୧ରେ ଚାରା ବିତରଣ ଶୁଭାରମ୍ଭ ହୋଇଛି। ଚାରା ସହିତ ଏକ ମୋବାଇଲ ଭ୍ୟାନ୍‌କୁ ସହକାରୀ ବନ ସଂରକ୍ଷକ ଅଧିକାରୀ ଡ. ରଶ୍ମିରଞ୍ଜନ ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ସେଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶ ଅନୁସାରେ ଏହି ଯୋଜନାରେ ଶାଗୁଆନ, କରଞ୍ଜ, ଝାଉଁ, କାଜୁବାଦାମ୍, ଜାମୁ, ପଣସ ଓ ଆକାଶୀ ଚାରା ଉପଲବ୍ଧ ହେବା ସହିତ ବିଭିନ୍ନ ସରକାରୀ ଅନୁଷ୍ଠାନ, ବ୍ଲକ ଅଫିସ୍, ପଞ୍ଚାୟତ ଅଫିସ୍, ବିଜୁ ବାହିନୀ ସଦସ୍ୟାସଦସ୍ୟଙ୍କ ତତ୍ତ୍ୱାବଧାନରେ ମାଗଣା ଚାରା ବଣ୍ଟନ କରାଯିବାର ଯୋଜନା ରହିଛି। ସେହିପରି ସାଧାରଣ ଲୋକଙ୍କ ପାଇଁ ମାତ୍ର ୧ଟଙ୍କାରେ ବିଭିନ୍ନ ଚାରା ଯୋଗାଇ ଦେବାର ଯୋଜନା ରହିଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବନବିଭାଗ ୧ଲକ୍ଷ ଚାରା ବିତରଣ ଲକ୍ଷ୍ୟ ଧାର୍ଯ୍ୟ ରହିଛି। କାର୍ଯ୍ୟକ୍ରମରେ ଚାନ୍ଦିପୁର ବନଖଣ୍ଡ ଅଧିକାରୀ କ୍ଷୀରାପି ପ୍ରଧାନ, ସଦର ବନଖଣ୍ଡ ଅଧିକାରୀ ବିବେକାନନ୍ଦ ଜେନା, ରେମୁଣା ବିଧାୟକ ସୁଧାଂଶୁ ପରିଡ଼ା ମୁଖ୍ୟଅତିଥି ଏବଂ ଗେଙ୍ଗୁଟି ସରପଞ୍ଚ ବିରୂପାକ୍ଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।


**CUTTACK MUNICIPAL CORPORATION**

**"e" PROCUREMENT NOTICE**
**Tender ID : 2020_ORULB_61813**
**Tender Call Notice No. 2928 (PW) Date.02.07.2020**

Name & No of Works : Civil Work
No of Works : 11 No
Bid Value : Rs.2.21 Lakhs to Rs.22.57 Lakhs
Period of Completion : One Calendar Month to Two Calendar Month
Date and Time schedule :

| Start | End | Opening |
|---|---|---|
| 11.00 AM on dt. 03.07.2020 | 5.00 PM on dt.13.07.2020 | 11:00 A.M. on dt.16.07.2020 |

Tender Details : can be seen from the procurement portal : www.tendersorissa.gov.in

**Executive Engineer-I**



**ZILLA SWASTHYA SAMITI, BOUDH**
**Office of the Chief District Medical & Public Health Officer, Boudh**
Advt No.-1624 Date:01.07.2020

**CONTRACTUAL RECRUITMENT UNDER NHM (In-house)**

No.E-92:- Applications are invited from the contractual employee of NHM working in the same post under the OSH & FW society in other district to fill up the different vacant posts in Boudh district. Interested eligible candidates can log on to www.boudh.nic.in for detailed postwise vacancy, terms and conditions, application format & selection procedure etc. Candidates fulfilling the eligibility criteria may apply in the prescribed format to CDM & PHO, Boudh on or before 10.7.2020 by 5.30 P.M. No application will be received beyond the scheduled date and the office will not responsible for any postal/courier delay. The undersigned reserves the right to cancel any or all the applications/positions at any stage without assigning any reason thereof.

**Sd./- CDM&PHO-cum-District Mission Director, Boudh**
OIPR-10107/11/0003/2021


# ଡାକ୍ତରଖାନା ଅଧୀକ୍ଷକମାନଙ୍କୁ ସମ୍ବର୍ଦ୍ଧନା




ଯାଜପୁର ଅଫିସ,୨।୭

ଭାରତୀୟ ଚିକିତ୍ସକ ସଂଘ ଯାଜପୁରରୋଡ୍ ପକ୍ଷରୁ ଜାତୀୟ ଚିକିତ୍ସକ ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତରମାନେ ନିଜ ଏବଂ ପରିବାରର ନିରାପତ୍ତାକୁ ପଛରେ ପକାଇ କରୋନା ବିରୋଧ ସଂଗ୍ରାମରେ ଯୋଗଦେଇଛନ୍ତି। ଉତ୍ସର୍ଗୀକୃତ ସେବାପାଇଁ ଆଗଧାଡ଼ିର କରୋନା ଯୋଦ୍ଧା ରୂପେ ବିବେଚିତ ବିଭିନ୍ନ ଡାକ୍ତରଖାନାର ଅଧୀକ୍ଷକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଂଘର ସଭାପତି ଡା. ହେମନ୍ତ କିଶୋର ସାହୁ, ସମ୍ପାଦକ ଡା. ଗୌରୀଶଙ୍କର ଷଡ଼ଙ୍ଗୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡା.ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା.ସନ୍ତୋଷ କୁମାର ପୃଷ୍ଟି, ଡା. ଶିଶିର କୁମାର ସାହୁ ଓ ମହିଳା ଡାକ୍ତର ଆଦ୍ୟା ଅନିନ୍ଦିତା, ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା.ଦେବାଶିଷ ସାହୁ, କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ କୁମାର ଓ ମହିଳା ଡାକ୍ତର ନିବେଦିତା ମହାନ୍ତି, ଡୁବୁରୀ ଟାଟା ମେଡିକା କୋଭିଡ୍ ହସ୍ପିଟାଲର ଅଧୀକ୍ଷକ ଡା. ସୁଧାଂଶୁ ଶେଖର ସୂତାର ଏବଂ ନିଶ୍ଚେତକ ବିଶେଷଜ୍ଞ ଡା. ଅଭୟ କୁମାର ଓଝା ଓ ଡା. ପ୍ରଶାନ୍ତ କୁମାର ବେହେରାଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପକ୍ଷରେ ସନ୍ଧ୍ୟାରେ ସଂଘ ତରଫରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ଆଲୋଚନା ସଭା ଆୟୋଜିତ ହୋଇଥିଲା। ଏଥିରେ ସଂଘର ୨୫ ସଦସ୍ୟ ଯୋଗଦାନ କରି କୋଭିଡ୍-୧୯ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସଂଘର ଦିବଂଗତ ପ୍ରତିଷ୍ଠାତା ସଭାପତି ଡା. ହରିଦାସ କୁଣ୍ଡୁ ଓ ଦିବଂଗତ ପ୍ରତିଷ୍ଠାତା ସମ୍ପାଦକ ବ୍ରଜକିଶୋର ମହାରଣାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା


| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧୧୬ | ୯୨୦/୨୨୬ | ୨୭୭ | ୦.୫୩୦ | ୦.୦୩୦ | ଡାବୋ ଖାଁ, ପିତା: ଯୋଗୀ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୭ | ୯୨୦/୨୨୭ | ୨୫୭ | ୦.୧୦୦ | ୦.୧୦୦ | ଡାବୋ ଖାଁ, ପିତା: ଯୋଗୀ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୮ | ୯୨୦/୨୨୯ | ୨୫୭/୨୭୮୭ | ୦.୧୨୦ | ୦.୦୧୦ | ଡାବୋ ଖାଁ, ପିତା: ଯୋଗୀ ଖାଁ, ଜା: ମୁସଲମାନ, ବା: ତାରାକୋଟ | |
| ୧୧୯ | ୯୨୦/୨୫୧ | ୨୩୧/୨୭୭୭ | ୦.୬୪୦ | ୦.୩୫୦ | ସେକ୍ ନରୁଉଦ୍ଦିନ ଓଗେର, ପିତା: ଆଇଲାଉଦ୍ଦିନ, ଜା: ମୁସଲମାନ, ବା: ନେଉଳପୁର, ଥାନା: ଧର୍ମଶାଳା | |
| | | | ମୋଟ | ୨୩.୬୮୦ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୧୯ (ଏକ ଶହ ଉଣେଇଶି), ମୋଟ ଅଧିଗୃହୀତ ଜମି: ୨୩.୬୮୦ ଏକର

OIPR-24001/14/0035/2021



**GOVT. OF ODISHA**
**OFFICE OF THE SUPERINTENDING ENGINEER, NORTH EASTERN RURAL WORKS CIRCLE, KEONJHAR**
**'e' Procurement Notice for Bridge Work**
No.O-146:- **Identification No.Bridge Online NCB No.274**
No.1181/Date:25.06.2020

1. Name of the work: Constrcution of bridge over Local Nallah at 7th Km. on Gundala to Tana road under OMBADC in the District of Keonjhar. 2. Total No.of work: 01 (One) No. 3. Estimated cost : As per Annexure (Approximately). 4. Eligible class of contractor: As per Annexure. 5. Period of completion : 12 (Twelve) calendar months. 6. Other details:-

| Procurement Officer | Bid identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural works Circle, Keonjhar | Bridge Online NCB No.274 | Dt.09.07.20 at 11.00 A.M. | Dt.23.07.20 upto 3.00 P.M. | Dt.22.07.20 upto 3.00 P.M. | Dt.24.07.20 at 11.00 A.M. | Will be intimated separately |

Further details can be seen from the website: www.tendersorissa.gov.in

**Sd./- (P.K. Misra), Superintending Engineer, N.E.R.W. Circle, Keonjhar**
OIPR-25048/11/0001/2021



**OFFICE OF THE PANCHAYAT SAMITI, CHITRAKONDA**
No.1487/2020 Dated:02.07.2020

**CORRIGENDUM**

In partial modification to the Tender Call Notice published vide No.1409 dated 22.06.2020 of Panchayat Samiti, Chitrakonda, the schedule dates for Selling of Tender Papers, submission of sealed tender papers and date of opening of tender papers are hereby extended as detailed below, in view of the shut-down for Covid-19 and in under unaviodable circumstances.

| Sl.No. | Revise Dates of Tender Call Notice No.-1409 Dated 22.06.2020 | |
|---|---|---|
| 01 | Last date for selling of Tender Papers | 06.07.2020 (upto 5.00 P.M.) |
| 02 | Last date for Receiving of Tender Papers | 09.07.2020 (upto 5.00 P.M.) |
| 03 | Opening of Sealed Tender Papers | 10.07.2020 (11.30 A.M.) |

**Sd./- Block Development Officer Chitrakonda**



**THE ODISHA MINING CORPORATION LIMITED**
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**

**NOTICE INVITING TENDER No. 07/OMC/C/CT/2020**

No. CAD-234:- Tender from the registered Civil contractors are invited having registration of PF, PAN and GST for the below noted works.

| Sl. No. | Name of the works | Estimated Cost (in lakhs) | Time period of the work | Class of Contractor | E.M.D in D.D. (in Rs.) | Cost of Bid Document (Rs.) |
|---|---|---|---|---|---|---|
| 1 | Renovation of canteen, sewerage line & inside painting to Qtr. No. D-13 & D-14(Transit guest house) at Central Township in the dist. of Jajpur. | 4.65 | One Month | D & C | 4650.00 | 2000.00 + 18% GST |
| 2 | Construction of one No.1000mm dia RCC hume pipe culvert at junction of concrete haul road & F-quarry haul road of South Kaliapani Mines in the dist. of Jajpur. | 4.96 | One Month | D & C | 4960.00 | 2000.00 + 18% GST |
| 3 | Provision of two Nos. 1200 mm dia RCC hume pipe culvert along existing RCC drain at "WD-1" of South Kaliapani Mines in the dist. of Jajpur | 4.98 | One Month | D & C | 4980.00 | 2000.00 + 18% GST |
| 4 | Supplying, fitting & fixing of doors, windows & installation of PVC over head water tank for security barrack near COB plant of OMC Ltd Kaliapani in the dist. of Jajpur. | 4.45 | One Month | D & C | 4450.00 | 2000.00 + 18% GST |
| 5 | Excavation of settling pit & clear water tank near Koiposi parking yard of South Kaliapani Mines in the dist. of Jajpur. | 3.13 | One Month | D & C | 3130.00 | 2000.00 + 18% GST |
| 6 | Ancilary work of 2nd floor mines administrative office building at C/T,Kaliapani in the dist. of Jajpur | 4.84 | One Month | D & C | 4840.00 | 2000.00 + 18% GST |
| 7 | Excavation of settling pit near BGR camp & clear water tank new ore plot of South Kaliapani Mines in the dist. of Jajpur. | 3.91 | One Month | D & C | 3910.00 | 2000.00 + 18% GST |

01. Date & time of selling of bids : From dt.10.07.2020 to dt.20.07.2020 up to 3.00PM.
02. Last date and time of submission of bids at allocated Tender Box : Dt.20.07.2020 up to 5.00 P.M.
03. Date & time of opening of bid : Dt.21.07.2020 at 11.00 A.M.
04. For the details you may refer D.T.C.N.
05. Tender inviting authority : Sr.Manager (Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

**Sd./- Sr.Manager (Civil), Kaliapani**
**OIPR-30005/11/0037/2021**



**ତହସିଲ କାର୍ଯ୍ୟାଳୟ, ବିନିକା, ଜିଲ୍ଲା- ସୁବର୍ଣ୍ଣପୁର**
**(ବିଜ୍ଞାପନ)**

ଏତଦ୍ୱାରା ବିନିକା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଯେଉଁ ବ୍ୟକ୍ତିମାନେ **ରୋଜ୍ ଭ୍ୟାଲି କମ୍ପାନୀ**ରେ ଅର୍ଥ ବିନିଯୋଗ କରିଛନ୍ତି, ସେମାନେ ସମସ୍ତ କାଗଜପତ୍ର ଧରି ଖବର ପ୍ରକାଶିତ ହେବାର ୭ ଦିନ ମଧ୍ୟରେ ବିନିକା ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ହେବା ପାଇଁ ଅନୁରୋଧ କରାଗଲା । ୭ ଦିନ ପରେ ଏହାର କୌଣସି ବିଚାର କରାଯିବ ନାହିଁ ଏବଂ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

| କ୍ର.ନଂ. | ବ୍ୟକ୍ତିଙ୍କ ନାମ | ପିତା/ସ୍ୱାମୀ/ସମ୍ପର୍କୀୟଙ୍କ ନାମ |
|---|---|---|
| ୧ | ସୁଶୀଳ ଭୁଏ | ବନମାଳୀ ଭୁଏ |
| ୨ | ନୁର୍‌ଜାନ୍ ବିବି | ଇନ୍‌ଜେଲ୍ ଖାନ୍ |
| ୩ | ଶିସେର ଭୋଇ | ଯଦୁମଣି ଭୋଇ |
| ୪ | ବାସନ୍ତୀ ପଧାନ | ଏକାଦଶିଆ ପଧାନ |
| ୫ | ଜାନକୀ ପଧାନ | ମଣି ପଧାନ |
| ୬ | ଅରୁଣ ନାଏକ | ଭାଗୀରଥି ନାଏକ |
| ୭ | ରମେଶ ମହାକୁର | ଦୁତିଆ ମହାକୁର |
| ୮ | ସୁଶୀଳ ଭୁଏ | ବନମାଳୀ ଭୁଏ |
| ୯ | ନରେଶ ପଧାନ | ଜଗତ ପଧାନ |
| ୧୦ | ବିଶ୍ୱାମିତ୍ର ଭୋଇ | ପାଣ୍ଡବ ଭୋଇ |

ସ୍ୱା./- ତହସିଲଦାର, ବିନିକା
ଜିଲ୍ଲା- ସୁବର୍ଣ୍ଣପୁର



Your classified advertisement published in Dharitri will be listed free in Dharitri online edition :
**www.dharitri.com**



ରେଳଯାତ୍ରାକୁ ମନୋରମ କରିବା ପାଇଁ ଉତ୍ତର-ପୂର୍ବ ରେଲୱେ ଲକ୍ଷ୍ନୌ ଡିଭିଜନ ପକ୍ଷରୁ ଏକ ପ୍ରୟାସ ଆରମ୍ଭ ହୋଇଛି। ଏହା ଅନ୍ତର୍ଗତ ଐଶବାଗ୍‌ଠାରୁ ମହ୍ଲୋର ପର୍ଯ୍ୟନ୍ତ ରେଳଲାଇନ୍ ପାର୍ଶ୍ୱରେ ଫୁଲଗଛ ଲଗାଯିବ। ଫଳରେ ରେଳଲାଇନ କଡ଼ରେ ପଡୁଥିବା ବର୍ଜ୍ୟ ଯୋଗୁ ସୃଷ୍ଟି ହେଉଥିବା ଦୁର୍ଗନ୍ଧ ଆଉ ସୃଷ୍ଟି ହେବ ନାହିଁ। ଏହା ସହିତ ରେଳଲାଇନ୍ ନିକଟ ଅଞ୍ଚଳକୁ ପରିଷ୍କାର ରଖାଯିବ ବୋଲି ଲକ୍ଷ୍ନୌ ଡିଭିଜନ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ୫ ହଜାର ଫୁଲଗଛ ଚାରା ରୋପଣ କରାଯାଇଛି। ଚଳିତ ବର୍ଷ ଏଠାରେ ଦେଢ଼ଲକ୍ଷ ଚାରା ରୋପଣ ଲକ୍ଷ୍ୟ ରହିଛି ବୋଲି ଡିଆର୍‌ଏମ୍ ଡ. ମୋନିକା ଅଗ୍ନିହୋତ୍ରୀ ସୂଚନା ଦେଇଛନ୍ତି।

# ଆତ୍ମହତ୍ୟା ଧମକ ଦେଲେ ରାଣୀ



ରାଣୀ ଚାଟାର୍ଜୀ

ମୁମ୍ବାଇ: ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଆତ୍ମହତ୍ୟାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଆଉ ଜଣେ ଅଭିନେତ୍ରୀ ଆତ୍ମହତ୍ୟା କରିବାକୁ ଧମକ ଦେଇଛନ୍ତି। ଟେଲିଭିଜନ ଶୋ' 'ଖତ୍‌ରୋଁ କେ ଖିଲାଡ଼ି'ରେ ନଜର ଆସିଥିବା ଭୋଜପୁରୀ ଅଭିନେତ୍ରୀ ରାଣୀ ଚାଟାର୍ଜୀଙ୍କ ପୋଷ୍ଟକୁ ନେଇ ଏଭଳି ଆଲୋଚନା ହେଉଛି। ରାଣୀ ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଲେଖିଛନ୍ତି। ସେ ଏବେ ଡିପ୍ରେସନ୍‌ରେ ଅଛନ୍ତି। ଏହି କାରଣରୁ ନିଜକୁ କ୍ଷତି ପହଞ୍ଚାଇପାରନ୍ତି ବୋଲି କହିବା ସହ ପୋଷ୍ଟ ଶେଷରେ ହାସ୍ ଟ୍ୟାଗ୍ ସୁଇସାଇଡ୍ ଲେଖିଛନ୍ତି। ଏପରିକି ପୋଷ୍ଟରେ ସେ ମୁମ୍ବାଇ ପୋଲିସକୁ ଟ୍ୟାଗ୍ କରିଛନ୍ତି। ରାଣୀଙ୍କୁ ଦୀର୍ଘ ବର୍ଷ ଧରି ଧନଞ୍ଜୟ ସିଂହ ନାମକ ବ୍ୟକ୍ତି ହଇରାଣ କରି ଆସୁଛନ୍ତି। ଫଳରେ ସେ ବିବ୍ରତ ହୋଇଯାଇଛନ୍ତି। ସେ ମୋଟୀ, ବୁଢ଼ୀ ବୋଲି ଧନଞ୍ଜୟ କହୁଛନ୍ତି। ଏପରିକି ଯଦି ସେ କିଛି କାମ କଲେ, ତାହା ବେକାର ବୋଲି ଧନଞ୍ଜୟ କହୁଥିବା ରାଣୀ ପୋଷ୍ଟରେ ଲେଖିଛନ୍ତି। ପ୍ରିୟଜନ ଏହାକୁ ଧ୍ୟାନ ନ ଦେବା ଲାଗି କହୁଥିଲେ। ହେଲେ ଆଉ ସହି ହେଉନାହିଁ। ସେ ଚାହାନ୍ତି ରାଣୀ ମରିଯାଆନ୍ତୁ। ଏଣୁ ଜୀବନ ବିଷାଦଗ୍ରସ୍ତ ହୋଇଗଲାଣି ବୋଲି ରାଣୀ କହିବା ସହ ଯଦି ତାଙ୍କର କିଛି ହୁଏ ତେବେ ଧନଞ୍ଜୟ ଦାୟୀ ରହିବେ ବୋଲି ରାଣୀ ଲେଖିଛନ୍ତି। ସେ ସାଇବର୍ ସେଲ୍‌ରେ ଏ ନେଇ ଅଭିଯୋଗ ମଧ୍ୟ କରିଥିବା କହିଛନ୍ତି। ଏହି ପୋଷ୍ଟ ଭାଇରାଲ ହେଉଥିବା ବେଳେ ପ୍ରଶଂସକମାନେ ଏଭଳି ନ କରିବାକୁ ଅପିଲ କରିଛନ୍ତି।

# ପନିର କିଲୋ ୭୮ ହଜାର

**ପନିର କିଲୋ ୭୮ ହଜାର। ତାହା ବି ଗାଈ କି ମଇଁଷି କ୍ଷୀରରୁ ନୁହେଁ, ବରଂ ଗଧ କ୍ଷୀରରୁ ପ୍ରସ୍ତୁତ। ୟୁରୋପୀୟ ରାଷ୍ଟ୍ର ସର୍ବିୟାରେ ଏକ ପ୍ରକାର ବିଲୁପ୍ତ ପ୍ରଜାତିର ଗଧ କ୍ଷୀରକୁ ଚମତ୍କାରୀ ସୁଷମ ଖାଦ୍ୟ ଭାବେ ବିବେଚନା କରାଯାଏ। ତେଣୁ ଏଥିରୁ ତିଆରି ଛେନାର ଖାସ୍ ଗ୍ରାହକ ଅଛନ୍ତି।**







**ବେଲ୍‌ଗ୍ରେଡ୍:** କେଜିଏ ପନିରର ଦାମ୍ ଅତିବେଶିରେ କେତେ ହୋଇପାରେ? ୨୦୦ ଟଙ୍କା, ୩୦୦ ଟଙ୍କା ଅଥବା ଅତି ବେଶିରେ ୫୦୦ ଟଙ୍କା। ହେଲେ ଯଦି କୁହାଯାଏ ଏକ କେଜି ପନିରର ଦାମ୍ ୭୮,୦୦୦ ଟଙ୍କା, ତା'ହେଲେ ଏହା ଅନେକଙ୍କୁ ବିଶ୍ୱାସ ହୋଇ ନ ପାରେ। ହେଲେ ସର୍ବିୟାରେ ଏକପ୍ରକାର ବିଲୁପ୍ତ ପ୍ରଜାତିର ଗଧ କ୍ଷୀରରୁ ତିଆରି ଉଚ୍ଚ ଗୁଣବତ୍ତାସମ୍ପନ୍ନ ପନିର ଏମିତି ଚଢ଼ା ଦରରେ ବିକ୍ରି ହେଉଛି।

ତୃଣଭୋଜୀ ପ୍ରାଣୀ 'ଗଧ' ଭାରତୀୟ ଜନମାନସରେ ଉପହାସିତ ହୋଇ ରହିଆସିଛି। ଏହି ଭାରବାହୀ ପ୍ରାଣୀ ମଣିଷର ବହୁ ଉପକାରରେ ଆସୁଥିଲେ ହେଁ ସାଧାରଣତଃ ଏହାକୁ କେହି ସମ୍ମାନ ଦିଅନ୍ତି ନାହିଁ। ହେଲେ ଚାଇନା ଏବଂ ସର୍ବିୟାରେ ଗଧର ଭଲ ଚାହିଦା ରହିଛି। ସର୍ବିୟାରେ ଏକ ଉନ୍ନତ ପ୍ରଜାତିର ଗଧ କ୍ଷୀରରୁ ପନିର ପ୍ରସ୍ତୁତ କରାଯାଏ। ତେବେ ଏହି ପ୍ରଜାତିର ଗଧ ଖୁବ୍ ଦୁର୍ଲଭ। ସେମାନଙ୍କ ନିକଟରୁ ସଂଗୃହୀତ କ୍ଷୀରର ପରିମାଣ ଖୁବ୍ କମ୍ ହୋଇଥିବାରୁ ପନିର ଏବେ ଉଚ୍ଚ ଦରରେ ବିକ୍ରି ହେଉଛି।

ଉତ୍ତର ସର୍ବିୟାର ପ୍ରାକୃତିକ ପରିବେଶରେ 'ସ୍ଲୋବୋଦାନ୍ ସିମିକ୍'ଙ୍କ ଏକ ଗଧ ଫାର୍ମ ରହିଛି। ଏଠାରେ ୨୦୦ରୁ ଊର୍ଦ୍ଧ୍ୱ ଗଧ ଅଛନ୍ତି। ସିମିକ୍ କୁହନ୍ତି, ଫାର୍ମରେ ଥିବା ଦୁର୍ଲଭ ପ୍ରଜାତିର ଗଧ ତାଙ୍କ ଲାଗି ବରଦାନ ସାବ୍ୟସ୍ତ ହୋଇଛି। ସେମାନଙ୍କଠାରୁ ଉତ୍ପାଦିତ କ୍ଷୀର ଉଚ୍ଚଗୁଣବତ୍ତା ସମ୍ପନ୍ନ। ସ୍ୱାସ୍ଥ୍ୟ ଉପଯୋଗୀ ମଧ୍ୟ। ଏହା ପ୍ରୋଟିନ୍‌ରେ ଭରପୂର। ଗାଈ କ୍ଷୀରରୁ ଆଲର୍ଜି ହେଉଥିବା ଲୋକଙ୍କ ପାଇଁ ଏହି ଗଧ କ୍ଷୀର ଉତ୍ତମ ବିକଳ୍ପ ବୋଲି ମିଳିତ ଜାତିସଂଘର ଏକ ଗବେଷଣାରୁ ଜଣାପଡ଼ିଛି।

ସିମିକ୍ ଆହୁରି ମଧ୍ୟ କହିଛନ୍ତି, ଗଧ କ୍ଷୀରରୁ ପ୍ରସ୍ତୁତ ପନିରର ପେଟେଣ୍ଟ ତାଙ୍କ ନିକଟରେ ରହିଛି। ସେ ହିଁ ପ୍ରଥମେ ଏହି କଥା ଚିନ୍ତା କରିଥିଲେ। ତେବେ ଏହାକୁ ପ୍ରସ୍ତୁତ କରିବା ସହଜ ନ ଥିଲା। କାରଣ ଏଥିରେ 'କାସେନ୍' ସ୍ତର ବହୁତ କମ୍। 'କାସେନ୍' ହେଉଛି ଏକପ୍ରକାର ଉପାଦାନ, ଯାହା ପନିର ପ୍ରସ୍ତୁତ ସମୟରେ ବାଇଣ୍ଡିଂ ଏଜେଣ୍ଟ ଭଳି କାମ କରିଥାଏ। ବିକଳ୍ପ ସ୍ୱରୂପ ଗଧ କ୍ଷୀରରେ କିଛି ପରିମାଣରେ ଛେଳି କ୍ଷୀର ମିଶାଯାଇଥିଲା। ଏହାପରେ ସମସ୍ୟାରେ ସମାଧାନ ବାହାରିଥିଲା। ଦିନକୁ ଗୋଟିଏ ଗଧ ୧ ଲିଟରରୁ କମ୍ କ୍ଷୀର ଦିଏ। ତେଣୁ ପନିର ଉତ୍ପାଦନ ଯଥେଷ୍ଟ ପରିମାଣରେ ହୋଇପାରୁନାହିଁ। ବର୍ଷକୁ ଏହି ଫାର୍ମରୁ ମାତ୍ର ୬ରୁ ୧୫ କେଜି ପନିର ପ୍ରସ୍ତୁତ ହେଉଛି। ବିଦେଶୀ ଏବଂ ପର୍ଯ୍ୟଟକମାନେ ଏହାର ପ୍ରମୁଖ ଗ୍ରାହକ। କେବଳ ପନିର ନୁହେଁ, ଗଧ କ୍ଷୀରରୁ ମଦ ଏବଂ ସାବୁନ ମଧ୍ୟ ତିଆରି କରାଯାଉଛି। ୨୦୧୨ରେ ଏହି ପନିର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଟେନିସ୍ ଷ୍ଟାର ନୋବାକ୍ ଜୋକୋଭିଚ୍‌ଙ୍କୁ ଏହି ପନିର ବର୍ଷସାରା ସପ୍ଲାଇ କରାଯାଉଥିବା ଚର୍ଚ୍ଚା ହୋଇଥିଲା। ହେଲେ ପରେ ଜୋକୋଭିଚ୍ ଏହାକୁ ଖଣ୍ଡନ କରିଥିଲେ।

ସର୍ବିୟା ଏବଂ ମଣ୍ଟେନିଗ୍ରୋ ଅଞ୍ଚଳରେ ଏହି ପ୍ରଜାତିର ଗଧ ବହୁ ପରିମାଣରେ ଦେଖିବାକୁ ମିଳୁଥିଲେ। ଏମାନଙ୍କୁ ମୁଖ୍ୟତଃ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ତେବେ ଆଧୁନିକ ଯନ୍ତ୍ରପାତି ଗଧଙ୍କ ସ୍ଥାନ ନେଇଯିବା ପରେ ସେମାନେ ଅବହେଳିତ ହୋଇପଡ଼ିଲେ। ସଂରକ୍ଷଣ ଅଭାବରୁ ଏବେ ଏହି ଗଧବଂଶ ବିଲୁପ୍ତ ଅବସ୍ଥାରେ। ତେବେ ସିମିକ୍‌ଙ୍କ ଏହି ଫାର୍ମ ଉକ୍ତ ବିଲୁପ୍ତ ପ୍ରଜାତିର ଗଧଙ୍କ ସଂରକ୍ଷଣ ଦିଗରେ ମଧ୍ୟ କାମ କରୁଛି। ଏକଥା ଜଣାପଡ଼ିବା ପରେ ଏଭଳି ଗଧଙ୍କୁ ପାଳିବାକୁ ଅନେକେ ଆଗ୍ରହୀ ହେଉଛନ୍ତି।

# ବଢୁଛି 'ଦାମିନୀ ଆପ୍'ର ଚାହିଦା



**ଲକ୍ଷ୍ନୌ:** ବଜ୍ରପାତ ଯୋଗୁ ପ୍ରତିବର୍ଷ ବହୁ ଧନଜୀବନ ହାନି ହୋଇଥାଏ। ତେବେ ଏଣିକି ବଜ୍ରପାତ ପୂର୍ବରୁ ସତର୍କ ସୂଚନା ସହଜରେ ମିଳିପାରୁଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ 'ଦାମିନୀ ଆପ୍' ବିକଶିତ କରାଯାଇଛି। ଏହାକୁ ଡାଉନ୍‌ଲୋଡ୍ କରିବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଏହି ଆପ୍ ବଜ୍ରପାତ ହେବାର ୩୦ରୁ ୪୦ ମିନିଟ୍ ପୂର୍ବରୁ ସତର୍କ ସୂଚନା ଦେବାକୁ ସକ୍ଷମ ବୋଲି କୁହାଯାଉଛି। ଗତ ଏକବର୍ଷ ତଳେ ପୁଣେ ସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ ମେଟ୍ରୋଲୋଜି(ଆଇଆଇଟିଏମ୍) ଦାମିନୀ ଆପ୍‌କୁ ବିକଶିତ କରାଯାଇଥିଲା। ୟୁଜର ଏହାକୁ ଗୁଗଲ ପ୍ଲେଷ୍ଟୋରରୁ ଡାଉନଲୋଡ୍ କରିପାରିବେ। ଇତିମଧ୍ୟରେ ଏହି ଆପ୍‌କୁ ଏକ ଲକ୍ଷରୁ ଅଧିକ ୟୁଜର ଡାଉନଲୋଡ୍ କରିସାରିଛନ୍ତି। ୟୁଜରଙ୍କଠାରୁ ୨୦ କିଲୋମିଟର ମଧ୍ୟରେ ବଜ୍ରପାତ ହେବାକୁ ଥିବା ଅଞ୍ଚଳଗୁଡ଼ିକ ସମ୍ପର୍କରେ ଏହି ଆପ୍ ସୂଚନା ଦେବାକୁ ସକ୍ଷମ। ଏବେ ଏହି ଆପ୍‌କୁ ଡାଉନଲୋଡ୍ କରିବା ଲାଗି ଉତ୍ତରପ୍ରଦେଶ କୃଷକଙ୍କୁ ପରାମର୍ଶ ଦିଆଯାଉଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ଜେ.ପି. ଗୁପ୍ତା ସୂଚନା ଦେଇଛନ୍ତି। ବଜ୍ରପାତରୁ ସୁରକ୍ଷିତ ରହିବା ଲାଗି ଆବଶ୍ୟକ ତଥ୍ୟ ଏହି ଆପ୍ ଯୋଗାଇ ଦେଉଥିବାରୁ ରାଜ୍ୟର କୃଷକ ବେଶ୍ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି।

# ୧୦ଲକ୍ଷ ମାସ୍କ ତିଆରି କଲେ ଜେଲ ଅନ୍ତେବାସୀ



**କୋଚି(କେରଳ):** ସମଗ୍ର ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସାମାଜିକ ଦୂରତା ଏବଂ ମାସ୍କ ବ୍ୟବହାର ସଂକ୍ରମଣକୁ ରୋକିବାର ଏକମାତ୍ର ମାଧ୍ୟମ ବୋଲି ସରକାରଙ୍କ ପକ୍ଷରୁ ସଚେତନ କରାଯାଉଛି। ତେବେ ଲକ୍‌ଡାଉନ୍ ଆରମ୍ଭରେ ସମଗ୍ର ଦେଶରେ ମାସ୍କର ଚାହିଦା ଯୋଗୁ ଅଭାବ ଦେଖାଦେଇଥିଲା। ଏଭଳି ପରିସ୍ଥିତିରେ କେରଳରେ ମାସ୍କର ଅଭାବ ପୂରଣ କରିବା ପାଇଁ କାରାଗାର ପ୍ରଶାସନ ଏବହ ସୁଧାର ବିଭାଗ(ପ୍ରିଜନ୍ସ ଆଣ୍ଡ କରେକ୍‌ସନାଲ୍ ସର୍ଭିସେସ୍) ମାସ୍କ ଉତ୍ପାଦନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ୩ ମାସ ମଧ୍ୟରେ ରାଜ୍ୟର ଜେଲ ଅନ୍ତେବାସୀଙ୍କ ସାହାଯ୍ୟରେ ୧୦ଲକ୍ଷ ମାସ୍କ ଉତ୍ପାଦନ କରାଯାଇଥିବା ଜଣାପଡ଼ିଛି। ଲକ୍‌ଡାଉନ୍‌ର ପ୍ରଥମ ୨ମାସରେ ବିଭାଗର ମାସ୍କ ଉତ୍ପାଦନ ୟୁନିଟ ପକ୍ଷରୁ ମାସ୍କ ସିଲାଇବା କାର୍ଯ୍ୟକୁ ଜୋର୍‌ଦାର କରାଯାଇଥିଲା ; ଯଦ୍ୱାରା ଏତେ ପରିମାଣରେ ମାସ୍କ ପ୍ରସ୍ତୁତ ହୋଇଥିଲା। ଚାହିଦା ଦୃଷ୍ଟିରୁ ଦିନକରେ ପ୍ରାୟ ୧୩ହଜାର ମାସ୍କ ତିଆରି କରାଯାଉଥିଲା। ସିଙ୍ଗଲ ୟୁଜ୍ ମାସ୍କ, କଟନ ସିଙ୍ଗଲ ଲେୟର ଏବଂ ଡବଲ ଲେୟର ମାସ୍କ ତିଆରି କରାଯାଉଥିଲା। ଏହା ବ୍ୟତୀତ ବିଗତ ୩ମାସରେ ବିଭାଗ ପକ୍ଷରୁ ୧୫ହଜାର ଲିଟର ସାନିଟାଇଜର ମଧ୍ୟ ପ୍ରସ୍ତୁତ କରାଯାଇଥିବା କାରାଗାର ମୁଖ୍ୟାଳୟ ଡିଆଇଜି ଏସ୍. ସନ୍ତୋଷ କହିଛନ୍ତି। ଏବେ ବିଭିନ୍ନ ସ୍ଥାନରେ ମାସ୍କ ପ୍ରସ୍ତୁତ ହେଉଥିବାରୁ ଆଗଭଳି ଆଉ ଅଭାବ ନାହିଁ। ପ୍ରତ୍ୟେକ ଜେଲରେ ମଧ୍ୟ ମାସ୍କ ଜମା ରହିଛି। ତେଣୁ ବିଭାଗ ପକ୍ଷରୁ ଉତ୍ପାଦନ କମାଇ ଦିଆଯିବା ସହ ସିଙ୍ଗଲ ୟୁଜ୍ ମାସ୍କ ତିଆରି ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। କେତେକ ଜେଲରେ ପ୍ରାୟ ୪୦ହଜାର ମାସ୍କ ଗଚ୍ଛିତ ରହିଛି। ସ୍କୁଲ ଖୋଲିଲେ ପୁଣି ମାସ୍କର ଚାହିଦା ବଢ଼ିପାରେ। ଏହାପରେ ପୁଣି ଉତ୍ପାଦନକୁ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ବିଭାଗ ପକ୍ଷରୁ ଉତ୍ପାଦିତ ମାସ୍କଗୁଡ଼ିକୁ ବିଭିନ୍ନ ଜିଲାରେ ଜେଲ ଆଉଟ୍‌ଲେଟ ମାଧ୍ୟମରେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଯୋଗାଇ ଦିଆଯାଉଥିଲା। ଏବେ ଡବଲ ଲେୟର ଏବଂ ସିଙ୍ଗଲ ଲେୟରର ଗୋଟିଏ ମାସ୍କର ମୂଲ୍ୟ ଯଥାକ୍ରମେ ୧୫ ଏବଂ ୧୦ ଟଙ୍କା ରହିଛି। ସେହିପରି ୧୦୦ ଏମ୍‌ଏଲ୍ ସାନିଟାଇଜରର ମୂଲ୍ୟ ୧୫ ଟଙ୍କା ରହିଥିବା ଜଣାପଡ଼ିଛି। ସେହିପରି ଲକ୍‌ଡାଉନ୍ ଯୋଗୁ ବିଭାଗ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ବିକ୍ରି ବନ୍ଦ ରହିଥିବାବେଳେ କଟକଣା କୋହଳ କରାଯିବା ପରେ ଏବେ ପୁଣି ବିକ୍ରି ବଢ଼ିଥିବା ଜଣାପଡ଼ିଛି।

# ପର୍‌ଫ୍ୟୁମ୍ ସାନିଟାଇଜର

**ଲକ୍ଷ୍ନୌ:** କରୋନା ଭାଇରସ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ବାରମ୍ବାର ହାତକୁ ସାନିଟାଇଜ୍ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବାରମ୍ବାର ହାତକୁ ମନେପକାଇ ସାନିଟାଇଜ୍ କରିବାକୁ ପଡୁଛି। ମାତ୍ର ଏବେ ଏମିତି ଏକ ସାନିଟାଇଜର ଆସିଛି, ଯାହାକୁ ଆପଣ ପରଫ୍ୟୁମ୍ ଭଳି ବ୍ୟବହାର କରିପାରିବେ। ଏଭଳି ଏକ ସ୍ୱତନ୍ତ୍ର ଧରଣର ପରଫ୍ୟୁମ ବାହାର କରିଛନ୍ତି ଆଇଆଇଟି କାନପୁରର ଜଣେ ପୂର୍ବତନ ଛାତ୍ର। କରୋନା ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ଏହି ପରଫ୍ୟୁମ୍ ସବୁବେଳେ ସାନିଟାଇଜ୍ କରିବା ସହିତ ସୁନ୍ଦର ବାସ୍ନାର ମହକ ବି ଦେବ।



ଆଇଆଇଟି କାନପୁରର ୨୦୧୩ ମସିହାର ଛାତ୍ର ଆଂଶିକ ଗଙ୍ଗୱାର ଏବଂ ଗୁଆହାଟି ଆଇଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ହର୍ଷ ଚତୁର୍ବେଦୀ ଏଭଳି ଏକ ପରଫ୍ୟୁମ୍ ଏବଂ ଡିଓ ଆଧାରିତ ସାନିଟାଇଜର ବାହାର କରିଛନ୍ତି। ସେମାନଙ୍କର କହିବା ଅନୁସାରେ ଏହାକୁ ଥରେ ବ୍ୟବହାର କଲେ ଏହାର ବାସ୍ନା ରହିବା ସହିତ ପ୍ରାୟ ୧୦ ଘଣ୍ଟା ପର୍ଯ୍ୟନ୍ତ ଏହା ସାନିଟାଇଜ୍ କରିଥାଏ। ଏବେ ସେମାନେ ଏହି ଡିଓ ସାନିଟାଇଜରର ପେଟେଣ୍ଟ କରିଛନ୍ତି। ତେଣୁ ଖୁବଶୀଘ୍ର ଏହା ବଜାରରେ ମଧ୍ୟ ଉପଲବ୍ଧ ହେବ ବୋଲି ସେମାନେ କହିଛନ୍ତି। ଆଂଶିକଙ୍କ କହିବା ଅନୁସାରେ ଏଥିରେ ୮୦ ପ୍ରତିଶତ ଇଥାଇଲ୍ ଆଲ୍‌କୋହଲ ସହିତ ୧୦ ପ୍ରତିଶତ ଫ୍ରାଗାରାନ୍ସ ଅଏଲ ଏବଂ ୧୦ ପ୍ରତିଶତ ମଶ୍ଚରାଇଜର ବ୍ୟବହାର କରାଯାଇଛି। ଏହି ଉତ୍ପାଦକୁ ଏବେ ୟୁନିଟ୍ ଅଫ୍ ସାଇନ୍ସ ଆଣ୍ଡ ଏଜୁକେଶନ ଡେଭେଲପମେଣ୍ଟ (ୟୁନିସେଡ୍) ସହଯୋଗ କରୁଛି। ୟୁନିସେଡ କହିଛି କି ଏହି ପ୍ରଡକ୍ଟ ହର୍ବାଲ ହୋଇଥିବାରୁ ଏହାର ଦାମ୍ ଅନ୍ୟ ଡିଓ ତୁଳନାରେ ଅଧିକ ରହିବ।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ହରିହର ପାଣିଗ୍ରାହୀ
ଶାନ୍ତିନଗର, ଛତ୍ରପୁର, ଗଞ୍ଜାମ
ଆବିର୍ଭାବ: ୦୬।୦୮।୧୯୪୦
ତିରୋଧାନ: ୨୨।୦୬।୨୦୨୦
ଚାହୁଁ ଚାହୁଁ ବାରଦିନ ବିତିଗଲା, ହେଲେ ପ୍ରତ୍ୟେକ ମୁହୂର୍ତ୍ତରେ ତୁମର ସେହି ହସହସ ମୁହଁ, ସରଳତା, ନିଷ୍ଠା, ସଦାସର୍ବଦା ଆମ ମନ ଭିତରେ ଗଭୀର ସ୍ମୃତି ହୋଇ ରହିବ। ଆରପାରିରେ ଥାଇ ସର୍ବଦା ଆମ ଉପରେ ତୁମର ଆଶୀର୍ବାଦ ରଖିଥାଅ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁଅ: Eng. ଗିରିଜା, ଭବାନୀ, ବୋହୂ: ପଦ୍ମଜା, ସୁପ୍ରଭା, ଝିଅ: ଗାୟତ୍ରୀ, ଧରିତ୍ରୀ, ଜ୍ୱାଇଁ: ଅରୁଣ, ଭବାନୀ, ନାତି: ଓମ୍, ନିଲ୍, ନାତୁଣୀ: ପାୟଲ, କୁଏଲ, କୋଏଲ, ନିକି, ଆଦିତୀ ଓ ଆଦ୍ୟାଶା ଓ ଆତ୍ମୀୟସ୍ୱଜନ।
ଧ-୬୬୬୪୦

**ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ଶ୍ରୀମତୀ ପୂର୍ଣ୍ଣଶଶୀ ବେହୁରା
ତିରୋଧାନ: ୧୯ ଜୁଲାଇ ୨୦୦୫
"ପୁଣ୍ୟତୋୟା", ଇ-୭, ବି.ଜେ.ବି ନଗର, ଭୁବନେଶ୍ୱର
ଏ ବର୍ଷ ଆରମ୍ଭରୁ ଦୁଃଖର ଝଡ଼। ମା, ବାବା ତୁମେ ଦୁହେଁ ଡକାଡକି ହୋଇ ଚାଲିଗଲ, ଆମକୁ ଦେଇଗଲ ଅସରନ୍ତି ଶୂନ୍ୟତା। ଏ ଝଡ଼ ମଧ୍ୟରେ ତୁମର ଆଶୀର୍ବାଦ ହିଁ ଆମ ବଞ୍ଚିବାର ମାଧ୍ୟମ ହୋଇଛି। ସମସ୍ତେ ପ୍ରଣାମ ଜଣାଉଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
କନ୍ୟା, ପୁତ୍ର ଏବଂ ପରିବାରବର୍ଗ।
ଧ-୧୭୬୧୬

**ଦଶାହ ଉପଲକ୍ଷେ**



ସ୍ୱର୍ଗତା ମାଗୁଣୀ ସ୍ୱାଇଁ
ତମାଣ୍ଡୋ, ଭୁବନେଶ୍ୱର
ଆଜିର ତିଳତର୍ପଣ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିପ୍ରଦ ହେଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ।
-:ଶୋକସନ୍ତପ୍ତ ସହ:-
ଭଣଜା: ଦୁଃଶାସନ ସ୍ୱାଇଁ, ପୁତ୍ର: ରମେଶ, ସୁରେଶ, ପ୍ରକାଶ, କନ୍ୟା: ସଂଯୁକ୍ତା, ପୁତୁରା: ଚିତ୍ତରଞ୍ଜନ, ରାକେଶ, ବନ୍ଧୁ ଓ ସ୍ୱାଇଁ ପରିବାରବର୍ଗ।
ଧ-୬୦୯୬୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ**



ସ୍ୱର୍ଗତ ନବଘନ ମହାପାତ୍ର
ଅବସରପ୍ରାପ୍ତ ଯନ୍ତ୍ରୀ
ଆବିର୍ଭାବ: ୨୪।୦୮।୧୯୨୯
ତିରୋଧାନ: ୧୪।୦୭।୨୦୧୯
ଚାହୁଁ ଚାହୁଁ ବର୍ଷେ ବିତିଗଲା, ହେ ଦିବ୍ୟାତ୍ମା ଆପଣଙ୍କ ବ୍ୟକ୍ତିତ୍ୱ, କର୍ତ୍ତବ୍ୟନିଷ୍ଠା, ଶ୍ରଦ୍ଧା, ପରୋପକାରୀ ଭାବ ଆମପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୬୯୪୨୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଶରତ ଚନ୍ଦ୍ର ଲେଙ୍କା
ଏ/୨୮, ଭାଗୀରଥି ବିହାର, ଢେଙ୍କାନାଳ
ଆବିର୍ଭାବ: ୦୭।୦୪।୧୯୫୩
ତିରୋଧାନ: ୨୩।୦୬।୨୦୨୦
ବାପା, ପବିତ୍ର ଶ୍ରୀଗୁଣ୍ଡିଚା ଦିନରେ ତୁମେ ଆମକୁ ଛାଡ଼ି ଚାଲିଗଲ। ଦୀର୍ଘ ୨୨ବର୍ଷ ଧରି ଶଯ୍ୟାଶାୟୀ ହୋଇ ମଧ୍ୟ ପ୍ରତି ମୁହୂର୍ତ୍ତରେ ଆମକୁ ସ୍ନେହ ଏବଂ ସାହସ ଦେଇ ଆସୁଥିଲ। ଜୀବନର ପ୍ରତି ମୁହୂର୍ତ୍ତରେ ତୁମେ ଆମର ଦିଗଦର୍ଶକ ଏବଂ ବନ୍ଧୁପରି ଥିଲ। ତୁମର ସ୍ଥାନଟି ବାପା ଆମ ଜୀବନରେ ଶୂନ୍ୟହୋଇ ରହିବ। ପ୍ରଭୁ ଜଗନ୍ନାଥଙ୍କ ପାଖରେ ତୁମ ଆତ୍ମାର ସଦ୍‌ଗତି ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁଅ: ସିପୁ, ଦୀପୁ, ପୁତ୍ରବଧୂ: ଦୀପ୍ତି, ମିକି, ନାତି-ନାତୁଣୀ: ଇସାନ, ତ୍ରିଷ୍ଟା, ବନ୍ଧୁ ପରିବାରବର୍ଗ।
ଧ-୬୬୮୬୭

**ପ୍ରଥମ ବାର୍ଷିକୀ ଉପଲକ୍ଷେ ଶୋକ ବାର୍ତ୍ତା**



ସ୍ୱର୍ଗତା ଝରଣା ଦାସ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ସଠିଲୋ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ସା: ଭୋଗବାଟୀ, ବେତନଟୀ, ମୟୂରଭଞ୍ଜ
ଆବିର୍ଭାବ: ୨୫।୦୫।୧୯୫୬
ତିରୋଧାନ: ୩୦।୦୫।୨୦୧୯
ତୁମେ ଆମ୍ଭମାନଙ୍କୁ ଛାଡ଼ି ଯିବାର ଏକବର୍ଷ ବିତି ଗଲାଣି କିନ୍ତୁ କାହିଁକି କେଜାଣି ଆପଣ ଯେ ଆମ ପାଖରେ ନାହାନ୍ତି ତାହା ବିଶ୍ୱାସ କରି ହେଉନାହିଁ। ତୁମର ସେ ଆଦର ସ୍ନେହକୁ ଆପଣଙ୍କ ଅବର୍ତ୍ତମାନରେ ମଧ୍ୟ ଭୁଲି ହେଉ ନାହିଁ। ଆପଣ ଯେଉଁଠି ବି ଥାଆନ୍ତୁ ଆମ୍ଭମାନଙ୍କ ଉପରେ ଆପଣଙ୍କ ସେ ସ୍ନେହ ଓ ଆଶୀର୍ବାଦ ରଖିଥିବେ ଏତିକି ଆମ୍ଭମାନଙ୍କର ନିବେଦନ। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ ଏହା ଆମ୍ଭମାନଙ୍କର ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପଟ୍ଟନାୟକ ଓ ଦାସ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୧୭୬୫୧

**ନବମ ଶ୍ରାଦ୍ଧବାର୍ଷିକୀ**



√ ସୁବାସ ଚନ୍ଦ୍ର ପଟ୍ଟନାୟକ
ନୁଆବଜାର, କଟକ
ଆବିର୍ଭାବ : ୨୦.୦୯.୧୯୪୪
ତିରୋଧାନ : ୦୨.୦୭.୨୦୧୨
(ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ (ନିଳାଦ୍ରୀ ବିଜେ)
ଚାହୁଁ ଚାହୁଁ ୮ ବର୍ଷ ବିତିଗଲା, ସେହି ନିଳାଦ୍ରୀ ବିଜେ ଦିନ, ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପାଖକୁ ଆପଣ ଚାଲିଗଲେ। ସେହି ଠାକୁରଙ୍କ ପାଖରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଅଶ୍ରୁଳ ପ୍ରଣାମ ଜଣାଉଛୁ, ଆପଣଙ୍କ ଆଶୀର୍ବାଦ ସବୁଦିନ ଆମ ଜୀବନର ପାଥେୟ ହୋଇ ରହିଥାଉ।
-:ଶୋକସନ୍ତପ୍ତ:-
ସ୍ତ୍ରୀ-ମନି, ପୁଅ-ବୁବୁ, ସୁବୁ, ବୋହୂ-ବେବି, ପିଙ୍କି, ନାତି ଓ ନାତୁଣୀ-ରିଶି, ପୁପୁଲି, ରାହି
ଧ-୧୭୬୪୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଲିଆଣ୍ଡରଙ୍କ ଡର



ଭାରତର ସଫଳତମ ଟେନିସ ତାରକା ବିବେଚିତ ହେଉଥିବା ଲିଆଣ୍ଡର ପେସ୍ ଏବେ ଏକ ଭୟ ତଥା ଡରର ସମ୍ମୁଖୀନ ହୋଇଛନ୍ତି। କ୍ରମାଗତ ଅଷ୍ଟମ ଅଲିମ୍ପିକ୍ ଖେଳିବା ନେଇ ତାଙ୍କର ସ୍ୱପ୍ନ ଅଧୁରା ରହିଯିବ ବୋଲି ସେ ଚିନ୍ତା କରିବା ଆରମ୍ଭ କଲେଣି। କୋଭିଡ୍-୧୯ ମହାମାରୀ କାରଣରୁ ଅଲିମ୍ପିକ୍ସ ସମେତ ବିଶ୍ୱର କେତେକ ବଡ଼ବଡ଼ ଇଭେଣ୍ଟ ବାତିଲ ହୋଇଛି କିମ୍ବା ସ୍ଥଗିତ ରହିଛି। ଯଦି ଏହି ମହାମାରୀ କାରଣରୁ ଟୋକିଓ ଅଲିମ୍ପିକ୍ସ ବାତିଲ ହୋଇଯାଏ ତାହାଲେ ତାଙ୍କର ଅଷ୍ଟମ ଅଲିମ୍ପିକ ଖେଳିବା ସ୍ୱପ୍ନ ଅଧୁରା ରହିବ। କାରଣ ସେ ପରବର୍ତ୍ତୀ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଖେଳ ଜାରି ରଖିପାରିବେ ନାହିଁ ବୋଲି କହିଛନ୍ତି। ତେଣୁ ତାଙ୍କର ଏହି ସ୍ୱପ୍ନ ଏବେ ସୂତାଖିଅରେ ଝୁଲୁଛି।

କିଛିଦିନ ତଳେ ନିଜର ୪୭ତମ ଜନ୍ମ ଦିନ ପାଳନ କରିଥିବା ପେସ୍ ୨୦୨୦ ଟୋକିଓ ଅଲିମ୍ପିକ୍ସ ତାଙ୍କ କ୍ୟାରିୟରର ଶେଷ ଅଲିମ୍ପିକ୍ସ ହେବ ବୋଲି ଘୋଷଣା କରିଥିଲେ। କିନ୍ତୁ କରୋନା ଭାଇରସ ତାଙ୍କ ଯୋଜନାକୁ ଏକ ପ୍ରକାର ଧୂଳିସାତ୍ କରିଛି। ଅଲିମ୍ପିକ୍ସ ନେଇ ଚିନ୍ତିତ ରହିଛି। କାରଣ ମୋର ବ୍ୟକ୍ତିଗତ ତଥା ପେସାଦାର ଆକାଂକ୍ଷା ଏହା ସହିତ ଜଡିତ ରହିଛି ବୋଲି ସେ କହିଛନ୍ତି। ଟୋକିଓ ଅଲିମ୍ପିକ୍ସ ଖେଳି କ୍ୟାରିୟର ଶେଷ କରିବାକୁ ଯୋଜନା ରଖିଥିଲି। କିନ୍ତୁ ଏବେ ଅଲିମ୍ପିକ୍ସ ୨୦୨୧କୁ ଘଞ୍ଚାଇ ଦିଆଯାଇଛି। ଇତିମଧ୍ୟରେ ବିଶ୍ୱ ଅର୍ଥ ବ୍ୟବସ୍ଥା ତଳକୁ ତଳ ଗତି କରୁଛି। ଏପରିସ୍ଥଳେ ଅଲିମ୍ପିକ ପାଇଁ କର୍ପୋରେଟ୍ ପ୍ରାୟୋଜକ କିପରି ଆସିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିନା ଟିକା ବା ଭ୍ୟାକ୍ସିନ୍ ଓ ଦର୍ଶକଙ୍କ ବିନା ଏବେ ଅଲିମ୍ପିକ ଆୟୋଜନ ହେବା ଅସମ୍ଭବ ମନେହେଉଛି। ଷ୍ଟାଡିୟମ ଖାଲି ରହିଲେ ରାଜସ୍ୱ କିପରି ଆସିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖେଳ ଏବେ ବ୍ୟବସାୟରେ ପରିଣତ ହୋଇଛି। ଖେଳାଳିମାନେ ଲକ୍ଷଲକ୍ଷ ଟଙ୍କା ଅର୍ଥ ଉପାର୍ଜନ କରୁଛନ୍ତି। କିନ୍ତୁ ଏବେ ପରିସ୍ଥିତି ଅଲଗା ହୋଇଛି ବୋଲି ସେ କହିଛନ୍ତି। ୧୯୯୨ଠାରୁ ଏପର୍ଯ୍ୟନ୍ତ ପେସ୍ ସବୁ ୭ଟି ଯାକ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଛନ୍ତି। ଟୋକିଓ ଅଲିମ୍ପିକ୍ସ ବାତିଲ ହେଲେ ଆସନ୍ତା ଅଲିମ୍ପିକ୍ସ ପର୍ଯ୍ୟନ୍ତ ଅପେକ୍ଷା କରିପାରିବି ନାହିଁ ବୋଲି ୧୮ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ପେସ୍ କହିଛନ୍ତି। ପେସ୍ ୮ ଡବଲ୍ସ ଓ ୧୦ଟି ମିକ୍ସଡ ଡବଲ୍ସ ଟାଇଟଲ ଜିତିଛନ୍ତି। ନିଜ ଦେଶର ଅନ୍ୟତମ ଅଭିଜ୍ଞ ଖେଳାଳି ମହେଶ ଭୂପତିଙ୍କ ସହ ସାଥୀ ହୋଇ ପେସ୍ ବିଶ୍ୱର ୧ ନମ୍ବର ଡବଲ୍ସ ଯୋଡିର ମାନ୍ୟତା ପାଇଥିଲେ।

# ଖେଳାଳିରୁ କୋଚ୍

**ଘରୋଇ କ୍ରିକେଟରେ ଅତ୍ୟନ୍ତ ସଫଳ ରହିଥିବା ୱାସିମ୍ ଜାଫର ଅବସର ନେବା ପରେ କୋଚିଂ ପ୍ରତି ମନ ବଳାଇଛନ୍ତି। ଜାଫର ବିଦର୍ଭର କୋଚ୍ ହେବାପାଇଁ ଇଚ୍ଛା କରିଥିଲେ। ମାତ୍ର ସୁଯୋଗ ନ ମିଳିବାରୁ ସେ ଉତ୍ତରାଖଣ୍ଡ ପ୍ରସ୍ତାବକୁ ଗ୍ରହଣ କରିଛନ୍ତି।**



ଗତବର୍ଷ ପ୍ରଥମଶ୍ରେଣୀ କ୍ରିକେଟକୁ ଅଲ୍‌ବିଦା ଜଣାଇବାପରେ କୋଚିଂ ପ୍ରତି ମନ ବଳାଇଛନ୍ତି ୱାସିମ୍ ଜାଫର। ଖେଳାଳିଭାବେ ସେ ଯେପରି ପ୍ରତିଷ୍ଠିତ ହୋଇଛନ୍ତି କୋଚ୍‌ଭାବେ ମଧ୍ୟ ସେ ସେପରି ହେବାକୁ ଚାହାନ୍ତି। ଏ କ୍ଷେତ୍ରରେ ବଲବିନ୍ଦର ସିଂ ସାନ୍ଧୁ ଓ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ କାର୍ଯ୍ୟଶୈଳୀ ତାଙ୍କର ଖୁବ୍ ପସନ୍ଦ। ସେମାନଙ୍କୁ ଅନୁସରଣ କରି ଆଗକୁ ବଢ଼ିବାକୁ ସେ ଚେଷ୍ଟା କରୁଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ରେକର୍ଡର ଅଧିକାରୀ ଜାଫର ପ୍ରକୃତରେ ବିଦର୍ଭ ଦଳର କୋଚ୍ ହେବାପାଇଁ ମନ ବଳାଇଥିଲେ। ମାତ୍ର ଏହି ଦଳ ପକ୍ଷରୁ କୌଣସି ଉତ୍ତର ନ ପାଇବାରୁ ସେ ୨୦୨୦-୨୧ ସିଜନ ପାଇଁ ଉତ୍ତରାଖଣ୍ଡ କୋଚ୍ ଅଫରକୁ ଗ୍ରହଣ କରିଛନ୍ତି। ୨୦ ବର୍ଷରୁ ଊର୍ଦ୍ଧ୍ୱ ଘରୋଇ କ୍ରିକେଟ ଖେଳିବାପରେ ଜାଫର ଏବେ ଫୁଲ୍ ଟାଇମ୍ କୋଚିଂ ଦେବାକୁ ଇଚ୍ଛା ଜାହିର କରିଛନ୍ତି।

**ସଂକ୍ଷେପରେ..**

ନାମ:ୱାସିମ୍ ଜାଫର୍
ଜନ୍ମ: ୧୬ ଫେବୃୟାରୀ ୧୯୭୮
ବୟସ: ୪୨
ଟେଷ୍ଟ: ୩୧ ମ୍ୟାଚ୍
ଦିନିକିଆ: ୨ ମ୍ୟାଚ୍
ରଣଜୀ: ୧୫୦ ମ୍ୟାଚ୍
ରଣଜୀ କ୍ରିକେଟ: ୧୧,୭୭୫ ରନ
ପ୍ରଥମ ଶ୍ରେଣୀ: ୨୫୩ ମ୍ୟାଚ୍
ପ୍ରଥମଶ୍ରେଣୀ କ୍ରିକେଟ: ୧୯,୧୪୭ ରନ୍

କ୍ୟାରିୟରରେ ମୁମ୍ବାଇ ଓ ବିଦର୍ଭ ପକ୍ଷରୁ ରଣଜୀ ଟ୍ରଫି ଖେଳିଥିଲେ ଜାଫର। ଗତ ୫-୬ ବର୍ଷ ହେଲା ବିଶେଷ କରି ବିଦର୍ଭ ଦଳରୁ ପ୍ରତିନିଧିତ୍ୱ କରିବାପରେ ସେ ଯୁବ ଖେଳାଳିଙ୍କୁ ସାହାଯ୍ୟ କରି ଆସୁଥିଲେ। ମୁମ୍ବାଇରେ ଅଳ୍ପଦିନ ପାଇଁ ଅନୁଷ୍ଠିତ କୋଚିଂ କ୍ୟାମ୍ପରେ ମଧ୍ୟ ସେ ଯୋଗ ଦେଇଥିଲେ। ଯୁବ ଖେଳାଳିମାନେ ଯେତେବେଳେ ଯେଉଁ ପରିସ୍ଥିତିରେ ପରାମର୍ଶ ମାଗିଛନ୍ତି ବିନା ଦ୍ୱିଧାରେ ସେମାନଙ୍କୁ ସହାୟତା କରିବା ସହ କ୍ରିକେଟ ସହିତ ଜଡ଼ିତ ରହିବାକୁ ପସନ୍ଦ କରିଛନ୍ତି ଏହି ଭେଟେରାନ ଖେଳାଳି। ଭାରତ ପକ୍ଷରୁ ୩୧ଟି ଟେଷ୍ଟ ଓ ୨ଟି ଦିନିକିଆରେ ପ୍ରତିନିଧିତ୍ୱ କରିଛନ୍ତି ଜାଫର। ସେ ମୁମ୍ବାଇ ଓ ବିଦର୍ଭ ପକ୍ଷରୁ ଖେଳି ରେକର୍ଡ ୧୨,୦୩୮ ରନ ସ୍କୋର କରିଛନ୍ତି।

ଜାଫର କ୍ୟାରିୟର ଆରମ୍ଭ କଲାବେଳେ ବଲବିନ୍ଦର ସିଂ ସାନ୍ଧୁ ମୁମ୍ବାଇ ଦଳର କୋଚ୍ ଥିଲେ। ସାନ୍ଧୁ ଯୁବ ଖେଳାଳିଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ ଏବଂ ଉତ୍ସାହିତ କରୁଥିଲେ। ଏହା ଜାଫରଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ସେତେବେଳେ କୋଚ୍‌ଙ୍କ କାମ କ’ଣ ଜାଣି ନ ଥିଲେ ହେଁ ସାନ୍ଧୁ ଜଣେ ଭଲ ପ୍ରଶିକ୍ଷକ ବୋଲି ଅନୁଭବ କରିଥିଲେ। ପରେ ମୁମ୍ବାଇ ଛାଡ଼ି ଜାଫର ବିଦର୍ଭ ପକ୍ଷରୁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିବାବେଳେ ସେଠାରେ ଚନ୍ଦ୍ରକାନ୍ତ ପଣ୍ଡିତ କୋଚ୍ ଥିଲେ। ପୂର୍ବରୁ ସେ ମୁମ୍ବାଇ ଦଳରେ ପଣ୍ଡିତଙ୍କ ଅଧୀନରେ ଖେଳିଥିଲେ। ମାତ୍ର ପଡ଼ିଆ ବାହାରେ ଉଭୟଙ୍କ ମଧ୍ୟରେ ଭାବ ବିନିମୟର ବିଶେଷ ସୁଯୋଗ ନ ଥିଲା। ଗତ ୩-୪ ବର୍ଷ ଧରି ସାଥିହୋଇ ବିଦର୍ଭ ଦଳରେ ରହିବାରୁ ଉଭୟ ପରସ୍ପରକୁ ଭଲଭାବେ ଜାଣିଥିଲେ ଏବଂ ଭଲ ବନ୍ଧୁ ହୋଇଥିଲେ। ଜଣେ କୋଚ୍‌ଭାବେ କଠିନ ପରିଶ୍ରମ ଏବଂ ପ୍ରତିଶ୍ରୁତିବଦ୍ଧତା ଦେଖାଇଥିଲେ ପଣ୍ଡିତ। ବିଦର୍ଭ ଖେଳାଳିଙ୍କ ପ୍ରଦର୍ଶନ ଓ ମନୋବଳ ବଢ଼ାଇ ସେ କ୍ରମାଗତ ରଣଜୀ ଟ୍ରଫି ଟାଇଟଲ ବିଜୟୀ କରାଇବାରେ ସକ୍ଷମ ହୋଇଥିଲେ। ତେଣୁ ଏହି ଦୁଇଜଣ(ସାନ୍ଧୁ ଓ ପଣ୍ଡିତ) ତାଙ୍କର ଖୁବ୍ ପସନ୍ଦ ବୋଲି ଜାଫର ଅନେକ ସମୟରେ ସ୍ୱୀକାର କରିଛନ୍ତି।

ଚଳିତ ସିଜନରେ ବିଦର୍ଭ ଛାଡ଼ି ପଣ୍ଡିତ ମଧ୍ୟପ୍ରଦେଶର କୋଚ୍ ହୋଇଛନ୍ତି। ତେଣୁ ଗତବର୍ଷ ଅବସର ନେଇଥିବା ଜାଫର ବିଦର୍ଭ କୋଚ୍ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଏହି ଦଳ ପକ୍ଷରୁ ସେ ୪ ବର୍ଷ ପ୍ରଥମଶ୍ରେଣୀ କ୍ରିକେଟ ଖେଳିବା ସହ ୨ ଥର ଚାମ୍ପିୟନ ହୋଇଥିଲେ। ତେଣୁ କୋଚ୍‌ଭାବେ କ୍ୟାରିୟର ଆରମ୍ଭ କରିବା ପାଇଁ ସେ ବିଦର୍ଭକୁ ପ୍ରଥମ ଦଳଭାବେ ବାଛିଥିଲେ। କାରଣ ଏହି ଦଳର ସମସ୍ତ ଖେଳାଳିଙ୍କ ସହ ସେ ପରିଚିତ ଥିଲେ। ସେମାନଙ୍କ ସହ କୋଚ୍‌ଭାବେ କାମ କରିବା ସହଜ ହେବ ବୋଲି ସେ ଭାବିଥିଲେ। ଏଥିପାଇଁ ସେ ବିଦର୍ଭ କ୍ରିକେଟ ଆସୋସିଏଶନ ଉପ-ସଭାପତି ପ୍ରଶାନ୍ତ ବୈଦ୍ୟଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ବୈଦ୍ୟ ତାଙ୍କ ଫୋନ୍ କଲ୍ ଉଠାଇ ନ ଥିଲେ କିମ୍ବା ମେସେଜର ଉତ୍ତର ଦେଇ ନ ଥିଲେ। ଫଳରେ ବିଦର୍ଭ ତାଙ୍କୁ ପସନ୍ଦ କରୁ ନ ଥିବା ଜାଫରଙ୍କ ଧାରଣା ହୋଇଥିଲା। ତେଣୁ ସେ ମିଳିଥିବା ଅନ୍ୟ ଅଫର ଉପରେ ନଜର ପକାଇଥିଲେ। ସେଗୁଡ଼ିକ ମଧ୍ୟରୁ ଉତ୍ତରାଖଣ୍ଡ ଅଫର ତାଙ୍କ ମନକୁ ପାଇଥିଲା। କାରଣ ଉତ୍ତରାଖଣ୍ଡ ଦଳ ଉନ୍ନତି କରିବା ପାଇଁ ଆଗ୍ରହ ରଖିଥିବା ତାଙ୍କ ହୃଦ୍‌ବୋଧ ହୋଇଥିଲା। ଉତ୍ତରାଖଣ୍ଡରେ ଭଲ ଏକାଡେମୀ ଅଛି ଏବଂ ଏହା ସହିତ ସମ୍ପୃକ୍ତ ବ୍ୟକ୍ତି ଦଳର ଉନ୍ନତି ପାଇଁ ଚେଷ୍ଟା କରୁଛନ୍ତି। ଏହି ଦଳ ପ୍ଲେଟ ଗ୍ରୁପରେ ଥିଲେ ହେଁ ଆଗକୁ ବଢ଼ିବା ପାଇଁ ବ୍ୟଗ୍ର ଥିବାରୁ ଜାଫର ଉତ୍ତରାଖଣ୍ଡ ସହିତ ଚୁକ୍ତିବଦ୍ଧ ହେବାକୁ ପସନ୍ଦ କରିଥିବା ସ୍ୱୀକାର କରିଛନ୍ତି।

## ଖେଳ ଖବର

# ବୁଡ଼ିଯିବ ରୋଇଂ, କାୟାକିଂ, କାନୋଇଂ କ୍ରୀଡ଼ା

**କଟକ ଅଫିସ,୨।୭**



- ପ୍ରଦୂଷିତ ବିରୂପା, ଜଳକ୍ରୀଡ଼ା କେନ୍ଦ୍ରକୁ ସଙ୍କଟ
- ଏନ୍‌ଜିଟିର ଦ୍ୱାରସ୍ଥ ହେଲା ଓଏଆର୍‌ଏସ୍
- ଜିଲାପାଳ, ସିଏମ୍‌ସିକୁ ରିପୋର୍ଟ ତଲବ

ଜଗତପୁର ନିକଟସ୍ଥ ବିରୂପା ନଦୀ ପଠାରେ ରହିଛି ସାଇ ଜଳକ୍ରୀଡ଼ା କେନ୍ଦ୍ର। ଏହି କେନ୍ଦ୍ରରୁ ତିଆରି ହୋଇଛନ୍ତି ରାଜ୍ୟର ଅନେକ ପ୍ରତିଭା। ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀଙ୍କୁ ସୃଷ୍ଟି କରିବାରେ ମଧ୍ୟ ଏହି କେନ୍ଦ୍ରର ଅବଦାନ ରହିଛି। ଏବେ କେନ୍ଦ୍ରକୁ ଲାଗି ଗଢ଼ି ଉଠିଛି ଏକ ଜନବସତି। ଯେଉଁଠାରେ କଟକ ଜିଲା ପ୍ରଶାସନ ବିସ୍ଥାବିତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିଛି। ତେବେ ଏହି ଜନବସତି ଯୋଗୁଁ ବିରୂପା ନଦୀ ପ୍ରଦୂଷିତ ହେଉଛି ବୋଲି ଅଭିଯୋଗ ହୋଇଛି। ସାଇ ଜଳକ୍ରୀଡ଼ା କେନ୍ଦ୍ର ଏବେ ସଙ୍କଟରେ। ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଅଣ୍ଟା ଭିଡୁଥିବା ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂ(ଓଏଆର୍‌ଏସ) ଆଗାମୀ ଦିନରେ ଅନେକ ଅସୁବିଧାର ସମ୍ମୁଖୀନ ହେବ ବୋଲି ପୂର୍ବାନୁମାନ କରିଛି। ରୋଇଂ, କାୟାକିଂ, କାନୋଇଂ କ୍ରୀଡ଼ା ବୁଡ଼ିଯିବାର ସମ୍ଭାବନା ସୃଷ୍ଟି ହୋଇଛି। ଯାହାକୁ ନେଇ ଓଏଆର୍‌ଏସ୍‌ର ସଭାପତି ବିନୋଦ ଦାଶ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ର ଦ୍ୱାରସ୍ଥ ହୋଇଛନ୍ତି।

୧୯୯୩ ମସିହାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ର ସ୍ପେସାଲ ଏରିଆ ଗେମ୍ସ(ଏସ୍‌ଏଜି) ଦ୍ୱାରା ବିରୂପାନଦୀ କୂଳରେ ଜଳକ୍ରୀଡ଼ା କେନ୍ଦ୍ର ଆରମ୍ଭ କରାଯାଇଥିଲା। ଖେଲୋ ଇଣ୍ଡିଆର ପ୍ରତିଯୋଗୀମାନେ ମଧ୍ୟ ଏଠାରେ ଅଭ୍ୟାସ କରୁଛନ୍ତି। ଦୁଇ ଜଣ ଅଲିମ୍ପିଆନ ପ୍ରଶିକ୍ଷଣ ଦାୟିତ୍ୱରେ ରହିଛନ୍ତି। ଏଠାରେ ୬ଥର ଜାତୀୟ ଚାମ୍ପିୟନଶିପ ଆୟୋଜିତ ହୋଇଥିବା ବେଳେ ଆଗାମୀ ଦିନରେ ଏସିଆନ ସିନିୟର ରୋଇଂ ଚାମ୍ପିୟନଶିପ ଆୟୋଜନ କରିବା ନେଇ ଗ୍ରୀନ ସିଗ୍ନାଲ ମିଳିଛି। ଏହି ଚାମ୍ପିୟନଶିପ ନିମନ୍ତେ ରାଜ୍ୟ ସରକାର ପକ୍ଷରୁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ତେବେ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପରିପ୍ରେକ୍ଷୀରେ ସହରରୁ ବିଭିନ୍ନ ବସ୍ତିକୁ ଉଚ୍ଛେଦ କରାଯାଇଛି। ଏହି ବିସ୍ଥାପିତ ବସ୍ତିବାସିନ୍ଦାଙ୍କୁ ଜଳକ୍ରୀଡ଼ା କେନ୍ଦ୍ର ନିକଟରେ ଥଇଥାନ କରାଯାଇଛି। ୩୦୦ରୁ ଅଧିକ ପରିବାର ସ୍ଥାୟୀ ଭାବେ ଘର ନିର୍ମାଣ କରି ନଦୀପଠାରେ ରହୁଛନ୍ତି। ଏହି ବାସିନ୍ଦାମାନଙ୍କ ଯୋଗୁଁ ବିରୂପା ନଦୀ ପ୍ରଦୂଷିତ ହେବା ସହ ନଦୀପଠା ଆର୍ବଜନାରେ ଭର୍ତ୍ତି ହେଲାଣି ବୋଲି ଅଭିଯୋଗ ହୋଇଛି। ପରିମଳ ବ୍ୟବସ୍ଥା ନଷ୍ଟ ହେଉଥିବା ବେଳେ ଖେଳ ଭିତ୍ତିଭୂମି ଭୁଶୁଡ଼ିବା ଆରମ୍ଭ ହେଲାଣି। କୌଣସି ଯୋଜନା ନ କରାଯାଇ ତରବରିଆ ଭାବେ ଏମାନଙ୍କୁ ଏଠାରେ ଥଇଥାନ କରାଯାଇଛି। ଫଳରେ ରାଜ୍ୟର ଏହି ପ୍ରମୁଖ କ୍ରୀଡ଼ା କେନ୍ଦ୍ର ପ୍ରତି ବିପଦ ଘନେଇ ଲାଣି ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଏ ନେଇ ସଂଘ ଏନଜିଟିର ଦ୍ୱାରସ୍ଥ ହୋଇଛି। କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ପାଇଁ ସଂଘ ଏନଜିଟି ନିକଟରେ ପ୍ରାର୍ଥନା କରିଛି। ଏନ୍‌ଜିଟି ପକ୍ଷରୁ ଜିଲାପାଳ, ସିଏମ୍‌ସି କମିଶନର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ରିପୋର୍ଟ ତଲବ କରାଯାଇଛି। ରିପୋର୍ଟ ନ ମିଳିବା ପର୍ଯ୍ୟନ୍ତ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇ ପାରିବ ନାହିଁ ବୋଲି ଏନଜିଟି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ‘‘ଏହାଦ୍ୱାରା ଖେଳ ପରିବେଶ ନଷ୍ଟ ହେଉଛି। ଏ ଦିଗରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ଉଚିତ୍। ନଚେତ ଏକ ଅଲିମ୍ପିକ ଖେଳ ପ୍ରତି ବିପଦ ସୃଷ୍ଟି ହେବ’’ ବୋଲି ଓଏଆର୍‌ଏସ ସଭାପତି ବିନୋଦ ପ୍ରକାଶ କରିଛନ୍ତି।

**୨୦ବର୍ଷରେ ୩୩୪ ପଦକ**

ଗତ ୨୦ବର୍ଷରେ ଏହି ଜଳ କ୍ରୀଡ଼ା କେନ୍ଦ୍ର ୩୩୪ଟି ପଦକ ଜିତିଲାଣି। ଏହା ମଧ୍ୟରୁ ୨୩ଟି ପଦକ ଅନ୍ତର୍ଜାତୀୟ ସ୍ତରର ଟୁର୍ନାମେଣ୍ଟରୁ ମିଳିଥିବା ବେଳେ ଜାତୀୟ ଟୁର୍ନାମେଣ୍ଟରୁ ମିଳିଛି ୩୧୧ପଦକ। କେବଳ ରୋଇଂ କ୍ରୀଡ଼ାରେ ଏହି ପଦକ ହାସଲ ହୋଇଛି। ଏହାଛଡ଼ା କାୟାକିଂ ଓ କାନୋଇଂ କ୍ରୀଡ଼ାରେ ମଧ୍ୟ ଏହି କେନ୍ଦ୍ର ଅନେକ ପଦକ ଜିତିଛି।

# ନେଗେଟିଭ୍ ହେଲେ ଜୋକୋଭିଚ୍



ସ୍ତ୍ରୀ ଜେଲେନାଙ୍କ ସହ ନୋଭାକ୍ ଜୋକୋଭିଚ୍।

**ବେଲଗ୍ରେଡ୍, ୨।୭ (ଏପି)**

ଦଶ ଦିନ ପୂର୍ବେ କରୋନା ଭାଇରସ୍‌ରେ ସଂକ୍ରମିତ ହୋଇଥିବା ଷ୍ଟାର ଟେନିସ୍ ଖେଳାଳି ନୋଭାକ୍ ଜୋକୋଭିଚ୍ ଏବଂ ତାଙ୍କ ସ୍ତ୍ରୀ ଜେଲେନା ରୋଗମୁକ୍ତ ହୋଇଛନ୍ତି। କୋଭିଡ୍-୧୯ ଟେଷ୍ଟରେ ସେମାନଙ୍କର ନେଗେଟିଭ୍ ଆସିଥିବା ଜୋକୋଭିଚ୍‌ଙ୍କ ମିଡିଆ ଟିମ୍ କହିଛି। ସର୍ବିୟା ଓ କ୍ରୋଏସିଆରେ ଅନୁଷ୍ଠିତ ଏକ ପ୍ରଦର୍ଶନୀ ସିରିଜରେ ଖେଳିବା ପରେ ଏହି ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ବେଲ୍‌ଗ୍ରେଡ୍ ଏବଂ କ୍ରୋଏସିଆର ଜାଡାରଠାରେ ମ୍ୟାଚ ଖେଳାଯାଉଥିବାବେଳେ ସାମାଜିକ ଦୂରତ୍ୱ ନିୟମକୁ କେହି ମାନୁ ନ ଥିବା ଲକ୍ଷ୍ୟ କରାଯାଇଥିଲା। ଜୋକୋଭିଚ୍ ଓ ତାଙ୍କ ସ୍ତ୍ରୀ ଜେଲେନାଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲେ ମଧ୍ୟ କୋଭିଡ୍-୧୯ ଟେଷ୍ଟରେ ପିଜିଟିଭ୍ ଆସିଥିଲା। ଉଭୟେ ସର୍ବୀୟ ରାଜଧାନୀରେ ସେଲ୍‌ଫ ଆଇସୋଲେଶନରେ ରହିଥିଲେ। ବେଲଗ୍ରେଡ୍ ଓ ଜାଦାରଠାରେ ମ୍ୟାଚ ଖେଳି କେବଳ ଜୋକୋଭିଚ୍ ନୁହନ୍ତି ଅନ୍ୟ ୩ ଖେଳାଳି ୩ ଥର ଗ୍ରାଣ୍ଡସ୍ଲାମ୍ ସେମିଫାଇନାଲିଷ୍ଟ ଗ୍ରିଗୋର ଦିମିତ୍ରୋଭ୍, ବୋର୍ନା କୋରିକ୍ ଏବଂ ଭିକ୍ଟର ଟ୍ରୋଇସିକ୍ କରୋନା ଭାଇରସ୍‌ର ଶିକାର ହୋଇଥିଲେ। ଏପରିକି ଜୋକୋଭିଚ୍‌ଙ୍କ କୋଚ୍ ଗୋରାନ୍ ଇଭାନିସେଭିଚ୍ ମଧ୍ୟ କରୋନାରେ ସଂକ୍ରମିତ ହୋଇଛନ୍ତି।

# ଏଭରଟନ ୱିକ୍ସଙ୍କ ପରଲୋକ

**ବ୍ରିଜଟାଉନ୍,୨।୭(ଏପି)**



ୱେଷ୍ଟଇଣ୍ଡିଜ୍ ପୂର୍ବତନ କ୍ରିକେଟର ତଥା ବ୍ୟାଟିଂ କିମ୍ବଦନ୍ତୀ ଏଭରଟନ ୱିକ୍ସ ୯୫ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। ବାର୍ବାଡୋସ୍‌ରେ ଜନ୍ମିତ ୱିକ୍ସ ବୁଧବାର ପ୍ରାଣତ୍ୟାଗ କରିଛନ୍ତି ବୋଲି ୱେଷ୍ଟଇଣ୍ଡିଜ କ୍ରିକେଟ ତରଫରୁ କୁହାଯାଇଛି। ସେ ଫ୍ରାଙ୍କ ଓରେଲ ଓ କ୍ଲାଡି ୱାଲକୋଟ୍‌ଙ୍କ ସହ କ୍ରିକେଟ ଖେଳିଛନ୍ତି। ୧୯୪୮ରେ ଏହି ୩ ଖେଳାଳି ପଦାର୍ପଣ କରିଥିଲେ। ସେ ଜଣେ ମହାନ୍ କୋଚ୍, ଆନାଲିଷ୍ଟ, ଟିମ୍ ମ୍ୟାନେଜର, ମ୍ୟାଚ୍ ରେଫରି ଥିଲେ। ତାଙ୍କୁ ମଧ୍ୟ ଆଇସିସି ହଲ ଅଫ୍ ଫେମ୍‌ରେ ସାମିଲ କରାଯାଇଥିଲା। ୨୨ ବର୍ଷରେ ସେ ଇଂଲଣ୍ଡ ବିପକ୍ଷରେ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଟେଷ୍ଟ ପଦାର୍ପଣ କରିଥିଲେ। ଏହାର ଏକ ଦଶନ୍ଧି ପରେ ସେ ତ୍ରିନିଦାଦ୍‌ରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ଖେଳି ଅବସର ନେଇଥିଲେ।

ସେ ୪୮ଟି ଟେଷ୍ଟ ମ୍ୟାଚ୍ ଖେଳି ୫୮.୬୧ ରନ ହାରରେ ୪, ୪୫୫ ରନ ସଂଗ୍ରହ କରିଥିଲେ। ୧୯୪୮ରେ ସେ କ୍ରମାଗତ ୫ଟି ଶତକ ହାସଲ କରିଥିଲେ। ହାରାହାରି ରନ୍ ସଂଗ୍ରହ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସେ ସର୍ବକାଳୀନ ଶ୍ରେଷ୍ଠ ୧୦ରେ ସ୍ଥାନିତ ହୋଇଛନ୍ତି। ତାଙ୍କ ପରଲୋକରେ ମେରିଲବୋନ କ୍ରିକେଟ କ୍ଲବ (ଏମ୍‌ସିସି) ଶୋକ ଜାହିର କରିଛି।

# ଫ୍ଲାୱାରଙ୍କ ତଣ୍ଟିରେ ଛୁରି ଲଗାଇଥିଲେ ୟୁନିସ୍

**ନୂଆଦିଲ୍ଲୀ, ୨।୭ (ପି.ଟି.)**



ଗ୍ରାଣ୍ଟ ଫ୍ଲାୱାର     ୟୁନିସ୍ ଖାନ୍

ଅଷ୍ଟ୍ରେଲିଆ ଟୁର୍ ବେଳେ ପୂର୍ବତନ ଅଧିନାୟକ ୟୁନିସ୍ ଖାନ୍‌ଙ୍କୁ କିଛି ଉପଦେଶ ଦେବାରୁ ସେ ମୋ ତଣ୍ଟିରେ ଛୁରି ଲଗାଇ ଦେଇଥିଲେ ବୋଲି କହିଛନ୍ତି ପାକିସ୍ତାନର ପୂର୍ବତନ ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱାର। ଜିମ୍ବାୱେର ୪୯ ବର୍ଷୀୟ ଫ୍ଲାୱାର ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ପାକିସ୍ତାନର ବ୍ୟାଟିଂ କୋଚ୍ ଥିଲେ। ‘ଫଲୋଇଙ୍ଗ୍ ଅନ୍ କ୍ରିକେଟ ପଡ୍‌କାଷ୍ଟ’ ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଭାଗନେବା ଅବସରରେ ତାଙ୍କ କୋଚିଂ କ୍ୟାରିୟରରେ ସେ ଯେଉଁ କେତେଜଣ ଅଜବ ଚରିତ୍ରଙ୍କ ସଂସ୍ପର୍ଶରେ ଆସିଥିଲେ ସେମାନଙ୍କ ଉପରେ କହିଥିଲେ। ଘଟଣାଟି ବ୍ରିସ୍‌ବେନ୍‌ଠାରେ ଏକ ଟେଷ୍ଟ ମ୍ୟାଚ ବେଳେ ବ୍ରେକ୍‌ଫାଷ୍ଟ ସମୟରେ ଘଟିଥିଲା। ସେତେବେଳେ ୟୁନିସ୍‌ଙ୍କୁ ମୁଁ ବ୍ୟାଟିଂ ଉପରେ କିଛି ପରାମର୍ଶ ଦେବାକୁ ଚେଷ୍ଟା କରୁଥିଲି। କିନ୍ତୁ ସେ ମୋ ପରାମର୍ଶକୁ ବେଖାତିର କରିବା ସହ ଏକ ଛୁରି ଆଣି ମୋ ତଣ୍ଟିରେ ଲଗାଇ ଦେଇଥିଲେ। ନିକଟରେ ବସିଥିବା ମିକି ଆର୍ଥରଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ଏ ବିଷୟକୁ ମୁଁ ସେତେବେଳେ ଗୁରୁତ୍ୱ ଦେଇ ନ ଥିଲି। ବରଂ ଉପଭୋଗ କରିଥିଲି ବୋଲି ଫ୍ଲାୱାର କହିଛନ୍ତି। ସୂଚନାଯୋଗ୍ୟ, ୟୁନିସ୍ ତାଙ୍କ କ୍ୟାରିୟରରେ ପାକିସ୍ତାନ ତରଫରୁ ୧୧୮ଟି ଟେଷ୍ଟ ମ୍ୟାଚ ଖେଳି ୧୦,୦୯୯ ରନ ସଂଗ୍ରହ କରିଛନ୍ତି। ତାଙ୍କ ରନ ସଂଗ୍ରହ ହାର ୫୨.୦୫ ରହିଛି। ବର୍ତ୍ତମାନ ଇଂଲଣ୍ଡ ଟୁର୍‌ରେ ଯାଇଥିବା ପାକିସ୍ତାନ କ୍ରିକେଟ ଦଳର ସେ ବ୍ୟାଟିଂ କୋଚ୍ ଅଛନ୍ତି। ଫ୍ଲାୱାର ତାଙ୍କ ବିଷୟରେ ଯାହା କହିଛନ୍ତି ୪୨ ବର୍ଷୀୟ ଏହି ପୂର୍ବତନ ବ୍ୟାଟିଂ ଷ୍ଟାର କିନ୍ତୁ ଏପର୍ଯ୍ୟନ୍ତ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି। ୟୁନିସ୍‌ଙ୍କୁ ନେଇ ଏହି ଘଟଣାଟି ୨୦୧୬ରେ ବ୍ରିସ୍‌ବେନରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ବେଳେ ହୋଇଥିଲା। ସେତେବେଳେ ଏହି ବ୍ୟାଟ୍ସମ୍ୟାନ ପ୍ରଥମ ଇନିଂସରେ ବିନା କୌଣସି ରନ୍‌ରେ ଆଉଟ ହୋଇଥିବା ବେଳେ ଦ୍ୱିତୀୟ ଇନିଂସରେ ୬୫ ରନ କରିଥିଲେ।

# ଜୋଶୁଆ ଡି’ସିଲ୍‌ଭାଙ୍କ ଶତକ

**ମାଞ୍ଚେଷ୍ଟର, ୨।୭**



କରୋନା ଭାଇରସ ସଂକ୍ରମଣ ଜନିତ ଅନ୍ତର୍ଜାତୀୟ କ୍ରିକେଟ ପ୍ରଭାବିତ ହେବାପରେ ପ୍ରଥମ ଶତକ ହାସଲ କରିଛନ୍ତି ୱେଷ୍ଟଇଣ୍ଡିଜର ଜୋଶୁଆ ଡି’ସିଲ୍‌ଭା। ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ପୂର୍ବରୁ ଏଠାରେ ୱେଷ୍ଟଇଣ୍ଡିଜ ଦଳର ୱାର୍ମଅପ୍ ମ୍ୟାଚ ଚାଲିଛି। ୱେଷ୍ଟଇଣ୍ଡିଜ ଦଳର ଖେଳାଳିମାନେ ଦୁଇଭାଗ ହୋଇ ଖେଳୁଛନ୍ତି। ହୋଲ୍ଡର ଏକାଦଶ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜୋଶୁଆ ଶତକ ହାସଲ କରି ନିଜ ଦଳକୁ ସମ୍ମାନଜନକ ସ୍ଥିତିରେ ରଖିଛନ୍ତି। ସେ ୨୪୮ ବଲ୍‌ରୁ ୧୭ ଚୌକା ସହାୟତାରେ ୧୩୩ ରନ କରି ଅପରାଜିତ ରହିବାରୁ ହୋଲ୍ଡର ଏକାଦଶ ପ୍ରଥମ ଇନିଂସରେ ୨୭୨ ରନ କରିଛି। ପ୍ରତିପକ୍ଷ ବ୍ରାଥ୍‌ୱେଟ ଏକାଦଶର ବୋଲରମାନେ ଦ୍ୱିତୀୟ ସର୍ବାଧିକ ୪୩ ରନ ଅତିରିକ୍ତ ଭାବେ ଦେଇଛନ୍ତି। ଜବାବରେ ବ୍ରାଥ୍‌ୱେଟ ଏକାଦଶ ଖବର ମିଳିବା ବେଳକୁ ୧୧୨ ରନ ମଧ୍ୟରେ ୭ ଉଇକେଟ ହରାଇଛି। କାୟଲ ମେୟର୍ସ ସର୍ବାଧିକ ୪୦ ରନକରି ଅପରାଜିତ ରହିଛନ୍ତି। ହୋଲ୍ଡର ଏକାଦଶର ଶାନନ ଗାବ୍ରିଏଲ ୩୪ ରନ ଦେଇ ୩ଟି ଉଇକେଟ ନେଇଛନ୍ତି।



ରଥାରୂଢ଼ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଉଛି।



ବଡ଼ଦାଣ୍ଡର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଠାକୁର।



ରଥ ଉପରକୁ ଦାରୁଦିଅଁଙ୍କ ସୁବର୍ଣ୍ଣ କିରୀଟ ଅଣାଯାଉଛି।



ମହାପ୍ରଭୁଙ୍କ ସୁବର୍ଣ୍ଣ ହସ୍ତ ଓ ପୟର।



ଶ୍ରୀଜୀଉଙ୍କ ଶ୍ରୀଚକ୍ର।



ଦେବୀ ସୁଭଦ୍ରାଙ୍କ ସୁବର୍ଣ୍ଣ କର୍ଣ୍ଣ।



ପ୍ରଶାସନିକ ଅଧିକାରୀମାନେ ବଡ଼ଦାଣ୍ଡରେ ସୁନାବେଶ ସୁପରିଚାଳନା ନେଇ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଅଧରପଣା: ପୂର୍ବେ ହେଉଥିଲା ୧୨ ହାଣ୍ଡି

**ପୁରୀ ଅଫିସ,୨।୭:**

ପ୍ରତିବର୍ଷ ହେଉଥିବା ରଥଯାତ୍ରା ଅପେକ୍ଷା ଏଥର ଘୋଷଯାତ୍ରା ସମ୍ପୂର୍ଣ୍ଣ ସ୍ୱତନ୍ତ୍ର। ମହାମାରୀ କରୋନାର ବିଭୀଷିକା ମଧ୍ୟରେ ଏଥର ରଥଯାତ୍ରା ହେବ ନା ନାହିଁ ତାକୁ ନେଇ ଶେଷ ପର୍ଯ୍ୟନ୍ତ ଅନିଶ୍ଚିତତା ଲାଗିରହିଥିଲା। ଶେଷରେ ଭକ୍ତଶୂନ୍ୟ ରଥଯାତ୍ରା ଲାଗି ସୁପ୍ରିମ୍‌କୋର୍ଟ ସର୍ତ୍ତମୂଳକ ଅନୁମତି ଦେଇଥିଲେ। ଇତିମଧ୍ୟରେ ନବଦିନାତ୍ମକ ଯାତ୍ରା ସରି ଗୁରୁବାର ରଥ ଉପରେ ମହାପ୍ରଭୁଙ୍କ ଅତ୍ୟନ୍ତ ମନୋରମ ସୁନାବେଶ ଅନୁଷ୍ଠିତ ହୋଇଛି। ଶୁକ୍ରବାର ତିନିରଥ ଉପରେ ଅନୁଷ୍ଠିତ ହେବ ଅଧରପଣା ଭୋଗ। ରଥାରୂଢ଼ ଠାକୁରମାନଙ୍କ ଅଧର ଉଚ୍ଚ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ହେଉଥିବା ପଣା ଭୋଗକୁ ଅଧରପଣା କୁହାଯାଏ। ତେବେ ପୂର୍ବରୁ ୧୨ ହାଣ୍ଡି ଅଧରପଣା ହେଉଥିବା ବେଳେ ଏବେ ୯ ହାଣ୍ଡି ହେଉଛି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନିହାଣ୍ଡି, ଏକାଦଶୀ ତିଥିରେ ତିନିହାଣ୍ଡି, ଦ୍ୱାଦଶୀ ଦିନ ତିନିହାଣ୍ଡି ଏହିପରି ୯ ହାଣ୍ଡି ଓ ଶ୍ରୀବଳଭଦ୍ରଙ୍କ ରଥରେ ରାମ ଓ କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଏବଂ ଶ୍ରୀଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ପାଇଁ ୧ ହାଣ୍ଡି (ସାନ) କ୍ରମରେ ସମୁଦାୟ ୧୨ ହାଣ୍ଡି ଅଧରପଣା ଭୋଗ ହେଉଥିଲା। କିନ୍ତୁ ସମ୍ପ୍ରତି ତିନିରଥ ପାଇଁ କେବଳ ଗୋଟିଏ ଦିନରେ ସମୁଦାୟ ୯ ହାଣ୍ଡି ଅଧରପଣା ଭୋଗ ହେଉଛି। ରାଘବଦାସ ମଠ, ବଡ଼ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ୩ଟି ଲେଖାଏ ଅଧରହାଣ୍ଡି ଓ ପଣା ସାମଗ୍ରୀ ଯୋଗାଉଛନ୍ତି। ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଅଧରପଣା ପ୍ରସ୍ତୁତି ଓ ନୀତି ଆରମ୍ଭ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ, ରାଘବଦାସ ମଠ ଓ ବଡ଼ ଓଡ଼ିଆ ମଠ ପ୍ରଦତ୍ତ ଛେନା, ସର, କଦଳୀ, ଛାଚି, ଗୋଲମରିଚ ଗୁଣ୍ଡ, କର୍ପୂର, ଜାଇଫଳ ପ୍ରଭୃତି ପଣା ସାମଗ୍ରୀ ପାଳିଆ ମହାସୁଆର ରଥ ଉପରେ ରଖନ୍ତି। ପ୍ରତି ଠାକୁରଙ୍କ ସମ୍ମୁଖରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କ ଶ୍ରୀଅଧରକୁ ପାଇବା ଭଳି ଉଚ୍ଚ ଥିବା ଡ଼ୁମ୍ବାକାର ମାଟିନିର୍ମିତ ତିନିଗୋଟି ହାଣ୍ଡି ରଖାଯାଏ। କିନ୍ତୁ ପ୍ରତ୍ୟେକ ହାଣ୍ଡି ସମାନ ମାପର ହୋଇ ନ ଥାଏ। ପୂର୍ବରୁ ପାଣିଆ



ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତ୍ତଳ ହଣ୍ଡାରେ ରଖିଥାନ୍ତି। କୂପରୁ ଜଳ ବୋହିବା ସମୟରେ ମନ୍ଦିର ଚର୍ଚ୍ଚା ଓ ବରକନ୍ଦାଜ କର୍ମଚାରୀମାନେ ଆଗରେ ଗୁଆ ଖୋଳପା ଧରି ଲୋକଙ୍କୁ ଆଡ଼େଇଥାନ୍ତି, ଯେପରି କେହି ପବିତ୍ର ଜଳକୁ ସ୍ପର୍ଶ କରିପାରିବେ ନାହିଁ। ଅଧରପଣା ଭୋଗ ହେବା ପୂର୍ବରୁ ମହାସୁଆରମାନେ ଥାଇ ଭିତରଚ୍ଛ, ତଳିଚ୍ଛ ଓ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି। ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏ ଧଳା କରିଆ (ଜାଲି କନା) ପକାଯାଏ। ପବିତ୍ର ଜଳକୁ ଛାଣିବା ଉଦ୍ଦେଶ୍ୟରେ ଏହା ପକାଯାଇଥାଏ। ମହାସୁଆରମାନେ ପ୍ରତି ରଥ ଉପରେ ଅଧର ହାଣ୍ଡିରେ ପଣା ପ୍ରସ୍ତୁତ କରିଥାନ୍ତି। ଏହାକୁ ପତ୍ରୀବଡ୍ଡୁ, ସୁଆରବଡ୍ଡୁ, ଗରାବଡ୍ଡୁ ପାଳିଆ ସେବକ ତିନିରଥ ଉପରେ ପୂଜାର୍ଚ୍ଚନା କରନ୍ତି। ଏହାପରେ ପାଳିଆ ପୂଜାପଣ୍ଡା ପଞ୍ଚୋପଚାରରେ ଭୋଗ ଲଗାଇଥାନ୍ତି। ଭୋଗ ହେବା ପରେ ଠାକୁରମାନଙ୍କ ସମ୍ମୁଖରେ ପ୍ରପାନକପୂର୍ଣ୍ଣ ଏହି ପାତ୍ରମାନଙ୍କୁ ଭାଙ୍ଗି ଦିଆଯାଏ। ଜନଶ୍ରୁତିରୁ ଜଣାଯାଏ ତିନିରଥ ଉପରେ ଠାକୁରମାନଙ୍କୁ ଅର୍ପିତ ଅଧରପଣା ଭୋଗ ରଥର ପାର୍ଶ୍ୱ ଦେବଦେବୀ, ଅନ୍ୟାନ୍ୟ ଚଣ୍ଡୀ ଚାମଣ୍ଡା ଓ ଅଶରୀରୀମାନଙ୍କ ପାଇଁ ଉଦ୍ଦିଷ୍ଟ। କାରଣ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ହିତ ସାଧନ ନିମନ୍ତେ ମହାପ୍ରଭୁ ନବଦିନାତ୍ମକ ଯାତ୍ରା କରିଥାନ୍ତି। ଏହି ଚଣ୍ଡୀ ଚାମଣ୍ଡା ପ୍ରଭୃତିଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ଏଣୁ ଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସେମାନଙ୍କୁ ତୃପ୍ତ କରିବା ପାଇଁ ଏଭଳି ବିଧାନ ବହୁ ପ୍ରାଚୀନ କାଳରୁ ରହିଆସିଛି। ଏଥିପାଇଁ ଅଧରପଣା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ। ଏହି କାରଣରୁ ସାଧାରଣତଃ ଅନ୍ୟ କେହି ଏହି ଅମୃତୋପମ ପଣାକୁ ସେବନ କରି ନ ଥାନ୍ତି ବୋଲି ଡ. ଦାଶ କହିଛନ୍ତି।

# ବଡ଼ଦାଣ୍ଡରେ ନୀରବତାର ରାଜୁତି

**ପୁରୀ ଅଫିସ,୨।୭:**

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ରାଜାଧିରାଜ। ତାଙ୍କର କେତେକ ରୀତି, ନୀତି, ବେଶ ଓ ଭୋଗ ଇତ୍ୟାଦିରେ ରାଜକୀୟ ଠାଣି ପରିଲକ୍ଷିତ ହୋଇଥାଏ। ରାଜାଧିରାଜ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ସୁନାବେଶ ବା ରାଜବେଶ ବର୍ଷକୁ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ଶୁକ୍ଳ ଦଶମୀ (ଦଶହରା), କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମା ଏହି ଚାରିଥର ଶ୍ରୀମନ୍ଦିର ରତ୍ନସିଂହାସନ ଉପରେ ଏବଂ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାରଠାରେ ଥିବା ରଥ ଉପରେ ସୁନାବେଶ କରାଯାଇଥାଏ। ତେବେ ରଥ ଉପରେ ହେଉଥିବା ଏହି ଦିବ୍ୟ ବେଶକୁ ସର୍ବଧର୍ମ, ସର୍ବମତବାଦର ଜନସାଧାରଣ ଓ ଭକ୍ତଗଣ ଆନନ୍ଦରେ ଦର୍ଶନ କରିଥାନ୍ତି। ସେଥିପାଇଁ ଏହିଦିନ ଶ୍ରୀକ୍ଷେତ୍ରରେ ରଥଯାତ୍ରାଠୁ ଅଧିକ ଭକ୍ତଙ୍କ ଗହଳି ଲାଗେ। ହରିବୋଲ, ହୁଳହୁଳି ଧ୍ୱନିରେ ଫାଟିପଡେ ବଡ଼ଦାଣ୍ଡ। ମାର୍କେଟ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ପାଦ ପକାଇବାକୁ ଜାଗା ମିଳେନି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତ ସୁନାବେଶ ଦର୍ଶନ କରିଥାନ୍ତି। ପ୍ରାୟ ପ୍ରତିବର୍ଷ ୧୦ରୁ ୧୨ ଲକ୍ଷ ଶ୍ରଦ୍ଧାଳୁ ରଥାରୂଢ଼ ଠାକୁରମାନଙ୍କର ଭବ୍ୟ ସୁବର୍ଣ୍ଣମୟ ବେଶ ଦର୍ଶନ କରି ଅଶେଷ ପୂଣ୍ୟ ଲାଭ କରିଥାନ୍ତି। ହେଲେ ଏ ବର୍ଷ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସମ୍ପୂର୍ଣ୍ଣ ବଡ଼ଦାଣ୍ଡରେ ନୀରବତାର ରାଜୁତି। କର୍ଫ୍ୟୁ ଏବଂ ୧୪୪ ଧାରା ଯୋଗୁ ଖାଁ ଖାଁ ବଡ଼ଦାଣ୍ଡ। ଦୋକାନ ବଜାରରେ ତାଲା ପଡ଼ିଛି। ମହାମାରୀ କରୋନା ପାଇଁ ଏଭଳି ଏକ ବ୍ୟତିକ୍ରମ ଘଟିଛି। ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଦାରୁଦିଅଁ ସୁବର୍ଣ୍ଣ ଅଳଙ୍କାରରେ ଝଲସୁଥିବା ବେଳେ ଘର ଭିତରେ ମନକୁ ବୁଝାଇ ରହିଛନ୍ତି ପୁରୀବାସୀ।

## ମାର୍କେଟ ଛକରୁ ସିଂହଦ୍ୱାର ୧୪୪ ଧାରା

**ପୁରୀ ଅଫିସ,୨।୭:**

**ନୀଳାଦ୍ରିବିଜେ ପର୍ଯ୍ୟନ୍ତ ରହିବ ବଳବତ୍ତର**

ରଥଯାତ୍ରା, ବାହୁଡ଼ା ଯାତ୍ରା ପରେ ଗୁରୁବାର ରଥ ଉପରେ ସୁନାବେଶ ଅନୁଷ୍ଠିତ ହୋଇଛି। କୋଭିଡ୍ ଗାଇଡ୍‌ଲାଇନ ଏବଂ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରଶାସନ ପକ୍ଷରୁ ଜିଲାରେ କର୍ଫ୍ୟୁ ଏବଂ ୧୪୪ ଧାରା ଜାରି କରାଯାଇ ଶ୍ରୀଗୁଣ୍ଡିଚା ଯାତ୍ରା ଚାଲିଛି। ତେବେ ସୁନାବେଶ ପାଇଁ ମାର୍କେଟ ଛକରୁ ସିଂହଦ୍ୱାର ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। ୧୪୪ ଧାରା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ୩ ତାରିଖରେ ଅଧରପଣା ଏବଂ ୪ ତାରିଖରେ ନୀଳାଦ୍ରିବିଜେ ନୀତି ଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ବଡ଼ଦାଣ୍ଡର ମାର୍କେଟ ଛକଠାରୁ ସିଂହଦ୍ୱାର ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଅଞ୍ଚଳରେ ଏହା ବଳବତ୍ତର ରହିବ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁସବୁ ଗାଇଡ଼ଲାଇନ ଜାରି କରାଯାଇଛି ତାହା ବଳବତ୍ତର ରହିବ ବୋଲି ଜଣାପଡ଼ିଛି ।



ପୁରୀ ସିଂହଦ୍ୱାରଠାରେ ରଥ ସମ୍ମୁଖରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।



ରଥ ସମ୍ମୁଖରେ ସେବାୟତମାନେ ଭଜନ ପରିବେଷଣ କରୁଛନ୍ତି।

## ଅଟ୍ଟାଳୀ ଦେବଙ୍କ ସୁନାବେଶ



**ଆଠଗଡ଼,୨।୭(ସ୍ୱ.ପ୍ର.):** ଗଡ଼ଜାତ ଅଞ୍ଚଳ ଆଠଗଡ଼ର ଆରାଧ୍ୟ ଦେବତା ଶ୍ରୀଅଟ୍ଟାଳୀ ଜଗନ୍ନାଥଙ୍କ ସୁନାବେଶ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଆଠଗଡ଼ ଉପକୋଷାଗାରରୁ ପ୍ରାୟ ୧୩୦୦ ଗ୍ରାମର ସୁନାଗହଣା କଡ଼ା ସୁରକ୍ଷା ମଧ୍ୟରେ ଅଣାଯାଇଥିଲା। ରାଜପୁରୋହିତ ସୁଶାନ୍ତ ମିଶ୍ର, ବଡ଼ପଣ୍ଡା ଶରତ ପଣ୍ଡା ଓ ଅନ୍ୟ ସେବାୟତମାନେ ଠାକୁରଙ୍କୁ ଅଳଙ୍କାର ଆଭୁଷଣ କରାଇଥିଲେ। ପ୍ରଶାସନ ବ୍ୟବସ୍ଥାରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ସ୍ଥାନୀୟ କେବୁଲ ମାଧ୍ୟମରେ ବ୍ୟବସ୍ଥା ହୋଇଥିଲା।

## ଚୌଦ୍ୱାରରେ ଶ୍ରୀଜୀଉଙ୍କ ସୁନାବେଶ

**ଚୌଦ୍ୱାର, ୨।୭(ଡି.ଏନ୍.ଏ.)**

ପବିତ୍ର ଏକାଦଶୀ ତିଥିରେ ଚୌଦ୍ୱାରର ବିଭିନ୍ନ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସୁନାବେଶ ଓ ଏକାଦଶୀ ଫଳ ଭୋଗ ମହାପର୍ବ ଅନୁଷ୍ଠିତ ହୋଇଛି। ଚାରବାଟିଆ ହାଉସିଂବୋର୍ଡସ୍ଥିତ ଜଗନ୍ନାଥ ମନ୍ଦିର, ତିନିକୋଣିଆ ଜଗନ୍ନାଥ ମନ୍ଦିର, ନବଗ୍ରହସାହି ଜଗନ୍ନାଥ ମନ୍ଦିର, ମୁଣ୍ଡମାଳ ଜଗନ୍ନାଥ ମନ୍ଦିର, ବିଲ୍ୱବଜାର ଜଗନ୍ନାଥ ମନ୍ଦିର, ଶଙ୍କରପୁର ଜଗନ୍ନାଥ ମନ୍ଦିର ଆଦିରେ ଗୁରୁବାର ସକାଳରୁ ବିଭିନ୍ନ ନୀତିକାନ୍ତିରେ ଜୀଉମାନଙ୍କର ପୂଜାର୍ଚ୍ଚନା କରାଯିବା ସହ ସୁନାବେଶ ଅନୁଷ୍ଠିତ ହୋଇଥିଲା। କରୋନାଜନିତ କଟକଣା ହେତୁ ମନ୍ଦିରଗୁଡ଼ିକରେ କମ୍ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ସାମାଜିକ ଦୂରତା ରକ୍ଷା ପୂର୍ବକ ଦିଅଁଙ୍କ ସୁନାବେଶ ଦର୍ଶନ କରିଥିଲେ। ମନ୍ଦିର ପୂଜକ ଓ ପରିଚାଳନା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





କଟକ ଦୋଳମୁଣ୍ଡାଇ ଶ୍ରୀଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ସୁନାବେଶ।



ରାଣୀହାଟ ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ତିନି ଠାକୁରଙ୍କ ସୁନାବେଶ।



ଭୁବନେଶ୍ୱରସ୍ଥିତ ଇସ୍କନ୍ ମନ୍ଦିର ପରିସରରେ ଦାରୁବିଗ୍ରହଙ୍କ ସୁନାବେଶ।



ଭୁବନେଶ୍ୱରସ୍ଥିତ ୟୁନିଟ୍-୫ ଜଗନ୍ନାଥ ମନ୍ଦିର ପରିସରରେ ତିନି ଠାକୁରଙ୍କ ସୁନାବେଶ।

## ଶୁଆ, ମାଣ୍ଡାରିନ ବତକ ମୃତ

ବାରଙ୍ଗ,(ଡି.ଏନ୍.ଏ): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ପାଦଚଲା ବିହଙ୍ଗସରଣୀରେ ଥିବା ଏକ ମାଈ ମାଣ୍ଡାରିନ ବତକର ଗୁରୁବାର ମୃତ୍ୟୁ ଘଟିଛି। ଫଳରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ଦୁଇଟି ଛୁଆ ଓ ୩ ବଡ଼ ମାଣ୍ଡାରିନ ରହିଥିବାର ଜଣାପଡ଼ିଛି। ସେହିଭଳି ସାପ କାମୁଡ଼ାରେ ଏକ ହଳଦୀରଙ୍ଗର ଶୁଆ ମୃତ୍ୟୁ କରିଥିବା ସୂଚନା ମିଳିଛି।

# କୁକୁଡ଼ା ଚାଷକୁ ମିଳିବ ପ୍ରୋତ୍ସାହନ

**ଜୁଲାଇ ୩୧ ସୁଦ୍ଧା କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର କାର୍ଯ୍ୟକ୍ଷମ ହେବ**

ଭୁବନେଶ୍ୱର,୨।୭(ବ୍ୟୁରୋ)

କୋଭିଡ୍-୧୯ ସମୟରେ ଚାଷୀଙ୍କ ଆୟ ବୃଦ୍ଧି ସହିତ ପୁଷ୍ଟିକର ଖାଦ୍ୟ ଯୋଗାଣରେ ପ୍ରାଣୀ ସମ୍ପଦ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳିସ୍ଥଳେ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଓ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଲୋକସେବା ଭବନରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଅଧିକରୁ ଅଧିକ ଚାଷୀଙ୍କୁ ପ୍ରାଣୀ ସମ୍ପଦ କ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟର ଥିବା ସମସ୍ତ କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ରକୁ ଜୁଲାଇ ୩୧ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନର ପରିସ୍ଥିତିରେ ରାଜ୍ୟରେ କୁକୁଡ଼ା ଚାଷକୁ ପ୍ରୋତ୍ସାହିତ କରିବା, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରି ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ କହିଥିଲେ। ରାଜ୍ୟ ଯୋଜନା ଅଧୀନରେ ୬୫୬ଜଣ ଚାଷୀଙ୍କୁ ଅଣ୍ଡାଦିଆ କୁକୁଡ଼ା ଚାଷ କରିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଏଥିପାଇଁ ହିତାଧିକାରୀଙ୍କୁ ୪୦ ପ୍ରତିଶତ ରିହାତି ଦିଆଯିବାର ବ୍ୟବସ୍ଥା ରହିଛି। ଏହା ମାଧ୍ୟମରେ ରାଜ୍ୟରେ ଦୈନିକ ପ୍ରାୟ ୫ ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନ ହୋଇପାରିବ। ସେହିପରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଡିପ୍‌ଲିଟର ପଦ୍ଧତିରେ ଅଣ୍ଡାଦିଆ କୁକୁଡ଼ା ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିରେ ୧୦୦୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ଓ ଏହା ମାଧ୍ୟମରେ ୧୦ ହଜାର ୨୦ଜଣ ହିତାଧିକାରୀ ଉପକୃତ ହେବେ। ଏଥିରେ ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଥିବାବେଳେ ଦିନକୁ ୧.୫ ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି।

ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ଅନ୍ୟଏକ ଯୋଜନାରେ ପ୍ରବାସୀ ଶ୍ରମିକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ରୋଜଗାର ଯୋଗାଇ ଦେବା ନିମନ୍ତେ ବ୍ରଏଲର କୁକୁଡ଼ା ପାଳନର ଲକ୍ଷ୍ୟ ରଖାଯାଇଛି। ଏଥିରେ ୧୫୩୫ ଜଣ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ ଏବଂ ୪୦ ପ୍ରତିଶତ ରିହାତି ଯୋଗାଇ ଦିଆଯିବ। ଏହାଦ୍ୱାରା ବର୍ଷକୁ ୨୭୦୭୫ ମେଟ୍ରିକ୍ ଟନ ଅଧିକ ମାଂସ ଉତ୍ପାଦନ ହୋଇପାରିବ। ଏଥିସହିତ ବାରି ଅଗଣାରେ କୁକୁଡ଼ା ପାଳନ ମାଧ୍ୟମରେ ଗ୍ରାମାଞ୍ଚଳ ଲୋକଙ୍କ ଆୟବୃଦ୍ଧି କରିବାକୁ ପ୍ରୋତ୍ସାହିତ କରାଯିବ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିବା ନିମନ୍ତେ ଆବେଦନ କରିଥିବା ଉଦ୍ୟୋଗୀମାନେ ଯେପରି ଆବଶ୍ୟକ ସମୟରେ ବ୍ୟାଙ୍କ ଋଣ ପାଇପାରିବେ ତାହାର ନିୟମିତ ତଦାରଖ କରାଯିବ। ଏଥିଲାଗି ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଆବାହକ ଏବଂ ଆପିକଲର ପରିଚାଳନା ନିର୍ଦ୍ଦେଶକଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ବୈଠକରେ ଗାଈଗୋରୁଙ୍କ ଟୀକାକରଣ, ଔଷଧ ଯୋଗାଣ ଏବଂ ପଶୁ ଚିକିତ୍ସା କେନ୍ଦ୍ରଗୁଡ଼ିକର ଉନ୍ନତିକରଣ ଆଦି ବିଷୟରେ ସମୀକ୍ଷା କରାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ସଚିବ ଆର୍. ରଘୁ ପ୍ରସାଦ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ରତ୍ନାକର ରାଉତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।



ଆମ୍ ଆଦମୀ ପାର୍ଟି ପକ୍ଷରୁ ଗୁରୁବାର କଟକ ନଗର ସଭାପତି ଶେଖ ମୁସ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ତୈଳଦର ବୃଦ୍ଧିର ପ୍ରତିବାଦ କରାଯାଉଛି।



ଭୁବନେଶ୍ୱରର ଏକ ସ୍ଥାନରେ ସବୁଜ ପ୍ରଜାପତି ଦଳ ମାଟିରୁ ଖାଦ୍ୟ ସଂଗ୍ରହ କରୁଛନ୍ତି। (ଫଟୋ: ବିକାଶ)

## ସଂକ୍ଷେପରେ

### ପୁରୀରୁ ୪ କରୋନା ପଜିଟିଭ ଚିହ୍ନଟ, ୩ ସୁସ୍ଥ

**ପୁରୀ ଅଫିସ,୨।୭:** ପୁରୀ ଜିଲାରୁ ଗୁରୁବାର ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୩ ଜଣ ଆରୋଗ୍ୟ ଲାଭ କରିଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇବା ପରେ ଜିଲାର ମୋଟ ପଜିଟିଭ ସଂଖ୍ୟା ୨୭୨ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଗୁରୁବାରର ୩ ଜଣଙ୍କୁ ମିଶାଇ ୨୧୩ଜଣ ସୁସ୍ଥ ହୋଇଥିବାବେଳେ ୫୭ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜଣଙ୍କର କରୋନା ଯୋଗୁ ମୃତ୍ୟୁ ଘଟିଥିବାବେଳେ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ବୁଧବାର ଚିହ୍ନଟ ସଂକ୍ରମିତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ତେଣୁ ସେମାନଙ୍କ ମଧ୍ୟରୁ କେତେଜଣ ସଙ୍ଗରୋଧରେ ଥିଲେ ଏବଂ ବାହାରୁ କେତେଜଣ ଆସିଥିଲେ ତାହା ସ୍ପଷ୍ଟ ଜଣାପଡ଼ି ନାହିଁ।

### ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସାହିଭାଇର ଦାବିପତ୍ର

**ପୁରୀ ଅଫିସ,୨।୭:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସାହିଭାଇ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ସମସ୍ତ ଡାକ୍ତର, ସେବିକା ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ପୂରଣ କରାଯାଉ। ଦୀର୍ଘବର୍ଷ ଧରି କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ବଦଳି କରାଯାଉ। ପୁରାତନ ଅଚଳ ଯନ୍ତ୍ରାଂଶ ବଦଳରେ ନୂତନ ଯନ୍ତ୍ରାଂଶ ଉପଲବ୍ଧ କରାଯାଉ। ଅଗ୍ନିନିର୍ବାପକ ଯନ୍ତ୍ରାଂଶଗୁଡ଼ିକର ଆଧୁନିକୀକରଣ, କେମୋଥେରାପି ଏବଂ ଡାଏଲିସିସ୍ ବିଭାଗକୁ ଯାତାୟାତ ନିମନ୍ତେ ର୍ୟାମ୍ପ ସାଙ୍ଗକୁ ନିରାମୟ କେନ୍ଦ୍ରରେ ଅତ୍ୟାବଶ୍ୟକ ଔଷଧ ଯଥେଷ୍ଟ ପରିମାଣରେ ଉପଲବ୍ଧ କରାଯିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ରଙ୍କ ସମେତ ଦୁଇଜଣିଆ ପ୍ରତିନିଧି ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

### କଟକ ରେଳଷ୍ଟେଶନରେ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨।୭(ବ୍ୟୁରୋ):** କୋଭିଡ-୧୯ ମହାମାରୀକୁ ସାମ୍ନା କରିବା ପାଇଁ ସପ୍ତାହବ୍ୟାପୀ ଜନ ସଚେତନତା କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର କଟକ ରେଳ ଷ୍ଟେଶନଠାରେ ରେଳ କର୍ମଚାରୀ ଓ ରେଳ ବ୍ୟବହାରକାରୀଙ୍କୁ କୋରୋନା ଭାଇରସ ସଂକ୍ରମଣ ଠାରୁ ଦୂରେଇ ରହିବା ପାଇଁ ବିଭିନ୍ନ ଉପାୟ ଓ ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି ଅବସରରେ ଖୋର୍ଦ୍ଧାରୋଡ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ରାଜ କୁମାର ଓ ଅତିରିକ୍ତ ମୁଖ୍ୟ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପ୍ରଭାତ କୁମାର ପଟ୍ଟନାୟକ ମାସ୍କ ବ୍ୟବହାର, ହାତ ଧୋଇବାର ଅଭ୍ୟାସ, ସାମାଜିକ ଦୂରତ୍ୱ ପାଳନ ସହିତ କରୋନା ରୋଗକୁ ଜୟ କରିବା ପାଇଁ ବିଭିନ୍ନ ଉପାୟ ଓ ଅଭ୍ୟାସର ପ୍ରଦର୍ଶନ କରିଥିଲେ।

### ୭୨ଘଣ୍ଟା ଡାଳଭାଗ ପଞ୍ଚାୟତ ଶଟ୍‌ଡାଉନ

ଗୋଟିଏ ଦିନରେ ୧୭ ପଜିଟିଭ

**ଖୁଣ୍ଟୁଣୀ,୨।୭(ଡି.ଏନ୍.ଏ):** ଆଠଗଡ଼ ବ୍ଲକରେ ବୁଧବାର ଗୋଟିଏ ଦିନରେ ୧୭ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏମାନଙ୍କ ମଧ୍ୟରେ ୮ ମହିଳା ଥିବାବେଳେ ୯ ଜଣ ପୁରୁଷ ଥିବା ସ୍ୱାସ୍ଥ୍ୟ ବିଭାଗ କହିଛି। ଏଥିରେ ଆଠଗଡ଼ ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ୧୭ଜଣଙ୍କ ସ୍ୱାବ ଗତ ୩୦ ତାରିଖରେ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ବୁଧବାର ରିପୋର୍ଟ ପଜିଟିଭ ଆସିଥିବା ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଦିଲୀପ ଦାସ କହିଛନ୍ତି। ଅନ୍ୟପଟେ ଡାଳଭାଗ ପଞ୍ଚାୟତରୁ ୨ଜଣ ପଜିଟିଭ ବାହାରିବା ପରେ ସରପଞ୍ଚ ରଞ୍ଜନ ବେଉରା ଗୁରୁବାର ସନ୍ଧ୍ୟାରୁ ୭୨ଘଣ୍ଟା ପର୍ଯ୍ୟନ୍ତ ପଞ୍ଚାୟତକୁ ଶଟଡାଉନ ଘୋଷଣା କରିଛନ୍ତି। ଏହାସହ ଚମ୍ପିଆ, ଛେନାଖିଆ, ନୂଆଗାଁ ଓ ଡାଳଭାଗ ଗ୍ରାମରାସ୍ତାକୁ ସିଲ କରାଯାଇଛି। ସେହିପରି ଧାଇପୁର ପଞ୍ଚାୟତର ୩ ମହିଳା ଓ ୩ ପୁରୁଷ, ଆଠଗଡ଼ ଏନଏସିରେ ୨ ମହିଳା, ୨ ପୁରୁଷ, କୁମାରପୁରରେ ଜଣେ ପୁରୁଷ, ରାଧାଗୋବିନ୍ଦପୁର ୨, ଧୁରୁଷିଆ ୨ଜଣ ଆକ୍ରାନ୍ତ ଥିବାବେଳେ ସମସ୍ତଙ୍କୁ କୋଭିଡ ହସ୍ପିଟାଲ ପଠାଯାଇଛି।

## ଘରଭଙ୍ଗା ଉପରେ ରହିତାଦେଶ

**ସୋନପୁର ପୌରାଞ୍ଚଳ**



କଟକ ଅଫିସ,୨।୭

ସୋନପୁର ପୌରାଞ୍ଚଳର ବଡ଼ବଜାର ଅଞ୍ଚଳରେ କେତେକ ଘର ଭଙ୍ଗାଯିବା ନେଇ ବିଦ୍ୟାଧର ମେହେର ଏବଂ ୧୯ ଜଣ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଗୁରୁବାର ଏହି ମାମଲାର ଶୁଣାଣି କରାଯାଇ ଘରଭଙ୍ଗା ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ପୌର କର୍ତ୍ତୃପକ୍ଷ ଘର ଭାଙ୍ଗିବା ପୂର୍ବରୁ ବିଭିନ୍ନ ପକ୍ଷଙ୍କୁ ନୋଟିସ୍ ଜାରି କରିବା ଆବଶ୍ୟକ। ସେମାନଙ୍କୁ ପକ୍ଷ ରଖିବା ପାଇଁ ସୁଯୋଗ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପକ୍ଷ ସେମାନଙ୍କର ଅଭିଯୋଗ ରଖିବା ପରେ ହିଁ କର୍ତ୍ତୃପକ୍ଷ ପଦକ୍ଷେପ ନେଇପାରିବେ ବୋଲି ଆଦେଶରେ କୁହାଯାଇଛି। ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ ଏହି ମାମଲାର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ପିଟିସନ୍‌ରେ ଉଲ୍ଲେଖ କରାଯାଇଥିଲା ଯେ, ସେମାନେ ବଡ଼ବଜାର ଅଞ୍ଚଳର ସ୍ଥାୟୀ ବାସିନ୍ଦା। ହେଲେ ପୌର କର୍ତ୍ତୃପକ୍ଷ ସେମାନଙ୍କୁ କୌଣସି ପ୍ରକାର ନୋଟିସ୍ ନ ଦେଇ ଅତର୍କିତ ଭାବେ ଘର ଭାଙ୍ଗିବା ଆରମ୍ଭ କରିଦେଇଛି। ସେମାନଙ୍କୁ ନିଜ ପକ୍ଷ ରଖିବାକୁ ସୁଯୋଗ ଦେଇନାହିଁ। ଏହାକୁ ବିରୋଧକରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅମିତ୍ ପ୍ରସାଦ ବୋଷ ମାମଲା ପରିଚାଳନା କରିଥିଲେ।

## ଇନ୍ସପେକ୍ଟରଙ୍କଠାରୁ ଲୁଟିଲେ ଲୁଟେରା

ଭୁବନେଶ୍ୱର,୨।୭ (ବ୍ୟୁରୋ)

ରାଜଧାନୀରେ ଏବେ ଲୁଟେରା ମାତିଛନ୍ତି। ନୟାପଲ୍ଲୀ ଓ ଖାରବେଳନଗର ଥାନା ଅଞ୍ଚଳରୁ ଲଗାତର ଦୁଇଜଣ ମହିଳା ଲୁଟ୍‌ର ଶିକାର ହୋଇଥିବାବେଳେ ବୁଧବାର ଲୁଟେରାଙ୍କ ହାବୁଡ଼ରେ ପଡ଼ିଛନ୍ତି ଜଣେ ପୋଲିସ ଇନ୍ସପେକ୍ଟର। ସେ ହେଲେ କମିଶନରେଟ ପୋଲିସର ସିକ୍ୟୁରିଟି ୱିଙ୍ଗ୍‌ରେ କାର୍ଯ୍ୟରତ ଭାଗିରଥୀ କାଣ୍ଡି। କ୍ୟାପିଟାଲ ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଭାଗିରଥୀ ବୁଧବାର ଅପରାହ୍ନ ୪ଟାରେ ନ' ତାଲା ନିକଟ ଅଫିସରୁ ୟୁନିଟ୍-୫ ଚନ୍ଦନେଶ୍ୱର ମନ୍ଦିର ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଲୁଟେରା ପଛରୁ ଆସି ତାଙ୍କଠାରୁ ମୋବାଇଲ୍ ଫୋନ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ। କମିଶନରେଟ ପୋଲିସ ଅଞ୍ଚଳରେ ଖୋଦ୍ ପୋଲିସ ନିଜେ ଅସୁରକ୍ଷିତ ହୋଇପଡୁଥିବାବେଳେ ସହରବାସୀଙ୍କ ସୁରକ୍ଷା କିପରି ଥିବ ତାହାକୁ ନେଇ ପ୍ରଶ୍ନ ଉଠୁଛି।

## କଣାସ ଗ୍ରାମ, ବଜାର କଣ୍ଟେନ୍‌ମେଣ୍ଟ ଜୋନ

କଣାସ,୨।୭(ଡି.ଏନ୍.ଏ)

କଣାସ ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୮ରେ ପହଞ୍ଚିଛି। ଗ୍ରାମ, ବଜାର ଓ ହାଟଗୁଡ଼ିକରେ ଲୋକଙ୍କ ଭିଡ଼ ବଢୁଥିବାରୁ ଗୁରୁବାର ବ୍ଲକ ପ୍ରସାଶନ ପକ୍ଷରୁ କଣାସ ଗାଁ ଓ ବଜାରକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। କଣାସ ଗ୍ରାମ ଓ ବଜାରକୁ ସିଲ କରାଯାଇଛି। ପୂର୍ବରୁ ହୋଇଥିବା ଶଟ୍‌ଡାଉନ ଗୁରୁବାର ସକାଳୁ ସରୁଥିବା ଜାଣି ବ୍ୟବସାୟୀମାନେ ଦୋକାନ ଖୋଲିଥିଲେ। କିନ୍ତୁ ବ୍ଲକରେ ସଂକ୍ରମଣ ବଢୁଥିବାରୁ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସାଶନ ପକ୍ଷରୁ ବଜାରରେ ଚଢ଼ାଉ କରାଯାଇ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏବିଡିଓ ମଙ୍ଗଲ ସ୍ରିଂ ହେମ୍ବ୍ରମଙ୍କ କହିବା ଅନୁଯାୟୀ, ଦୋକନ୍ଦା ପଞ୍ଚାୟତରେ ଆକ୍ରାନ୍ତ ସଂଖ୍ୟା ଜଣାପଡ଼ିବା ପରେ ସରପଞ୍ଚଙ୍କ ତରଫରୁ ୨୯ ତାରିଖରେ ଶଟ୍‌ଡାଉନ ଘୋଷଣା ହୋଇଥିଲା। ଘୋଷଣାର ଦିନକ ପରେ ଜିଲା ପ୍ରସାଶନ ତରଫରୁ ସଂକ୍ରମିତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ କରାଯାଇଥିଲା। ଚିହ୍ନଟ ବ୍ୟକ୍ତିମାନେ ୨୭ତାରିଖରୁ ହୋମ କ୍ୱାରାନଟାଇନ୍‌ରେ ରହିଛନ୍ତି । ଗୁରୁବାର ପ୍ରାୟ ୧୧ଜଣଙ୍କର ସ୍ୱାବ ପରୀକ୍ଷା ପାଇଁ ପଠାଯାଇଛି। ଟେଷ୍ଟ ରିପୋର୍ଟ ଆସିବା ପରେ କଣ୍ଟେନେମେଣ୍ଟ ଜୋନ ହଟିବ କି ନାହିଁ ସ୍ଥିର କରାଯିବ।

## ଯୋଗାଣ ଅଧିକାରୀଙ୍କ ବିରୋଧରେ ହାଇକୋର୍ଟରେ ମାମଲା

ସାକ୍ଷୀଗୋପାଳ,୨।୭(ଡି.ଏନ୍.ଏ)

ସାକ୍ଷୀଗୋପାଳ ବ୍ଲକର ଧାନ କ୍ରୟ କ୍ଷେତ୍ରରେ ଅବହେଳା ନେଇ କେତେଜଣ ଚାଷୀ ଗୁରୁବାର ଯୋଗାଣ ଅଧିକାରୀଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ଏକ ମାମଲା (ନଂ.୧୮୬୬/୨୦) ରୁଜୁ ହୋଇ ବିଚାରଧୀନ ରହିଛି ବୋଲି ଆଇନଜୀବୀ ଗୋପୀନାଥ ମିଶ୍ର କହିଛନ୍ତି। ବୀରରାମଚନ୍ଦ୍ରପୁର ଓ ସ୍ଥାନୀୟ ଗ୍ରାମର କେତେଜଣ ଚାଷୀ ସ୍ଥାନୀୟ ସମବାୟ ସମିତିକୁ ନିଜ ଧାନ ବିକ୍ରି କରିବା ପାଇଁ ଯାଇଥିଲେ। କିନ୍ତୁ ବିକ୍ରୟ କେନ୍ଦ୍ରର ଅଧିକାରୀ ଓ ମିଲରମାନେ ଅନୁପସ୍ଥିତ ଥିବା ଯୋଗୁ ସମିତି ପ୍ରାୟ ସମୟ ବନ୍ଦ ରହୁଛି। ଏହାସହ ମିଲରମାନେ ଚାଷୀଙ୍କଠାରୁ ଠିକଭାବେ ଧାନ କ୍ରୟ କରୁ ନ ଥିବାରୁ ଚାଷୀମାନେ ଅସନ୍ତୁଷ୍ଟ ହୋଇ ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ। କିନ୍ତୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଯୋଗାଣ ଅଧିକାରୀଙ୍କଠାରୁ କୌଣସି ସୁଫଳ ନ ମିଳିବାରୁ ଚାଷୀ ଶଙ୍କର ପରିଡ଼ା, ଲକ୍ଷ୍ମୀଧର ଦାଶ, ନବନାରାୟଣ ବେହେରା ଓ ଲକ୍ଷ୍ମଣ ସ୍ୱାଇଁ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏ ସମ୍ପର୍କରେ ମାମଲା(ନଂ.୧୧୭୯୦/୨୦) ରୁଜୁ କରିଥିଲେ। ଏହାକୁ ବିଚାରକୁ ନେଇ ମେ ୧୮ରେ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଖଣ୍ଡପୀଠ ଅନୁଯାୟୀ ୧୦ ଦିନ ମଧ୍ୟରେ ଚାଷୀଙ୍କ ଅଭିଯୋଗର ସମାଧାନ ପାଇଁ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ୧ ମାସ ବିତିଯାଇଥିଲେ ଯୋଗାଣ ଅଧିକାରୀ ଜଣକ କୌଣସି ବିଚାର କରି ନ ଥିଲେ। ଶେଷରେ ଚାଷୀମାନେ ଗୁରୁବାର ପୁଣି ଯୋଗାଣ ଅଧିକାରୀଙ୍କ ବିରୋଧରେ ହାଇକୋର୍ଟରେ ଅଭିଯୋଗ କରିଛନ୍ତି।

## ୩୬ ଘଣ୍ଟା ବୀରହରେକୃଷ୍ଣପୁର ପଞ୍ଚାୟତ ଶଟ୍‌ଡାଉନ

ପୁରୀ ଅଫିସ,୨।୭

ପୁରୀ ସଦର ବ୍ଲକ ବୀରହରେକୃଷ୍ଣପୁର ପଞ୍ଚାୟତକୁ ୩୬ ଘଣ୍ଟା ପାଇଁ ପ୍ରଶାସନ ପକ୍ଷରୁ ଶଟ୍‌ଡାଉନ ଘୋଷଣା କରାଯାଇଛି। ପଞ୍ଚାୟତର ଜଣେ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ହେବା ପରେ ସଂକ୍ରମଣ ଯେପରି ନ ବ୍ୟାପିବ ସେନେଇ ଗୁରୁବାର ଗ୍ରାମସଭା କରି ପଞ୍ଚାୟତକୁ ଶଟ୍‌ଡାଉନ କରିବା ନିଷ୍ପତ୍ତି ହୋଇଥିଲା। ଏହା ଶୁକ୍ରବାର ସକାଳ ୬ଟାରୁ ୩୬ ଘଣ୍ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ସରପଞ୍ଚ ରମାକାନ୍ତ ପଣ୍ଡା କହିଛନ୍ତି, ଚିହ୍ନଟ ବ୍ୟକ୍ତିଜଣଙ୍କ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି। ଏହାସହ ସେ ଯେଉଁ ସାହିରେ ଅଧିକ ସମୟ ବିତାଉଥିଲେ ତାହାକୁ କଣ୍ଟେନମେଣ୍ଟ ଜୋନ କରାଯାଇଛି ।

## ସ୍ଥିତାବସ୍ଥାଜାରି ଜମିରେ ନିର୍ମାଣ କାର୍ଯ୍ୟକୁ ବିରୋଧ

ପୁରୁଣା ଭୁବନେଶ୍ୱର,୨।୭(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ମହାଭୋଇ ଶାସନ ମୌଜାରେ ଥିବା ଏକ ସ୍ଥିତାବସ୍ଥା ଜାରି ହୋଇଥିବା ଜମିରେ ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ନିର୍ମାଣ କାର୍ଯ୍ୟ କରୁଥିବା କେତେଜଣ ବ୍ୟକ୍ତି ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନାଥାଉ କି, ଉକ୍ତ ଅଞ୍ଚଳରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ବିଭିନ୍ନ ସମୟରେ ଏକ ଜମିରେ ନିର୍ମାଣ କାର୍ଯ୍ୟ କରୁଥିବାବେଳେ ବିବାଦ ଦେଖାଦେଇଥିଲା। ଏ ନେଇ ଅଭିଯୋଗକାରୀମାନେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସିଭିଲ ଜଜ୍ ସିନିୟର ଡିଭିଜନ, ଭୁବନେଶ୍ୱରଙ୍କ ଇଜଲାସରେ ଦେୱାନୀ ମାମଲା ନଂ.୮୭୮/୨୦ ବିଚାରାଧୀନ ରହିଛି। ଏହି ମାମଲାରେ ଆଇ.ଏ.ନଂ. ୧/୨୦୨୦ରେ ଅଦାଲତ ଉଭୟ ପକ୍ଷଙ୍କୁ ସ୍ଥିତାବସ୍ଥା ବଜାୟ ରଖିବାକୁ ଆଦେଶ ଦେଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଶରତ ଚନ୍ଦ୍ର ମହାପାତ୍ର କହିଛନ୍ତି, ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ସିଭିଲ ଘଟଣା ଯୋଗୁ ପରିସ୍ଥିତିରେ ସୁଧାର ଲାଗି ଦୁଇଟି ମାମଲା (୯,୧୦/୨୦)ରୁଜୁ ହୋଇଛି।

## ପରିବେଶ ସପ୍ତାହ, ଔଷଧୀୟ ଚାରା ରୋପଣ

ଭୁବନେଶ୍ୱର,୨।୭(ବ୍ୟୁରୋ)

ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜମ୍ ଆଣ୍ଡ୍ ଟ୍ରାଭେଲ୍ ମ୍ୟାନେଜମେଣ୍ଟ ପକ୍ଷରୁ ପରିବେଶ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତିଷ୍ଠାନ ପରିସରରେ କେତେକ ଔଷଧୀୟ ଚାରା ରୋପଣ କରାଯିବା ସହ ଏକ ଉତ୍ସବ ଆୟୋଜିତ ହୋଇଥିଲା। ସଂସ୍ଥା ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ମାନବ ସଭ୍ୟତା ତିଷ୍ଠି ରହିବା ପାଇଁ ବ୍ୟାପକ ଗଛ ଲଗାଇ ପ୍ରକୃତିର ସନ୍ତୁଳନକୁ ବଜାୟ ରଖିବା ଆବଶ୍ୟକ ବୋଲି କହିଥିଲେ। ବିଶେଷକରି ଔଷଧୀୟ ବନସ୍ପତିର ଯତ୍ନନେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ କୋଭିଡ୍ ସତର୍କତା ସହ ସାମାଜିକ ଦୂରତ୍ୱ ରକ୍ଷା କରାଯାଇଥିଲା। ଇନ୍‌ଷ୍ଟିଚ୍ୟୁଟ୍‌ର ନୋଡାଲ ଅଫିସର ଡ. ଏସ୍. ହୁସେନ୍, ଏମ୍‌ବିଏ, ସଂସ୍କୃତି ଓ ସ୍ଥାପନ ବିଭାଗର ଚେୟାରପର୍ସନ ଡ. ଆଦ୍ୟାଶା ଦାସ ଓ କୋଅର୍ଡିନେଟର୍ ଡ. ବି. ସ୍ୱାଜନ୍ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୌତୁକ ଲାଗି ସ୍ତ୍ରୀକୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.),୨।୭

ଲିଙ୍ଗରାଜ ଥାନା ସାମନ୍ତରାପୁର ଅଞ୍ଚଳରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ମୃତ ମହିଳା ଜଣଙ୍କ ହେଲେ ରାଜଲକ୍ଷ୍ମୀ ବେହେରା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏ ନେଇ ପୋଲିସ କେସ୍ ନଂ-୯୯/୨୦ରେ ଦଫା ୪୮(ଏ),୩୦୨,୩୦୪(ବି),୩୨୩, ଓ ୩୪ ଲଗାଇ ତଦନ୍ତ କରୁଛି। ଏଥିସହ ପୋଲିସ ମୃତ ମହିଳାଙ୍କ ସ୍ୱାମୀ **ପ୍ରଦୀପ୍ତ ପଲେଇ**କୁ ଅଟକ ରଖି ପଚରାଉଚରା କରୁଛି।

ପ୍ରଦୀପ୍ତଙ୍କ କହିବା ଅନୁଯାୟୀ, ବୁଧବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ପ୍ରଦୀପ୍ତ ବିରକ୍ତ ହୋଇ ଛାତ ଉପରକୁ ପଳାଇଥିଲେ। କିଛି ସମୟ ପରେ ପ୍ରଦୀପ୍ତ ତଳକୁ ଆସିବାବେଳେ ରାଜଲକ୍ଷ୍ମୀ ଫ୍ୟାନ୍‌ରେ ଝୁଲିଥିବା ଦେଖି ତୁରନ୍ତ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ସେଠାର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ରାଜଲକ୍ଷ୍ମୀଙ୍କ ପରିବାର ଲୋକେ ଆସି ଯୌତୁକ ଲାଗି ତାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ନେଇ ରାଜଲକ୍ଷ୍ମୀଙ୍କ ମା' ମଞ୍ଜୁବାଳା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସବୁ ଦିଗକୁ ନେଇ ତଦନ୍ତ କରୁଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଏହାସହ ପୋଲିସ ସେମାନେ ରହୁଥିବା ଘରକୁ ସିଲ କରିଛି। ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ଉକ୍ତ ଘରକୁ ଯାଇ ନମୁନା ସଂଗ୍ରହ କରିବ ବୋଲି ପୋଲିସ କହିଛି। ସୂଚନାଯୋଗ୍ୟ, ପ୍ରାୟ ବର୍ଷେ ତଳେ ପ୍ରଦୀପ୍ତ ବଡ଼ମ୍ବା ଥାନା ଅଧୀନ କମଳାଦେଇପୁର ଅଞ୍ଚଳରେ ରାଜଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ବିବାହ ପରେ ପ୍ରଦୀପ୍ତ ଭୁବନେଶ୍ୱର ଆସି ସାମନ୍ତରାପୁରରେ ରହି ଧୂପକାଠି ପ୍ରସ୍ତୁତ କରି ବିକ୍ରି କରୁଥିଲେ।

## ନୂଆପାଟନାରେ ହେବ ଇକୋ ଟୁରିଜମ୍

- ସ୍ଥିତି ଅନୁଧ୍ୟାନ କଲେ ପର୍ଯ୍ୟଟନ ମନ୍ତ୍ରୀ, ଜିଲାପାଳ
- ଜମିର କିସମ, ସ୍ଥିତି ବିବରଣୀ ଦେବେ ତହସିଲଦାର

କଟକ ଅଫିସ,୨।୭



ରାଜ୍ୟ ପର୍ଯ୍ୟଟନ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଗୁରୁବାର କଟକ ଜିଲା ପର୍ଯ୍ୟଟନର ବିକାଶ ପାଇଁ ଟାଙ୍ଗୀ ଚୌଦ୍ୱାର ନୂଆପାଟନା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଆବଶ୍ୟକ ଜମି ସମେତ ସମସ୍ତ ତଥ୍ୟ ଉପଲବ୍ଧ ହେବା ପରେ ସେହି ଅଞ୍ଚଳରେ ଆର୍କିଟେକ୍ଟଙ୍କ ଦ୍ୱାରା ଯୋଜନା ମୁତାବକ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯିବା ନେଇ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ମନ୍ତ୍ରୀ ପାଣିଗ୍ରାହୀ ଆଲୋଚନା କରିଛନ୍ତି। ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗୁରୁବାର ସକାଳେ ଜିଲାପାଳ ଚୟନୀ ନୂଆପାଟନା (ଟାଙ୍ଗୀ ଚୌଦାର) ଅଞ୍ଚଳ ପରିଦର୍ଶନରେ ଯାଇ ସେଠାରେ ଉଭୟ ବନମାଳିପୁର ଓ ନୂଆପାଟନା ମୌଜା ଅଧୀନରେ ଥିବା ୧୦୦ ଏକରରୁ ଅଧିକ ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ଜମି ଏବଂ ଜଳାଶୟ ବୁଲି ଦେଖିଥିଲେ। ଏହି ଜମି ଓ ଜଳାଶୟ ନୂଆପାଟନା ଅଞ୍ଚଳର ନାକଟୁଣୀ ପାଟ, ଆଠଗଡ଼ ଅଞ୍ଚଳର ବଉଳପାଟ ଏବଂ ସିଜୁବସ୍ତ ପାଟର ବିକାଶ କରାଯାଇ ଏଠାରେ ଇକୋ ଟୁରିଜମ୍ କରାଯାଇପାରିବ। ଟାଙ୍ଗୀ ଚୌଦାର ଓ ଆଠଗଡ଼ ତହସିଲଦାରଙ୍କୁ ଜମିର କିସମ, ସ୍ଥିତି ଓ ଜମିର ସମସ୍ତ ବିବରଣୀ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲାପାଳ ପ୍ରକଳ୍ପର ରୂପରେଖ ସମ୍ପର୍କରେ ଇକୋ ଟୁରିଜିମ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ବନ ସଂରକ୍ଷକ ବିନୋଦ ଆଚାର୍ଯ୍ୟଙ୍କ ସହ ଆଲୋଚନା କରିଛନ୍ତି।

ଧରିତ୍ରୀ
DHARITRI
ଶୁକ୍ରବାର, ୩ ଜୁଲାଇ, ୨୦୨୦

## କେନ୍ଦ୍ରାପଡ଼ାରେ ଶନିବାର, ରବିବାର ଶଟ୍‌ଡାଉନ

**କେନ୍ଦ୍ରାପଡ଼ା ଅଫିସ:** କୋଭିଡ୍ ୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଜିଲା ପ୍ରଶାସନ ଜୁଲାଇ ମାସର ସମସ୍ତ ଶନିବାର ଓ ରବିବାର ଶଟ୍‌ଡାଉନ ଘୋଷଣା କରିଛି। ଏନେଇ ଜିଲାପାଳ ସମର୍ଥ ବର୍ମା ଏକ ନିର୍ଦ୍ଦେଶନାମା (ନଂ.୩୦୭୮) ଜାରି କରି ଜିଲାବାସୀଙ୍କ ସହଯୋଗ କାମନା କରିଛନ୍ତି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ଏପରି କଟକଣା କରାଯାଇଛି। ତେବେ ରାତ୍ରିକାଳୀନ କର୍ଫ୍ୟୁ ସନ୍ଧ୍ୟା ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ଅଛି।



## ସଂକ୍ଷେପରେ

### ଖଣି ଅଞ୍ଚଳରେ ବଢୁଛି ଅଶାନ୍ତି
#### ପୁରୁଣା ଶ୍ରମିକଙ୍କୁ କାମ ଦେବାକୁ ଦାବି

**ଯାଜପୁର ଅଫିସ,୨।୭:** ଖଣିର ମାଲିକାନା ବଦଳି ଯାଇପାରେ, କିନ୍ତୁ ଶ୍ରମିକମାନେ ସେହି ଖଣିରେ କାମ କରିବାକୁ ହକ୍‌ଦାର। ଏବେ କମର୍ଦ୍ଧା ଓ ସାରୁଆବିଲ୍ କ୍ରୋମାଇଟ ଖଣିକୁ ଟାଟା କମ୍ପାନୀ ହାତେଇ ନେଇଛି। ଏହାପରେ ଶ୍ରମିକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଛି। ସେମାନେ ତାଙ୍କ ପୁରୁଣା କର୍ମସ୍ଥଳୀରେ ନିଯୁକ୍ତି ପାଇବେ କି ନାହିଁ ସେ ନେଇ ଟାଟା କମ୍ପାନୀ କୌଣସି ସ୍ପଷ୍ଟ ଘୋଷଣା କରି ନାହାନ୍ତି। ନିୟମାନୁଯାୟୀ ଖଣି ଶ୍ରମିକଙ୍କୁ ପୂର୍ବଭଳି ନିଯୁକ୍ତି ଦେବାକୁ ନୂଆ କମ୍ପାନୀ ବାଧ ବୋଲି ବରିଷ୍ଠ ଶ୍ରମିକ ନେତା ମାୟାଧର ନାୟକ ଦାବି କରିଛନ୍ତି। ଏହିମର୍ମରେ ସେ ଏକ ବିଜ୍ଞପ୍ତିରେ କହିଛନ୍ତି ଯେ, ଏକଦା ସୁକିନ୍ଦା ଉପତ୍ୟକାର ଖଣି ଅଞ୍ଚଳରେ ରାଜ୍ୟ ତଥା ଦେଶରୁ ୪୦ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ କାମ କରୁଥିଲେ। ୧୯୮୪ ପରେ ଖଣିଗୁଡ଼ିକରେ ମାଟିଖୋଳା ମେଶିନ ପ୍ରଚଳନ ଯୋଗୁ ହଜାର ହଜାର ଶ୍ରମିକ ଛଟେଇ ହେବାରେ ଲାଗିଲେ। ଏବେ ପ୍ରାୟ ୫ ହଜାର ଶ୍ରମିକ ବିଭିନ୍ନ ଖଣିରେ କାମ କରୁଛନ୍ତି। କମର୍ଦ୍ଧା ଓ ସାରୁଆବିଲ ଖଣିର ଶ୍ରମିକମାନେ ଛଟେଇ ହୋଇ ବସିଛନ୍ତି। ଅତି ଶୀଘ୍ର ଟାଟା କମ୍ପାନୀ ଖଣିକାମ ଆରମ୍ଭ କରି ବସି ରହିଥିବା ଶ୍ରମିକମାନଙ୍କୁ କାମ ଦିଅନ୍ତୁ ବୋଲି ଶ୍ରମିକ ନେତା ନାୟକ ଦାବି କରିଛନ୍ତି।

### ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ ଆରମ୍ଭ

**ନୟାଗଡ଼ ଅଫିସ/ନୂଆଗାଁ, ୨।୭(ଡି.ଏନ୍.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବେଲପା ନଦୀ ପୋଲ ଭୁଶୁଡିବା ପରେ ଯାତାୟତ ଠପ୍ ହୋଇଛି। ଗୁରୁବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବର୍ଷାଦିନ ଯୋଗୁ ନୂଆ ପୋଲ ନିର୍ମାଣ ସମ୍ଭବ ହୋଇ ନ ଥିବାରୁ ସୋରଡାଠାରୁ କନ୍ଦଳପ ରାସ୍ତାକୁ ବନ୍ଦ କରିଦିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅମରେଶ ଚନ୍ଦ୍ର ନାୟକ ଓ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ପଣ୍ଡା ସୂଚନା ଦେଇଛନ୍ତି। ତେବେ ସୋରଡା ଓ ସିକ୍ରୀଡା ପଞ୍ଚାୟତର ଲୋକଙ୍କ ଅଭିଯୋଗ ଅନୁଯାୟୀ ଗାର୍ଡୱାଲ କରାଯାଇଥିଲେ ପୋଲ ଭୁଶୁଡି ନ ଥାନ୍ତା। ପୋଲର ଉଭୟପାର୍ଶ୍ୱ ନଷ୍ଟ ହୋଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗୀୟ କର୍ମଚାରୀ ତରବରିଆ ଭାବେ ମରାମତି କରିଥିଲେ। ନିମ୍ନମାନର କାମ ଯୋଗୁ ବୁଧବାର ପୋଲ ଭୁଶୁଡିଥିଲା।

### ଦୁର୍ଘଟଣାରେ ଜଣେ ମୃତ

**ଧର୍ମଶାଳା, ୨।୭ (ଡି.ଏନ୍.ଏ.):** ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥର ଭାଲୁଖାଇ ନିକଟରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଦ୍ରକ ଜିଲା ଧୁଶୁରୀ ଥାନା ମଙ୍ଗଳପୁର ଗ୍ରାମର ଅର୍ଜୁନ ଦାସ (୫୫)। ଅର୍ଜୁନ ଖୁଣ୍ଟୁଣୀରୁ ବାଇକ୍‌ରେ ଜଣେ ବନ୍ଧୁଙ୍କ ସହ ଘରକୁ ଫେରୁଥିଲେ। ଭାଲୁଖାଇ ନିକଟ କଟ୍ ସ୍ଥାନରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅର୍ଜୁନଙ୍କର ମୃତ୍ୟୁ ଘଟିଥିଲା। ଧର୍ମଶାଳା ପୋଲିସ ମୃତଦେହ ଜବତ କରିବା ସହ ୨୬୦/୨୦ନଂ.ରେ ମାମଲା ରୁଜୁ କରିଛି।

### ଡକାୟତି ଘଟଣାରେ ୫ ଗିରଫ: ବାଇକ୍, ସୁନା ଜବତ

**ରାଜନଗର, ୨।୭ (ଡି.ଏନ୍.ଏ.):** ରାଜନଗର ଥାନା ଅଞ୍ଚଳରେ ହୋଇଥିବ ଡକାୟତି ଘଟଣାର ପର୍ଦ୍ଦାଫାଶ ହୋଇଛି। କେନ୍ଦ୍ରାପଡ଼ା ଏସ୍‌ପି ନିତି ଶେଖର ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, କୋଇଲିପୁର ପଞ୍ଚାୟତ ତେତେଲେଙ୍ଗା ଗାଁର ଫକୀର ଚରଣ ପ୍ରଧାନଙ୍କ ଘରେ ହୋଇଥିବ ଡକାୟତି ଘଟଣାରେ ୫ଜଣଙ୍କୁ ଗିରଫ ସହ ବାଇକ୍, ସୁନା ଅଳଙ୍କାର ଜବତ ହୋଇଛି। ଗିରଫ ଅଭିଯୁକ୍ତ ରାଜନଗର ଥାନା ରାଜପୁର ବାଲି ଗାଁର ପବିତ୍ର ସେଠୀ, ପଟ୍ଟାମୁଣ୍ଡାଇ ଥାନା ଅଲଭାରର ପ୍ରମୋଦ ମଲ୍ଲିକ, ତେଲେଙ୍ଗାବସନ୍ତ ଗାଁର କାଳନ୍ଦୀ ମଲ୍ଲିକ, କଟରାମଲ୍ଲ ଗାଁର ରାଧାଶ୍ୟାମ ଦାସ ଓ ମାଟିଆର ରାଜ ମଲ୍ଲିକ। ଡକାୟତିରେ ୩ ବାଇକ୍ ବ୍ୟବହାର ହୋଇଥିବାବେଳେ ୧ଟି ଜବତ ହୋଇଛି। ଚୋରି ସୁନା ଅଳଙ୍କାରକୁ ଏକ ସୁନାବନ୍ଧକ ଫାଇନାନ୍ସ କମ୍ପାନୀରୁ ଉଦ୍ଧାର କରାଯାଇଛି। ସମ୍ମିଳନୀରେ ଏସ୍‌ଡିପିଓ ରଞ୍ଜନ ଦେ, ରାଜନଗର ଥାନା ଆଇଆଇସି ତପନ ନାୟକ ଯୋଗ ଦେଇଥିଲେ।

# ପୋତି ହେଉଛି ବ୍ରାହ୍ମଣୀ ନଦୀଶଯ୍ୟା

**ବରୀ, ୨।୭ (ଡି.ଏନ୍.ଏ.)**



**ବରୀ ବ୍ଲକ**
- ଜୀବିକା ହରାଉଛନ୍ତି ମତ୍ସ୍ୟଜୀବୀ
- ଚାଷଜମିକୁ ହୋଇପାରୁନି ଜଳସେଚନ
- ନଦୀ ଶଯ୍ୟା ଖନନ କରାଯାଉ ନ ଥିବାରୁ ବଢ଼ୁଛି ଅସନ୍ତୋଷ
- ଜିଲାପାଳଙ୍କୁ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ପକ୍ଷରୁ ଦାବିପତ୍ର

ବରୀ ବ୍ଲକ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ଶଯ୍ୟା ଖନନ କରା ନ ଯିବା ଓ ବିଭିନ୍ନ ସ୍ଥାନରେ ବୁଦା ସୃଷ୍ଟି ହୋଇଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଚାଷ ଜମିକୁ ଜଳସେଚନରେ ସମସ୍ୟା ଉପୁଜୁଛି। ଅନ୍ୟପଟେ ବର୍ଷର ଅଧିକାଂଶ ସମୟ ନଦୀ ଶଯ୍ୟା ଶୁଖିଲା ରହୁଥିବାରୁ ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଉଥିବାରୁ ନଳକୂପ ଖନନ ପାଇଁ ବହୁ ଗଭୀରକୁ ଖୋଳିବାକୁ ପଡୁଛି, ଯେଉଁଥିପାଇଁ ଅଞ୍ଚଳବାସୀ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ନଦୀ ଶଯ୍ୟାର ବିଭିନ୍ନ ସ୍ଥାନରେ ବାଲି ଚଢ଼ା ଓ ତଣ୍ଡି ବୁଦା ଭର୍ତ୍ତି ହୋଇଥିବାରୁ ନଦୀରେ ପାଣି ଆସିବାରେ ବାଧା ସୃଷ୍ଟି ହେଉଛି। ବ୍ଲକ ଅଞ୍ଚଳର ଚାଷୀ ଓ ସାଧାରଣ ଲୋକଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ନଦୀ ଖନନ ବ୍ୟବସ୍ଥା କରାଯିବା ପାଇଁ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନର ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ବ୍ରାହ୍ମଣୀ ନଦୀ ଯାଜପୁର ଜିଲାର ଜେନାପୁରଠାରୁ ବାହାରି ବରୀ ବ୍ଲକର କଳାମାଟିଆ ପଞ୍ଚାୟତ ନିକଟରେ ଶେଷ ହୋଇଛି। ବ୍ଲକର ଗୋଳକୁଣ୍ଡ, ସ୍ୱାଇଁଖଣ୍ଡ, ଇଶାଣପୁର, ସାହୁପଡା, ବାଇଁଶିରିଆ, ଚନ୍ଦନପୁର, ମନ୍ଦାରୀ, ସେରପୁର ପଞ୍ଚାୟତ ସମେତ ୨୨ଟି ପଞ୍ଚାୟତର ଚାଷୀମାନେ କୃଷିକାର୍ଯ୍ୟ ପାଇଁ ବ୍ରାହ୍ମଣୀ ନଦୀ ଜଳ ଉପରେ ନିର୍ଭର କରିଥାନ୍ତି। ମତ୍ସ୍ୟଜୀବୀ ବ୍ରାହ୍ମଣୀରୁ ମାଛ ଧରି ପରିବାର ପ୍ରତିପୋଷଣ କରିଥାନ୍ତି। କାଳକ୍ରମେ ନଦୀ ଶଯ୍ୟା ପୋତି ହୋଇପଡୁଥିବାରୁ ଚାଷୀ ହଇରାଣ ହେଉଥିବା ବେଳେ ମତ୍ସ୍ୟଜୀବୀ ଜୀବିକା ହରାଇବା ଭଳି ପରିସ୍ଥିତି ଉପୁଜିଲାଣି। ନଦୀକୂଳ ଅଞ୍ଚଳରେ ବସବାସ କରୁଥିବା ଲୋକେ ବନ୍ୟା ଭୟରେ କାଳାତିପାତ କରୁଥିଲେ ହେଁ ଅନ୍ୟଦିନେ ନଦୀ ଶୁଖିଲା ପଡୁଥିବାରୁ କୂପ ବା ନଳକୂପ ଖୋଳିବା ସକାଶେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଅନେକ ଚାଷୀ ଆଖୁଚାଷ ପାଇଁ ବ୍ରାହ୍ମଣୀ ଜଳ ଉପରେ ନିର୍ଭର କରିଥାନ୍ତି। ହେଲେ ଏବେ ଆଖୁ ଚାଷୀଙ୍କୁ ଚିନ୍ତା ଘାରିଛି। ପୂର୍ବରୁ ଏ ସବୁ ସମସ୍ୟାର ସମାଧାନ ସକାଶେ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ, ନବ ନିର୍ମାଣ କୃଷକ ସଂଗଠନ ଓ ବହୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଥିଲା। ନଦୀ ଖନନ ପାଇଁ ସ୍ଥାନୀୟ ପ୍ରଶାସନ ସମେତ ରାଜନେତା ଓ ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ସୁଫଳ ମିଳି ନ ଥିବାରୁ ପୁନଃ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ସଦସ୍ୟମାନେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଭାପତି ଲୋକନାଥ ଦାସ, ବରୀ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଗଗନ ବିହାରୀ ଜେନା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ବିଷ୍ଣୁ ଚରଣ ମହାନ୍ତି, କର୍ଣ୍ଣଚନ୍ଦ୍ର ଘଡ଼ାଇ, ମୁକୁନ୍ଦ ସାମଲ, ସରୋଜକାନ୍ତ ଜେନା, ରଘୁନାଥ ଜେନା ଉପସ୍ଥିତ ଥିଲେ।

## ସାଦକପୁର ପୂର୍ବତନ ଜିଆର୍‌ଏସ୍ ଗିରଫ

**କୋରେଇ, ୨।୭ (ସ୍ୱ.ପ୍ର.)**

**ପଞ୍ଚାୟତ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ ହେରଫେର ଘଟଣା**

କୋରେଇ ବ୍ଲକ ଅଧୀନ ସାଦକପୁର ପଞ୍ଚାୟତରେ ଉନ୍ନତୀକରଣ କାର୍ଯ୍ୟ ପାଇଁ ଆସିଥିବା ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରୁ ୧ଲକ୍ଷ ୫୫ ହଜାର ଟଙ୍କା ହେରଫେର୍ ଘଟଣାରେ ଗୁରୁବାର ପୂର୍ବତନ ଜିଆର୍‌ଏସ୍ ଇମ୍ରାନ ଖାଁ ଗିରଫ ହୋଇଛନ୍ତି। ଉକ୍ତ ଟଙ୍କାରୁ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ୧୫ ହଜାର ଟଙ୍କା ପ୍ରେରଣ କରାଯାଇଥିବା ବେଳେ ଅନ୍ୟଜଣଙ୍କୁ ୧ଲକ୍ଷ ୪୦ ହଜାର ଟଙ୍କା ପଠାଯାଇଥିଲା। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଆଯାଇଥିବା ଚେକ୍‌ରେ ନିଲମ୍ବିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟଭାମା ସାହୁ ଓ ସାଦକପୁର ସରପଞ୍ଚ ରଶ୍ମିରେଖା ଗାହାଣଙ୍କ ଜାଲ ଦସ୍ତଖତ କରାଯାଇଥିଲା। ଏ ନେଇ ନିଲମ୍ବିତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସତ୍ୟଭାମା କୋରେଇ ବିଡିଓଙ୍କ ନିକଟରେ



ପୂର୍ବତନ ଜିଆର୍‌ଏସ୍ ଇମ୍ରାନ ଖାଁ

ଅଭିଯୋଗ କରିଥିଲେ। ଅନ୍ୟପଟେ ସରପଞ୍ଚ ଗାହାଣ ୨୦୧୯ ଅଗଷ୍ଟରେ ଏ ନେଇ କୋରେଇ ଥାନାରେ ଅଭିଯୋଗ କରିଥିଲେ। କୋରେଇ ପୋଲିସ ନଂ. ୧୮୨/୧୯ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ରଞ୍ଜିତ ମହାନ୍ତି ତଦନ୍ତ ଚଳାଇଥିଲେ। ଗତ ୧ ତାରିଖରେ ପୋଲିସ ସତ୍ୟଭାମାଙ୍କୁ ଡାକି ପଚରାଉଚରା କରିବା ସହ ପୂର୍ବତନ ଜିଆରଏସ ଇମରାନଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିଲା। ତେବେ ଇମ୍ରାନ୍ ଟଙ୍କା ହେରଫେର୍‌ରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ମହାନ୍ତି ସୂଚନା ଦେଇଛନ୍ତି।

## ଶନିବାର, ରବିବାର ନୟାଗଡ଼ ଶଟ୍‌ଡାଉନ୍

**ନୟାଗଡ଼ ଅଫିସ,୨।୭:** ନୟାଗଡ଼ ଜିଲାରେ ପୁଣି ୫ କରୋନା ଆକ୍ରାନ୍ତ ଗୁରୁବାର ଚିହ୍ନଟ ହୋଇଥିବା ସରକାରୀ ଭାବେ ଘୋଷଣା ହୋଇଛି। ନୟାଗଡ଼ ପୌରାଞ୍ଚଳର ୪ଜଣ ରହିଥିବାବେଳେ ଓଡଗାଁ ବ୍ଲକ ପଞ୍ଚରିଡା ଅଞ୍ଚଳର ଜଣେ ଅଛନ୍ତି। ଗୁରୁବାର ଜିଲାପାଳ ପୋମା ଟୁଡୁ ଏକ ଖବରଦାତା ସମ୍ମିଳନୀ କରି କହିଥିଲେ, ଜିଲାରେ ୧୬୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୩୫ ସୁସ୍ଥ ହୋଇଛନ୍ତି। ନୟାଗଡର ସୁନା ବ୍ୟବସାୟୀଙ୍କ ସଂସ୍ପର୍ଶରେ ଆସି ୧୪ ଓ ଓଡଗାଁର ଇଟାଭାଟି ମାଲିକଙ୍କ ସଂସ୍ପର୍ଶରେ ଆସି ୧୪ ଆକ୍ରାନ୍ତ ହୋଇଥିବା ଜିଲାପାଳ ସ୍ୱୀକାର କରିଥିଲେ। ଔଷଧ ବ୍ୟବସାୟୀଙ୍କ ମୃତ୍ୟୁ କେଉଁ କାରଣରୁ ହେଲା ଗଣମାଧ୍ୟମ ପ୍ରତିନିଧିଙ୍କ ଉତ୍ତରରେ କହିଥିଲେ ରାଜ୍ୟ ସରକାରଙ୍କ ଘୋଷଣା ପରେ ସେ ଯାହା କହିପାରିବେ। ଦୋକାନ ବଜାର ଖୋଲିବା ସମୟ ପରିବର୍ତ୍ତନ କରାଯାଇଥିବା ଜିଲାପାଳ କହିଥିଲେ। ପୂର୍ବାହ୍ନ ୭ଟାରୁ ଅପରାହ୍ନ ୨ଟା ଯାଏ ବଜାର ଖୋଲିବ। ଜୁଲାଇର ପ୍ରତି ଶନିବାର ଓ ରବିବାର ଶଟ୍‌ଡାଉନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ କୋଭିଡ୍ ନୋଡାଲ ଅଫିସର ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ୍ ରାଉତ, ସିଡିଏମଓ ରଞ୍ଜିତା ବିଶ୍ୱାଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଣ୍ଡି ଭଙ୍ଗାରୁଜା, ଗାଡ଼ି ପୋଡ଼ି ଘଟଣାରେ ୯ ଗିରଫ

**ତିର୍ତ୍ତୋଲ,୨।୭(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ଅଧୀନ କୃଷ୍ଣାନନ୍ଦପୁର ଫାଣ୍ଡି ଭଙ୍ଗାରୁଜା ଓ ଗାଡ଼ି ପୋଡ଼ି ଘଟଣାରେ ଗୁରୁବାର ପୋଲିସ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଗକୁ ଏହି ସଂଖ୍ୟା ବଢ଼ିପାରେ ବୋଲି କୁହାଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ଏକ ମସ୍‌ଜିଦରେ ନମାଜ ପାଠ ପାଇଁ କେତେଜଣ ବ୍ୟକ୍ତି ଏକତ୍ରିତ ହୋଇଥିଲେ। ଫାଣ୍ଡି ଅଧିକାରୀ ପହଞ୍ଚି ଏହାକୁ ବାରଣ କରିଥିଲେ। ମାତ୍ର ଏହାର କିଛି ସମୟ ପରେ ଶତାଧିକ ବ୍ୟକ୍ତି ଫାଣ୍ଡିରେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ଏଥିସହ ଫାଣ୍ଡି ଫାଣ୍ଡି ଅଧିକାରୀଙ୍କ ଗାଡିରେ ନିଆଁ ଲଗାଇ ଦେଇଥିଲେ।

# ଜିଲାରେ କଣ୍ଟେନ୍‌ମେଣ୍ଟ ଜୋନ ପ୍ରହସନ
## ଖବରଦାତାଙ୍କ ଫେରାଦ ପରେ କଟକଣା କଡ଼ାକଡ଼ି

**ନୟାଗଡ଼ ଅଫିସ,୨।୭**

ନୟାଗଡ଼ ସହରରେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଓ ୪ ଆକ୍ରାନ୍ତ ଚିହ୍ନଟ ପରେ ଜିଲା ପ୍ରଶାସନ ୨ଟି କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଥିଲା। କିନ୍ତୁ ଏହି ଜୋନ୍‌ରେ ପୋଲିସ ନିୟୋଜିତ ହୋଇ ନ ଥିବାବେଳେ ବାଉଁଶବାଡ କରାଯାଇ ନ ଥିଲା। ଫଳରେ ଲୋକମାନେ ଅବାଧରେ ଯାତାୟାତ କରୁଥିଲେ। କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା ପ୍ରହସନ ଦେଖି ଜିଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧିମାନେ ଗୁରୁବାର ଜିଲାପାଳ ପୋମା ଟୁଡୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପରେ ସନ୍ଧ୍ୟାରୁ କଟକଣା ଲାଗୁ ହୋଇଛି। କଣ୍ଟେନ୍‌ମେଣ୍ଟ ଜୋନରେ ବାଉଁଶ ପୋତି ପୋଲିସ ମୁତୟନ କରାଯାଇଛି।

ନୟାଗଡ ସହରର ୧୧ ଓ ୧୨ନଂ. ୱାର୍ଡର ଯଦୁମଣିନଗର ଓ ରାଜାବଗିଚାର କିଛି ଅଂଶକୁ ମିଶାଇ ୧, ୨, ୩ ଓ ୪ନଂ. ଲେନକୁ କଣ୍ଟେନ୍‌ମେଣ୍ଟ ଜୋନ କରାଯାଇଛି। ସେହିପରି ୨ନଂ. ୱାର୍ଡ ଦିଆନବନ୍ଧ ଅଞ୍ଚଳର ୧, ୨,



ପ୍ରଶାସନ ପକ୍ଷରୁ ବାଉଁଶ ପୋତାଯାଇ ବାରିକେଡ୍ କରାଯାଇଛି।

୩ ଓ ୪ନଂ. ଲେନକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ଅନ୍ୟପକ୍ଷେ ୧୫ ୱାର୍ଡ ବିଶିଷ୍ଟ ଓଡଗାଁ ଏନ୍‌ଏସି ସମେତ ଓଡଗାଁ ବ୍ଲକର ୫ ପଞ୍ଚାୟତର ୨୦ ଗାଁକୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ଘୋଷଣା ହୋଇଛି। ଏହା ସତ୍ତ୍ୱେ ବୁଧବାର ଗୋଡିପଲ୍ଲୀରେ ଘର ପ୍ରତିଷ୍ଠା, ବାହାଘର ଭୋଜି, କୁରାଳରେ ନିର୍ବନ୍ଧ ଘର ହେଉଥିଲା। ଜିଲାପାଳ ପୋମା ଟୁଡୁ ଅଚାନକ ପରିଦର୍ଶନ ସମୟରେ ଶତାଧିକ ଲୋକ ଭୋଜି ଖାଉଥିବା ଦେଖିଥିଲେ। ଅଧିକାଂଶ ଲୋକଙ୍କ ମୁହଁରେ ମାସ୍କ ନ ଥିବାବେଳେ କେହି ସାମାଜିକ ବ୍ୟବଧାନ ରଖି ନ ଥିଲେ। ସେହିପରି ଓଡଗାଁର ଏକ ହୋଟେଲ ଖୋଲା ଥିବାବେଳେ ଲୋକମାନେ ଖାଉଥିବା ଦେଖିଥିଲେ। ଜିଲାପାଳ ଏଥିରେ ବିରକ୍ତି ପ୍ରକାଶ କରି ୨୦ ହଜାର ଟଙ୍କା ଜରିମାନା କରିଥିଲେ। ଏପରି କି କରୋନା କଟକଣାକୁ ଗୁରୁତ୍ୱ ଦେଇ ଅମାନିଆଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସତ୍ୟାଗ୍ରହ

**ରଘୁନାଥପୁର,୨।୭(ଡି.ଏନ.ଏ.)**

ଫନୀ ବାତ୍ୟାର ୧୩ମାସ ପରେ ମଧ୍ୟ ରଘୁନାଥପୁର ବ୍ଲକ ଅଞ୍ଚଳର ଶତାଧିକ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳି ପାରିନାହିଁ। ଫଳରେ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନିକସ୍ତରରେ ଅଭିଯୋଗ କରିଥିଲେ ସୁଧା କେହି କର୍ଣ୍ଣପାତ କଲେନାହିଁ। ତେଣୁ ଚାଷୀଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ଦେବା ପାଇଁ ଆଗେଇ ଆସିଛି ନବ ନିର୍ମାଣ କୃଷକ ସଙ୍ଗଠନ। ସଙ୍ଗଠନ ପକ୍ଷରୁ ରଘୁନାଥପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବା ସହ ଅଧିକାରୀଙ୍କୁ ଜବାବ ମଗାଯାଇଥିଲା। ସଙ୍ଗଠନ ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, କର୍ମକର୍ତ୍ତା ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଏଠାରେ ରୁଣ୍ଡ ହେବା ପରେ ପ୍ରଶାସନ ପାଇଁ ମୁଣ୍ଡବିନ୍ଧା ବଢିଯାଇଥିଲା। ତହସିଲଦାର ରୂପାଲିକା ଦାଶ, ଅତିରିକ୍ତ ତହସିଲଦାର ମାନସ କୁମାର ତ୍ରିପାଠୀ, ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ସାହୁ ପ୍ରମୁଖ ଚାଷୀଙ୍କ ପାଖକୁ ଆସି ଉତ୍ତର ରଖିଥିଲେ। କ୍ଷତିପୂରଣ ବାବଦରେ



ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ତହସିଲକୁ ଦିଆଯାଇଥିବା ୯୮ ଲକ୍ଷ ଟଙ୍କା କେଉଁମାନଙ୍କୁ ଦିଆଯାଇଛି ଏବଂ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି କି ନାହିଁ ତାହାର ହିସାବ ଅଧିକାରୀମାନେ ରଖି ପାରି ନ ଥିଲେ। କରୋନା ଯୋଗୁ ଚାଷୀମାନେ ବହୁମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଖରିଫ ଫସଲ ପାଇଁ ଅର୍ଥର ଆବଶ୍ୟକତା ରହିଥିବାବେଳେ ପ୍ରଶାସନର ଅବହେଳା ଯୋଗୁ ଚାଷୀମାନେ ତାଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ସଂଯୋଜକ ସ୍ୱାଇଁ ଅଭିଯୋଗ କରିଥିଲେ। ଏହାଛଡା ଜଳସେଚନ, ଜଳନିଷ୍କାସନ, ଶୀତଳ ଭଣ୍ଡାର, ମଣ୍ଡିରେ ବିକ୍ରି ହୋଇ ପାରି ନ ଥିବା ଧାନ ଓ ଅନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ସଙ୍ଗଠନର ଦୁଇ ସଦସ୍ୟଙ୍କ ଉପସ୍ଥିତରେ ତହସିଲ ପ୍ରଶାସନ ପକ୍ଷରୁ ଏହାର ତର୍ଜମା କରାଯିବା ପାଇଁ ତହସିଲଦାର ଦାଶ କହିବା ପରେ ସତ୍ୟାଗ୍ରହକୁ ସ୍ଥଗିତ ରଖାଯାଇଥିଲା। ଏଥିରେ କର୍ମକର୍ତ୍ତା ସ୍ନେହାଂଶୁ ଜେନା, ଶରତ ମହାପାତ୍ର, ନବଘନ ନାୟକ, ଅଟଳ ବିହାରୀ ଜେନା, ନିଗମାନନ୍ଦ ଦାସ, ଘନଶ୍ୟାମ ମହାନ୍ତି, ବାସୁଦେବ ଦାସ, ଶିବ ପ୍ରସାଦ ମଲ୍ଲିକ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**କୋରେଇ, ୨।୭ (ସ୍ୱ.ପ୍ର)**

କୋରେଇ ଥାନା ଅଧୀନ ସାଦକପୁର ପଞ୍ଚାୟତ ସାଦକପୁର ଗ୍ରାମର ଗୁଲଗଣ୍ଡା ପୋଖରୀରେ ବୁଡ଼ି ଗ୍ରାମର ସେକ୍ ଆରିଫ୍‌ଙ୍କ ୩ବର୍ଷର ପୁଅ ସେକ୍ ଅଲ୍ଲୀଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସକାଳ ସାଢ଼େ ୮ଟା ବେଳେ ସେକ ଅଲ୍ଲୀ ପୋଖରୀ ନିକଟରେ ଖେଳୁଥିଲେ। କିଛି ସମୟ ପରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାରକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଚିତ୍ରକଳା ପୁରସ୍କାର ପାଇଁ ସୌମ୍ୟରଞ୍ଜନ ମନୋନୀତ

**କେନ୍ଦ୍ରାପଡ଼ା ଅଫିସ, ୨।୭:** ଓଡିଶା ଲଳିତକଳା ଏକାଡେମୀ ପକ୍ଷରୁ କୋଭିଡ୍ -୧୯ ସକରାତ୍ମକ ସଚେତନତା ଶୀର୍ଷକ ଏକ ଅନ୍‌ଲାଇନ ଚିତ୍ରକଳା ପ୍ରତିଯୋଗିତା ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲାର ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଚିତ୍ର ଜୁରୀ ସଦସ୍ୟଙ୍କ ଦ୍ୱାରା ମନୋନୀତ ହୋଇଛି। ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ସଭାରେ ଏହି ପୁରସ୍କାର ସମ୍ପର୍କରେ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଏକାଡେମୀର



ସୌମ୍ୟରଞ୍ଜନ ଚିତ୍ର ଆଙ୍କୁଛନ୍ତି।

ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଓଏସ୍‌ଡି ମନସ୍ୱିନୀ ସାହୁ ଓ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଚିତ୍ରଶିଳ୍ପୀ ପଟ୍ଟନାୟକ ପୂର୍ବରୁ ବହୁବାର ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ ଚିତ୍ର ପ୍ରତିଯୋଗିତାରେ ଭାଗ ନେଇ ଜିଲା ପାଇଁ ଗୌରବ ଆଣିଛନ୍ତି।

## ଟିଏମ୍‌ସିରେ କାନ୍ଦୁଛନ୍ତି ୮ ମାସର ଗର୍ଭବତୀ

**ଜଗତ୍‌ସିଂହପୁର ଅଫିସ,୨।୭:** ହାଇଦ୍ରାବାଦରୁ ଫେରିଥିବା ୮ମାସର ଗର୍ଭବତୀ ଓ ତାଙ୍କ ପରିବାରକୁ ପ୍ରଥମେ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ ଅନୁମତି ଦିଆଯାଇଥିଲା। ୫ ଦିନ ପରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର (ଟିଏମ୍‌ସି)କୁ ନିଆଯିବା ନେଇ ସମ୍ପୃକ୍ତ ମହିଳା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ମହିଳା ହେଲେ ବିରିଡ଼ି ଥାନା ବୁଢ଼ାପଡ଼ା ପଞ୍ଚାୟତର ମକ୍ରମଲ୍ଲୀ ଖାଁଙ୍କ ସ୍ତ୍ରୀ ସମିନା ବେଗମ(୩୫)। ତାଙ୍କୁ ଯେଉଁଭଳି ନିର୍ଯାତନା ଦିଆଯାଉଛି ତାହା ଅବର୍ଣ୍ଣନୀୟ ବୋଲି ସେ କହିଛନ୍ତି। କାରଣ ସେ ୮ ମାସର ଗର୍ଭବତୀ ଥିବା ବେଳେ ସ୍ୱାମୀ ମଧୁମେହରେ ଆକ୍ରାନ୍ତ। ଏଥିସହ ସାଙ୍ଗରେ ୮ ବର୍ଷର ଝିଅ ରହିଛି। ଏହା ଜାଣି ମଧ୍ୟ ସରକାରୀ ଅଧିକାରୀ ତାଙ୍କୁ ପଣ୍ଡିଆସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଟିଏମ୍‌ସିକୁ ନେଇଗଲେ। ଗତ ୨୬ରେ ଏହି କେନ୍ଦ୍ରରେ ରହୁଥିବା ଜଣେ ବ୍ୟକ୍ତି କରୋନା ସଂକ୍ରମିତ ଜଣାପଡିଛି। ବୁଧବାର ତାଙ୍କ ପରିବାରର ସ୍ୱାବ୍ ରିପୋର୍ଟ ନିଗେଟିଭ ଆସିଥିଲେ ମଧ୍ୟ ଘରକୁ ଛଡ଼ା ଯାଉନାହିଁ ବୋଲି ସେ କହିଛନ୍ତି। ଆଗକୁ କିଛି ଅଘଟଣ ହେଲେ କିଏ ଦାୟୀ ରହିବେ ବୋଲି ସେ ଜିଲାପାଳଙ୍କୁ ପ୍ରଶ୍ନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ସେ ସ୍ୱାମୀଙ୍କ ସହ ହାଇଦ୍ରାବାଦରୁ ଆସି ୨୩ ତାରିଖରେ କଟକରେ ପହଞ୍ଚିଥିଲେ। ସେଠାରୁ ହାଜିପୁର ଯାଇ ନାମ ପଞ୍ଜୀକରଣ କରିଥିଲେ। ପରେ ବୁଢ଼ାପଡ଼ା ପଞ୍ଚାୟତରେ ସରପଞ୍ଚଙ୍କ ଠାରୁ ଅନୁମତିପାଇ ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ। କିନ୍ତୁ ୨୬ରେ ସରପଞ୍ଚ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରହିବାକୁ ବାଧ୍ୟ କରିଥିଲେ। ୨୮ରେ ତହସିଲଦାର, ବିଡିଓ, ଆଇଆଇସି ପହଞ୍ଚି କ୍ୱାରାଣ୍ଟାଇନ୍ କେନ୍ଦ୍ର ଯିବାକୁ କହିଥିଲେ। ସେ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ ସେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା ନିରାଶ ହୋଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇ ନ ଥିଲା।

# ବିବାଦୀୟ ଜମିରେ ଅଙ୍ଗନୱାଡି ଗୃହ ନିର୍ମାଣ

**ରସୁଲପୁର, ୨।୭ (ଡି.ଏନ୍.ଏ.)**

**କାର୍ଯ୍ୟ ବନ୍ଦ କରିବାକୁ ଗ୍ରାମବାସୀଙ୍କ ଦାବି**

ରସୁଲପୁର ବ୍ଲକ ଅଧୀନ ମୁଗୁପାଳ ପଞ୍ଚାୟତସ୍ଥିତ ଖଇରାବାଦ ପାଟଣା ପ୍ରାଥମିକ ବିଦ୍ୟାଳୟ ପରିସର ସଂଲଗ୍ନ ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ଜମି ରହିଛି। ଏହି ଜମିରେ ବେଆଇନ ଭାବରେ ଏକ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାଛଡ଼ା ଗୃହ ନିର୍ମାଣ ସକାଶେ ବିଦ୍ୟାଳୟ ପରିସରରେ ଆବଶ୍ୟକ ସ୍ଥାନ ନ ଥିବାରୁ ଦାୟିତ୍ୱରେ ଥିବା ଠିକାଦାର ବିଦ୍ୟାଳୟର ପାଚେରିକୁ ଭାଙ୍ଗି ଦେଇଛନ୍ତି। କିନ୍ତୁ ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇନାହିଁ। ତେଣୁ ଉକ୍ତ ବିବାଦୀୟ ଜମି ଉପରେ ଅଙ୍ଗନୱାଡି



ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଉଛି।

କେନ୍ଦ୍ର ନିର୍ମାଣ ବନ୍ଦ କରିବାକୁ ଗ୍ରାମବାସୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ରସୁଲପୁର ତହସିଲଦାର, ବିଡିଓ, କୁଆଖିଆ ଥାନା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏହାସହ ବେଆଇନ ଭାବେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ପ୍ରକାଶ ଯେ, ଉକ୍ତ ପଞ୍ଚାୟତର ୯, ୧୦, ୧୧ ଓ ୧୨ ନଂ. ୱାର୍ଡ ନିମନ୍ତେ ଏକ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁ ୭ଲକ୍ଷ ଟଙ୍କା ଅନୁଦାନ ଆସିଛି। ଉକ୍ତ ଗୃହ ନିର୍ମାଣ ପାଇଁ ସରକାରୀ ଜମି ଥିଲେ ବି କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ୧୪ ଓ ୧୫ ନଂ. ୱାର୍ଡରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଉଦ୍ୟମ ଚଳାଇଛନ୍ତି, ଯାହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ ଅନୁମତି ଅଣାଯାଇ ନ ଥିବା ବେଳେ କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲାଗିନାହିଁ। ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ପକ୍ଷରୁ କାର୍ଯ୍ୟାରମ୍ଭ ସମ୍ପର୍କରେ ସୂଚନା ଦିଆଯାଇନାହିଁ। ଏପରି କି ଉକ୍ତ ଗୃହ ନିର୍ମାଣ ପାଇଁ ବ୍ଲକରେ କୌଣସି ଫାଇଲ ଖୋଲାଯାଇ ନ ଥିବା ବ୍ଲକ ସୂତ୍ରରୁ ଜଣାପଡିଛି। ତେଣୁ ସେଠାରେ ଅଙ୍ଗନୱାଡି ଗୃହ ନିର୍ମାଣ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ରସୁଲପୁର ବିଡିଓ ଏହାର ତଦନ୍ତ ପାଇଁ କନିଷ୍ଠ ଯନ୍ତ୍ରୀ ସୋନାଲି ଦାସଙ୍କୁ ଦାୟିତ୍ୱ ଦେଇଛନ୍ତି। ଏ ନେଇ ଯନ୍ତ୍ରୀଙ୍କୁ ପଚାରିବାରେ ସମ୍ପୃକ୍ତ ଠିକାଦାରଙ୍କ ନାଁରେ କାର୍ଯ୍ୟାଦେଶ ରହିଛି। ମାତ୍ର ଗୃହ ନିର୍ମାଣ ପାଇଁ ଅଦ୍ୟାବଧି ଆବଶକ କାଗଜପତ୍ର ସଂଗ୍ରହ ହୋଇନାହିଁ। ଏ ନେଇ ବ୍ଲକରେ କୌଣସି ଫାଇଲ ଖୋଲାଯାଇ ନ ଥିବା ବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଅନୁମତି ଦିଆଯାଇ ନ ଥିବା କହିଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ପାଟପୁର,୨।୭-ସାପ କାମୁଡାରେ ଜଣେ ବୃଦ୍ଧଙ୍କ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ପାଟପୁର ଥାନା ଜୀଉରା ଗ୍ରାମର ରଘୁନାଥ ସାହୁ। ବୁଧବାର ରାତିରେ ଶୋଇଥିଲେ। ରାତି ପ୍ରାୟ ୨ ଟାରେ ରଘୁନାଥଙ୍କୁ କୌଣସି ଏକ ସାପ କାମୁଡି ଦେବାରୁ ସେ ଚିତ୍କାର କରିଥିଲେ। ଏହା ଶୁଣି ତାଙ୍କ ପରିବାର ଲୋକେ ତାଙ୍କୁ ତୁରନ୍ତ ଶେରଗଡ଼ର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଶୁକ୍ରବାର ସକାଳେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ପରଲୋକରେ ପୂର୍ବତନ ବିଧାୟକ ଚିନ୍ତାମଣି ଜେନା



ବନ୍ତ,୨।୭ (ଡି.ଏନ୍.ଏ.) :ପୂର୍ବତନ ବିଧାୟକ ତଥା ବରିଷ୍ଠ ସିପିଆଇ ନେତା ଚିନ୍ତାମଣି ଜେନା(୯୨)ଙ୍କର ବୁଧବାର ପରଲୋକ ଘଟିଛି। ୧୯୭୧ରେ ଅବିଭକ୍ତ ବାଲେଶ୍ୱର ଜିଲାର ସିମୁଳିଆ-ଖଇରା ନିର୍ବାଚନ ମଣ୍ଡଳୀରୁ ସିପିଆଇର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଭଦ୍ରକ ଜିଲା ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତ ଅଧୀନ ନିମପଲ୍ଲୀ ଗ୍ରାମରେ ସେ ଜନ୍ମ ଗ୍ରହଣ କରିଥିଲେ। ଚାଷୀମୂଲିଆ ଶ୍ରମଜୀବିଙ୍କ ପାଇଁ ସେ ସର୍ବଦା ଲଢେଇ କରିଆସୁଥିଲେ। ତାଙ୍କ ବିୟୋଗରେ ବନ୍ତ ବ୍ଲକ ସମେତ ଭଦ୍ରକ ଓ ବାଲେଶ୍ୱର ଜିଲାରେ ଶୋକର ଛାୟା ଖେଳି ଯାଇଛି। ବଡ଼ପୁଅ ରବୀନ୍ଦ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇ ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, ବନ୍ତ ଜୋନ୍ ସମ୍ପାଦକ ରମେଶ ଜେନା, ନିରଞ୍ଜନ ନାୟକ, କିଶୋର ବେହେରା, ରବୀନ୍ଦ୍ର ସେଠୀ, ଅଭିମନ୍ୟୁ ଜେନାଙ୍କ ସମେତ ଶତାଧିକ ସାଥି ସମର୍ଥକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ନାବାଳକଙ୍କ ମୃତଦେହ ଉଦ୍ଧାର

ଖଇରା, ୨।୭(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତୋରାଣୀପଦା ଗ୍ରାମର ପ୍ରଭାତ ଶିଅଙ୍କ ପୁଅ ଶୁଭ୍ରଜିତଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଢଙ୍କଣ ନଦୀରୁ ୧୮ଘଣ୍ଟା ପରେ ଅର୍ଥାତ ଗୁରୁବାର ସକାଳେ ଉଦ୍ଧାର କରାଯାଇଛି। ଶବ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ବୁଧବାର ପୂର୍ବାହ୍ନରେ ଶୁଭ୍ରଜିତ ବାସିଫୁଲ ଫିଙ୍ଗିବାକୁ ମା'ଙ୍କ ସହ ସ୍ଥାନୀୟ ଢଙ୍କଣ ନଦୀକୁ ଯାଇଥିବା ବେଳେ ଗୋଡ ଖସିଯିବାରୁ ସେ ବୁଡି ଯାଇଥିଲେ। ଖଇରା ଅଗ୍ନିଶମ ବାହିନୀ ତଥା ଏନଡିଆରଏଫ୍ ଟିମ୍‌ର ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ମୃତଦେହ ମିଳି ନ ଥିଲା। ଗୁରୁବାର ସକାଳେ ଖସିପଡିଥିବା ସ୍ଥାନ ନିକଟରୁ ଅଳ୍ପ କିଛି ଦୂରରେ ମୃତଦେହ ଭାସୁଥିବା ଗ୍ରାମବାସୀଙ୍କ ନଜରକୁ ଆସିଥିଲା।

### ଟ୍ରାନ୍ସପୋର୍ଟିଂ ଅଫିସ୍‌ରୁ ବନ୍ଧୁକ ଦେଖାଇ ଲୁଟ୍ ଘଟଣା: ୩ ଗିରଫ

ଯୋଡ଼ା, ୨।୭(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝର ତାରିଣୀ ଛକ ନିକଟରେ ଏକ ଟ୍ରାନସପୋର୍ଟିଂ ଅଫିସ୍‌ରୁ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୬୦ ହଜାର ଟଙ୍କା ଓ ୨ଟି ମୋବାଇଲ ଲୁଟ୍ କରିନେଇଥିବା ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଝାଡଖଣ୍ଡ ରାଜ୍ୟ ନୂଆମୁଣ୍ଡି ଅଞ୍ଚଳର ରିଙ୍କୁ ଦାସ(୨୨), ରାଜା ଦାସ(୨୩) ଓ ସ୍ୱରାଜ୍ ଦାସ(୨୦)।

### ବୁଗୁଡା ବ୍ଲକ କାର୍ଯ୍ୟାଳୟ ସିଲ୍ କଲା ପ୍ରଶାସନ

#### କନିଷ୍ଠ ଯନ୍ତ୍ରୀଙ୍କୁ କରୋନା

ବୁଗୁଡ଼ା,୨।୭(ଡି.ଏନ.ଏ.)- ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟର ଜଣେ କନିଷ୍ଠ ଯନ୍ତ୍ରୀଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ବୁଧବାର ରାତିରେ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସଂକ୍ରମଣ ଆଶଙ୍କାରେ ବ୍ଲକ କାର୍ଯ୍ୟାଳୟକୁ ପ୍ରଶାସନ ପକ୍ଷରୁ ଗୁରୁବାର ଠାରୁ ୩ ଦିନ ପାଇଁ ସିଲ୍ କରାଯିବା ସହ କ୍ୱାର୍ଟରଗୁଡ଼ିକୁ ମଧ ୪ ଦିନ ପାଇଁ ସିଲ୍ କରାଯାଇଛି। କାର୍ଯ୍ୟାଳୟକୁ ସାନିଟାଇଜ୍ କରାଯାଇଥିବା ବିଡିଓ ତନ୍ମୟ ପାତ୍ର କହିଛନ୍ତି। ତାଙ୍କର କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ବିଡିଓ ତନ୍ମୟ ପାତ୍ର, ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଅନ୍ୟମାନଙ୍କର ସ୍ୱାବ୍ ଟେଷ୍ଟ ପାଇଁ ବ୍ୟବସ୍ଥା ଚଳାଇଛନ୍ତି।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବଡବିଲ, ୨।୭(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡବିଲ ଥାନା ଅଧୀନ ଉଲିବୁରୁ ଜଙ୍ଗଲରୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ପାଲହଟିଂ ଅଞ୍ଚଳର ନବୀନ ଓରଙ୍ଗ୍ ରାଜୁ କାରୁଆ। ତାଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଅଭିଯୋଗ କରିଛନ୍ତି। ଗୁରୁବାର ସକାଳେ କେତେକ ଲୋକ ନବୀନଙ୍କ ମୃତଦେହ ପଡିଥିବା ଦେଖି ପୁଷ୍ପାଞ୍ଜଳିଙ୍କୁ ଖବର ଦେଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# କାନ୍ଥ କହୁଛି ସଚେତନତାର ବାର୍ତ୍ତା

ବାରିପଦା ଅଫିସ,୨।୭



ଦୁଇ ଚିତ୍ରକର କାନ୍ଥରେ ଚିତ୍ର କରୁଛନ୍ତି।

- ୟୁଡବ୍ଲ୍ୟୁଇଆଇ ସ୍କିମ୍ ମାଧ୍ୟମରେ ଯୁବକମାନଙ୍କୁ ରୋଜଗାରକ୍ଷମ କରାଯାଉଛି
- ପ୍ରତି ୱାର୍ଡ଼ ପିଛା ଖର୍ଚ୍ଚ ହେବ ୫ ଲକ୍ଷ

ମୟୂରଭଞ୍ଜ ଜିଲା ବାରିପଦା ସହରର ବିଭିନ୍ନ ସ୍ଥାନରେ ଖାଲି ପଡ଼ିଥିବା କାନ୍ଥ ଏବେ ସଚେତନତାର ବାର୍ତ୍ତା କହୁଛି। ଗଛ ଲଗାଇବା, ହାତୀମାନଙ୍କ ସୁରକ୍ଷା କରିବା, ବର୍ତ୍ତମାନ କରୋନା ମହାମାରୀ ସମୟରେ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା, ମାସ୍କ ପିନ୍ଧିବା, ଡଷ୍ଟବିନ୍ ବ୍ୟବହାର କରିବା ଭଳି ଅନେକ ସଚେତନତାର ବାର୍ତ୍ତା ଦେଉଛି ଏହି କାନ୍ଥ। ସେହିଭଳି ଛୋଟ ପିଲାମାନଙ୍କ ଡୋରେମୋନ୍, ମୋଟୁ ପତଲୁ, ଛୋଟା ଭୀମ ଭଳି କାର୍ଟୁନ ଚିତ୍ର ମଧ ଅଙ୍କାଯାଇଛି। ଯେଉଁ କାନ୍ଥ ଦିନେ ଖାଲି ପଡ଼ିଥିଲା ସେହି କାନ୍ଥ ଏବେ ସଚେତନତାର ବାର୍ତ୍ତା ବଖାଣୁଛି। ଉକ୍ତ ରାସ୍ତା ଦେଇ ଗଲା ବେଳେ ଲୋକେ ଦଣ୍ଡେ ଘଡ଼ିଏ ଅଟକି ଯାଇ ଉକ୍ତ ଚିତ୍ରକୁ ଦେଖିବାକୁ ପଛାଉ ନାହାନ୍ତି। ଏହା ସମ୍ଭବ ହୋଇଛି ଅର୍ବାନ ୱେଜ ଏମ୍ପ୍ଲୋୟମେଣ୍ଟ ଇନିସିଏଟିଭ୍ (ୟୁଡବ୍ଲ୍ୟୁଇଆଇ) ଯୋଜନାରେ। ଏହି ଯୋଜନା ଦ୍ୱାରା ସହରରେ ବିଭିନ୍ନ ସ୍ଥାନରେ ଖାଲି ଥିବା କାନ୍ଥରେ ଚିତ୍ର କରାଯାଉଛି।

ସହରରେ ଥିବା ୨୮ଟି ୱାର୍ଡ଼ରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଡ୍ରେନ୍ ସଫା କରିବା, କାନ୍ଥରେ ଚିତ୍ର ଆଙ୍କିବା ଆଦି କାର୍ଯ୍ୟକ୍ରମ କରି ଲୋକଙ୍କୁ ଲକ୍‌ଡାଉନ ସମୟରେ ରୋଜଗାରକ୍ଷମ କରାଇବା ପାଇଁ ଏହି ଯୋଜନା କରାଯାଇଛି। ପ୍ରତି ୱାର୍ଡ଼ରେ ଥିବା ଏକ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି) ମହିଳାମାନଙ୍କୁ ଏହି ଟେଣ୍ଡର ଦିଆଯାଇଛି। ପ୍ରତି ୱାର୍ଡ଼ ପିଛା ଏହି କାର୍ଯ୍ୟକ୍ରମ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି। ମହିଳାମାନେ ସେମାନଙ୍କ ୱାର୍ଡ଼ରେ ଥିବା ଶ୍ରମିକମାନଙ୍କୁ ନେଇ ଡ୍ରେନ୍ ସଫା କାର୍ଯ୍ୟ କରାଉଥିବା ବେଳେ ଚିତ୍ରକରମାନଙ୍କୁ ନେଇ କାନ୍ଥରେ ଚିତ୍ର କରାଉଛନ୍ତି। ଫଳରେ ଲକ୍‌ଡାଉନ ସମୟରେ ସେମାନେ କିଛି ରୋଜଗାର କରିପାରୁଛନ୍ତି। ୮ ଦିନ ହେଲା ଏହା ଆରମ୍ଭ ହୋଇଥିବା ବେଳେ ୨୦ ଓ ୩ ନଂ. ୱାର୍ଡ଼ରେ କାନ୍ଥରେ ଚିତ୍ର କାର୍ଯ୍ୟକ୍ରମ ଚାଲୁ ରହିଛି। ଆଗାମୀ ଦିନରେ ଏହା ଅନ୍ୟ ୱାର୍ଡ଼ରେ ଆରମ୍ଭ ହେବ। ଏହି ସ୍କିମ୍ ଯେ ସହରରେ ରହୁଥିବା ଶ୍ରମିକ ଚିତ୍ରକରମାନଙ୍କୁ ରୋଜଗାରକ୍ଷମ କରାଇ ପାରୁଛି ତାହା ନୁହେଁ ସହରର କାନ୍ଥକୁ ସୌନ୍ଦର୍ଯ୍ୟରେ ଭରିଦେଉଛି। ସ୍ଥାନୀୟ ୱାର୍ଡ଼ର ଶ୍ରମିକ ଓ ଚିତ୍ରକରମାନଙ୍କୁ ଏ ବାବଦରେ ପାରିଶ୍ରମିକ ଦିଆଯାଉଛି। ବାରିପଦା ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ଯାଦବେନ୍ଦ୍ର ମହାପାତ୍ର କୁହନ୍ତି, ଏହି ସ୍କିମ୍ ଯୋଗୁ ଲକ୍‌ଡାଉନ ସମୟରେ ଚିତ୍ରକର ଓ ଶ୍ରମିକମାନେ ରୋଜଗାରକ୍ଷମ ହୋଇପାରୁଛନ୍ତି। ସେହିଭଳି ୩ନଂ.ୱାର୍ଡ଼ରେ ଚିତ୍ର କରୁଥିବା ଚିତ୍ରକର ଅଭିମନ୍ୟୁ ବେହେରା, ରାକେଶ ବେହେରା କହିଛନ୍ତି ଯେ, ଲକ୍‌ଡାଉନ ହେବା ଫଳରେ ରୋଜଗାରର ମାଧ୍ୟମ ବନ୍ଦ ହୋଇ ଯାଇଥିଲା। କିଛି ଦିନ ହେଲାଣି କାନ୍ଥରେ ଚିତ୍ର କରିବା ଯୋଗୁଁ କିଛି ଟଙ୍କା ରୋଜଗାର ହୋଇଛି। କେବଳ ବାରିପଦା ସହର ନୁହେଁ ଉଦଳା ଏନ୍ଏସି ପକ୍ଷରୁ ମଧ ସହରର ବିଭିନ୍ନ କାନ୍ଥରେ ଚିତ୍ର କରାଯାଉଥିବା ଦେଖିବାକୁ ମିଳିଛି।

# ଲଦାପଦର ଜଙ୍ଗଲରେ ମାଓବାଦୀ କ୍ୟାମ୍ପ

ଫୁଲବାଣୀ ଅଫିସ, ୨।୭



ଜବତ ମାଓବାଦୀ ସାମଗ୍ରୀ।

- ବିପୁଳ ପରିମାଣର ସାମଗ୍ରୀ ଜବତ
- କ୍ୟାଡର ମାଓବାଦୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଖସିଗଲେ

କନ୍ଧମାଳ ଜିଲା ପୋଲିସ ଓ ଯବାନଙ୍କ ପକ୍ଷରୁ କୋମ୍ବିଂ ବେଳେ ଫିରିଙ୍ଗିଆ ଥାନା ସୁମେରବନ୍ଧ ପଞ୍ଚାୟତ ଲଦାପଦର ସଂରକ୍ଷିତ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ସେଠାରୁ ବିପୁଳ ପରିମାଣର ବିସ୍ଫୋରକ ସହ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ମାତ୍ର ସୂଚନା ପାଇ ମାଓବାଦୀମାନେ କ୍ୟାମ୍ପ ଛାଡି ପଳାଇଥିବା କନ୍ଧମାଳ ଏସ୍‌ପି ପ୍ରତୀକ୍ ଗୀତା ସିଂ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜୁନ୍ ୨୯ରେ ପୋଲିସ ଓ ଯବାନ ମିଳିତ ଭାବେ ଜଙ୍ଗଲରେ କୋମ୍ବିଂ ଅପରେଶନ ଚଳାଇଥିଲେ। ସୁମେରବନ୍ଧ ପଞ୍ଚାୟତ ଲଦାପଦର ଜଙ୍ଗଲରେ ମାଓବାଦୀ କ୍ୟାମ୍ପ ଚାଲିଥିବା ଗୁଇନ୍ଦା ସୂତ୍ରରୁ ଖବର ମିଳିଥିଲା। ସେଠାରେ କୋମ୍ବିଂ ବେଳେ ଯବାନମାନେ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। ଯବାନମାନେ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ଆଗୁଆ ସୂଚନା ପାଇ ଖସି ପଳାଇଥିଲେ। ଶିବିରରୁ ୧୫ କେଜି ବିସ୍ଫୋରକ ସହ ୨୮ ଡିଟୋନେଟର, ୩ ମଲ୍ଟି ମିଟର, ବ୍ୟାଟେରି, ବ୍ୟାଗ୍, ପୋଷାକ, ମାଓବାଦୀ ବ୍ୟାନର, ପୋଷ୍ଟର, ଲିଫ୍‌ଲେଟ୍ ଆଦି ଜବତ କରାଯାଇଛି। ଶିବିରରେ ମହିଳା ମାଓବାଦୀଙ୍କ ସମେତ ୧୫ରୁ ୨୦ ଜଣ ଥିବା ଅନୁମାନ କରାଯାଉଛି। ସେମାନଙ୍କ ମଧ୍ୟରେ କେକେବିଏନ୍ ସଙ୍ଗଠନର ଦାମୁଲୁ, ଆକାଶ ଭଳି କ୍ୟାଡର ମାଓବାଦୀ ନେତା ଥିବା ଅନୁମାନ କରାଯାଉଛି। ଆସନ୍ତା ୨୬ରୁ ମାଓବାଦୀଙ୍କ ଶହୀଦ୍ ସପ୍ତାହ ଆରମ୍ଭ ହେବ। ତେଣୁ ଜିଲାରେ ବଡ ଧରଣର ଅଘଟଣ ପାଇଁ ଯୋଜନା ଚାଲିଥିବା ସନ୍ଦେହ କରାଯାଉଛି ବୋଲି ଏସ୍‌ପି ସିଂ କହିଛନ୍ତି।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗ
## ଜେଲଗଲେ ଅଭିଯୁକ୍ତ

ରୂପ୍‌ସା, ୨।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳର ଜଣେ ୧୩ବର୍ଷୀୟା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଆଇଆଇସି ବିଶ୍ୱଜ କୁମାର ରାଉତରାୟ ଅଭିଯୁକ୍ତ ବସ୍ତା ଥାନା କୁଶଡ଼ିହା ଗ୍ରାମର ମହେଶ୍ୱର ପ୍ରଧାନ (୨୪)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛନ୍ତି। ମହେଶ୍ୱର ଗତ ଜୁନ୍ ୨୯ତାରିଖରେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଗତ ବୁଧବାର ପୋଲିସ ଏକ ମାମଲା (ନଂ. ୫୭/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଆଇଆଇସି ରାଉତରାୟ ସଦଳବଳେ ଚଢ଼ାଉ କରି ଅପହୃତା ନାବାଳିକାଙ୍କୁ ବୁଧବାର ଉଦ୍ଧାର କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି।

# ଗଞ୍ଜାମରେ ୩୧ ପର୍ଯ୍ୟନ୍ତ ଗଡ଼ିବନି ବାଇକ୍

ଛତ୍ରପୁର,୨।୭(ଡି.ଏନ.ଏ.)

ଗଞ୍ଜାମ ଜିଲାର ପଞ୍ଚାୟତଗୁଡିକରେ ଚାଲୁ ରହିଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସବୁ ବନ୍ଦ କରାଯାଇ ନୂତନ କ୍ଲଷ୍ଟର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହାରରୁ ଆସୁଥିବା ଲୋକଙ୍କୁ ରଖିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସହରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳରେ ୨୦ ଶଯ୍ୟା ବିଶିଷ୍ଟ କ୍ଲଷ୍ଟର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯିବ। ବର୍ତ୍ତମାନ ସ୍ଥିତିରେ ଆକ୍ଟିଭ କଣ୍ଟାକ୍ଟ ଟ୍ରେସିଂ ଜରୁରୀ ହୋଇପଡ଼ିଛି। ବ୍ଲକସ୍ତରୀୟ ସ୍ୱାବ ସଂଗ୍ରହ ବୃଦ୍ଧି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ମାସ ଶେଷ ପର୍ଯ୍ୟନ୍ତ ଜିଲାରେ ବାଇକ୍ ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। କେବଳ ମେଡିକାଲ, କୃଷି କାର୍ଯ୍ୟ ପାଇଁ ପରିଚୟପତ୍ର ଦେଖାଇ ବାଇକ୍ ନେଇହେବ। ୧ କି.ମି. ମଧ୍ୟରେ ଚାଲି ଚାଲି ଯାଇ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଜିଲାପାଳ କହିଛନ୍ତି। ବରିଷ୍ଠ ନାଗରିକ ଘରେ ରହିବେ। ଅପରାହ୍ନ ୪ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶଟ୍‌ଡାଉନ ରହିବ। ଦୋକାନୀମାନେ କୋଭିଡ୍ ନିୟମ ପାଳନ କରନ୍ତୁ। ନଚେତ୍ ହଜାରେ ଟଙ୍କା ଜରିମାନା ଦେବାକୁ ପଡିବ। ସମ୍ପୃକ୍ତ ଦୋକାନୀ ଦ୍ୱିତୀୟ ଥର ଭୁଲ କଲେ ଜରିମାନା ସହିତ ଏକମାସ ଦୋକାନ ବନ୍ଦ କରାଯିବ। ଗାଁ ଗହଳିରେ ଏକାଠି ବସି ତାସ ଖେଳିବା ନଜର ଆସୁଛି। ଏପରି କରୁଥିବା ଲୋକଙ୍କୁ କଣ୍ଟେନମେଣ୍ଟ ସେଣ୍ଟରରେ ରଖାଯିବ ବୋଲି ସତର୍କ କରାଇ ଦିଆଯାଇଛି। ସେହିପରି ବଜାର ବନ୍ଦ କରି ସାହି ସାହିରେ ପରିବା ବିକ୍ରି କରିବା ଉପରେ ପୁଣିଥରେ ଗୁରୁତ୍ୱ ଦିଆଯାଇଛି। ମାଛ ବିକ୍ରି କଲା ବେଳେ ବ୍ୟାରିକେଡ କରି ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି।

## ବ୍ରହ୍ମପୁର: ଦିନକରେ ୧.୧୨ ଲକ୍ଷ ଟଙ୍କା ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୨।୭–

ବ୍ରହ୍ମପୁର ସହରରେ ବୁଲୁଥିବା ଅମାନିଆଙ୍କୁ ପୋଲିସ ଯାଞ୍ଚ କରିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରିଛି। ଏପରିକି ଜନସାଧାରଣଙ୍କୁ ମାସ୍କ ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯିବା ସହ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଉଛି। ବୁଧବାର ସକାଳ ୬ ଟାରୁ ଗୁରୁବାର ସକାଳ ୬ଟା ସୁଦ୍ଧା ବ୍ରହ୍ମପୁର ପୋଲିସ ଜିଲା ପକ୍ଷରୁ ସହରର ବିଭିନ୍ନ ଛକରେ ଚେକିଂ କରାଯାଇ ମାସ୍କ ପିନ୍ଧି ନ ଥିବା ୫୬୧ ଲୋକଙ୍କଠାରୁ ୧ ଲକ୍ଷ ୧୨ ହଜାର ୨ ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୭୧ ଅମାନିଆ ଗାଡି ଚାଳକଙ୍କୁ ୮୫ ହଜାର ୭୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ବେଆଇନ ଭାବେ ମଦ ବିକ୍ରି ଅଭିଯୋଗରେ ୨ଟି ମାମଲା ରୁଜୁ କରାଯାଇଛି। ୯ ଅଭିଯୁକ୍ତଙ୍କୁ ନୋଟିସ ଦିଆଯାଇଥିବା ବେଳେ ୨୭ ଲିଟର ମଦ ଜବତ ହୋଇଛି।

## 'ଅଭିଳାଷ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଆୱାର୍ଡ

ହିଞ୍ଜିଳିକାଟୁ,୨।୭(ଡି.ଏନ୍.ଏ)

ବେଙ୍ଗାଲ ଲକ୍‌ଡ଼ାଉନ ଅନଲାଇନ ଫିଲ୍ମ ଫେଷ୍ଟିଭାଲରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ନୃତ୍ୟମ ଅନୁଷ୍ଠାନର ମୁଖ୍ୟ କୃଷ୍ଣଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର 'ଅଭିଳାଷ' ଶ୍ରେଷ୍ଠ ଚଳଚ୍ଚିତ୍ର ଆୱାର୍ଡ଼ ହାସଲ କରିଛି। ଗତ ମାସରେ ଏହି ଚଳଚିତ୍ରଟି ଜାତୀୟସ୍ତରର ଫିଲ୍ମ ଫେଷ୍ଟିଭାଲକୁ ମନୋନୀତ ହୋଇଥିଲା। ବୁଧବାର ରାତିରେ ଆୟୋଜକ କମିଟି ପକ୍ଷରୁ 'ଅଭିଳାଷ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଛି। ଏହି କୃତିତ୍ୱ ପରେ ଅଞ୍ଚଳବାସୀ ଚଳଚ୍ଚିତ୍ର ସହ ଜଡ଼ିତ ସମସ୍ତ କଳାକାର ଓ ଟେକ୍ନିସିଆନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଯୁବ ନିର୍ଦ୍ଦେଶକ କ୍ରିଷ୍ଣା ଡ଼ିକେଙ୍କ ଦ୍ୱାରା ନିର୍ମିତ ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ଭାବେ ହିଞ୍ଜିଳିକାଟୁରେ ନିର୍ମାଣ ହୋଇଛି। ଶିଶୁ କଳାକାର ଶିବାଜୀ ଦାସ ଏଥିରେ ମୁଖ୍ୟ ଭୂମିକା ନିଭାଇଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ଯୁବ କଳାକାର ଚଳଚ୍ଚିତ୍ର ପ୍ରସ୍ତୁତିରେ ସହଯୋଗ କରିଥିଲେ।

# ପିଲାଙ୍କ ସକାଳ ଜଳଖିଆରେ ମାଣ୍ଡିଆ ଲଡୁ

କେନ୍ଦୁଝର, ୨।୭(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାକ୍ ବିଦ୍ୟାଳୟରେ ପଢୁଥିବା ୩ ରୁ ୬ ବର୍ଷର ଶିଶୁଙ୍କ ସକାଳ ଜଳଖିଆରେ ମାଣ୍ଡିଆ ଲଡୁ ସାମିଲ କରାଯାଇଛି। ରାଜ୍ୟରେ ପ୍ରଥମଥର ପାଇଁ କେନ୍ଦୁଝର ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି (ଡିଏମ୍ଏଫ୍) ସହଯୋଗରେ ସମନ୍ୱିତ ଶିଶୁ ବିକାଶ ସର୍ଭିସ (ଆଇସିଡିଏସ୍) ଅନ୍ତର୍ଗତ ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନ କରୁଥିବା ଶିଶୁମାନଙ୍କୁ ସପ୍ତାହରେ ଅନ୍ୟ ଖାଦ୍ୟ ସହିତ ଅତିରିକ୍ତ ୨ଟି ଲଡୁ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲା କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ଠାରେ ଗୁରୁବାର ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଆଶିଷ ଠାକ୍‌ରେ ଯୋଗଦେଇ କର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁମାନଙ୍କର ପୁଷ୍ଟିର ଅଭିବୃଦ୍ଧି ସହିତ କେନ୍ଦୁଝର ଜିଲାର ଜନଜାତିମାନଙ୍କର ପାରମ୍ପରିକ ଖାଦ୍ୟ ପରମ୍ପରାର ପୁନଃପ୍ରବର୍ତ୍ତନ କରିବା, ମାଣ୍ଡିଆ ଚାଷ ଦ୍ୱାରା ଚାଷୀମାନେ ଉଚିତ୍ ମୂଲ୍ୟ ପାଇ ଲାଭବାନ୍ ହେବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଅତିରିକ୍ତ ଆୟ ଉତ୍ସ ବୃଦ୍ଧି କରିବା ଉକ୍ତ କର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହି ଅବସରରେ ଜିଲାପାଳ ଠାକ୍‌ରେ କହିଥିଲେ।

**ରାଜ୍ୟର ପ୍ରଥମ ଜିଲା ଭାବେ କେନ୍ଦୁଝରରୁ ଆରମ୍ଭ**

# ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଯାତନା:ଭିଡିଓ ଭାଇରାଲ

ହାଟଡ଼ିହୀ, ୨।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅଞ୍ଚଳରେ ଏକ ସମ୍ବେଦନଶୀଳ ଓ ନିଷ୍ଠୁରତା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ହଜିଗଲା ମାନବିକତା ଓ ମଣିଷ ପଣିଆ। ଖୋଦ ଜଣେ ଲୋକ ପ୍ରତିନିଧି ଏପରି କାଣ୍ଡ ଘଟାଇଛନ୍ତି। ନନ୍ଦିପଦା ଥାନା ଠାରୁ ୨ କି.ମି. ଦୂରରେ ଏପରି ଘଟଣା ଘଟିଛି। ଗତ ୩ ଦିନ ପୂର୍ବରୁ ଜଣେ ବ୍ୟକ୍ତିଙ୍କର ବିବାହ କାର୍ଯ୍ୟକ୍ରମ ଥିଲା। ଯେଉଁଥିରେ ଟେଣ୍ଟ ମାରିବାକୁ ନେଇ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାର ସମାଧାନ କରିବାକୁ ଯାଇ ସ୍ଥାନୀୟ ଲୋକ ପ୍ରତିନିଧି ଘଟଣାର ହସ୍ତକ୍ଷେପ କରିଥିଲେ। ବିଚାର କରି ଜଣେ ବ୍ୟକ୍ତି ଏକ କଙ୍ଗାରୁ କୋର୍ଟରେ ଶାସନ ପରି ଲୋକପ୍ରତିନିଧି ଜଣଙ୍କ ଅତି ନିର୍ମମ ଭାବେ ମାଡ ମାରି ଥିଲେ। ଏପରିକି ବ୍ୟକ୍ତିଜଣଙ୍କୁ ଏକ ଖୁଣ୍ଟରେ ବାନ୍ଧି ପକାଇଥିଲେ। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପୋଲିସ ଓ ପ୍ରଶାସନ ଘଟଣାର ସତ୍ୟାସତ୍ୟ ଦିଗରେ ତଦନ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

# କୋଭିଡ୍ ନିୟମ ମାନିଲେ କଟକଣା କୋହଳ ହେବ

ଭଞ୍ଜନଗର,୨।୭(ଡି.ଏନ.ଏ)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ଭଞ୍ଜନଗର ଉପଖଣ୍ଡର ସମସ୍ତ ୮ଟି ବ୍ଲକ ଗସ୍ତ କରି କରୋନା ସ୍ଥିତି ଓ ଏହାର ମୁକାବିଲା ସମ୍ପର୍କରେ ଜନପ୍ରତିନିଧି ଏବଂ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜୁଲାଇ ମାସ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। କୋଭିଡ୍ ଗାଇଡଲାଇନ୍ ଅନୁପାଳନ କଲେ ଆକ୍ରାନ୍ତଙ୍କ ସଂଖ୍ୟା କମିବ। ମାସ୍କ ବ୍ୟବହାର କରିବା, ସାମାଜିକ ଦୂରତ୍ୱ ବଜାୟ ରଖିବା, ବାରମ୍ବାର ହାତ ସଫା କଲେ କରୋନାକୁ ଜିତିପାରିବା। ନିୟମ ମାନି ଚଳିଲେ ଶଟ୍‌ଡ଼ାଉନ କଟକଣା କୋହଳ ହେବ। ବ୍ୟବସାୟୀ ନିୟମ ଉଲ୍ଲଂଘନ କଲେ ପ୍ରଥମେ ଜରିମାନା ସହ ଏକ ସପ୍ତାହ ପାଇଁ ଦୋକାନ ସିଲ୍ କରାଯିବ। ଦ୍ୱିତୀୟ ଥର ନିୟମ ଉଲ୍ଲଂଘନ କଲେ ୧ମାସ ପାଇଁ ଦୋକାନ ସିଲ୍ କରାଯିବା ସହ ମାମଲା ରୁଜୁ କରାଯିବ। ବିବାହ, ବ୍ରତ, ଭୋଜିଭାତ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯିବ। କ୍ୱାରାଣ୍ଟାଇନ ଅବଧି ସରିଥିବା ପ୍ରବାସୀଙ୍କୁ ପ୍ରୋତ୍ସାହନ ରାଶି ତୁରନ୍ତ ପ୍ରଦାନ, ସେମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ ଯୋଗାଇ ଦେବାକୁ ଜିଲାପାଳ ଭଞ୍ଜନଗର ବ୍ଲକ ଗସ୍ତରେ ଆସିଥିବା ବେଳେ କହିଛନ୍ତି। ଗସ୍ତ ସମୟରେ ଭଞ୍ଜନଗର ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡିଓ ଅନିଲ କୁମାର ସେଠୀ, ତହସିଲଦାର ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ଭଞ୍ଜନଗର ଉପଖଣ୍ଡ ସ୍ଥିତି ସମୀକ୍ଷା କଲେ ଜିଲାପାଳ**

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଗିରଫ

ଚିତ୍ରଡ଼ା, ୨।୭(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ବେତନଟୀ ଥାନା ଅଧୀନ ଭାଲିଆଡ଼ିହା ପଞ୍ଚାୟତର କେନ୍ଦୁଛାଟିଆ ଗ୍ରାମ ଖଡ଼ିଆ ସାହିରେ ଜଣେ ମହିଳାଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ମୃତ ମହିଳା ହେଲେ କାଜଲ ଦେହୁରୀ (୪୨)। ପୋଲିସ ସୂଚନା ଅନୁଯାୟୀ, ଖଡ଼ିଆ ସାହିର ହରିଆ ଦେହୁରୀ ଓ ତାଙ୍କ ସ୍ତ୍ରୀ କାଜଲ ଘର ଭିତରେ ପଶି କବାଟ ଖୋଲୁ ନ ଥିବା ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବଡ଼ଜାମବଣୀ ଫାଣ୍ଡି ଅଧିକାରୀ ଏବଂ ବେତନଟୀ ଥାନା ଏସ୍ଆଇ ଶ୍ରୀନିବାସ ମାର୍ଥା ଘଟଣାସ୍ଥଳରେ ପହଞ୍ଚିଥିଲେ। କବାଟ ଭାଙ୍ଗି ଭିତରେ ପ୍ରବେଶ କରିବାରୁ କାଜଲଙ୍କ ମୃତଦେହ ଝୁଲି ରହିଥିବା ଓ ହରିଆ ସେଠାରେ ବସିଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀ ହରିଆଙ୍କୁ ଥାନାକୁ ନେଇ ଯାଇଥିଲା। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୧୪୫/୨୦୨୦) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ମାର୍ଥା କହିଛନ୍ତି।

# ପୌର ପରିଷଦ କାର୍ଯ୍ୟାଳୟ ଘେରିଲେ ପଥବିକ୍ରେତା

ବାଲେଶ୍ୱର ଅଫିସ, ୨।୭

ସହରାଞ୍ଚଳ ପଞ୍ଜୀକୃତ ପଥବିକ୍ରେତାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୁଣ୍ଡପିଛା ୩ହଜାର ଟଙ୍କା ରିଲିଫ ଘୋଷଣା କରିଥିଲେ। ବାଲେଶ୍ୱର ସହରର ପଥବିକ୍ରେତାଙ୍କୁ ରିଲିଫ ଦିଆଯାଇ ନ ଥିବାରୁ ଉଠାଦୋକାନୀମାନେ କ୍ଷୁବ୍ଧ ହୋଇ ଗୁରୁବାର ପୌର କାର୍ଯ୍ୟାଳୟକୁ ଓଡ଼ିଶା ପଥ ବିକ୍ରେତା ସଂଘ ସଭାପତି ଜୟନ୍ତ ଦାସଙ୍କ ନେତୃତ୍ୱରେ ଘେରାଉ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣୟ ଜେନା ପହଞ୍ଚି ଟିଭିସି (ଟାଉନ୍ ଭେଣ୍ଡିଂ କମିଟି) ନିଷ୍ପତ୍ତି ମୁତାବକ ପଞ୍ଜିକରଣ ପାଇଁ ନିବେଦନ କରିଥିଲେ। ଉଠାଦୋକାନୀଙ୍କୁ ରିଲିଫ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବା ପରେ ଉଠାଦୋକାନୀ ଘେରାଉରୁ ହଟିଥିଲେ। କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଆବିଦ ଖାନ, ସମ୍ପାଦକ ମୋହିନୀମୋହନ ପରିଡ଼ା, ଅରୁଣ ଜେନା, ଅନିମେଶ ପାତ୍ର, ଅଭିରାମ ବାରିକ, ରାମଚନ୍ଦ୍ର ପରିଡ଼ା, ଟିପିରୀ ସିଂ, ସୁଧାଂଶୁ ଶାହା, ସହଦେବ ମହାନ୍ତି, ମନୋଜ ରାଠୋର, ରାଜେଶ ପଣ୍ଡା, କୁଳମଣି ସାହୁ, ବାବରସନ ଅଲି ଓ ସେକ ନିଜାମ ପ୍ରମୁଖ ନେତୃତ୍ୱ ନେଇଥିଲେ।




ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ପୌରପରିଷଦ କାର୍ଯ୍ୟାଳୟ ଘେରାଉ।

## ଖମାରି ଗାଁ ୭ ଦିନ ପାଇଁ ଶଟ୍‌ଡାଉନ

ଦିଗପହଣ୍ଡି,୨।୭(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଖମାରି ଗାଁରେ ୪ କରୋନା ପଜିଟିଭ ଚିହ୍ନଟ ପରେ ଗୋଷ୍ଠୀ ସଂକ୍ରମଣ ଭୟରେ ଗୁରୁବାର ସରପଞ୍ଚ ସନ୍ତୋଷ କୁମାର ପାତ୍ର ଗାଁକୁ ୭ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେ ଏନେଇ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବିଡ଼ିଓ ହଳଧର ଶବରଙ୍କୁ ଜଣାଇଛନ୍ତି। ଖମାରି ଗାଁର ଜଣେ ବୃଦ୍ଧାଙ୍କୁ ଅସୁସ୍ଥତା କାରଣରୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। ସ୍ୱାବ୍ ନମୁନା ପଜିଟିଭ ଆସିବାପରେ ପରିବାରର ୩ ସଦସ୍ୟଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯାଇ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ରିପୋର୍ଟ ପଜିଟିଭ ଥିବା ବ୍ଲକ ପ୍ରଶାସନ ନିକଟରେ ତଥ୍ୟ ପହଞ୍ଚିବା ପରେ ସରପଞ୍ଚ ସନ୍ତୋଷ କୁମାର ପାତ୍ର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଅବଗତ କରାଇଥିଲେ। ଜିଲାପାଳଙ୍କ ଅନୁମତି ପରେ ଗାଁକୁ ଶଟ୍‌ଡାଉନ ଘୋଷଣା କରାଯାଇଥିଲା।

# ସଂକ୍ରମଣ ରୋକିବାକୁ ତତ୍ପରତା

ଫୁଲବାଣୀ ଅଫିସ, ୨।୭

- ପ୍ରତି ଶନିବାର, ରବିବାର ଶଟ୍‌ଡାଉନ୍
- କନ୍ଧମାଳ ଆସିଲେଣି ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ

କନ୍ଧମାଳ ଜିଲାରେ ବର୍ତ୍ତମାନ ସୁଦ୍ଧା ୧୭୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ସ୍ଥାନୀୟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି। ତେଣୁ ଅଧିକ ସଂକ୍ରମଣ ପ୍ରତିହତ କରିବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରୟାସ କରାଯାଉଛି। ଚଳିତ ମାସର ପ୍ରତି ଶନିବାର ଏବଂ ରବିବାର ଜିଲାକୁ ଶଟ୍‌ଡାଉନ୍ କରିବାକୁ ଜିଲାପାଳ ଘୋଷଣା କରିଛନ୍ତି। ଯାହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଛନକା ପଶିଛି। ଜିଲା ପ୍ରଶାସନ ସୂଚନା ଅନୁଯାୟୀ, ଗୁରୁବାର ସୁଦ୍ଧା ଜିଲାକୁ ଦେଶ ତଥା ଦେଶ ବାହାରୁ ୧୦ ହଜାରରୁ ଅଧିକ ପ୍ରବାସୀ ଫେରିଛନ୍ତି। କ୍ୱାରାଣ୍ଟାଇନ୍ ଅବଧି ଶେଷ କରିବା ପରେ ସେମାନଙ୍କୁ ନିଜ ନିଜ ଘରକୁ ପଠାଇ ଦିଆଯାଇଛି। ଯେଉଁମାନେ ବି ଅଛନ୍ତି, ସେମାନଙ୍କୁ ମଧ ଠିକ୍ ସମୟରେ ପଠାଇ ଦିଆଯିବ।

ଜନସାଧାରଣଙ୍କ ସୁରକ୍ଷା ଓ ସ୍ଥାନୀୟ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ଡା. ବୃନ୍ଦା ଡି. ଜିଲାରେ ସପ୍ତାହନ୍ତ ଶଟ୍‌ଡାଉନ ପାଇଁ ନିଷ୍ପତ୍ତି ନେବା ସହ କେତେଗୁଡ଼ିଏ କଟକଣା ନ୍ୟସ୍ତ କରିଛନ୍ତି। ଶଟ୍‌ଡାଉନ୍ ସମୟ ସୀମା ମଧ୍ୟରେ ସମସ୍ତ ଡାକ୍ତରଖାନା, କ୍ଲିନିକ୍, ନର୍ସିଂହୋମ୍, ପାଥୋଲୋଜି, ମେଡିସିନ ଷ୍ଟୋର୍ ଖୋଲାରହିବ। ଆମ୍ବୁଲାନ୍ସ ଏବଂ କର୍ମଚାରୀ ସେମାନଙ୍କ କାର୍ଯ୍ୟ କରିପାରିବେ। ଜିଲା ଓ ମ୍ୟୁନିସିପାଲିଟି ପ୍ରଶାସନ, ପୋଲିସ୍, ଫାୟାର ସର୍ଭିସ୍, ଜରୁରୀ ସେବା ଯୋଗାଉଥିବା ରାଜ୍ୟ ତଥା କେନ୍ଦ୍ର ସରକାରୀ କର୍ମଚାରୀ, ଟେଲିକମ୍ କର୍ମଚାରୀ, ପେଟ୍ରୋଲ ପମ୍ପ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ପୋଲିସ ବିଭାଗ ତାଲିକାରେ ଥିବା ଗଣମାଧ୍ୟମ ପ୍ରତିନିଧି, ଜଳ ଯୋଗାଣ, ପରିମଳ ଓ ସ୍ୱେରେଜ୍ କର୍ମଚାରୀ, ବିଦ୍ୟୁତ କର୍ମଚାରୀ କାମ କରିପାରିବେ। ମାଲ୍‌ବାହୀ ଗାଡ଼ି (ଜିନିଷ ଲୋଡ୍ ଥାଉ ବା ନ ଥାଉ), ଶିଳ୍ପ ଅନୁଷ୍ଠାନ ଓ କର୍ମଚାରୀ, ସମସ୍ତ କୃଷି, ଉଦ୍ୟାନ କୃଷି ଓ ସେଥିସହିତ ଜଡ଼ିତ ଅନ୍ୟ କାର୍ଯ୍ୟ କରାଯାଇ ପାରିବ। ସ୍ଥାନୀୟ ପ୍ରଶାସନଠାରୁ ଅନୁମତି ନେଇ ଅନ୍ତ୍ୟେଷ୍ଟିକ୍ରିୟା, ବିବାହ କାର୍ଯ୍ୟ ହେବ। ଖାଦ୍ୟ, ଗ୍ରୋସେରୀ, ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡ଼ିକର ହୋମ୍ ଡେଲିଭରି କାର୍ଯ୍ୟ କରାଯାଇପାରିବ। ଅନ୍ୟ ଦିନଗୁଡିକରେ ଅତ୍ୟାବଶ୍ୟକ ସେବା ପୂର୍ବଭଳି ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଉପଲବ୍ଧ ରହିବ । ସନ୍ଧ୍ୟା ୭ରୁ ସକାଳ ୭ଟା କର୍ଫ୍ୟୁ ବଳବତ୍ତର ରହିବ। ଷ୍ଟାଣ୍ଡାର୍ଡ ଅପରେଟିଂ ପଦ୍ଧତିର ନିୟମାବଳୀ ଓ ଜିଲା ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ଆଦେଶ ମଧ ପୂର୍ବଭଳି ବଳବତ୍ତର ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ଜୁଲାଇ ୩/୨୦୨୦, Friday, July 3/2020


## ସଂକ୍ଷେପରେ

### ଅମିତାଭ ଠାକୁରଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨।୭ (ବ୍ୟୁରୋ):** ଆଇଜି (ଅପରେଶନ) ଅମିତାଭ ଠାକୁରଙ୍କୁ ରାଜ୍ୟ ସରକାର ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଏନେଇ ଗୁରୁବାର ଗୃହ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ରାଜ୍ୟରେ କୋଭିଡ୍-୧୯ ମହାମାରୀ ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ୧୯୯୮ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି। ବାହାର ରାଜ୍ୟରେ ଫସି ରହିଥିବା ପ୍ରବାସୀ ଶ୍ରମିକଙ୍କ ପାଇଁ କାର୍ଯ୍ୟ କରୁଥିବା କଣ୍ଟ୍ରୋଲ ରୁମ୍ ଦାୟିତ୍ୱରେ ରହି ସଫଳତାର ସହ କାର୍ଯ୍ୟ ତୁଲାଇଛନ୍ତି। ଏବେ ମଧ୍ୟ ତାଙ୍କୁ କରୋନା ସମ୍ବନ୍ଧୀୟ ମାମଲାର ତଦାରଖ ସହ ଅନ୍ୟ କେତେକ ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

### ସିଲ୍ ହେଲା ରୁଚିକା ନର୍ସିଂହୋମ୍

**ଭୁବନେଶ୍ୱର,୨।୭ (ବ୍ୟୁରୋ):** କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ବରମୁଣ୍ଡାସ୍ଥିତ ରୁଚିକା ନର୍ସିଂହୋମ୍‌କୁ ବିଏମ୍‌ସି ସିଲ୍ କରିଛି। କିଛିଦିନ ତଳେ ସ୍ୱାସ୍ଥ୍ୟ ବିଭାଗର ବୈଷୟିକ କମିଟି ଏହି ହସ୍ପିଟାଲ୍ ପରିଦର୍ଶନରେ ଯାଇ କୋଭିଡ୍ ଗାଇଡ୍‌ଲାଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଦେଖିଥିଲେ। ବିଶେଷ କରି ସାମାଜିକ ଦୂରତା ରକ୍ଷା ହେଉ ନ ଥିବାବେଳେ ବିନା କୋଭିଡ୍ ପରୀକ୍ଷାରେ ରୋଗୀଙ୍କ ଅପରେଶନ କରାଯାଉଥିବା ଜଣାପଡିଥିଲା। ଏହାପରେ ଉକ୍ତ ନର୍ସିଂହୋମ୍‌କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ମାତ୍ର କୌଣସି ଜବାବ ନ ମିଳିବାରୁ ଗୁରୁବାର ବିଏମ୍‌ସିର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ହସ୍ପିଟାଲକୁ ସିଲ୍ କରିଥିବା ଦକ୍ଷିଣ-ପଶ୍ଚିମ ମଣ୍ଡଳ ଡେପୁଟି କମିଶନର ରବି ନାରାୟଣ ଜେଠୀ କହିଛନ୍ତି। ଏଥିସହ ବାପୁଜୀ ନଗରସ୍ଥିତ ରାଜ୍ ଇଲେକ୍ଟ୍ରୋନିକ୍ସକୁ ବିଏମ୍‌ସି ସିଲ୍ କରିଛି। ଉକ୍ତ ଶୋ'ରୁମ୍‌ରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ବିଏମ୍‌ସି ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିଛି।

### ଶିଳରେ ଛେଚି ବୃଦ୍ଧଙ୍କୁ ହତ୍ୟା

**ନୟାଗଡ଼ ଅଫିସ,୨।୭:** ନୟାଗଡ଼ ଟାଉନ ଥାନାର ଡିଆଁପଡା ଗାଁ ନିକଟ ଜଙ୍ଗଲିଆ ଅଞ୍ଚଳରେ ଗୁରୁବାର ଜଣେ ବୃଦ୍ଧଙ୍କୁ ଶିଳରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ପ୍ରହଲାଦ ଜେନା(୬୫), ଘର ଡିଆଁପଡା ଗାଁରେ। ଅଭିଯୋଗ ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରହଲାଦ ଗାଁ ନିକଟ ଜଙ୍ଗଲିଆ ଅଞ୍ଚଳରେ ଥିବା ଜମିରେ କୁଡିଆରେ ରହି ଫସଲ ଜଗୁଥିଲେ। କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ବଡପୁଅ ବାସୁଦେବ ଶ୍ୱଶୁର ଘର ବାଲିଗୁଡାରେ ରହୁଥିବାବେଳେ ସାନପୁଅ ଜଗନ ଗାଁରେ ରହନ୍ତି। କିଛିଦିନ ହେବ ବାସୁଦେବ ଗାଁକୁ ଫେରି ଘର ତିଆରି କରୁଥିଲେ। ଗୁରୁବାର ସକାଳେ ପ୍ରହଲାଦ ଜଗନଙ୍କୁ ଡକାଇଥିଲେ। ଜଗନ ବିଲରେ ପହଞ୍ଚିବା ବେଳକୁ କେହି ତାଙ୍କ ବାପାଙ୍କୁ ହତ୍ୟା କରିଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ସେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ବାସୁଦେବଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୭/୨୦) ରୁଜୁ କରିଛି।

### ପୁରୁଣାତିଗିରିଆ ପଞ୍ଚାୟତ ୭୨ଘଣ୍ଟା ଶଟ୍‌ଡାଉନ୍

**ତିଗିରିଆ,୨।୭(ଡି.ଏନ.ଏ.):** ତିଗିରିଆ ବ୍ଲକ ପୁରୁଣାତିଗିରିଆ ପଞ୍ଚାୟତରେ ୪କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ଗୁରୁବାର ସରପଞ୍ଚ ରଞ୍ଜନା ସାହୁ ୭୨ଘଣ୍ଟା ପାଇଁ ଉକ୍ତ ପଞ୍ଚାୟତକୁ ଶଟଡାଉନ୍ ଘୋଷଣା କରିଛନ୍ତି। ଏହି କଟକଣା ଗୁରୁବାର ସନ୍ଧ୍ୟା ୭ଟାରୁ ରବିବାର ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ସମସ୍ତ ଆକ୍ରାନ୍ତ ଆଠଗଡ଼ ସ୍ଥାନୀୟ ସଂକ୍ରମଣଙ୍କ ସମ୍ପର୍କରେ ଆସିଥିବା ସରପଞ୍ଚଙ୍କ ପ୍ରତିନିଧି ଅମୂଲ୍ୟ ସାହୁ କହିଛନ୍ତି। ପଜିଟିଭ ୪ଜଣଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ପାଇକିଆରାରୁ ଚିହ୍ନଟ ପଜିଟିଭ ଆଠଗଡ଼ ଏସଡିପିଓଙ୍କ ସଂସ୍ପର୍ଶରେ ଆସିଥିଲେ। ଧାଇପୁରର ପଜିଟିଭଙ୍କ ସଂସ୍ପର୍ଶରେ ଅନ୍ୟ ୩ ଜଣ ଆସିଛନ୍ତି। ସମସ୍ତଙ୍କୁ ଅଶ୍ୱିନୀ କୋଭିଡ ହସ୍ପିଟାଲକୁ ପଠାଯାଇଥିବା ବିଡିଓ ଦିପ୍ତୀମୟୀ ବେହେରା କହିଛନ୍ତି।

# ୪ ସପ୍ତାହରେ ରିପୋର୍ଟ ଦାଖଲ ପାଇଁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ବୀରମିତ୍ରପୁର ଥାନାରେ ନାବାଳିକାଙ୍କୁ ବଳାତ୍କାର ମାମଲା**

**ଭୁବନେଶ୍ୱର,୨।୭ (ବ୍ୟୁରୋ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଜଣେ ୧୩ ବର୍ଷର ନାବାଳିକାଙ୍କୁ ବାରମ୍ବାର ବଳାତ୍କାର ଓ ପରେ ଗର୍ଭପାତ କରିବା ଘଟଣାକୁ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ସଂକ୍ରାନ୍ତ ରିପୋର୍ଟ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ସୁନ୍ଦରଗଡ଼ ଏସ୍‌ପି ଏବଂ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ପାଇବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କମିଶନ କହିଛନ୍ତି।

ଇତିମଧ୍ୟରେ ଏହି ସ୍ୱର୍ଶକାତର ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ତତ୍କାଳୀନ ଥାନାଧିକାରୀଙ୍କୁ ଗିରଫ କରାଯିବା ସହ ଚାକିରିରୁ ବହିଷ୍କାର କରାଯାଇଛି। କିନ୍ତୁ ସମ୍ପୃକ୍ତ ଜଣେ ପୋଲିସ ଏସ୍‌ଆଇ ଓ ଡାକ୍ତରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହିଁ। ତେଣୁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ କମିଶନଙ୍କ ନିକଟରେ ଦାବି କରିଛନ୍ତି। ଏହି ମାମଲାରେ ୬ଜଣଙ୍କ ନାଁରେ ମାମଲା ହୋଇଛି। ପୋଲିସ ଡିଜି ଅଭୟ କେବଳ ବୀରମିତ୍ରପୁର ଥାନା ଅଧିକାରୀ ଆନନ୍ଦଚନ୍ଦ୍ର ମାଝିଙ୍କୁ ବହିଷ୍କୃତ କରିଥିଲେ ମଧ୍ୟ ସଂପୃକ୍ତ ଏସ୍‌ଆଇଙ୍କ ବିରୋଧରେ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କେଉଁ କାରଣ ପାଇଁ ଅନ୍ୟ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଉଛନ୍ତି ତାହାକୁ ନେଇ ପ୍ରଶ୍ନ କରିଛନ୍ତି ହିମାଂଶୁ। ପୀଡିତା ନାବାଳିକାଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ସେ କମିଶନଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୫ରେ ନାବାଳିକା ଜଣକ ମେଳା ଦେଖିବାକୁ ବୀରମିତ୍ରପୁର ଯାଇଥିଲେ। କରୋନା କଟକଣା ପାଇଁ ମେଳା ବନ୍ଦ ହୋଇଯିବାରୁ ସେ କୌଣସି କାରଣରୁ ଗାଁକୁ ଫେରି ପାରି ନ ଥିଲେ। ପାଟ୍ରୋଲିଂରେ ଥିବା ପୋଲିସ ତାଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ପରେ ଥାନା ଅଧିକାରୀ ମାଝି ନାବାଳିକାଙ୍କୁ ଥାନା କୋଠାର ଉପର ମହଲାକୁ ନେଇ ବଳାତ୍କାର କରି ପରଦିନ ସକାଳୁ ତାଙ୍କ ଘରେ ଛାଡ଼ିଥିଲେ। ଏହାପରେ ୩ମାସ ଧରି ଲଗାତାର ତାଙ୍କୁ ଥାନାକୁ ଡାକି ବଳାତ୍କାର କରିଥିଲେ। ଏହି ସୁଯୋଗରେ ଥାନାର ଜଣେ ଏସ୍‌ଆଇଙ୍କ ସମେତ ଅନ୍ୟ କେତେଜଣ କର୍ମଚାରୀ ମଧ୍ୟ ତାଙ୍କୁ ବଳାତ୍କାର କରିଥିଲେ। ଅନ୍ୟପକ୍ଷରେ ଗର୍ଭପାତରେ ସମ୍ପୃକ୍ତ ଡାକ୍ତରଙ୍କ ନାଁରେ ମଧ୍ୟ ଅଭିଯୋଗ ହୋଇଥିଲା।



ସମସ୍ତ ଘରୋଇ ଓ ଅଣସଂଗଠିତ ଶ୍ରମିକଙ୍କୁ କରୋନା ସହାୟତା ପ୍ରଦାନ ଦାବିରେ ଘରୋଇ ମହିଳା ଶ୍ରମିକ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱରସ୍ଥିତ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

### ୫୦ ପ୍ରତିଶତ କର୍ମଚାରୀରେ ଚାଲିବ ହାଇକୋର୍ଟ ଅଫିସ୍

**କଟକ ଅଫିସ,୨।୭:** ହାଇକୋର୍ଟ କାର୍ଯ୍ୟାଳୟ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ରୋଷ୍ଟର ବ୍ୟବସ୍ଥା ବ୍ୟବସ୍ଥା ଅନୁଯାୟୀ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେବେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ରେଜିଷ୍ଟ୍ରାର ଜୁଡିସିଆଲଙ୍କ ପକ୍ଷରୁ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ତେବେ କେଉଁ କର୍ମଚାରୀ କେଉଁ ଦିନ କାର୍ଯ୍ୟରେ ଯୋଗଦେବେ, ସେନେଇ ସେକ୍ସନର ଅଧୀକ୍ଷକମାନେ ନିଷ୍ପତ୍ତି ନେବେ। ଯେଉଁ କର୍ମଚାରୀ କାର୍ଯ୍ୟରେ ଯୋଗ ଦେବେନାହିଁ, ସେମାନେ ସର୍ବଦା ସଜାଗ ରହିବେ। ମୋବାଇଲ୍‌ରେ ସେମାନଙ୍କୁ ଯୋଗାଯୋଗ କରାଯିବ।

# ସାନଭାଇ ଗୁଳିମାଡ଼ରେ ବଡ଼ ଗୁରୁତର

**ଖୋର୍ଦ୍ଧା ଅଫିସ, ୨।୭**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅନ୍ତର୍ଗତ ଝିଣ୍ଟିକାପଲ୍ଲୀ ଗ୍ରାମରେ ଗୁରୁବାର ଗୁଳି ଫୁଟିଛି। ସାନଭାଇ ଗୁଳିମାଡ଼ରେ ବଡଭାଇ ଗୁରତର ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ କାହ୍ନୁ ପରିଡ଼ା (୩୭)। ଗୁଳି ନାକ ପାଖରେ ବାଜି ଭିତରେ ରହିଥିବା ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥ କ୍ୟାପିଟାଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ଆଇପିସି ଦଫା ୩୦୭ରେ ମାମଲା ନଂ. ୨୧୪/୨୦ ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଗତ ମାସରେ ଏକ ଅବକାରୀ ଘଟଣାରେ ପୋଲିସ କାହ୍ନୁଙ୍କ ସାନଭାଇ ଗଙ୍ଗାଧର ପରିଡ଼ାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ତେବେ ଘଟଣା ସମ୍ପର୍କରେ କାହ୍ନୁ ପୋଲିସକୁ ଖବର ଦେଇଥିବା ତାଙ୍କର ସନ୍ଦେହ ହୋଇଥିଲା। ତେଣୁ ସେ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ। ଗୁରୁବାର କାହ୍ନୁଙ୍କୁ ଗ୍ରାମ ନିକଟରେ ଏକାକୀ ଦେଖି ଗଙ୍ଗାଧର ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଚିତ୍କାର କରି କାହ୍ନୁ ଦୌଡ଼ିବାବେଳେ ତାଙ୍କୁ ଗଙ୍ଗାଧର ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। କାହ୍ନୁ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ପୋଲିସ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ପାଇଁ ଉଦ୍ୟମ ଜାରି ରହିଛି।

# ସମ୍‌ରେ ହେବ କୋଭିଡ୍ ଭ୍ୟାକ୍ସିନ୍ ପରୀକ୍ଷଣ

**ଭୁବନେଶ୍ୱର,୨।୭(ବ୍ୟୁରୋ)**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଭାରତର ପ୍ରଥମ କୋଭିଡ୍-୧୯ ଭ୍ୟାକ୍ସିନର ପରୀକ୍ଷଣ କରାଯିବ। ମଣିଷ ଉପରେ ଏହି ଭ୍ୟାକ୍‌ସିନର ପ୍ରୟୋଗ କରିବାକୁ ଓଡ଼ିଶାର ଏକମାତ୍ର ପରୀକ୍ଷଣ କେନ୍ଦ୍ର ଭାବେ ସମ୍‌କୁ ମନୋନୀତ କରାଯାଇଛି। ଏନେଇ ଆଇସିଏମ୍‌ଆର୍ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ବହୁ ପ୍ରତୀକ୍ଷିତ ଭ୍ୟାକ୍ସିନ୍‌ର କ୍ଲିନିକାଲ୍ ଟ୍ରାଏଲ୍ ପରେ କୋଭିଡ୍-୧୯ ମହାମାରୀରୁ ଦେଶକୁ ରକ୍ଷା କରିବା ନେଇ ରହିଥିବା ସମ୍ଭାବନା ସମ୍ପର୍କରେ ଜଣାପଡ଼ିବ। ଭ୍ୟାକ୍‌ସିନ୍‌ର ପ୍ରୟୋଗ ପାଇଁ ଆଇସିଏମଆର ପକ୍ଷରୁ ସମ୍ ହସ୍ପିଟାଲ୍‌କୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଛି। ହସ୍ପିଟାଲ୍‌ର କମ୍ୟୁନିଟି ମେଡିସିନ ବିଭାଗର ପ୍ରଫେସର ଇ. ଭେଙ୍କଟ ରାଓ ଏହାର ପ୍ରମୁଖ ପରୀକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଏହାବ୍ୟତୀତ ଓଡ଼ିଶାରେ କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ନିମନ୍ତେ ପ୍ଲାଜ୍‌ମା ଥେରାପିର ପ୍ରୟୋଗ ନିମନ୍ତେ ମନୋନୀତ ହୋଇଥିବା ୪ଟି ହସ୍ପିଟାଲ୍ ମଧ୍ୟରେ ସମ୍ ହସ୍ପିଟାଲ୍‌କୁ ମନୋନୀତ କରାଯାଇଛି।

ଆଇସିଏମଆର୍ ଏବଂ ପୁଣେସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି ଦ୍ୱାରା ପୃଥକ କରାଯାଇଥିବା ଭାଇରସ୍‌ର ଷ୍ଟ୍ରେନକୁ ନେଇ ଏହି ଚର୍ଚ୍ଚିତ ଭ୍ୟାକ୍ସିନ୍ ପ୍ରସ୍ତୁତ କରାଯାଇଛି। ଆଇସିଏମ୍‌ଆର୍ ଏବଂ ଭାରତ ବାୟୋଟେକ୍ ମିଳିତ ଭାବରେ ଏହି ଭ୍ୟାକ୍ସିନକୁ ପ୍ରସ୍ତୁତ କରିଛନ୍ତି। ମଣିଷ ଉପରେ ଏହାର ପ୍ରୟୋଗ ନିମନ୍ତେ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ ଇଣ୍ଡିଆଙ୍କ ପକ୍ଷରୁ ଫେଜ-୧ ଏବଂ ଫେଜ-୨ରେ ଅନୁମତି ମିଳିସାରିଛି। ଆଇସିଏମ୍‌ଆର୍ ପକ୍ଷରୁ ଏହି ଭ୍ୟାକ୍ସିନ୍ ପରୀକ୍ଷଣ ପାଇଁ ଦେଶର ୧୩ଟି ହସ୍ପିଟାଲକୁ ଚୟନ କରାଯାଇଥିବା ବେଳେ ଏଥିରେ ସମ୍ ହସ୍ପିଟାଲ ସ୍ଥାନପାଇଛି। ହସ୍ପିଟାଲ୍‌ର ଇନଷ୍ଟିଚ୍ୟୁଶନାଲ ଏଥିକାଲ କମିଟିର ଅନୁମୋଦନ ଲାଭ କରିବା ପରେ ଏହି ପରୀକ୍ଷଣ କରାଯିବ। ସେହିଭଳି ପ୍ଲାଜ୍‌ମା ଥେରାପି ମାଧ୍ୟମରେ କରୋନାରୁ ସୁସ୍ଥ ହୋଇଥିବା ରୋଗୀଙ୍କ ରକ୍ତରୁ ଆଣ୍ଟିବଡି ସଂଗ୍ରହ କରାଯାଇ କୋଭିଡ-୧୯ ସଂକ୍ରମିତ ରୋଗୀଙ୍କ ଚିକିତ୍ସା କରାଯିବ। ହସ୍ପିଟାଲ୍‌ର ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଚନ୍ଦନ ଦାସ ଏହି ପ୍ଲାଜମା ଥେରାପି ଦାୟିତ୍ୱ ତୁଲାଇବେ।

# ବଦଳିଲା ମାଲ୍‌ଗୋଦାମ ସମୟ

- ସକାଳ ୮ରୁ ଅପରାହ୍ନ ୪ଟା ଖୁଚୁରା ଦୋକାନ
- ପୂର୍ବାହ୍ନ ୧୧ରୁ ସନ୍ଧ୍ୟା ୭ଟା ଯାଏ ଖୋଲିବ ହୋଲ୍‌ସେଲ୍ ଦୋକାନ

**କଟକ ଅଫିସ,୨।୭**

ମାଲ୍‌ଗୋଦାମର ଖୋଲିବା ଓ ବନ୍ଦ ହେବା ନେଇ ନୂଆ ସମୟ ଧାର୍ଯ୍ୟ କରାଯାଇଛି। କଟକ ବଣିକ ସଂଘ, ମାଲ୍‌ଗୋଦାମ କାର୍ଯ୍ୟାଳୟ ଏହି ସୂଚନା ଦେଇଛି। ଚାଉଳ ବ୍ୟବସାୟୀ ଓ ଖୁଚୁରା ବ୍ୟବସାୟୀ ସଂଘର ସଦସ୍ୟଙ୍କ ଉପସ୍ଥିତିରେ ଗୁରୁବାର ମାଲଗୋଦାମ କାର୍ଯ୍ୟାଳୟରେ ବୈଠକ ବସିଥିଲା। ନିଷ୍ପତ୍ତି ଅନୁଯାୟୀ, ସକାଳ ୮ରୁ ଅପରାହ୍ନ ୪ଟା ଯାଏ ଖୁଚୁରା ଦୋକାନ ଖୋଲା ରହିବ। ହୋଲ୍‌ସେଲ୍ ଦୋକାନ ପୂର୍ବାହ୍ନ ୧୧ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲାଯିବ। ସିଏମ୍‌ସି ପକ୍ଷରୁ ସନ୍ଧ୍ୟା ସାଢ଼େ ୮ଟା ପର୍ଯ୍ୟନ୍ତ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। କିନ୍ତୁ ମାଲ୍‌ଗୋଦାମରେ ସନ୍ଧ୍ୟା ୭ଟାରେ ସବୁ ବନ୍ଦ ହୋଇଯିବ। ଭିଡ଼ କମାଇବା ପାଇଁ ଏଭଳି ନିଷ୍ପତ୍ତି ହୋଇଛି। ସଂଘ ସଭାପତି ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ପାତ୍ର, ବଦ୍ରି ଦାସ, ଦୀପକ କୁମାର, ଶ୍ରୀକାନ୍ତ ସାହୁ, ରାଜକିଶୋର ରାଉତ, ବିନୋଦ ଚନ୍ଦ୍ର ସାହୁ, ପ୍ରଦୀପ ଦାସ, ଅବଦୁଲ ରଫ୍, ଶ୍ୟାମ ସୁନ୍ଦର ଉପସ୍ଥିତ ଥିଲେ।

## ସିଏମ୍‌ସି ଅଫିସ୍‌କୁ ସର୍ବସାଧାରଣ ମନା

**କଟକ ଅଫିସ,୨।୭:** କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟକୁ ସାଧାରଣ ନାଗରିକଙ୍କୁ ପ୍ରବେଶ ନିଷେଧ କରାଯାଇଛି। ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ବିଜୁଭବନ ଓ ବିକାଶ ଭବନକୁ ଯିବା ପାଇଁ ବାରଣ ହୋଇଛି। ଏନେଇ ଗୁରୁବାର ସିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। କଟକ ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସିଏମ୍‌ସି ଅଞ୍ଚଳରେ ମଧ୍ୟ କରୋନା ସଂକ୍ରମଣ ବଢୁଛି। ଯାହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ (ସିଏମ୍‌ସି) ସମସ୍ତ ନାଗରିକଙ୍କୁ ୧୫ ଦିନ ପାଇଁ କାର୍ଯ୍ୟାଳୟକୁ ନ ଆସିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛି। ଏହା ବଦଳରେ ଅନ୍‌ଲାଇନ ମାଧ୍ୟମରେ ଲୋକେ ନିଜର ସମସ୍ତ କାର୍ଯ୍ୟ କରିପାରିବେ। ଜୁଲାଇ ୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନଲାଇନରେ କାର୍ଯ୍ୟ କରାଯିବ। ହୋଲ୍ଡିଂ ଟ୍ୟାକ୍ସ, ଟ୍ରେଡ ଲାଇସେନ୍ସ, ଅଭିଯୋଗ ଶୁଣାଣି, ବିବାହ ପ୍ରମାଣପତ୍ର ଆବେଦନ, ବୀମା ଏବଂ ଜନ୍ମମୃତ୍ୟୁ ପଞ୍ଜୀକରଣ ପ୍ରମାଣପତ୍ରର ସମସ୍ତ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ ହେବ।

# ୨ ହସ୍ପିଟାଲରୁ ୬୬ ପଜିଟିଭ୍

## ଆଚାର୍ଯ୍ୟ ହରିହରରୁ ୫୫, ଏସ୍‌ସିବି ଆଇସୋଲେଶନରୁ ୧୧ ଆକ୍ରାନ୍ତ ଚିହ୍ନଟ

**କଟକ ଅଫିସ,୨।୭**

ହସ୍ପିଟାଲରେ ଏବେ କରୋନା ସ୍ଥିତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି। କଟକସ୍ଥିତ ଦୁଇଟି ହସ୍ପିଟାଲରୁ ଗୁରୁବାର ଗୋଟିଏ ଦିନରେ ୬୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରୁ ୫୫ ପଜିଟିଭ୍ ବାହାରିଛନ୍ତି। ସେମାନଙ୍କ ମଧ୍ୟରେ ୫୪ ଜଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଥିବାବେଳେ ଜଣେ ମାତ୍ର ଷ୍ଟାଫ୍ ନର୍ସ। ଏହାପରେ ହସ୍ପିଟାଲକୁ କାହାକୁ ପ୍ରବେଶ କରିବାକୁ ଦିଆଯାଉ ନାହିଁ। ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ସେହିପରି ଏସ୍‌ସିବି ଆଇସୋଲେଶନ ସେଣ୍ଟରରୁ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦିଲ୍ଲୀରୁ ଫେରିଥିବା କଟକ ଗୋବିନ୍ଦପୁରର ଜଣେ ମହିଳା ଓ ତାଙ୍କ ଶିଶୁପୁତ୍ର, ଜଣେ ଏନ୍‌ଡିଆର୍‌ଏଫ୍ ଯବାନ ଓ ଆଇସୋଲେଶନ ସେଣ୍ଟରର ଷ୍ଟାଫ୍ ନର୍ସ ରହିଛନ୍ତି। ଅନ୍ୟ ଆକ୍ରାନ୍ତଙ୍କ ମଧ୍ୟରେ ସାଲେପୁର, ଯାଜପୁର, କିଶନନଗର, କଟକ ଲାଲ୍‌ବାଗ୍, ମଙ୍ଗଳାବାଗ୍, ଭଦ୍ରକର ବାସୁଦେବପୁର ଅଞ୍ଚଳର ରୋଗୀ ରହିଛନ୍ତି। ଅନ୍ୟପକ୍ଷରେ ଏହି ସେଣ୍ଟରରୁ ଗୁରୁବାର ୩ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କ ମୃତ୍ୟୁ କରୋନା କିମ୍ବା ଅନ୍ୟ କେଉଁ କାରଣରୁ ହୋଇଛି, ତାହା ସ୍ପଷ୍ଟ ହୋଇନାହିଁ।

## ବନ୍ଦ ହେଲା ଖୋର୍ଦ୍ଧା ପୌର କାର୍ଯ୍ୟାଳୟ

**ତେଲଙ୍ଗାସାହି ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍**

**ଖୋର୍ଦ୍ଧା ଅଫିସ,୨।୭:** ଖୋର୍ଦ୍ଧା ପୌର କାର୍ଯ୍ୟାଳୟର ଜଣେ କର୍ମଚାରୀ ଗୁରୁବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ତାଙ୍କ ପୁଅ ପଜିଟିଭ୍ ଚିହ୍ନଟ ହୋଇଥିଲେ। ତେଣୁ ପୌର କାର୍ଯ୍ୟାଳୟକୁ ସାନିଟାଇଜ କରାଯିବା ସହ କିଛିଦିନ ଲାଗି ବନ୍ଦ ରଖାଯାଇଛି। ସମସ୍ତ କର୍ମଚାରୀଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହି କାମ କରିବାକୁ କୁହାଯାଇଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କର୍ମଚାରୀଙ୍କ କଣ୍ଟାକ୍ଟ ଟ୍ରେସିଂ ଓ ସ୍ୱାବ ସଂଗ୍ରହ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ସୀତାଂଶୁ କୁମାର ରାଉତ ପୌରାଞ୍ଚଳର ୧୫ ନଂ. ୱାର୍ଡ ଅଧୀନ ତେଲେଙ୍ଗା ସାହି ଅଞ୍ଚଳକୁ ଗୁରୁବାରଠାରୁ ୫ତାରିଖ ସକାଳ ୭ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି।

# ୧୩ ହଜାର ମେଟ୍ରିକ୍ ଟନ୍ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ

- ରେକର୍ଡ କଲା ଟିଡିସିସିଓଏଲ୍
- ୬ବର୍ଷକୁ କାଟିଦେଲା ବର୍ଷକର ବିକ୍ରିବଟା

**ଭୁବନେଶ୍ୱର,୨।୭(ବ୍ୟୁରୋ)**

ରାଜ୍ୟର ଆଦିମ ଜନଜାତିଙ୍କ ଜୀବନ ଜୀବିକାର ବିକାଶ ଲାଗି କାର୍ଯ୍ୟ କରୁଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ଓଡ଼ିଶା ଆଦିବାସୀ ସମବାୟ ଉନ୍ନୟନ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍) ଚଳିତବର୍ଷ ନୂଆ ରେକର୍ଡ ପ୍ରତିଷ୍ଠା କରିଛି। ଲଘୁ ବନଜାତ ଦ୍ରବ୍ୟର ମାର୍କେଟିଂ ଏବଂ ବ୍ରାଣ୍ଡିଂ କ୍ଷେତ୍ରରେ ବଡ଼ ସଫଳତା ମିଳିଛି। ୧୩ ହଜାର ୩ ଶହ ମେଟ୍ରିକ୍ ଟନ୍ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଏହି ସଫଳତା ହାସଲ କରିଛି ଏହି ନିଗମ।

ରାଜ୍ୟ ସରକାରଙ୍କ ନୋଡାଲ୍ ଏଜେନ୍ସି ଭାବେ ଜନଜାତି ଲୋକଙ୍କଠାରୁ ବନଜାତ ଦ୍ରବ୍ୟକୁ ସର୍ବନିମ୍ନ ସହାୟକ ମୂଲ୍ୟରେ ସଂଗ୍ରହ କରି ତା'ର ବିକ୍ରିବଟା ପାଇଁ ଟିଡିସିସିଓଏଲ୍ ଦ୍ୱାରା ଲଘୁ ବନଜାତ ଦ୍ରବ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରାଥମିକ ସଂଗ୍ରହକାରୀ ନେଟ୍‌ୱାର୍କ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି, ବନ୍ଧନ ବିକାଶ କେନ୍ଦ୍ର ମିଳିତ ଭାବେ ଯୋଜନାକୁ ତ୍ୱରାନ୍ୱିତ କରୁଛନ୍ତି। ରାଜ୍ୟର ୧୩ଟି ଆଦିବାସୀ ଅଧ୍ୟୁଷିତ ଜିଲାରେ ଶାଳ ମଞ୍ଜି, ତେନ୍ତୁଳି, ଚାର ମଞ୍ଜି, ପାହାଡ଼ି ଝାଡୁ ଭଳି ବିଭିନ୍ନ ଜଙ୍ଗଲଜାତ ସାମଗ୍ରୀ ପ୍ରଚୁର ପରିମାଣରେ ଉପଲବ୍ଧ ହେଉଛି। ଏବେସୁଦ୍ଧା ନିଗମ ମୋଟ ୨୮ କୋଟି ୧୦ ଲକ୍ଷ ଟଙ୍କାର ୧୩,୩୦୦ ମେଟ୍ରିକ୍ ଟନ୍ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିପାରିଛି। ସବୁଠାରୁ ବଡ଼କଥା ହେଲା, ଗତ ୬ ବର୍ଷ ମଧ୍ୟରେ ମାତ୍ର ୪ କୋଟି ୯ ଲକ୍ଷ ଟଙ୍କାର ବନଜାତ ଦ୍ରବ୍ୟ ସଂଗ୍ରହ କରାଯାଇଥିବାବେଳେ ଏଥର ଗୋଟିଏ ବର୍ଷରେ ୨୮କୋଟି ଟପିଯାଇଛି। ୩୭୦ଟି ସଂଗ୍ରହ କେନ୍ଦ୍ର ଜରିଆରେ ଗ୍ରାମାଞ୍ଚଳରୁ ଏସବୁ ବନଜାତ ଦ୍ରବ୍ୟ ସଂଗ୍ରହ କରାଯାଇଛି। ଏହାଦ୍ୱାରା ୩୨ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ ଆଦିବାସୀ ସଂଗ୍ରହକାରୀ ଉପକୃତ ହୋଇଛନ୍ତି। କିନ୍ତୁ ଗତ ୬ ବର୍ଷରେ ଏହି ଯୋଜନା ଦ୍ୱାରା ମାତ୍ର ୧୨,୫୦୦ ପ୍ରାଥମିକ ଆଦିବାସୀ ସଂଗ୍ରହକାରୀ ଉପକୃତ ହୋଇଥିଲେ। ମଧ୍ୟସ୍ଥିଙ୍କ ଦ୍ୱାରା ବେଆଇନ୍ ବିକ୍ରୟ ଓ ଶୋଷଣକୁ ନିୟନ୍ତ୍ରଣ କରିବା ନିମନ୍ତେ ପ୍ରାଥମିକ ଆଦିବାସୀ ସଂଗ୍ରହକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ପଠାଇବା ପାଇଁ ନିର୍ଦ୍ଦେଶ ରହିଛି। ସେହିଭଳି ସଂଗ୍ରହ ପ୍ରକ୍ରିୟାକୁ ମଧ୍ୟ ସ୍ୱୟଂଚାଳିତ କରାଯାଇଛି। ଆଗାମୀ ଋତୁରେ ଧାନ ସଂଗ୍ରହ ସ୍ୱୟଂକ୍ରିୟ ବ୍ୟବସ୍ଥା (ପି.ପି.ଏ.ଏସ୍) ଓ ସ୍ୱୟଂଚାଳିତ ଶସ୍ୟ କ୍ରୟ ବ୍ୟବସ୍ଥା(ଏମ୍.ପି.ଏ.ଏସ୍) ପାଇଁ ପଦକ୍ଷେପ ନିଆଯାଇଛି। ଚଳିତବର୍ଷର ଶସ୍ୟ ସଂଗ୍ରହ ପ୍ରକ୍ରିୟାରେ 'ବନ୍ଧନ ବିକାଶ କେନ୍ଦ୍ର' ଅଂଶ ଗ୍ରହଣ କରିଛି। ଭିଡିଭିକେଏସ୍ ପକ୍ଷରୁ ଶସ୍ୟଦ୍ରବ୍ୟଗୁଡ଼ିକର ପ୍ୟାକେଟ୍ ଓ ବ୍ରାଣ୍ଡ୍ ପ୍ରସ୍ତୁତି ସହିତ ତାହାକୁ ମୂଲ୍ୟଯୁକ୍ତ କରାଯାଉଛି। ଫଳରେ ଗ୍ରାହକଙ୍କ ମଧ୍ୟରେ କୋରାପୁଟ କଫି, କନ୍ଧମାଳ ହଳଦୀ, ମାଣ୍ଡିଆ ଜାତ ସାମଗ୍ରୀ, ଜଙ୍ଗଲୀ ମହୁ ଆଦିର ଚାହିଦା ଦେଖିବାକୁ ମିଳୁଛି। ରାଜ୍ୟରେ ଥିବା ଆଦିଶା ଷ୍ଟୋର୍ ସହ ଆମାଜନ୍ ଭଳି ଇ-କମର୍ସ ୱେବ୍‌ସାଇଟରେ ମଧ୍ୟ ଏହା ଉପଲବ୍ଧ ହେଉଛି। କୋଭିଡ୍ ସମୟରେ ଆଦିବାସୀଙ୍କ ଆୟ ବୃଦ୍ଧିରେ ଏହା ସହାୟକ ହୋଇପାରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ